# ଧରିତ୍ରୀ
DHARITRI

52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 31/2026 Page 16 ₹ 7.00

୫୨ଶ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 68 ମୂଲ୍ୟ₹୭/-





# ଦିଲ୍ଲୀ ଦଙ୍ଗା ମାମଲାରେ ଖଲିଦ ସୈଫିଙ୍କୁ ଜାମିନ

**ନୂଆଦିଲ୍ଲୀ,୩୦।୧**

୨୦୨୦ର ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ମାମଲା ସହ ଜଡ଼ିତ ଷଡ଼ଯନ୍ତ୍ର ମାମଲାରେ ଅଭିଯୁକ୍ତ ଖଲିଦ ସୈଫିଙ୍କୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ୧୩ ଦିନ ପାଇଁ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ଜାମିନରେ ରହିବା ସମୟରେ ସୋସିଆଲ ମିଡିଆ ବ୍ୟବହାର ନ କରିବା ସମେତ ଅନେକ ସର୍ତ୍ତ ରଖାଯାଇଛି। 'ୟୁନାଇଟେଡ୍ ଏଗେନେଷ୍ଟ ହେଟ୍'ର ପ୍ରତିଷ୍ଠାତା ସୈଫି ତାଙ୍କ ପୁତୁରା ବାହାଘରରେ ଯୋଗଦେବା ସହ ପରିବାର ସହିତ ରମଜାନ ପାଳିବା ନିମନ୍ତେ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ। ଅତିରିକ୍ତ ସେସନ୍ସ ଜଜ୍ ସମୀର ବାଜପେୟୀ ଏହାର ଶୁଣାଣି କରି ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ସର୍ତ୍ତ ଅନୁଯାୟୀ, ସୈଫି ଏହି ସମୟରେ କୌଣସି ସାକ୍ଷୀଙ୍କ ସହ ଯୋଗାଯୋଗ କରିବେ ନାହିଁ ଏବଂ ଦିଲ୍ଲୀ, ଏନ୍‌ସିଆର୍ ଛାଡ଼ି ଯିବେ ନାହିଁ। ସେ ଗଣମାଧ୍ୟମ ସହ ଯୋଗାଯୋଗରେ ରହିବେ ନାହିଁ କିମ୍ବା ସୋସିଆଲ ମିଡିଆରେ କୌଣସି ପୋଷ୍ଟ କରିବେ ନାହିଁ।

# ଭାରତ-ଇୟୁ ଏଫ୍‌ଟିଏକୁ ନେଇ ଚିନ୍ତାରେ ପାକିସ୍ତାନ

## ମିଳି ନପାରେ ଜିଏସ୍‌ପି ସୁବିଧା

**ନ୍ୟୁୟର୍କ ,୩୦।୧**

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟିକ ଚୁକ୍ତି(ଏଫ୍‌ଟିଏ) ଏବେ ବିଶ୍ୱସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। ଆମେରିକାଠାରୁ ଆରମ୍ଭ କରି ବହୁ ପ୍ରମୁଖ ରାଷ୍ଟ୍ର ଏହି ଚୁକ୍ତିକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ହେଲେ ଭାରତ-ଇୟୁ ଚୁକ୍ତିକୁ ନେଇ ପାକିସ୍ତାନର ଚିନ୍ତା ବଢିଯାଇଛି। ଏହି ଚୁକ୍ତି ଅନୁସାରେ ଏବେ ଭାରତୀୟ ବ୍ୟବସାୟୀ ଏବଂ ଉଦ୍ୟୋଗୀମାନେ ୟୁରୋପୀୟ ଦେଶଗୁଡିକରେ ଶୁଳ୍କମୁକ୍ତ ବ୍ୟବସାୟ କରିବାକୁ ସୁଯୋଗ ପାଇବେ। ଏହାଦ୍ୱାରା ଭାରତୀୟ ସାମଗ୍ରୀର ଚାହିଦା ବୃଦ୍ଧି ପାଇବା ସହ ପାକିସ୍ତାନୀ ସାମଗ୍ରୀର ଚାହିଦା କମିବ। ପୂର୍ବରୁ ଇୟୁ ଦ୍ୱାରା ପାକିସ୍ତାନକୁ ରପ୍ତାନି ଏବଂ ବ୍ୟବସାୟ କ୍ଷେତ୍ରରେ ମିଳୁଥିବା ଜିଏସ୍‌ପି(ଜେନେରାଲାଇଜଡ୍ ସିଷ୍ଟମ୍ ଅଫ୍ ପ୍ରିଫରେନ୍ସ) ସୁବିଧା ଆଉ ମିଳିବ ନାହିଁ। ପାକିସ୍ତାନୀ ରପ୍ତାନିକାରୀ ଘୋର ସମସ୍ୟାର ସମ୍ମୁଖୀନ ହେବେ।



ଜମ୍ମୁ-କଶ୍ମୀରର ରାଜୌରୀ ଅନ୍ତର୍ଗତ ବୁଧାଲ-ମାହୋର-ଗୁଲ୍ ରାସ୍ତାରୁ ବରଫ ହଟାଇବା ପାଇଁ ସୀମା ସଡ଼କ ସଂଗଠନ (ବିଆର୍‌ଓ) ଏକ ମେଶିନ ବ୍ୟବହାର କରୁଛି।

# ଅହମଦାବାଦରେ ଅବତରଣ କଲା କୁଏଟ୍-ଦିଲ୍ଲୀ ବିମାନ

## ବୋମା ଭୟ

**ନୂଆଦିଲ୍ଲୀ,୩୦।୧**

କୁଏଟ୍‌ରୁ ଶୁକ୍ରବାର ସକାଳେ ଦିଲ୍ଲୀ ଆସୁଥିବା ଏକ ଇଣ୍ଡିଗୋ ବିମାନରେ ବୋମା ଥିବା ନେଇ ଖବର ପ୍ରଚାର ହୋଇଯିବା ପରେ ଏହାକୁ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରକୁ ନିଆଯାଇଥିଲା। ବିମାନଟି ଉକ୍ତ ଏୟାରପୋର୍ଟରେ ସକାଳ ୬ଟା ୪୦ ମିନିଟ୍ ସମୟରେ ନିରାପଦରେ ଅବତରଣ କରିଛି। ବିମାନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ବିମାନ ଭିତରୁ ଜଣେ ଯାତ୍ରୀ ଏକ ହାତଲେଖା ନୋଟ୍ ପାଇଥିଲେ, ଯେଉଁଥିରେ ଲେଖାଥିଲା ଉକ୍ତ ବିମାନରେ ବୋମା ରହିଛି। ଫଳରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଇଲଟ୍ ଏୟାରଟ୍ରାଫିକ କଣ୍ଟ୍ରୋଲକୁ ସତର୍କ କରାଇଥିଲେ ଏବଂ ବିମାନକୁ ଅହମଦାବାଦ ବିମାନବନ୍ଦରକୁ ଅବତରଣ ପାଇଁ ପଠାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ଅବତରଣ କରିଥିବାବେଳେ ସୁରକ୍ଷା କର୍ମୀ ବିମାନରେ ଖାନତଲାସି କରିଥିଲେ। ତେବେ ସେଠାରୁ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିବା କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି।

# ଉପମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେବେ ସୁନେତ୍ରା

**ମୁମ୍ବାଇ ,୩୦।୧**

ଦିବଂଗତ ଏନ୍‌ସିପି(ଅଜିତ) ନେତା ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସ୍ଥାନ ଗ୍ରହଣ କରିବେ ତାଙ୍କ ସ୍ତ୍ରୀ ସୁନେତ୍ରା ପାୱାର। ଶନିବାର ସୁନେତ୍ରା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ବିମାନ ଦୁର୍ଘଟଣାରେ ଅଜିତଙ୍କ ନିଧନ ହେବା ପରେ ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ଏନ୍‌ସିପି(ଅଜିତ)ପକ୍ଷରୁ ଜୋର୍‌ଦାର୍ ଦାବି କରାଯାଇଥିଲା। ଶୁକ୍ରବାର ଦଳର ୩ ବରିଷ୍ଠ ନେତା ଛଗନ୍ ଭୁଜବଳ, ପ୍ରଫୁଲ ପଟେଲ ଏବଂ ସୁନୀଲ ତଟକରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ତାଙ୍କ ବାସଭବନରେ ଭେଟି ଏ ସମ୍ପର୍କରେ ଦାବି ଜଣାଇଥିଲେ। ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ କରି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେବାକୁ ମଧ୍ୟ ସେମାନେ କହିଥିଲେ। ଅଜିତ ପାୱାର ମହାଯୁତି ମେଣ୍ଟ ସରକାରରେ ଉପମୁଖ୍ୟମନ୍ତ୍ରୀ ରହିବା ସହିତ ତାଙ୍କ ହାତରେ ଅର୍ଥ, ଅବକାରୀ ଏବଂ କ୍ରୀଡ଼ା ଆଦି ପ୍ରମୁଖ ବିଭାଗର ଦାୟିତ୍ୱ ରହିଥିଲା। ସେହି ଅନୁସାରେ ସୁନେତ୍ରାଙ୍କୁ ଦାୟିତ୍ୱ ଦେବାକୁ



ସୁନେତ୍ରା ପାୱାର

### ଫେବୃଆରୀ ମଧ୍ୟଭାଗରେ ୨ ଏନ୍‌ସିପି ଗୋଷ୍ଠୀର ମିଶ୍ରଣ ହୋଇପାରେ

ଏହି ନେତାମାନେ ଫଡ୍‌ନବିସଙ୍କ ନିକଟରେ ଦାବି କରିଥିଲେ। ସୁନେତ୍ରାଙ୍କୁ ନେଇ ତାଙ୍କ ଦଳ ଯେଉଁ ନିଷ୍ପତ୍ତି ନେବ ତାହାକୁ ସମ୍ମାନର ସହ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଗଣମାଧ୍ୟମକୁ ସୂଚନା ଦେବା ପରେ ସୁନେତ୍ରା ଉପମୁଖ୍ୟମନ୍ତ୍ରୀ ହେଉଥିବା ନିଶ୍ଚିତ ହୋଇଯାଇଛି।

ଅନ୍ୟପଟେ ଏନସିପିର ମିଶ୍ରଣକୁ ନେଇ ମଧ୍ୟ ଚର୍ଚ୍ଚା ବଢ଼ିବାରେ ଲାଗିଛି। ପୂର୍ବରୁ ଏନସିପିର ଦୁଇ ଗୋଷ୍ଠୀର ମିଶ୍ରଣ ନେଇ ଅଜିତ ଉଦ୍ୟମ କରିଥିଲେ। ଏଥିନେଇ ସେ ତାଙ୍କ ଦାଦା ଶରଦ ପାୱାରଙ୍କ ସହ ଆଲୋଚନା କରିବା ସହିତ ଗତ ଡିସେମ୍ବର ଏବଂ ଚଳିତ ମାସ ପ୍ରାରମ୍ଭରେ ଦୁଇ ଦୁଇଥର ବୈଠକ କରିଥିଲେ। ତେବେ ସାଂପ୍ରତିକ ପରିପ୍ରେକ୍ଷୀରେ ଦଳର ମିଶ୍ରଣକୁ ଉଭୟ ଗୋଷ୍ଠୀର ନେତା ଗୁରୁତ୍ୱ ଦେଉଛନ୍ତି। ଏ ସମ୍ପର୍କରେ ଆସନ୍ତା ଫେବୃଆରୀ ମଧ୍ୟଭାଗରେ ଘୋଷଣା କରାଯିବା ବୋଲି ଦଳ ପକ୍ଷରୁ କୁହାଯାଇଛି। ବିଶେଷକରି ଦଳର ମଙ୍ଗ କାହା ହାତରେ ରହିବ ତାହାକୁ ନେଇ ଦଳୀୟ ନେତାଙ୍କ ମଧ୍ୟରେ ମାନସମନ୍ଥନ ଆରମ୍ଭ ହୋଇଯାଇଛି। ଏଥିନେଇ ପ୍ରଫୁଲ ପଟେଲ, ସୁପ୍ରିୟା ସୁଲେ ଏବଂ ସୁନେତ୍ରା ପାୱାରଙ୍କ ନାମ ଚର୍ଚ୍ଚାରେ ରହିଥିଲେହେଁ ସାମ୍ପ୍ରତିକ ସ୍ଥିତିରେ ସୁନେତ୍ରାଙ୍କ ସପକ୍ଷରେ ଦଳର ବହୁ ନେତା ରହିଥିବା କୁହାଯାଉଛି।

# ଅଧିକ ଏପ୍‌ଷ୍ଟେଇନ୍ ଫାଇଲ୍ ପ୍ରକାଶ କଲା ଆମେରିକା ନ୍ୟାୟ ବିଭାଗ

**ୱାଶିଂଟନ୍,୩୦।୧**

ଯୌନ କେଳେଙ୍କାରୀ ମାମଲାରେ ସମ୍ପୃକ୍ତ ନିୟୁତପତି ଫାଇନାନ୍ସର ଜେଫ୍ରି ଏପ୍‌ଷ୍ଟେଇନ୍‌ଙ୍କ ସମ୍ପର୍କିତ ଅଧିକ ଅନୁସନ୍ଧାନଯୋଗ୍ୟ ଫାଇଲ୍ ତଥ୍ୟକୁ ଆମେରିକା ନ୍ୟାୟ ବିଭାଗ ଶୁକ୍ରବାର ପ୍ରକାଶ କରିଛି। କମ୍ ବୟସ୍କା ଯୁବତୀମାନଙ୍କୁ ଯୌନ ଶୋଷଣ ଏବଂ ଧନୀ ତଥା ପ୍ରଭାବଶାଳୀ ଲୋକମାନଙ୍କ ସହ ଏପ୍‌ଷ୍ଟେଇନ୍‌ଙ୍କ ଯୋଗାଯୋଗ ରହିଥିଲା। ଏପ୍‌ଷ୍ଟେଇନ୍‌ଙ୍କ ସଦ୍ୟ ପ୍ରକାଶିତ ଫାଇଲ୍‌ରେ ୩ ନିୟୁତରୁ ଊର୍ଦ୍ଧ୍ୱ ପୃଷ୍ଠା ରହିଥିବା ଡେପୁଟି ଆର୍ଟର୍ନି ଜେନେରାଲ ଟୋଡ୍ ବ୍ଲାଞ୍ଚେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଫାଇଲଗୁଡ଼ିକୁ ନ୍ୟାୟ ବିଭାଗ ୱେବ୍‌ସାଇଟ୍‌ରେ ପୋଷ୍ଟ କରାଯାଇଛି। ଗତ ଡିସେମ୍ବରରେ କେତେକ ରେକର୍ଡ ପ୍ରକାଶ ପାଇଥିବାବେଳେ ଉକ୍ତ ରେକର୍ଡ ପ୍ରକାଶନକୁ ସ୍ଥଗିତ ରଖାଯାଇଥିଲା। ବ୍ଲାଞ୍ଚେ କହିଛନ୍ତି, ସମସ୍ତ ମହିଳାଙ୍କ ଫଟୋକୁ ଲୁଚାଯାଉଥିଲା କିନ୍ତୁ ଏପ୍‌ଷ୍ଟେଇନ୍‌ଙ୍କ ସାଥୀ ଘିସ୍‌ଲେନ୍ ମାକ୍ସୱେଲଙ୍କ ଛବିକୁ ସେଥିରୁ ବାଦ୍ ଦିଆଯାଇଥିଲା। ନୂତନ ପର୍ଯ୍ୟାୟରେ ସ୍ପଷ୍ଟ ଫଟୋ ପ୍ରକାଶ କରାଯାଇଥିବାରୁ ସେମାନଙ୍କ ବୟସ ଯାଞ୍ଚ କରିବାରେ ନ୍ୟାୟ ବିଭାଗ ପ୍ରତିବନ୍ଧକର ସମ୍ମୁଖୀନ ହେବ। ଏପ୍‌ଷ୍ଟେଇନ୍ ଓ ତାଙ୍କ ଘନିଷ୍ଠ ତଥା ଏକଦା ବାନ୍ଧବୀ ଥିବା ମାକ୍ସୱେଲଙ୍କ ଉପରେ ଥିବା ଦସ୍ତାବିଜଗୁଡ଼ିକୁ ପ୍ରକାଶ କରିବା ନେଇ ବହୁମାସ ହେଲା ଜନସାଧାରଣ ଏବଂ ରାଜନୈତିକ ଦଳ ପକ୍ଷରୁ ଚାପ ପକାଯାଇଆସୁଥିଲା।



# ଘୋର ଆର୍ଥିକ ସଙ୍କଟରେ ଜାତିସଂଘ



ଆଣ୍ଟୋନିଓ ଗୁଟେରସ୍

**ନ୍ୟୁୟର୍କ,୩୦।୧**

ଆନ୍ତର୍ଜାତିକ ସ୍ତରରେ ଦେଖାଯାଉଥିବା ବିବାଦ କିମ୍ବା କୌଣସି ସମସ୍ୟାର ସମାଧାନ ଦିଗରେ ଜାତିସଂଘ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସୁଛି। ହେଲେ ଏହି ସର୍ବୋଚ୍ଚ ବୈଶ୍ୱିକ ସଂସ୍ଥା ଏବେ ଆର୍ଥିକ ଦୃଷ୍ଟିରୁ ଘୋର ସଙ୍କଟ ଦେଇ ଗତି କରୁଛି। ଅର୍ଥାଭାବରୁ ଏହା ଦେବାଳିଆ ହେବାକୁ ଯାଉଛି ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଗଭୀର ଚିନ୍ତାପ୍ରକଟ କରିଛନ୍ତି। ବର୍ତ୍ତମାନ ଜାତିସଂଘର ସଦସ୍ୟ ରାଷ୍ଟ୍ରମାନେ ଠିକଣା ସମୟରେ ସେମାନଙ୍କ ଦେୟ ପୈଠ କରୁ ନାହାନ୍ତି କି ଏଥିପାଇଁ ରହିଥିବା ନିୟମକୁ ମଧ୍ୟ ସମ୍ମାନ କରୁନାହାନ୍ତି। ଏଭଳି ସ୍ଥିତିରେ ଜାତିସଂଘ ଅର୍ଥ ବ୍ୟବସ୍ଥା ଅତ୍ୟନ୍ତ ଜଟିଳ ହେବାକୁ ବସିଛି ବୋଲି ଗୁଟେରସ୍ କହିଛନ୍ତି। ଏହି ସ୍ଥିତିରେ ତୁରନ୍ତ ସୁଧାର ଆଣିବା ଲାଗି ସେ ସମସ୍ତ ୧୯୩ ସଦସ୍ୟ ରାଷ୍ଟ୍ରଙ୍କୁ ପତ୍ର ଲେଖିଛନ୍ତି।

# ତିରୁପତି ଲଡୁରେ ପ୍ରାଣୀ ଚର୍ବି ଅଭିଯୋଗକୁ ସିବିଆଇର ଖଣ୍ଡନ

**ନେଲୋର,୩୦।୧**

ତିରୁପତି ଲଡୁ ପ୍ରସାଦମ୍‌ରେ ପ୍ରାଣୀ ଚର୍ବି ବ୍ୟବହାର ହୋଇ ନ ଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଶୁକ୍ରବାର ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିଛି। ତିରୁମାଲା ଭେଙ୍କଟେଶ୍ୱର ମନ୍ଦିରରେ ମିଳୁଥିବା ପବିତ୍ର ପ୍ରସାଦରେ ପ୍ରାଣୀ ଚର୍ବି ବ୍ୟବହାର ହେଉଥିବା ନେଇ ହୋଇଆସୁଥିବା ଅଭିଯୋଗର ଅନ୍ତ ଘଟିଛି। ଲଡୁ ପ୍ରସ୍ତୁତିରେ ଅପମିଶ୍ରିତ ଘିଅ ବ୍ୟବହାର ଅଭିଯୋଗ ଉପରେ ସିବିଆଇ ୧୫ ମାସ ଧରି ତଦନ୍ତ କରିବା ପରେ ନେଲୋରର ଦୁର୍ନୀତି ନିରୋଧୀ ଅଦାଲତରେ ଚୂଡ଼ାନ୍ତ ଚାର୍ଜଶିଟ୍ ଦାଖଲ କରିଛି। ୨୦୧୯ରୁ ୨୦୨୪ ମଧ୍ୟରେ ମନ୍ଦିରକୁ ଯୋଗାଣ ହୋଇଥିବା ଘିଅରେ ପ୍ରାଣୀ ଚର୍ବିନ ଥିବା ଉକ୍ତ ଚାର୍ଜଶିଟ୍‌ରେ ସ୍ପଷ୍ଟ କରାଯାଇଛି।

ତିରୁପତି ଲଡୁରେ ପ୍ରାଣୀ ଚର୍ବିକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ୨୦୨୪ ସେପ୍ଟେମ୍ବରରେ ସିବିଆଇ ତଦନ୍ତ ଆରମ୍ଭ କରିଥିଲା। ଭକ୍ତମାନଙ୍କୁ ପ୍ରଦାନ କରାଯାଉଥିବା ଲଡୁରେ ନିମ୍ନମାନ ତଥା ପ୍ରାଣୀ ଚର୍ବି ଅପମିଶ୍ରିତ ଘିଅ ବ୍ୟବହାର କରାଯାଉଥିବା ନେଇ ସେତେବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣ ଅଭିଯୋଗ କରିଥିଲେ। ଏହାକୁ ନେଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହା ଗମ୍ଭୀର ସମ୍ବେଦନଶୀଳ ଧର୍ମୀୟ ପ୍ରସଙ୍ଗ ହୋଇଥିବାରୁ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛନ୍ତି, ତିରୁମାଲା ତିରୁପତି ଦେବସ୍ଥାନମ୍‌କୁ ଯୋଗାଇ ଦିଆଯାଉଥିବା ଘିଅ ପ୍ରକୃତ ଡେଏରି ଉତ୍ପାଦ ନୁହେଁ। ବିଭିନ୍ନ ବନସ୍ପତିରେ ରାସାୟନିକ ସାମଗ୍ରୀ ମିଶାଇ ଲାବରେଟୋରିରେ ଉକ୍ତ ଘିଅ ପ୍ରସ୍ତୁତ କରାଯାଇଥିବା ସିବିଆଇ କହିଛି।

# କେନ୍ଦ୍ରର ଆର୍ଥିକ ନିଅଣ୍ଟ ବଜେଟ ଆକଳନର ୫୪.୫%

**ନୂଆଦିଲ୍ଲୀ,୩୦।୧(ପି.ଟି.)**

ଡିସେମ୍ବର ଶେଷରେ କେନ୍ଦ୍ର ସରକାରଙ୍କ ଆର୍ଥିକ ନିଅଣ୍ଟ ୮.୫୫ ଲକ୍ଷ କୋଟି ଟଙ୍କା ବା ୨୦୨୫-୨୬ ଆର୍ଥିକ ବର୍ଷ ବଜେଟ ଆକଳନର ୫୪.୫ ପ୍ରତିଶତ ବୋଲି ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। ପୂର୍ବବର୍ଷ ଏହି ସମୟରେ କେନ୍ଦ୍ରର ଆର୍ଥିକ ନିଅଣ୍ଟ ବଜେଟ ଆକଳନର ୫୬.୭% ଥିଲା। ୨୦୨୫-୨୬ରେ ଆର୍ଥିକ ନିଅଣ୍ଟ ଜିଡିପିର ୪.୪% ବା ୧୫.୬୯ ଲକ୍ଷ କୋଟି ଟଙ୍କା ରହିବ ବୋଲି କେନ୍ଦ୍ର ସରକାର ଆକଳନ କରିଥିଲେ। କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍ (ସିଜିଏ)ଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ କେନ୍ଦ୍ର ସରକାର ୨୦୨୫ ଡିସେମ୍ବର ସୁଦ୍ଧା ୨୫.୨୫ ଲକ୍ଷ କୋଟି ଟଙ୍କା ପାଇଛନ୍ତି, ଯାହାକି ବଜେଟ ଆକଳନର ୭୨.୨ ପ୍ରତିଶତ। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ସରକାର ୩୩.୮ ଲକ୍ଷ କୋଟି ଟଙ୍କା ବ୍ୟୟ କରିଛନ୍ତି, ଯାହାକି ବଜେଟ ଆକଳନର ୬୬.୭ ପ୍ରତିଶତ। ସେଥିରୁ ୨୫.୯୩ ଲକ୍ଷ କୋଟି ଟଙ୍କା ରାଜସ୍ୱ ହୋଇଥିବାବେଳେ ୭.୮୭ ଲକ୍ଷ କୋଟି କ୍ୟାପଟାଲ ଆକାଉଣ୍ଟ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି।

# ୨୦୩୨ରେ ଚନ୍ଦ୍ରକୁ ଧକ୍କାଦେବ ଗ୍ରହାଣୁ ପିଣ୍ଡ

### ସାଟେଲାଇଟ୍ କ୍ଷତିଗ୍ରସ୍ତ ହେବା ନେଇ ସତର୍କ କରାଇଲେ ବୈଜ୍ଞାନିକ

**ନୂଆଦିଲ୍ଲୀ,୩୦।୧**

୨୦୩୨ରେ ଏକ କ୍ଷୁଦ୍ର ଗ୍ରହାଣୁ ପିଣ୍ଡ ଚନ୍ଦ୍ରକୁ ଧକ୍କା ଦେବା ନେଇ ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ଉକ୍ତ ଗ୍ରହାଣୁ ପିଣ୍ଡର ଓସାର ପ୍ରାୟ ୬୦ ମିଟର। ତେବେ ଚନ୍ଦ୍ର ସହ ଧକ୍କାଦେବାର ଆଶଙ୍କା ୪ ପ୍ରତିଶତ ରହୁଥିବା ସେମାନେ କହିଛନ୍ତି। ସମ୍ଭାବନା କମ୍ ହେଲେ ମଧ୍ୟ ଏହାକୁ ନେଇ ବୈଜ୍ଞାନିକମାନେ ଚିନ୍ତିତ ଓ ଉତ୍କଣ୍ଠିତ ଅଛନ୍ତି। ଗ୍ରହାଣୁ ପିଣ୍ଡ ଚନ୍ଦ୍ରକୁ ଧକ୍କାଦେଲେ ସୃଷ୍ଟି ହେବାକୁ ଥିବା ଭଗ୍ନାବଶେଷ, ସାଟେଲାଇଟ୍ କ୍ଷତି ଏବଂ ସମ୍ଭାବ୍ୟ ଅଗ୍ନିପିଣ୍ଡୁଳା ବର୍ଷାକୁ ନେଇ ସେମାନେ ଚିନ୍ତିତ ଅଛନ୍ତି। ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ ଗ୍ରହାଣୁପିଣ୍ଡ ୨୦୨୪ୱାଇଆର୍୪ ଯେଉଁ ପଥ ଦେଇ ଗତିକରୁଛି, ତାହା ୨୦୩୨ ଡିସେମ୍ବର ୨୨ରେ ଚନ୍ଦ୍ର ସହ ଧକ୍କା ଲାଗିପାରେ। ଏହି ସଂଘର୍ଷରୁ ପ୍ରଚୁର ଶକ୍ତିର ପ୍ରଭାବ ଅନୁଭୂତ ହେବ। ୨୦୧୩ରେ ଏକ ଅଧିକ କ୍ଷୁଦ୍ର ଗ୍ରହାଣୁ ପିଣ୍ଡର ସଂଘର୍ଷ ଯୋଗୁ ହୋଇଥିବା ପ୍ରଭାବରୁ ଏହା ବହୁତ ଶକ୍ତିଶାଳୀ ହେବ। ଏହା ଫଳରେ ଚନ୍ଦ୍ରରେ ୧ କିଲୋମିଟର ଓସାରର ଗର୍ତ୍ତ ସୃଷ୍ଟି ହେବା ସହ ୫.୦ ତୀବ୍ରତାର ଚନ୍ଦ୍ର କମ୍ପନ ଅନୁଭୂତ ହେବ। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଲୋକେ ଏହାର ପ୍ରାରମ୍ଭିକ ପ୍ରଭାବ ଦେଖିପାରିବେ। ଏହିସମୟରେ ରାତ୍ରି ଆକାଶ ଆଲୋକମୟ ହୋଇଯିବ।



# ଟ୍ରମ୍ପଙ୍କ ଆପ୍ରବାସନ ନୀତି ବିରୋଧରେ ଦେଶବ୍ୟାପୀ ଧର୍ମଘଟ

**ୱାଶିଂଟନ,୩୦।୧**

ମିନିଆପଲିସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆପ୍ରବାସନ ଚଢ଼ାଉ ବିରୋଧରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ବିକ୍ଷୋଭକାରୀ ଆହ୍ୱାନ ଦେଇଥିଲେ। ତଦନୁଯାୟୀ ଶୁକ୍ରବାରଠାରୁ ବିଭିନ୍ନ ଅଞ୍ଚଳରେ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ଦୋକାନବଜାର ବନ୍ଦ ରହିଥିବା ଦେଖାଯାଇଛି। ଇଣ୍ଟେନ୍‌ସିଭ୍ କେୟାର ନର୍ସ ଆଲେକ୍ସ ପ୍ରେଟ୍ଟି ହତ୍ୟା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ବିକ୍ଷୋଭ ଜାରି ରହିଛି। ଆପ୍ରବାସନକୁ ନେଇ ସୀମାନ୍ତ ପାଟ୍ରୋଲ ଅଫିସରମାନେ ଚଢ଼ାଉ ଚଳାଇଥିବାବେଳେ ଆଲେକ୍ସ ନିଜ ସେଲ୍‌ଫୋନ୍‌ରେ ଏହାକୁ ରେକର୍ଡ କରିବାରୁ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଗତ ୭ ତାରିଖରେ ଆପ୍ରବାସନ ଓ ସୀମାଶୁଳ୍କ ପ୍ରବର୍ତ୍ତନ ଅଧିକାରୀମାନେ ରେନୀ ଗୁଡ୍ ନାମକ ବ୍ୟକ୍ତିଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହି ଦ୍ୱୈତ ନଗରୀର ଜନସାଧାରଣ ଆପ୍ରବାସନ ଚଢ଼ାଉ ବିରୋଧରେ ଏକାଠି ହେବାକୁ ଓ ବନ୍ଦ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ବନ୍ଦ ପାଳନ ପାଇଁ ଅନେକ ବ୍ୟବସାୟୀ ସ୍ୱତଃ ଘୋଷଣା କରିଛନ୍ତି। ଆରିଜୋନା ଏବଂ କଲରାଡୋରେ କେତେକ ସ୍କୁଲ୍‌ରେ କ୍ଲାସ୍ ବାତିଲ କରିଦେଇଛନ୍ତି। ମିଶିଗାନ୍‌ର କେତେକ ସ୍କୁଲରେ ଛାତ୍ରୀଛାତ୍ର କ୍ଲାସ୍ ପରିତ୍ୟାଗ କରି ଚାଲିଯାଇଥିଲେ। ଆନ୍ଦୋଳନରେ କେବଳ ଛାତ୍ରୀଛାତ୍ର ସାମିଲ ହୋଇନାହାନ୍ତି, ଶିକ୍ଷକମାନେ ମଧ୍ୟ ଏହାକୁ ସମର୍ଥନ ଜଣାଇଛନ୍ତି।






ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ Bhubaneswar, Saturday, January 31/2026 | ପୃଷ୍ଠା-୧

# ଆଣବିକ ଲକ୍ଷ୍ୟରୁ ନ ହଟିଲେ ଯୁଦ୍ଧ

## ଇରାନକୁ ଆମେରିକାର ଚେତାବନୀ

**ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ସଦ୍ୟ ଘଟଣାକ୍ରମରେ ଇରାନ ଉପକୂଳଠାରୁ କିଛି ଦୂରରେ ଆମେରିକା କ୍ଷେପଣାସ୍ତ୍ର ନିକ୍ଷେପକାରୀ ଯୁଦ୍ଧପୋତ ସଜ୍ଜିତ କରି ରଖିଲାଣି। ଇରାନ ତୁରନ୍ତ ଆଣବିକ କାର୍ଯ୍ୟକ୍ରମ ବନ୍ଦ ନ କଲେ ଯୁଦ୍ଧକୁ ସାମ୍ନା କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଇରାନ ନିଜକୁ ପ୍ରସ୍ତୁତ କରିବା ସହ ପ୍ରାୟ ୧ ହଜାର ଡ୍ରୋନ୍ ମୁତୟନ କରିଛି। ଇତିମଧ୍ୟରେ ଆମେରିକାର ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ସ୍ଥିତି ଏଡ଼ାଇବା ଲକ୍ଷ୍ୟରେ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ତୁର୍କୀର ସହାୟତା ଲୋଡ଼ିଥିବା ଦେଖିବାକୁ ମିଳିଛି। ତୁର୍କୀ ରାଷ୍ଟ୍ରପତି ରେସିପି ତାଇପେ ଏର୍ଡୋଗାନ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ଏସବୁ ଘଟଣାକ୍ରମ ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିବ ବୋଲି ଅନୁମାନ କରାଗଲାଣି।**

**ନ୍ୟୁୟର୍କ ,୩୦।୧**

ମଧ୍ୟପ୍ରାଚ୍ୟରେ ଆମେରିକାର ଶକ୍ତିଶାଳୀ ନୌସେନା ଉପସ୍ଥିତି ଇରାନ ଉପରେ ଆକ୍ରମଣର ଆଶଙ୍କାକୁ ଦ୍ୱିଗୁଣିତ କରିଛି। ଆରବ ସାଗରରେ ଇରାନ ଉପକୂଳଠାରୁ ଅଳ୍ପ କିଛି ଦୂରରେ ଆମେରିକାର ପରମାଣୁ ଅସ୍ତ୍ର ସଜ୍ଜିତ ଶକ୍ତିଶାଳୀ 'ଆବ୍ରାହମ ଲିଙ୍କନ' ଓ ଅନ୍ୟ କ୍ଷେପଣାସ୍ତ୍ର ନିକ୍ଷେପକାରୀ ଯୁଦ୍ଧପୋତଗୁଡ଼ିକ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଛି। ଆମେରିକା ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିପାରେ ବୋଲି ଆଶଙ୍କା କରାଯାଉଛି। ଏହାମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚେତାବନୀ ଦେବା ସହିତ ବିକଳ୍ପ ବାଛିନେବାକୁ କହିଛନ୍ତି। ଏଥିପାଇଁ ସେ ଦୁଇଟି ସର୍ତ୍ତ ରଖିଛନ୍ତି। ପ୍ରଥମତଃ ଇରାନ ତୁରନ୍ତ ଏହାର ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ନେଇ ଘୋଷଣା କରୁ। ଦ୍ୱିତୀୟରେ ଇରାନରେ ସାଧାରଣ ବିକ୍ଷୋଭକାରୀଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ ହେବା ସହିତ ଅନେକ ହଜାର ଲୋକଙ୍କୁ ଯେଭଳି ହତ୍ୟା କରାଯାଉଛି ତାହା ମଧ୍ୟ ବନ୍ଦ ହେବା ଦରକାର ବୋଲି ଟ୍ରମ୍ପ କହିଛନ୍ତି। ଯଦି ଏହି ଦୁଇଟି ସର୍ତ୍ତକୁ ଇରାନ ସରକାର ନ ମାନନ୍ତି ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ସେ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ମଧ୍ୟପ୍ରାଚ୍ୟରେ ଏବେ ଆମେରିକା ନୌସେନାର ବହୁ ଶକ୍ତିଶାଳୀ ଯୁଦ୍ଧପୋତ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଛି। କିନ୍ତୁ ଏହାକୁ ଯେଭଳି ଉପଯୋଗ ନ କରିବାକୁ ପଡ଼େ, ସେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ତିନି ଘଣ୍ଟାର ଗସ୍ତ

## ତୁର୍କୀ ଶରଣରେ ଇରାନ



ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରାଗଚି ତୁର୍କୀର ଇସ୍ତାନବୁଲକୁ ଦିନିକିଆ ଗସ୍ତରେ ଯାଇ ତାଙ୍କର ତୁର୍କୀ ପ୍ରତିପକ୍ଷ ହାକାନ ଫିଦାନଙ୍କୁ ଭେଟୁଛନ୍ତି।

ଆମେରିକାର ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଯେକୌଣସି ଭୟାବହ ସ୍ଥିତି ଏଡ଼ାଇବା ଲକ୍ଷ୍ୟରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗଚି ଦିନିକିଆ ଗସ୍ତରେ ଯାଇ ତୁର୍କୀରେ ପହଞ୍ଚିଛନ୍ତି। ଇରାନ ସମାନ ନୀତିରେ ଆମେରିକା ସହ ଏହାର ଆଣବିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବାକୁ ପ୍ରସ୍ତୁତ ରହିଛି ବୋଲି ସେଠାରେ ସାମ୍ବାଦିକମାନଙ୍କୁ ଆବାସ୍ କହିଛନ୍ତି। ଏହାବ୍ୟତୀତ ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ପରିସ୍ଥିତି ଏଡାଇବାକୁ ତୁର୍କୀ ରାଷ୍ଟ୍ରପତି ☞ପୃଷ୍ଠା-୨







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ୟୁନିଟ୍-୬ ନେତାଜୀ ଭବନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ସାଇ ଅରବିନ୍ଦ ସ୍କୁଲ ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନର ୨୫ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ଏକାମ୍ର ବାଟିକାର ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ହୋଟେଲ ପ୍ରାଚି, ସମୟ: ଅପରାହ୍ନ ୫ଟା ୩୦।
- ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ମୟୂରଭଞ୍ଜ ଉତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସ୍ଥାନ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଶୀତ ଉତ୍ସବ-୨୦୨୬, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ବାର୍ଷିକ ଉତ୍ସବ ସମାରୋହ (ଆଭା), ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଣ୍ଟପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆଶ୍ରମର ୭୫ତମ ଅମୃତ ମହୋତ୍ସବ ଓ ୩୯ତମ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀର ଚତୁର୍ଥ ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ତିନିଦିନିଆ ଜିଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର ଦ୍ୱିତୀୟ ଦିବସ, ସ୍ଥାନ: ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ୨ୟ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, ସମୟ: ଅପରାହ୍ନ ୧ଟା ୪୫।
- ବାରବାଟୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରଙ୍ଗମଙ୍କ ସିଡିଏ ଫେଷ୍ଟିଭାଲ ଉଦ୍‌ଘାଟନ, ସ୍ଥାନ: ଦୁର୍ଗାପୂଜା ପଡ଼ିଆ, ସିଡିଏ ସେକ୍ଟର-୧୧, ସମୟ: ଅପରାହ୍ନ ୫ଟା।
- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ପୀଠ, ତେଲେଙ୍ଗାପେଣ୍ଠ, ସମୟ: ଅପରାହ୍ନ ୫ଟା।

## ପୁରୀ

- ପୁରୀ ଓକିଲ ସଂଘ ମହିଳା ଦଳର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ପୁରୀ ଜିଲା ସ୍କୁଲ ପରିସର, ସମୟ: ସକାଳ ୯ଟା।
- ନିଗମାନନ୍ଦ ସାରସ୍ୱତ ସଂଘର ଭକ୍ତ ସମ୍ମିଳନୀ, ସ୍ଥାନ: ତାଳବଣିଆ ସମ୍ମିଳନୀ ପଡ଼ିଆ, ସମୟ: ସକାଳ ୯ଟା।
- ସୁଖଲତା ସ୍ମୃତି ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ ଆଦମୀ ପାର୍ଟି ପକ୍ଷରୁ ବୈଠକ, ସ୍ଥାନ: ନବକଳେବର ରୋଡ୍ ଆପ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ଚେତନା ସଂଘର ବୈଠକ, ସ୍ଥାନ: ଶ୍ରୀରାଧାବଲ୍ଲଭ ସତ୍‌ସଙ୍ଗ ଭବନ, ଶରଧାବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଖଡ୍ଡୁରା ସମାଜର ବାର୍ଷିକ ମହୋତ୍ସବ, ସ୍ଥାନ: ବଗଲା ଧର୍ମଶାଳା, ସମୟ: ପୂର୍ବାହ୍ନ ୧୧ଟା।
- ସେବାୟତ କ୍ରିକେଟ ପ୍ରିମିୟର ଲିଗ୍ ସମ୍ପର୍କିତ ବୈଠକ, ସ୍ଥାନ: ସର୍କିଟ ହାଉସ, ସମୟ: ଅପରାହ୍ନ ୪ଟା୩୦।
- କପୋତେଶ୍ୱର ମହୋତ୍ସବର ଅନ୍ତିମ ଦିବସ, ସ୍ଥାନ: ଚନ୍ଦନପୁର, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ବନ୍ଦେମାତରଂ କୋଷ୍ଟାଲ ସାଇକ୍ଲୋଥୋନ -୨୦୨୬, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ସକାଳ ୬ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଗୁହାଳିପଦା ମହିମା ମନ୍ଦିର ପଡିଆ, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଯୁବ ମହୋତ୍ସବ 'ଉତ୍ସାହ -୨୦୨୬'ର ଉଦ୍‌ଯାପନୀ ଦିବସ, ସ୍ଥାନ: ଏଫଏମ ବିଶ୍ୱବିଦ୍ୟାଳୟ ପରିସର, ବ୍ୟାସବିହାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାଖରାବାଦ ଛକ ଖେଳପଡିଆ, ଗୁଡ଼ପସା, ସମୟ: ପୂର୍ବାହ୍ନ ୧୦ ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଆତିଥ୍ୟ ଭବନ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ରୌପ୍ୟଜୟନ୍ତୀ ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ନୀଳସୁନ୍ଦରଜୀଉ ହାଇସ୍କୁଲ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ରେମୁଣା ମହୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ପଡିଆ, ହାତିଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- କିଶୋର ନାୟକ ମେମୋରିଆଲ କ୍ରିକେଟର ପ୍ରଦର୍ଶନୀ ମ୍ୟାଚ୍, ସ୍ଥାନ: ପୁରୁଷୋତ୍ତମପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସିଆଇଏସ୍ଏଫ୍ ସାଇକ୍ଲୋଥନ୍ ରାଲି, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଓଲଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ପଦଯାତ୍ରା ଓ ସାଧାରଣ ସଭା, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶକୁନ୍ତଳା ନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ, ସ୍ଥାନ: ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମହୋତ୍ସବ ତୃତୀୟ ଦିନରେ ଅତିଥି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ସ୍ଥାନ: ଉତ୍ସବ ପଡିଆ, ବଡବିଲ, ସମୟ: ସନ୍ଧ୍ୟା ୭ଟା ୩୦।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବୈଶିଙ୍ଗା,ସମୟ: ପୂର୍ବାହ୍ନ ୧୦ଟା।
- ଉଦଳା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର,ଉଦଳା,ସମୟ: ପୂର୍ବାହ୍ନ ୧୦ଟା।
- ୨୭ତମ ଆନ୍ତଃକଲେଜ ସାଂସ୍କୃତିକ କାର୍ଯ୍ୟକ୍ରମ 'ୟୁଫୋରିଆ-୨୦୨୬', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା ସମୟ:ପୂର୍ବାହ୍ନ ୧୦ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୨ଟା।

## କନ୍ଧମାଳ

- ସର୍ବଭାରତୀୟ ମୂଳ ନିବାସୀ ସଂଘର ସଭା ଓ ଶୋଭାଯାତ୍ରା, ସ୍ଥାନ: ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଦ୍ୱାବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୪ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନଯଜ୍ଞର ଷଷ୍ଠ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୃନ୍ଦାବନ କଲୋନୀ ଶିବ ମନ୍ଦିର ପରିସର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ରାଜ୍ୟସ୍ତରୀୟ ଜମ୍ବୁଦ୍ୱୀପ କ୍ରିକେଟ କପ, ସ୍ଥାନ: ଶଙ୍ଖପଦା ଖେଳପଡିଆ, ମହାକାଳପଡା, ସମୟ: ମଧ୍ୟାହ୍ନ ୧୨ଟା।
- ମା' ବନ୍ଧମଙ୍ଗଳାଙ୍କର ବାର୍ଷିକ ଉତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା' ପଳାସୁଣୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକର ନୂଆଗାଁ ମୌଜା, ସମୟ: ପ୍ରାତଃ ୫ଟା।
- ଅଚ୍ୟୁତପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଅଚ୍ୟୁତପୁର ଅଷ୍ଟପ୍ରହର ମଣ୍ଡପ, ସମୟ: ପ୍ରାତଃ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଓ ହିନ୍ଦୁ ସମ୍ମିଳନୀ, ସ୍ଥାନ: କଣ୍ଡପୋଇ ପଡ଼ିଆ, ବରୀ, ସମୟ: ସକାଳ ୭ଟା।
- ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖେମେଶ୍ୱର, ବରୀ, ସମୟ: ପୂର୍ବାହ୍ନ ୧୧ଟା।
- ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: ଦଶରଥପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବରୀ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଧାରପୁର,ବରୀ, ସମୟ: ଅପରାହ୍ନ ୩ଟା।
- ରିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ସ୍କୁଲ ପରିସର, ସମୟ: ଅପରାହ୍ନ ସାଢେ ୩ଟା।

## ନୟାଗଡ଼

- ମା' ମଙ୍ଗଳା ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ମନ୍ଦିର, ସମୟ: ସକାଳ ୭ଟା।
- ଭୈମୀ ଏକାଦଶୀ ମେଳାର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ନବମ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଭୋଗଡ଼ା ବନାମ କଣ୍ଟିଲୋ ଦେବାଂଶୀ କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସଡକ ସୁରକ୍ଷା ସପ୍ତାହର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ପଠାଣୀ ସାମନ୍ତ ଅଡିଟୋରିୟମ, ସମୟ: ଅପରାହ୍ନ ୩ଟା।
- ପଞ୍ଚୁ ପାଣ୍ଡବ ମହୋତ୍ସବର ୨ୟ ଦିବସ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡିଆ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ଶ୍ରୀ କନ୍ୟକା ପରମେଶ୍ୱରୀ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଗୁଣପୁର, ସମୟ: ପ୍ରାତଃ ୫ଟା। ଅନ୍ନ ପ୍ରସାଦ ବଣ୍ଟନ, ସମୟ: ମଧ୍ୟାହ୍ନ ୧୨ଟା।

## କୋରାପୁଟ

- ଜିଲାପାଳଙ୍କ ସୁନାବେଡା ଓ ସେମିଳିଗୁଡା ପରିଦର୍ଶନ, ସ୍ଥାନ: ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।
- ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: କୁନ୍ଦୁରା ବ୍ଲକ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା କଫି ଉନ୍ନୟନ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି

- ହିନ୍ଦୁ ସମାଜର ହିନ୍ଦୁ ସମ୍ମିଳନୀ, ସ୍ଥାନ: ବାଲିମେଳା ମିନି ଷ୍ଟାଡିୟମ ପରିସର, ସମୟ: ସକାଳ ୬ଟା।

## ସମ୍ବଲପୁର

- ଏନ୍‌ବିଟି ପକ୍ଷରୁ କାହାଣୀ ଦୁନିଆ କାର୍ଯ୍ୟକ୍ରମ, ସ୍ଥାନ: ପିଏଚ୍‌ଡି ପଡ଼ିଆସ୍ଥିତ ଶିଶୁ ମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ: ପିଏଚଡି ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ମଦନାବତୀ ପବ୍ଲିକ ସ୍କୁଲର ୪୬ତମ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସରସ୍ଥ ମଞ୍ଚ, ସମୟ: ଅପରାହ୍ନ ୩ଟା ୩୦।
- ଏନ୍‌ବିଟି ଓ ସେତୁ ଆୟୋଜିତ ପୁସ୍ତକ ମେଳା ମଞ୍ଚରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥିଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପିଏଚଡି ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଲୋଇସିଂହା ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ, ସ୍ଥାନ: ଥାନା ଅଭ୍ୟର୍ଥନା ଗୃହ, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ମାରୱାଡ଼ି କ୍ରିକେଟ ପ୍ରିମିୟର ଲିଗ୍ ଶୁଭାରମ୍ଭ, ସ୍ଥାନ: ଛେଣ୍ଡ ୟୁଜିଆଇ ଖେଳ ପଡିଆ, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୭ଟା ୧୦।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର-୨ ମହାଦେବ ମନ୍ଦିର, ସମୟ: ସକାଳ ୭ଟା।
- ବେଲଜିୟମ୍ ହକି ଖେଳାଳିଙ୍କ ଅଭ୍ୟାସ, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ବଡ଼ଗାଁ ଶ୍ରୀ ଆରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା ୩୦।
- ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣି ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

## କଳାହାଣ୍ଡି

- ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ସରକାରୀ ମହିଳା କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ହରଭଙ୍ଗା ଲୋକ ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ହରଭଙ୍ଗା ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ହରଭଙ୍ଗା , ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଧର୍ମ ଓ ସଂସ୍କୃତିର ମହାସଙ୍ଗମ, ହିନ୍ଦୁ ସମ୍ମିଳନୀ, ସ୍ଥାନ: ଦେବଗଡ ହାତୀଶାଳ ସାହି, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସୁବର୍ଣ୍ଣପୁର ସହର ଛନ୍ଦଛାନ ଡୁଙ୍ଗୁରି ସ୍ଥିତ ଯୋଗେଶ୍ୱର ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ଧାରଣା, ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ଉପରେ ଘର**
**ସୁନା ଖମ୍ବ ପରି ତିନି ଦିଅର**
**ଚନ୍ଦର ଉଦିଆ ବର ।**

ଭଲ ଘର, ଭଲ ବର ମିଳିବା ସୌଭାଗ୍ୟର କଥା ହୋଇଥାଏ । ଶାଶୁଘରେ ସ୍ତ୍ରୀ ଲୋକଟିର ଭଲ ଘର ଓ ଭଲ ବରକୁ ନେଇ ପ୍ରଶଂସା କରିବା ସହ ଦିଅରମାନଙ୍କର ରୂପ ଓ ଗୁଣକୁ ନେଇ ଆତ୍ମସନ୍ତୋଷ ଲଭିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି**
**ହାତୀ ପାହୁଲ ପକାଇ ସେଇଠି ।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ତେବେ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରିବା ସହ ସଫଳତା ହାତେଇପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୩ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ପୁରୀ ଜିଲାପାଳଙ୍କୁ ଅଦାଲତ ଅବମାନନା ନୋଟିସ

**କଟକ,୩୦।୧(କାର୍ତ୍ତିକ ସାହୁ)**

ପ୍ରସ୍ତାବିତ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟ ପୁରୀ ଜିଲାପାଳଙ୍କୁ ଅଦାଲତ ଅବମାନନା ନୋଟିସ ଜାରି କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପାଳନ କରି ନ ଥିବାରୁ ତାଙ୍କୁ କାହିଁକି ଦଣ୍ଡିତ କରାଯିବ ନାହିଁ ବୋଲି ସେ ୩ ସପ୍ତାହ ଭିତରେ ଜବାବ ରଖିବାକୁ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ୧୯୮୭ ମସିହାରେ ଅଭୟାରଣ୍ୟ ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ବିଜ୍ଞପ୍ତିର ୩୯ ବର୍ଷ ପରେ ମଧ ଜମି ଅଧିଗ୍ରହଣ ହୋଇପାରିନାହିଁ। ଜମି ମାଲିକଙ୍କୁ କ୍ଷତିପୂରଣ ରାଶି କିମ୍ବା ଜମି ଛାଡ଼ କରାଯାଇନାହିଁ। ଏହାକୁ ନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟ ମାମଲାର ଶୁଣାଣି ପାଇଁ ଗ୍ରହଣ କରିବା ସହ ପୂର୍ବରୁ ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରିଥିଲେ। ଅଦାଲତ ପ୍ରସ୍ତାବିତ ଅଭୟାରଣ୍ୟ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ନିର୍ଦ୍ଦେଶ ମଧ ଦେଇଥିଲେ। ହେଲେ ଅଦାଲତଙ୍କ ନିର୍ଦ୍ଦେଶ ପାଳନ ହୋଇ ନ ଥିବାରୁ ପୁରୀ ଜିଲାପାଳଙ୍କୁ ଅଦାଲତ ଅବମାନନା ନୋଟିସ ଜାରି ହୋଇଛି।

# ପ୍ରଥମ ପୃଷ୍ଠାରୁ...

## ତୁର୍କୀ ଶରଣରେ ...

ଏର୍ଡୋଗାନ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ରହିଛନ୍ତି ବୋଲି କହିଛନ୍ତି। ତେବେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଚେତାବନୀକୁ ନେଇ ମଧ୍ୟପ୍ରାଚ୍ୟରେ ଆରବ ରାଷ୍ଟ୍ରସମୂହର ଚିନ୍ତା ବଢ଼ିଛି। ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ ତେବେ ପୁଣିଥରେ ମଧ୍ୟପ୍ରାଚ୍ୟ ସ୍ଥିତି ଅଶାନ୍ତ ହେବା ସହିତ ଆନ୍ତର୍ଜାତିକ ଅର୍ଥନୈତିକ କ୍ଷେତ୍ରକୁ ପ୍ରଭାବିତ କରିବ ବୋଲି ଆକଳନ କରାଯାଉଛି। ଶନିବାର ନୂଆଦିଲ୍ଲୀଠାରେ ହେବାକୁ ଥିବା ଭାରତ-ଆରବ ରାଷ୍ଟ୍ର ସମୂହ(ଲିଗ୍ ଅଫ୍ ଆରବ ଷ୍ଟେଟସ୍) ବୈଠକରେ ଏସମ୍ପର୍କରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି।

## ଆଣବିକ ଲକ୍ଷ୍ୟରୁ ...

ସମ୍ପର୍କରେ ଇରାନ ତୁରନ୍ତ ନିଷ୍ପତ୍ତି ନେବା ଦରକାର। ଭେନେଜୁଏଲା ଶୈଳୀରେ ଆମେରିକା ପ୍ରଥମେ ଇରାନର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ସାମରିକ ଘାଟି ଉପରେ ଆକ୍ରମଣ କରିପାରେ ବୋଲି ଆନ୍ତର୍ଜାତିକ ସ୍ତରରେ ସାମରିକ ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ଇରାନ ନିଜକୁ ପ୍ରସ୍ତୁତ କରିବା ସହିତ ଆମେରିକାର ଆକ୍ରମଣକୁ ପ୍ରତିହତ କରିବା ଲାଗି ପ୍ରାୟ ୧ ହଜାର ଡ୍ରୋନ ମୁତୟନ କରିଛି ବୋଲି ଏଠାକାର ସରକାରୀ ଖବରଦାତା ଏଜେନ୍ସି ଟାସ୍‌ନିମ୍ ପ୍ରକାଶ କରିଛି।

## ଭେନେଜୁଏଲା ପରେ ଟ୍ରମ୍ପଙ୍କ ଟାର୍ଗେଟରେ କ୍ୟୁବା, ଜାରିହେଲା ଜରୁରୀ ସ୍ଥିତି

**ନ୍ୟୁୟର୍କ,୩୦।୧**

ଭେନେଜୁଏଲା ପରେ ଏବେ ଅନ୍ୟତମ କାରିବିଆନ ରାଷ୍ଟ୍ର କ୍ୟୁବା ଉପରେ ଟ୍ରମ୍ପଙ୍କ ଦୃଷ୍ଟି ପଡ଼ିଛି। କ୍ୟୁବାକୁ ଏକଘରିକିଆ କରିବାକୁ ଟ୍ରମ୍ପ ଏହି ଦେଶ ଉପରେ ଜରୁରିକାଳୀନ ସ୍ଥିତି ଘୋଷଣା କରିଛନ୍ତି। ଏନେଇ ସେ ଏକଜିକ୍ୟୁଟିଭ୍ ଅର୍ଡର ଜାରି କରିବା ସହିତ ଆମେରିକାର ଆଇନ ବ୍ୟବସ୍ଥା ଅନୁଯାୟୀ 'ଇଣ୍ଟରନ୍ୟାଶନାଲ ଏମର୍ଜେନ୍ସି ଇକୋନୋମିକ ପାୱାର ଆକ୍ଟ(ଆଇଇଇପିଏ) ଏବଂ ନ୍ୟାଶନାଲ ଏମର୍ଜେନ୍ସି ଆକ୍ଟ(ଏନଇଏ) ଅନୁସାରେ କ୍ୟୁବା ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଆମେରିକା ପ୍ରଶାସନ କ୍ୟୁବା ଉପରେ ଜରୁରିକାଳୀନ ସ୍ଥିତି ଜାରି କରିଛି। ଟ୍ରମ୍ପଙ୍କ ନିର୍ଦ୍ଦେଶନାମା ଅନୁସାରେ ଯଦି କୌଣସି ରାଷ୍ଟ୍ର କ୍ୟୁବାକୁ ତୈଳ କିମ୍ବା ଶକ୍ତି ଯୋଗାଣ କରେ ତେବେ ସମ୍ପୃକ୍ତ ରାଷ୍ଟ୍ର ଉପରେ ଆମେରିକା ଉଚ୍ଚ ଟାରିଫ୍ ଲଗାଇବ ବୋଲି ଧମକ ଦେଇଛି। କ୍ୟୁବାକୁ ତୈଳ ଏବଂ ଶକ୍ତି ଯୋଗାଣ ବନ୍ଦ ହୋଇଯିବାରୁ ସେଠାକାର ସାଧାରଣ ଜନଜୀବନ ବହୁମାତ୍ରାରେ ପ୍ରଭାବିତ ହୋଇଛି। ଭେନେଜୁଏଲା ଭଳି କ୍ୟୁବା ସରକାରଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ଲକ୍ଷ୍ୟରେ ଟ୍ରମ୍ପ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହଚକ୍ରର ଅନୁକୂଳତା କର୍ମକ୍ଷେତ୍ର, ପାରିବାରିକ ଏବଂ ସାମାଜିକ ଦିଗକୁ ଋଦ୍ଧିମନ୍ତ କରିବ। ଶିଳ୍ପ, ନିର୍ମାଣ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। ଆନୁଷ୍ଠାନିକ କାମରେ ଅଗ୍ରଣୀ ଭୂମିକା ଗ୍ରହଣ କରି ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପରିଶ୍ରମ ଓ ଭ୍ରମଣ ଜନିତ କ୍ଳାନ୍ତି ଅନୁଭବ କରିବେ।

**ବୃଷ**
ସାଧାରଣ କଥାକୁ କେନ୍ଦ୍ରକରି ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ବାଣିଜ୍ୟ, ପରିବହନ, ଲେଖାପଢ଼ା, ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସହଯୋଗୀ ମନୋଭାବ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ମୃଗଶିରା ନକ୍ଷତ୍ର ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କତା ଅବଲମ୍ବନ କରିବା ଭଲ ।

**ମିଥୁନ**
ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ କାମ ଗୁଡ଼ିକ ସୁବିଧାରେ ହୋଇଯିବ। ପୁନର୍ବସୁ ନକ୍ଷତ୍ରର ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆଲୋଚନା ସମୟରେ ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ କଥାକୁ ଠିକ୍‌ଭାବରେ ନ ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି।

**କର୍କଟ**
ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ। ପୁଷ୍ୟା ନକ୍ଷତ୍ର କର୍ମକ୍ଷେତ୍ରରେ ବାଧବାଧକତାରେ କେତେକ କାମ କରିବାକୁ ପଡ଼ିବ। ପରିବାରରେ ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ।

**ସିଂହ**
ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପାରିବାରିକ ପରିସ୍ଥିତି ମନ୍ଦ ହେବନି। ଆର୍ଥିକ ଅନଟନ ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିବ। ତଥାପି ବାରମ୍ବାର ଚେଷ୍ଟା କରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇପାରନ୍ତି । କ୍ରୀଡ଼ା , ସାହିତ୍ୟ ଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ପରିବାର ସହମତି ବିନା ବନ୍ଧୁଙ୍କ ପରାମର୍ଶରେ କୌଣସି କାମ କରିବାକୁ ମନ ବଳାଇପାରନ୍ତି। ଖଳ ଲୋକଙ୍କ କଥାରେ ଭୁଲ୍ ମାର୍ଗ ଅନୁସରଣ କଲେ ହଇରାଣ ହେବେ। ଚିତ୍ରା ନକ୍ଷତ୍ର କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେଇପାରନ୍ତି। ମକଦ୍ଦମା, ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନରୁ ଶୁଭଫଳ ପାଇବେ।

**ତୁଳା**
ବନ୍ଧୁଙ୍କ ସହ ଆଲୋଚନା ପ୍ରସଙ୍ଗରେ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିବ। ବିଶାଖା ନକ୍ଷତ୍ର ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ବ୍ୟଥିତ କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**
ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ଜ୍ୟେଷ୍ଠା ନକ୍ଷତ୍ର ଦ୍ରବ୍ୟ ନଷ୍ଟ ହେବାରୁ ଅନ୍ୟ ଉପରେ ରାଗି ପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ରାଜନୀତି, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**
ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପଡ଼ୋଶୀ କିମ୍ବା ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଦୋଷଯୁକ୍ତ ମନ୍ତବ୍ୟ ଦେବେ। ଉତ୍ତରାଷାଢ଼ା ନକ୍ଷତ୍ର ଦିନଟିରେ ଯାନ ବାହାନରେ ସତର୍କତା ରକ୍ଷା କରନ୍ତୁ। ବାକି ରହିଥିବା ଟଙ୍କା ପାଇବାରେ ଆଜି କୌଣସି ପ୍ରକାରର ଅସୁବିଧା ହେବ ନାହିଁ।

**ମକର**
ଶ୍ରବଣା ନକ୍ଷତ୍ର ମାନସିକ ଅଶାନ୍ତିରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରରେ ଶାନ୍ତି ଫେରି ଆସିବ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କୁମ୍ଭ**
ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନର ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶତଭିଷା ନକ୍ଷତ୍ର ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ।

**ମୀନ**
ଆଜି ଅଟକିଥିବା କାମ ସୁବିଧାରେ ସମ୍ପନ୍ନ ହୋଇ ନ ପାରେ। ରେବତୀ ନକ୍ଷତ୍ର ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜାନୁୟାରୀ ୩୧ ତାରିଖ, ମାଘ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଶନିବାର। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଯୋରନ୍ଦା ମହିମାଗାଦିରେ ମେଳା, ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୩ ଗତେ ଘ.୧୦।୩୬ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ | Bhubaneswar, Saturday, January 31/2026 | ପୃଷ୍ଠା-୩



ହିମାଚଳ ପ୍ରଦେଶର କୁଲୁ ଜିଲାସ୍ଥିତ ବରଫାବୃତ୍ତ ସୋଲାଙ୍ଗ ଉପତ୍ୟକାରେ ପର୍ଯ୍ୟଟକମାନେ ଶୁକ୍ରବାର ସ୍କିଂ ଏବଂ ପାରାଗ୍ଲାଇଡିଂ ଭଳି ଶୀତକାଳୀନ ତଥା ଦୁଃସାହସିକ କ୍ରୀଡ଼ାର ଆନନ୍ଦ ନେଉଛନ୍ତି।

# 'ସହରାଞ୍ଚଳ ପାର୍କର ବଦଳିବ ରୂପରେଖ'

**ଭୁବନେଶ୍ୱର,୩୦।୧(ବନ୍ଦନା ସେଠୀ)**

ଭୁବନେଶ୍ୱର, କଟକ ସମେତ ଓଡ଼ିଶାର ସମସ୍ତ ପୌରାଞ୍ଚଳରେ (ୟୁଏଲ୍‌ବି) ଥିବା ପାର୍କଗୁଡ଼ିକର ରୂପରେଖ ବଦଳିବ। ଏଗୁଡ଼ିକର ସୌନ୍ଦର୍ଯ୍ୟକରଣ ସହ ସାମଗ୍ରିକ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ କହିଲେ, ପାର୍କଗୁଡ଼ିକର ପୁନରୁଦ୍ଧାର ପାଇଁ ସ୍ପଷ୍ଟ ସମୟସୀମା ଓ ଗୁଣବତ୍ତା ବଜାୟ ରଖିବାକୁ ସମସ୍ତ ପୌରାଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଉପରଠାଉରିଆ ସଜବାଜ ନ କରି ସ୍ଥାୟୀ ଉନ୍ନତି ପାଇଁ ନିୟମିତ ଯାଞ୍ଚ ଓ ବଜେଟ୍‌ବ୍ୟବସ୍ଥା କରିବାକୁ ସେ କହିଛନ୍ତି। ଓଡ଼ିଶାର ସହରଗୁଡ଼ିକୁ ସ୍ୱଚ୍ଛ, ସବୁଜ ଏବଂ ନାଗରିକ-ଅନୁକୂଳ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଏହି ପରିପ୍ରେକ୍ଷୀରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶାବଳୀକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଅନେକ ସହରାଞ୍ଚଳରେ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣରେ ଅବହେଳା ଓ ଭିତ୍ତିଭୂମିର ଅବକ୍ଷୟକୁ ନେଇ ମନ୍ତ୍ରୀ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଅବହେଳା କରୁଥିବା ଅଧିକାରୀ ଏବଂ ସଂସ୍ଥା ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁଠି ତ୍ରୁଟି ପରିଲକ୍ଷିତ ହେବ, ସେଠାରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ଦଣ୍ଡବିଧାନ ହେବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ପାର୍କଗୁଡ଼ିକ କେବଳ ମନୋରଞ୍ଜନର ସ୍ଥାନ ନୁହେଁ। ଏହା ସହରର ସାମାଜିକ, ପରିବେଶ ଏବଂ ସାଂସ୍କୃତିକ ପରିଚୟ। ପାର୍କରେ ସ୍ଥାପିତ ବିଶିଷ୍ଟ ବ୍ୟକ୍ତି ଓ ଐତିହାସିକ ଜନନାୟକଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଯତ୍ନ ନେବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

# ରାତିଅଧିଆ ଶବ ବ୍ୟବଚ୍ଛେଦକୁ ନେଇ ଉଠୁଛି ପ୍ରଶ୍ନ

**ଭୁବନେଶ୍ୱର,୩୦।୧(ତ୍ରିନାଥ ମହାନ୍ତି)**

## ଯୋଗାଣ ମନ୍ତ୍ରୀଙ୍କ ବାସଭବନରେ ସହାୟକଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସରକାରୀ କ୍ୱାର୍ଟର୍ସରୁ ଘରୋଇ ସହାୟକ ଶଙ୍କର୍ଷଣ ନାଗଙ୍କ ମୃତଦେହ ମିଳିବା ଘଟଣାକୁ ନେଇ ସନ୍ଦେହ ବଢ଼ିଛି। ଏପରି କି ପୋଲିସ ରାତିଅଧିଆ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବାକୁ ନେଇ ପ୍ରଶ୍ନ ଉଠିଛି।

ମନ୍ତ୍ରୀଙ୍କ କ୍ୱାର୍ଟର୍ସରେ ସହାୟକ ଭାବେ କାମ କରୁଥିଲେ ବଲାଙ୍ଗୀର ଜିଲା ପାଟଣାଗଡ଼ ବେଲପଡ଼ାର ଶଙ୍କର୍ଷଣ। ୪୬ ବର୍ଷୀୟ ଶଙ୍କର୍ଷଣଙ୍କ ସନ୍ଦେହଜନକ ମୃତ୍ୟୁ ଏବେ ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଶଙ୍କର୍ଷଣଙ୍କୁ ବୁଧବାର ସକାଳ ସାଢ଼େ ୬ଟାରୁ ମନ୍ତ୍ରୀଙ୍କ କ୍ୱାର୍ଟର୍ସରୁ ସିଧା କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। କିନ୍ତୁ ପୋଲିସ ରାତିରେ ଶବ ବ୍ୟବଚ୍ଛେଦ କରାଇ ଶଙ୍କର୍ଷଣଙ୍କ ମୃତଦେହକୁ ତାଙ୍କ ଗାଁକୁ ପଠାଇ ଦେଇଥିଲା। ସେପଟେ ଶଙ୍କର୍ଷଣଙ୍କ ମୃତଦେହକୁ ତାଙ୍କ ଘରକୁ ପଠାଯାଇଥିବା ପୋଲିସ କହୁଥିବାବେଳେ ତାଙ୍କ ଘରେ କିନ୍ତୁ ତାଲା ଝୁଲୁଥିବା ଜଣାପଡ଼ିଛି।

କ୍ୟାପିଟାଲ ଥାନା ଅଧିକାରୀ ରାଧାକାନ୍ତ ସାହୁ କହିଛନ୍ତି, ଶଙ୍କର୍ଷଣ ତାଙ୍କ ପରିବାର ସହ ମନ୍ତ୍ରୀଙ୍କ କ୍ୱାର୍ଟର୍ସରେ ରହୁଥିଲେ। ବୁଧବାର ସକାଳେ କ୍ୱାର୍ଟର୍ସର ଫ୍ୟାନ୍ ସୁଇଚ୍ ମାରିବା ସମୟରେ ଶଙ୍କର୍ଷଣଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲ ନେଇଥିବାବେଳେ ଡାକ୍ତର ଶଙ୍କର୍ଷଣଙ୍କୁ ମୃତଘୋଷଣା କରିଥିବା ସେ କହିଛନ୍ତି। ତେବେ ପୋଲିସ ଏନେଇ ଅପମୃତ୍ୟୁ ମାମଲା ରୁଜୁ କରିଥିବାବେଳେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ହୋଇଛି କି ନାହିଁ ସେନେଇ ପୋଲିସ ମୁହଁ ଖୋଲୁନାହିଁ। ଅନ୍ୟପକ୍ଷରେ ଶଙ୍କର୍ଷଣଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରୁ ନ ଥିବାରୁ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିନାହିଁ।

କ୍ୟାପିଟାଲ ହସ୍ପିଟାଲର ଡାଇରେକ୍ଟର ଇନ୍‌ଚାର୍ଜ ଡାକ୍ତର ସୁଶାନ୍ତ କୁମାର ନାୟକ କହିଛନ୍ତି, ଶଙ୍କର୍ଷଣ ବାଟରେ ମରିଛନ୍ତି କି ଘରେ ମରିଛନ୍ତି, ସେ ବିଷୟରେ କହିହେବନି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ। ବ୍ୟବଚ୍ଛେଦ ରିପୋର୍ଟକୁ ଆମେ ସାର୍ବଜନୀନ କରିପାରିବୁ ନାହିଁ। ଆମେ ପୋଲିସକୁ ଦେବୁ, ପୋଲିସ ତା'ର ତଦନ୍ତ କରିବ ବୋଲି ସେ କହିଛନ୍ତି।

ସୂଚନାଥାଉ କି, ପୂର୍ବରୁ ବିଜେଡି ସରକାରରେ ମନ୍ତ୍ରୀ ଥିବା ସମୟରେ ନବ ଦାସଙ୍କ କ୍ୱାର୍ଟର୍ସରୁ ତାଙ୍କ ଘରୋଇ ସହାୟକଙ୍କ ମୃତଦେହ ମିଳିଥିଲା। ସେହିପରି ଏକାଧିକ ବିଧାୟକଙ୍କ ଘରୁ ସହାୟକଙ୍କ ମୃତଦେହ ମିଳିଛି, ଯାହା ରହସ୍ୟ ହୋଇରହିଛି।

# ମଧ୍ୟାହ୍ନଭୋଜନ ପ୍ରସ୍ତୁତିବେଳେ ଫାଟିଲା ପ୍ରେସରକୁକର: ୨ ପାଚିକା ଆହତ

**ଆଠଗଡ଼,୩୦।୧(ସତ୍ୟ ପ୍ରସାଦ ରଥ)**

କଟକ ଜିଲା ଆଠଗଡ ବ୍ଲକ ଅନ୍ତର୍ଗତ ଗୋବିନ୍ଦ-ମାଧବପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଅଘଟଣ ଘଟିଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରନ୍ଧା ହେଉଥିବାବେଳେ ବ୍ୟବହୃତ ପ୍ରେସର୍‌କୁକର ଫାଟିଯିବାରୁ ୨ଜଣ ପାଚିକା ଆହତ ହୋଇଛନ୍ତି। ସେମାନେ ହେଲେ ତୁଳସୀ ବେହେରା ଓ ଚଞ୍ଚଳା ନାଏକ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ସ୍ୱାଇଁ, ଶିକ୍ଷୟିତ୍ରୀ ରଞ୍ଜନା ବେହେରା ଓ ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ସାମାନ୍ୟ ଆହତ ହୋଇଥିବା ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ପ୍ରେସର୍‌କୁକର ଫାଟି ଉପରକୁ ଉଠିଯିବାରୁ ବିଦ୍ୟାଳୟର ଆଜବେଷ୍ଟସ ଭାଙ୍ଗିଯାଇଛି। ପ୍ରଚଣ୍ଡ ଶବ୍ଦ ଯୋଗୁ ଗ୍ରାମବାସୀ ଓ ବିଦ୍ୟାର୍ଥୀମାନେ ଭୟଭୀତ ହୋଇ ପଡ଼ିଥିଲେ। ଖବରପାଇ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ମୁରଲୀଧର ସାହୁ ଡାକ୍ତରଖାନାରେ ପହଞ୍ଚି ଉଭୟ ଆହତ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

# ସୀମାନ୍ତରେ ଗୁଳି ବିନିମୟରେ ୨ ମାଓବାଦୀ ନିହତ

**ମାଲକାନଗିରି,୩୦।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ମାଓବାଦୀ ନିହତ ହୋଇଛନ୍ତି। ୨ ମୃତ ମାଓବାଦୀ ହେଲେ ଏସିଏମ୍ ପ୍ରଦୀପ ଓ ଭୀମା। ବିଜାପୁର ଜିଲା କାଭରଗଟ୍ଟା ଜଙ୍ଗଲରେ ପ୍ରାୟ ୮ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ଉପସ୍ଥିତି ନେଇ ଡିଆରଜି ଓ ସିଆର୍‌ପିଏଫ୍ ବାହିନୀ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀମାନେ ପୋଲିସ ଉପରକୁ ଆକ୍ରମଣ କରିଥିଲେ। ପୋଲିସ ପାଲଟା ଗୁଳି ଚାଳଣା କରିଥିଲା। ଏହା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସୁରକ୍ଷା କର୍ମୀମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରି ୨ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ପ୍ରଦୀପଙ୍କ ଉପରେ ୫ ଲକ୍ଷ ଟଙ୍କା ଓ ଭୀମାଙ୍କ ଉପରେ ୨ଲକ୍ଷ ଟଙ୍କାର ଇନାମ ଘୋଷଣା କରାଯାଇଥିଲା। ଏହି ୨ ମାଓବାଦୀ କାଭରଗଟ୍ଟା ପଞ୍ଚାୟତ ସରପଞ୍ଚ ଭୀମା ମାଡକାମୀଙ୍କ ହତ୍ୟା ଘଟଣାରେ ସାମିଲ ଥିବା ସୂଚନା ମିଳିଛି। ଜଙ୍ଗଲରୁ ଏକେ-୪୭, ଅଫୁଟା ଗୁଳି, ପିସ୍ତଲ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଥିବା ସୂଚନା ମିଳିଛି।

# ଏମ୍‌ସିଏଲ୍ କୋଇଲା ଖଣିରେ ସିବିଆଇ ଚଢ଼ାଉ

**ସୁନ୍ଦରଗଡ଼/ହେମଗିର,୩୦।୧(ଜୟ ନାରାୟଣ ମେଣ୍ଟୁଲି/ଚୈତନ୍ୟ ପଟେଲ)**

## ଅନେକ ହଜାର ଟନ୍ କୋଇଲାର ହିସାବ ମିଳୁ ନ ଥିବା ଅଭିଯୋଗ



ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଏମ୍‌ସିଏଲ୍ କୋଇଲା ଖଣିରେ ଶୁକ୍ରବାର ସିବିଆଇର ୩ ଟିମ୍ ଚଢ଼ାଉ କରିଛି। ଏମ୍‌ସିଏଲ୍ ଗର୍ଜନବାହାଲ, କୁଲଡା କୋଇଲା ଖଣି ଓ କନିକା ରେଲୱେ ସାଇଡିଂରେ ସିବିଆଇର ସ୍ୱତନ୍ତ୍ର ଦଳ ଚଢ଼ାଉ କରି ଖୋଳତାଡ କରୁଛି। ଏମ୍‌ସିଏଲ୍ କୋଇଲା ଖଣିରୁ ସାଇଡିଂକୁ ଯାଉଥିବା ବହୁ ହଜାର ଟନ୍ କୋଇଲାର ହିସାବ ମିଳୁ ନ ଥିବା ଅଭିଯୋଗରେ ଏହି ଚଢ଼ାଉ ହେଉଥିବା ଜଣାପଡିଛି। ଏ ସମ୍ପର୍କରେ ସିବିଆଇ ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ମିଳିନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏମ୍‌ସିଏଲ୍‌କୋଇଲା ଖଣିରୁ ସାଇଡିଂକୁ ଯାଉଥିବା କୋଇଲାର ଠିକ୍ ହିସାବ ନ ଥିବା ଅଭିଯୋଗ ହୋଇଛି। କୋଇଲା ଚୋରାଚାଲାଣ ଅଭିଯୋଗକୁ ନେଇ ଦିଲ୍ଲୀ ସିବିଆଇର ୩ଟି ଦଳ ଏକକାଳୀନ ଏହି ତନାଘନା ତଦନ୍ତ ଚଳାଇଛନ୍ତି। କନିକା ରେଲ୍‌ୱେ ସାଇଡିଂ ଇନଚାର୍ଜ ସାରଦା ପ୍ରସନ୍ନ ସେଠୀଙ୍କୁ ତାଙ୍କ କମ୍ପାନୀ ନିବାସରୁ ଓ ଗର୍ଜନବାହାଲ ଖଣି କର୍ମଚାରୀଙ୍କୁ ଉଠାଇ ନେଇ କନିକା ସାଇଡିଂରେ ଜେରା କରାଯାଉଥିବା ସୂଚନା ମିଳିଛି। କୋଇଲା କିଭଳି ସାଇଡିଂ ମାଧ୍ୟମରେ ପାର ହେଉଥିଲା, କିଏ ନେଉଥିଲା, କୋଇଲା କେଉଁଠିକୁ ଯାଉଥିଲା ତା'ର ତନାଘନା କରାଯାଉଛି। ଅପରପକ୍ଷରେ ଏମ୍‌ସିଏଲ୍‌ର କେତେଜଣ ଅସାଧୁ ଅଧିକାରୀ, କର୍ମଚାରୀ କୋଇଲା ଚୋରାଚାଲାଣକାରୀଙ୍କ ସହ ହାତ ମିଳାଇ ବହୁ କୋଟି ଟଙ୍କାର ହେରଫେର କରୁଥିବା ନେଇ ସିବିଆଇ ଅଭିଯୋଗ ପାଇଥିବା ସୂଚନା ମିଳିଛି। ଉକ୍ତ ୩ ଟିମ୍‌ରେ ସିବିଆଇର ମହିଳା ଅଧିକାରୀଙ୍କ ସମେତ ୧୩ଜଣ ଅଧିକାରୀ ସାମିଲ ହୋଇଥିବା ଜଣାପଡିଛି। ଖବର ଲେଖାହେବା ସୁଦ୍ଧା ଚଢ଼ାଉ ଜାରି ରହିଛି।

ଅପରପକ୍ଷରେ ହେମଗିର ତହସିଲର ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଖଣି ଠାବ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଖଣି ବିଭାଗର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ପହଞ୍ଚି ତଦନ୍ତ ଚଳାଇଥିଲେ। ସ୍ଥାନୀୟ ବିଧାୟକ ଯୋଗେଶ କୁମାର ସିଂହ ଏହି ଖଣି ଚୋରିର ସିବିଆଇ ତଦନ୍ତ ପାଇଁ ଦାବି କରି ମୁଖ୍ୟମନ୍ତ୍ରୀ ଓ ଦିଲ୍ଲୀସ୍ଥିତ ସିବିଆଇ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ। ସେହିପରି ପୂର୍ବତନ ବିଧାୟିକା କୁସୁମ ଟେଟେ, କଂଗ୍ରେସ ନେତୃବୃନ୍ଦ ମଧ୍ୟ ଏହାର ତଦନ୍ତ ଦାବି କରିଥିଲେ।

# ଋତୁସ୍ରାବଜନିତ ସୁସ୍ଥତା ମୌଳିକ ଅଧିକାର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୧(ପି.ଟି.)**

## ମାଗଣା ସାନିଟାରି ପ୍ୟାଡ୍, ସ୍କୁଲରେ ଅଲଗା ପାଇଖାନା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ଋତୁସ୍ରାବକାଳୀନ ସ୍ୱାସ୍ଥ୍ୟ ଜୀବନ ଧାରଣ ମୌଳିକ ଅଧିକାରର ଅଂଶବିଶେଷ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଘୋଷଣା କରିଛନ୍ତି। ଏଥିସହିତ ଛାତ୍ରୀମାନଙ୍କୁ ମାଗଣାରେ ଓକ୍ସୋ-ବାୟୋଡିଗ୍ରେଡେବଲ୍ ସାନିଟାରି ନାପ୍‌କିନ୍ ଓ ଛାତ୍ରୀଛାତ୍ରଙ୍କ ପାଇଁ ଅଲଗା ପାଇଖାନା ଯୋଗାଇଦେବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି।

ଲିଙ୍ଗଗତ ନ୍ୟାୟ ଏବଂ ଶୈକ୍ଷିକ ସମାନତାକୁ ସୁନିଶ୍ଚିତ କରିବା ପାଇଁ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ ଉପରୋକ୍ତ ଐତିହାସିକ ରାୟ ପ୍ରଦାନ କରିଛନ୍ତି। ସରକାରୀ ହେଉ କି ଅନୁଦାନପ୍ରାପ୍ତ ଅଥବା ଘରୋଇ, ସବୁ ସ୍କୁଲ୍‌ରେ ଉପରୋକ୍ତ ସୁବିଧା ଉପଲବ୍ଧ ହେବା ଜରୁରୀ ବୋଲି ଖଣ୍ଡପୀଠ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାର ଅନୁପାଳନ ନ ହେଲେ ଘରୋଇ ସ୍କୁଲଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର ସାଙ୍ଗକୁ ସରକାରୀ ଶିକ୍ଷାନୁଷ୍ଠାନର ବିଫଳତା ପାଇଁ ରାଜ୍ୟ ସରକାରଗୁଡ଼ିକୁ ସିଧା ଉତ୍ତରଦାୟୀ କରାଯିବା ସହ କଠୋର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଜଷ୍ଟିସ୍ ପର୍ଦ୍ଦିୱାଲା ଚେତାବନୀ ଦେଇଛନ୍ତି।

ଖଣ୍ଡପୀଠ କହିଛନ୍ତି, ଋତୁସ୍ରାବ ସ୍ୱାସ୍ଥ୍ୟ ଅଧିକାର ଜୀବନଧାରଣ ଅଧିକାରର ଅଂଶବିଶେଷ। ସୁରକ୍ଷିତ, ପ୍ରଭାବୀ ଏବଂ ଶସ୍ତା ଋତୁସ୍ରାବକାଳୀନ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥା ଛାତ୍ରୀମାନଙ୍କୁ ସର୍ବୋଚ୍ଚ ମାନର ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟରେ ସହାୟକ ହୋଇଥାଏ। ସୁସ୍ଥ ପ୍ରଜନନ ଜୀବନଯାପନ ଅଧିକାର ଶିକ୍ଷା ଏବଂ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଅଧିକାର ସହ ଜଡ଼ିତ ବୋଲି ଖଣ୍ଡପୀଠ କହିଛନ୍ତି। ଋତୁସ୍ରାବ ସମୟରେ ବ୍ୟବହୃତ ହେଉଥିବା ଅବଶୋଷକ ଉପଲବ୍ଧତା ସମ୍ପର୍କରେ ଖଣ୍ଡପୀଠ ପ୍ରତ୍ୟେକ ସ୍କୁଲକୁ ମାଗଣାରେ ଉପଯୁକ୍ତ ସାନିଟାରି ନାପ୍‌କିନ୍ ଯୋଗାଇଦେବା ନିମନ୍ତେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି।






"ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି।-ଶ୍ରୀମା

-ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ, ଯୋରନ୍ଦା ମେଳା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା



# ତିନି ଘଣ୍ଟାର ଗସ୍ତ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ନୂଆଦିଲ୍ଲୀରେ ମଧ୍ୟାହ୍ନ ଭୋଜନ ସମୟରେ ଏକ ବିଜ୍‌ନେସ ସମ୍ପର୍କିତ ଆଲୋଚନା ପାଇଁ ତିନି ଘଣ୍ଟା ଯଥେଷ୍ଟ ସମୟ। ତେବେ ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣରେ ଯେତେବେଳେ ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ ଆସିଥିଲେ, ସେତେବେଳେ ଏହି ଗସ୍ତ ଏକ ଲମ୍ବା କାର୍ଯ୍ୟର ମୂଳଦୁଆ ପକାଇଥିଲା। ୟୁଏଇ ରାଷ୍ଟ୍ରପତି ଭାବରେ ଏହା ତାଙ୍କର ତୃତୀୟ ଗସ୍ତ ଥିଲା । ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ଯୋଗୁ ଏହି ବ୍ୟବସ୍ଥିତ ଗସ୍ତ ଅଧିକ ସଫଳ ହୋଇଛି। ଏମ୍‌ଇଏ ଚୁପ୍‌ଚାପ୍ ସର୍ବାଧିକ ଗୁରୁତ୍ୱର ସହ ଯୋଜନା କରିଥିଲା। ଏହା ଥିଲା ଶାନ୍ତ, ସୁଚିନ୍ତିତ ତଥା ପ୍ରଭାବଶାଳୀ କୂଟନୀତି। ଏହାର ପ୍ରଚ୍ଛଦପଟରେ ପ୍ରତିରକ୍ଷା ଏବଂ ଆତଙ୍କବାଦ ବିରୋଧୀ ସହଯୋଗକୁ ଦୃଢ଼ କରିବାରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ପ୍ରମୁଖ ଭୂମିକା ରହିଛି। ଗସ୍ତ ସମୟରେ ସ୍ୱାକ୍ଷରିତ ହୋଇଥିବା ଲିଖିତ ଘୋଷଣାନାମା ଭାରତ-ୟୁଏଇ ରଣନୈତିକ ପ୍ରତିରକ୍ଷା ସହଭାଗିତାକୁ ଗତିଶୀଳ କରିଛି। ୨୦୦୩ରେ ଆରମ୍ଭ ହୋଇଥିବା ପ୍ରତିରକ୍ଷା ସହଯୋଗ ଏବେ ଅଧିକ ମହତ୍ୱାକାଂକ୍ଷୀ ପର୍ଯ୍ୟାୟରେ ପ୍ରବେଶ କରୁଛି, ଯେଉଁଥିରେ ମିଳିତ ଉତ୍ପାଦନ, ପ୍ରତିରକ୍ଷା ନବସୃଜନ, ଉନ୍ନତ ପ୍ରଯୁକ୍ତିବିଦ୍ୟା, ସାଇବର କ୍ଷମତା, ସ୍ୱତନ୍ତ୍ର କାର୍ଯ୍ୟ ଏବଂ ଆନ୍ତଃ ସଞ୍ଚାଳନ କ୍ଷମତା ଅନ୍ତର୍ଭୁକ୍ତ। ସହଭାଗିତାରେ ପ୍ରତିରକ୍ଷା ହାର୍ଡୱେରର ନିର୍ମାଣ ଉପରେ ଗୁରୁତ୍ୱ ବିଶେଷ ଭାବରେ ଉଲ୍ଲେଖନୀୟ, ଯାହା ବ୍ୟବସାୟିକ ଚୁକ୍ତି ଅପେକ୍ଷା ବିଶ୍ୱାସ ଏବଂ ଦୀର୍ଘକାଳୀନ ସମନ୍ୱୟକୁ ସୂଚିତ କରୁଛି। ଭାରତ ବିକାଶଶୀଳ ଦେଶଗୁଡ଼ିକର ନେତୃତ୍ୱ ନେବାକୁ ଆଶା ରଖୁଥିବା ବେଳେ ୟୁଏଇ ଅନ୍ୟ ଦେଶରେ ପ୍ରଭାବ ପକାଇବାକୁ ଆଗ୍ରହୀ। ଏହି ସହଭାଗିତା କେବଳ ଏକ ସମ୍ମିଳିତ ରଣନୀତି ନୁହେଁ ବରଂ ଏକ ଦୀର୍ଘକାଳୀନ ରଣନୈତିକ ଭାଗୀଦାରି। ଏହି ସମ୍ପର୍କ କେଉଁ ଆଡ଼କୁ ଯାଉଛି ଏବଂ ଉଭୟ ପକ୍ଷ ଶୀଘ୍ର ସେଠାରେ ପହଞ୍ଚିବାକୁ ଆଗ୍ରହୀ ବୋଲି ଏହି ୩ ଘଣ୍ଟାର ଗସ୍ତ ସ୍ପଷ୍ଟ କରିଥିଲା।

### ଆଇନର ଅବମାନନା

ଆଇପିଏସ୍-ସିଏପିଏଫ୍ ମଧ୍ୟରେ ଦୀର୍ଘ ସମୟ ଧରି ଚାଲିଥିବା ବିବାଦ ସୁପ୍ରିମକୋର୍ଟକୁ ଫେରିଛି। ଏଥର ଏକ ଅବମାନନା ଆବେଦନ କରାଯାଇଛି। ଅବସରପ୍ରାପ୍ତ ସିଏପିଏଫ୍ ଅଧିକାରୀଙ୍କ ଏକ ଗୋଷ୍ଠୀ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀରେ ଆଇପିଏସ୍ ଡେପୁଟେଶନ ହ୍ରାସ କରିବା ପାଇଁ ଏକ ସ୍ପଷ୍ଟ ନ୍ୟାୟିକ ନିର୍ଦ୍ଦେଶନାମା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ପଛଘୁଞ୍ଚା ଦେଉଛନ୍ତି। ତେବେ ପର୍ଯ୍ୟବେକ୍ଷକମାନେ ସୂଚାଇ ଦେଇଛନ୍ତି ଯେ, ଏହା ପଛରେ ସେମାନଙ୍କର ଏକ ଯୁକ୍ତି ଥାଇପାରେ। ଗତ ବର୍ଷ, ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ ସିଏପିଏଫ୍‌ର ଗ୍ରୁପ୍-ଏ କ୍ୟାଡରଗୁଡ଼ିକୁ ସଙ୍ଗଠିତ ସେବାର ମାନ୍ୟତା ଦେଇଥିଲେ ଏବଂ ଦୁଇ ବର୍ଷ ମଧ୍ୟରେ ଆଇପିଏସ୍ ଡେପୁଟେଶନକୁ ପର୍ଯ୍ୟାୟକ୍ରମେ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଉଦ୍ଦେଶ୍ୟ ଥିଲା ସେହି ବିଭେଦକୁ ଶେଷ କରିବା, ଯାହା ଅନେକ ହଜାର ସିଏପିଏଫ୍ ଅଧିକାରୀଙ୍କୁ ବରିଷ୍ଠ ନେତୃତ୍ୱ ପଦବୀ ପାଇବାରୁ ବଞ୍ଚିତ କରିଥିବା ବେଳେ ଅନ୍ୟ ସେବାର ଅଧିକାରୀଙ୍କୁ ନିୟମିତ ଭାବରେ ଶୀର୍ଷ ପଦବୀରେ ନିଯୁକ୍ତି ଦେଇଛି। ତଥାପ ଅନେକ ମାସ ବିତିଯାଇଥିଲେ ମଧ୍ୟ ସ୍ଥିତିରେ ବିଶେଷ କିଛି ପରିବର୍ତ୍ତନ ହୋଇ ନାହିଁ। ଆଇପିଏସ୍ ଅଧିକାରୀମାନେ ବରିଷ୍ଠ ପଦବୀ ଦଖଲ କରି ଚାଲିଛନ୍ତି। ସେବା ନିୟମ ଆଢୁଆଳରେ ରହିଯାଇଛି । ଅବମାନନା ଆବେଦନରେ ଯୁକ୍ତି କରାଯାଇଛି ଯେ ଏହା ଏକ ବିଳମ୍ବ ନୁହେଁ ବରଂ ଏହା ପ୍ରକ୍ରିୟାଗତ ତଥା ଯୋଜନାବଦ୍ଧ ଭାବରେ ଆଇନର ଅବମାନନା। ଏବେକାର ବ୍ୟବସ୍ଥାର ସମର୍ଥକମାନେ ଯୁକ୍ତି କରନ୍ତି ଯେ ଜାତୀୟ ସୁରକ୍ଷା ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ନିରୀକ୍ଷଣ ଏବଂ ପ୍ରଶାସନିକ ଅଭିଜ୍ଞତା ଆଇପିଏସ୍ ଅଧିକାରୀଙ୍କର ରହିଛି। ସିଏପିଏଫ୍ ଅଧିକାରୀଙ୍କୁ ସେମାନଙ୍କ ନିଜ ସଙ୍ଗଠନର ନେତୃତ୍ୱରୁ ସ୍ଥାୟୀ ଭାବରେ ବଞ୍ଚିତ କରାଯାଉଥିବାରୁ ଏହି ଯୁକ୍ତି ମୂଲ୍ୟହୀନ ମନେହୁଏ।

### ସିଏଟିଙ୍କ ନିର୍ଦ୍ଦେଶ

କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି) ସମୀର ୱାଙ୍ଖଡେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ କେତେ ଗମ୍ଭୀରତାର ସହିତ ନେଇଥିଲେ ତାହାକୁ ନେଇ ଯଦି କୌଣସି ସନ୍ଦେହ ଥିଲା, ତେବେ ସିଏଟି ନିର୍ଦ୍ଦେଶ ତାହାକୁ ସମାଧାନ କରିବା ଦରକାର। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ 'କ୍ଷତିକାରକ' ଏବଂ ପ୍ରତିଶୋଧାତ୍ମକ ବୋଲି କହିବା ନ୍ୟାୟିକ ଦୃଷ୍ଟିରୁ କମ୍ ମହତ୍ୱପୂର୍ଣ୍ଣ ନୁହେଁ। ଚାର୍ଜ ମେମୋରାଣ୍ଡମ୍‌କୁ ବାତିଲ କରିବା ସହ ସିବିଆଇସିକୁ ଆଗକୁ ବଢ଼ିବାକୁ ନିଷେଧ କରି, ସିଏଟି ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ, ନିୟମ ବଦଳାଇ କିମ୍ବା ଆଇନଗତ ଭାବରେ ଅସାମର୍ଥ୍ୟ ବିଷୟର ପୁନରାବୃତ୍ତି କରି ଶୃଙ୍ଖଳା ଲାଗୁ କରାଯାଇପାରିବ ନାହିଁ। ଟ୍ରିବ୍ୟୁନାଲ ଜାଣିପାରିଲେ ଯେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଆଧାର କ'ଣ ହୋଇପାରିବ ସେ ବିଷୟରେ ସ୍ପଷ୍ଟ ଆଇନଗତ ସୀମା ଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ଆଗକୁ ବଢୁଥିଲେ। ଏଭଳି କରିବା ଦ୍ୱାରା ଜଣାପଡ଼ିଥିଲା ଯେ, ସଂଶୋଧନ କରିବାର ଉଦ୍ଦେଶ୍ୟ କମ୍ ଏବଂ ଅଧିକ ଦଣ୍ଡଦାୟକ ଦେଖାଯାଉଥିଲା। ଭାରତର ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକ ପ୍ରାୟତଃ ଆଇନର ଶାସନ ଏବଂ ସଂସ୍ଥାଗତ ବିଶ୍ୱସନୀୟତା ବିଷୟରେ କୁହନ୍ତି। ତଥାପି ଏଠାରେ ସେମାନଙ୍କୁ ବ୍ୟବସ୍ଥା ସମ୍ପର୍କରେ ମନେ ପକାଇବାକୁ ପଡ଼ିଲା ଯେ, ନ୍ୟାୟ ବାହାରେ ଯେତିକି ପ୍ରଯୁଜ୍ୟ ଭିତରେ ମଧ୍ୟ ସେତିକି ଆବଶ୍ୟକ । ଏହି ଆଦେଶ ୱାଙ୍ଖଡେଙ୍କୁ ନେଇ ଉଠୁଥିବା ପ୍ରତ୍ୟେକ ଅଭିଯୋଗରୁ ମୁକ୍ତ କରେ ନାହିଁ। ଏହା ଯାହା କରିଛି ତାହା କୌଣସି ଛୋଟ କଥା ନୁହେଁ। ତାହା ହେଉଛି ବୈଧ ନିରୀକ୍ଷଣ ଏବଂ ପ୍ରଶାସନିକ ଦଣ୍ଡବିଧାନ ମଧ୍ୟରେ ଏକ ସୀମାରେଖା ଟାଣିଛି। ଆଜିର ଅଭିଯୋଗଯୁକ୍ତ ଅମଲାତାନ୍ତ୍ରିକ ପରିବେଶରେ ସେହି ପାର୍ଥକ୍ୟ ଅଧିକ ମୂଲ୍ୟବାନ୍।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 2 | 9 | 8 | | 3 |
| | | | | 1 | 5 | | 7 | |
| 2 | 7 | | 3 | | 4 | | | |
| | 3 | | | | | 1 | | |
| 5 | 6 | | | | | 7 | 3 | 8 |
| 8 | | 2 | | 7 | | 5 | | 6 |
| 1 | 2 | | 4 | | | 3 | 6 | |
| | | | | | | | | 2 |
| | 5 | 9 | 2 | 6 | 8 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 2 | 7 | 4 | 3 | 1 | 8 | 6 |
| 8 | 1 | 4 | 5 | 9 | 6 | 3 | 7 | 2 |
| 3 | 7 | 6 | 2 | 8 | 1 | 9 | 4 | 5 |
| 4 | 8 | 9 | 3 | 7 | 5 | 2 | 6 | 1 |
| 1 | 5 | 7 | 6 | 2 | 8 | 4 | 9 | 3 |
| 2 | 6 | 3 | 4 | 1 | 9 | 7 | 5 | 8 |
| 9 | 3 | 1 | 8 | 6 | 7 | 5 | 2 | 4 |
| 6 | 2 | 5 | 9 | 3 | 4 | 8 | 1 | 7 |
| 7 | 4 | 8 | 1 | 5 | 2 | 6 | 3 | 9 |

ଗତକାଲିର ଉତ୍ତର

# ବିକାଶ: ସ୍ୱପ୍ନ ଓ ବାସ୍ତବତା



**ଡ଼. ସନ୍ତୋଷ କୁମାର ମହାପାତ୍ର**

ଖବରକାଗଜ ବା ଟିଭି ଚାନେଲ ଖୋଲିଲେ ବିକଶିତ ଭାରତ କଥା ଶୁଣିବାକୁ ବା ପଢ଼ିବାକୁ ମିଳେ, କିନ୍ତୁ ସେହି ବିକଶିତ ଭାରତର ସ୍ୱରୂପ କ'ଣ ହେବ, କାହାର କେତେ ଲାଭ, କିଏ ସେପର୍ଯ୍ୟନ୍ତ ବଞ୍ଚିଥିବ କେହି କହିପାରୁ ନାହାନ୍ତି? ଜଳବାୟୁ ପରିବର୍ତ୍ତନ ଜନିତ ଯେଉଁ ଜିଡିପି ହ୍ରାସ ପାଇବ ଏବଂ ବାୟୁମଣ୍ଡଳ ଦୂଷିତ, ଖାଦ୍ୟ ଭେଜାଲ ଓ ଜୀବନଶୈଳୀ ଜନିତ ରୋଗ ଯୋଗୁ ଯେଉଁ ଭୟଙ୍କର କ୍ଷତି ମାନବ ସମାଜକୁ ସମ୍ମୁଖୀନ ହେବାକୁ ପଡ଼ିବ ତାହା ଶାସକ ଶ୍ରେଣୀ କହୁନାହାନ୍ତି? ଭାରତର କିଛି ପ୍ରମୁଖ ସହରରେ ଭୂପୃଷ୍ଠର ଜଳପତ୍ତନ ବହୁମାତ୍ରାରେ ହ୍ରାସ ପାଇ ଭୟଙ୍କର ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ସାମାଜିକ ସମସ୍ୟା ଆହୁରି ଭୟଙ୍କର। ଗତ ଗଣତନ୍ତ୍ର ଦିବସ ପାଳନ ବେଳେ ୫ ବର୍ଷର ଝିଅ ଦୁଷ୍କର୍ମର ଶିକାର ହେବାର ହୃଦୟବିଦାରକ ଖବର ଶୁଣିବାକୁ ମିଳିଥିଲା। ସ୍ୱପ୍ନ ଦେଖାଇ କ୍ଷମତା ଧରିରଖିବା ଓ ବର୍ତ୍ତମାନର ସମସ୍ୟାରୁ ଲୋକଙ୍କୁ ଦୂରେଇ ରଖିବା ପାଇଁ ହୁଏତ ସମ୍ଭବ ହୋଇପାରେ, କିନ୍ତୁ ଭବିଷ୍ୟତ ପିଢ଼ିଙ୍କ କଥା ଶାସକ ଶ୍ରେଣୀ ଭୁଲିଯିବା ଅନୁଚିତ। ଆଗାମୀ ପିଢ଼ିଙ୍କ ଭବିଷ୍ୟତ ଖରାପ ହେଲେ ଧନୀ, ଗରିବ, ନେତା, ମନ୍ତ୍ରୀ ଓ କ୍ଷମତାଶାଳୀ ଆଦି ସମସ୍ତଙ୍କର ପିଲା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ। ଯେଉଁ ବୁଦ୍ଧିଜୀବୀ ନୀରବ ରହୁଛନ୍ତି ବା ଏପରି ସ୍ଲୋଗାନକୁ ବିରୋଧ କରୁନାହାନ୍ତି, ସେମାନେ ଭୁଲ୍ କରୁଛନ୍ତି। ଜୀବନ କେତେ ଅନିଶ୍ଚିତ ବୋଲି କରୋନା ମହାମାରୀରୁ ଆମେ କିଛି ଶିଖିଲେ ନାହିଁ। ବେକାରି, ଦାରିଦ୍ର୍ୟ, ପୁଷ୍ଟିହୀନତା ଆଜି ବ୍ୟାପକ, କୋଟି କୋଟି ଯୁବତୀଯୁବକ ବେକାର। ଶିକ୍ଷା, ସ୍ୱାସ୍ଥ୍ୟ ଆଜି ଅପହଞ୍ଚ। କ୍ଷମତା, ପ୍ରଚୁର ଅର୍ଥ ନ ଥିଲେ କେହି ପଚାରିବେ ନାହିଁ।

ଦାରିଦ୍ର୍ୟ ଦୂର ଅର୍ଥ ନୁହେଁ ଖାଲି ଦି ଓଳି ଖାଇବା ; ଏକ ସରସ ସୁନ୍ଦର ତଥା ଗୁଣାତ୍ମକ ଜୀବନ ବଞ୍ଚିବାର ପରିବେଶ ସୃଷ୍ଟି କରିବା। ଯଦି ଏତେ ବିକାଶ ହେଉଛି, ତେବେ ୮୦ କୋଟି ଲୋକଙ୍କୁ କାହିଁକି ଖାଦ୍ୟ ସହାୟତା ଯୋଗାଇବାକୁ ପଡୁଛି? ଆମେ ଏଠାରେ କହୁ ନାହୁଁ ଏହି ସରକାର ଦାୟୀ ଏବଂ ପୂର୍ବ ସରକାର ଭଲ, କିନ୍ତୁ ପ୍ରଶ୍ନ ହେଉଛି ଲୋକଙ୍କ ଅଭାବ, ଅନଟନ ତଥା ବିଭିନ୍ନ ସମସ୍ୟା ବେଶି ଆଲୋଚନା ହେବା ଉଚିତ। ପ୍ରଭୁ ରାମଚନ୍ଦ୍ର ସର୍ବଦା ପ୍ରଜାଙ୍କ ଭଲ ମନ୍ଦ ଜାଣିବା ପାଇଁ ଚେଷ୍ଟା କରୁଥିଲେ, ପ୍ରଚାରରେ ଲିପ୍ତ ରହୁ ନ ଥିଲେ। ଯେତେବେଳେ ବିକାଶ ଓ ପ୍ରଗତି କଥା ପ୍ରଚାର କରାଯାଉଛି, ସେତେବେଳେ ଅର୍ଥନୀତି ସମ୍ମୁଖରେ କିଛି ଭୟଙ୍କର ସମସ୍ୟା ଦେଖାଦେଇଛି। ୨୦୦୭ ରେ ଭାରତ ନିମ୍ନ-ଆୟ ଶ୍ରେଣୀରୁ ନିମ୍ନ-



ମଧ୍ୟମ ଆୟ ଦେଶର ଶ୍ରେଣୀକୁ ପ୍ରବେଶ କରିଥିଲେ ମଧ୍ୟ ପ୍ରାୟ ଦୁଇ ଦଶକ ଧରି ସେଇ ଶ୍ରେଣୀରେ ଅଟକି ରହିଛି। ନିରନ୍ତର ଉଚ୍ଚ ଆର୍ଥିକ ବୃଦ୍ଧି ହାର ସତ୍ତ୍ୱେ, ଭାରତର ମୁଣ୍ଡପିଛା ଆୟ କ୍ରୟ ଶକ୍ତି ସମତା ଦୃଷ୍ଟିରୁ ସମ୍ପ୍ରତି ବର୍ଷଗୁଡ଼ିକରେ ହାରାହାରି ୨୪୦୦ ଡଲାର ୨୭୦୦ ମଧ୍ୟରେ ରହିଛି, ଯେତେବେଳେ ଉଚ୍ଚ -ମଧ୍ୟମ ଆୟ ଶ୍ରେଣୀ (୪୪୬୬ ୧୩,୮୪୫ ଡଲାର) ଏବଂ ଉଚ୍ଚ-ଆୟ ଶ୍ରେଣୀ (୧୩, ୮୪୫ ଡଲାର ଠାରୁ ଅଧିକ) ପାଇଁ ଆବଶ୍ୟକ ସୀମାଠାରୁ ବହୁତ କମ୍। ୨୦୨୫ରେ ୨୮୧୮ଡଲାରରେ ପହଞ୍ଚିଛି। ଯଦି ୨୦୪୭ ବର୍ଷ ବେଳକୁ ମୁଣ୍ଡପିଛା ଆୟ ଅଧିକ ହୁଏ, ସେତେବେଳେ ଉଚ୍ଚ-ଆୟ ଶ୍ରେଣୀର ମାନଦଣ୍ଡ ସଂଶୋଧିତ ହୋଇ ବହୁ ଅଧିକ ହୋଇଯାଇଥିବ, ଯାହା କେହି କହୁ ନାହାନ୍ତ। ପୁନଶ୍ଚ ଭାରତ ମୁଣ୍ଡପିଛା ଆୟ ଦୃଷ୍ଟିରୁ ୧୪୪ ଓ କ୍ରୟଶକ୍ତି ମୁଣ୍ଡପିଛା ଆୟ ଦୃଷ୍ଟିରୁ ୧୨୫ ସ୍ଥାନରେ ଅଛି। ବିଶ୍ୱବ୍ୟାଙ୍କ ଅନୁସାରେ ଭରତ ମଧ୍ୟମ-ଆୟ ଫାନ୍ଦରେ ସବୁଦିନେ ପଡ଼ିଯିବାର ଆଶଙ୍କାରେ ରହନ୍ତି।

ବାହ୍ୟ କ୍ଷେତ୍ରର ପରିସ୍ଥିତି ମଧ୍ୟ ଗଭୀର ଚିନ୍ତା ସୃଷ୍ଟି କରିଛି। ମୋଟ ଆକାରରେ ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗ (ଏଫଡିଆଇ) ୨୦୨୪-୨୫ ମସିହାରେ ପ୍ରାୟ ୮୧ ବିଲିୟନ ଡଲାରରେ ପହଞ୍ଚିଥିବା ସତ୍ତ୍ୱେ, ନିଟ୍ ଏଫଡିଆଇ ଆଶ୍ଚର୍ଯ୍ୟଜନକ ଭାବରେ ହ୍ରାସ ପାଇଛି। ୨୦୨୪-୨୫ ମସିହାରେ ନିଟ ଏଫଡିଆଇ ପ୍ରାୟ ୯୬% ହ୍ରାସ ପାଇ ୦.୪ ବିଲିୟନ ଡଲାରରେ ପହଞ୍ଚିଛି। ଏହାର ପ୍ରଧାନ କାରଣ ହେଲା ବିଦେଶୀ କମ୍ପାନୀମାନଙ୍କ ଦ୍ୱାରା ଲାଭ ନିଜ ଦେଶକୁ ନେଇଯିବା ଓ ଭାରତୀୟ କମ୍ପାନୀମାନେ ବିଦେଶରେ ବେଶି ନିବେଶ କରିବା। ବହିର୍ମୁଖୀ ବା ଆଉଟୱାର୍ଡ ଏଫ୍‌ଡିଆଇ ୨୦୨୩-୨୪ ମସିହାର ୧୬.୭ ବିଲିୟନ ଡଲାର ହୋଇଥିଲାବେଳେ ୨୦୨୪-୨୫ ମସିହାରେ ୨୯.୨ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଏହା ସ୍ପଷ୍ଟ ହୁଏ ଯେ ଭାରତୀୟ କର୍ପୋରେଟମାନେ ଭାରତ ଅପେକ୍ଷା ବିଦେଶରେ ଅଧିକ ଭଲ ସୁଯୋଗ ଦେଖୁଛନ୍ତି। ଆର୍ଥିକ ବଜାରରେ ମଧ୍ୟ ସମାନ ଚାପ ପ୍ରତିଫଳିତ ହେଉଛି। ୨୦୨୫ ମସିହାରେ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ପ୍ରାୟ୧.୫୮ ଲକ୍ଷ କୋଟି ଟଙ୍କାର ଇକ୍ୱିଟି ବା ଅଂଶଧନ ପ୍ରତ୍ୟାହାର କରିନେଇଥିଲେ, ଯାହା କୌଣସି ବର୍ଷରେ ସର୍ବାଧିକ। ଏହି ପ୍ରବୃତ୍ତି ୨୦୨୬ରେ ମଧ୍ୟ ଜାରି ରହିଛି। ଦେଶୀୟ ସଂସ୍ଥାଗତ ନିବେଶକମାନେ କିଛି ପରିମାଣରେ ଏହାକୁ ସନ୍ତୁଳିତ କରିଥିଲେ ମଧ୍ୟ ବିଦେଶୀ ନିବେଶକଙ୍କ ଆତ୍ମବିଶ୍ୱାସ ଦୁର୍ବଳ ରହିଛି। ମୁଦ୍ରା ବଜାର ମଧ୍ୟ ଏହି ଚାପକୁ ପ୍ରତିବିମ୍ବିତ କରିଛି। ୨୦୨୫ ଆରମ୍ଭରେ ପ୍ରାୟ ପ୍ରତି ଡଲାର ମୂଲ୍ୟ ୮୫.୮୦ ଟଙ୍କା ଥିବାବେଳେ ଡିସେମ୍ବର ୨୦୨୫ ମସିହାରେ ପ୍ରଥମଥର ପାଇଁ ୯୦ ଟଙ୍କା ସୀମା ଅତିକ୍ରମ କରି ୯୦.୩୦ ଟଙ୍କା ପର୍ଯ୍ୟନ୍ତ ଐତିହାସିକ ନିମ୍ନସ୍ତରକୁ ଛୁଇଁଥିଲା। ୨୦୨୬ ଜାନୁଆରୀ ୨୬ ସୁଦ୍ଧା ଏହା ୯୧.୭୧ ଟଙ୍କାକୁ ପୁନଶ୍ଚ ହ୍ରାସ ପାଇଛି।୨୦୨୫ରେ ଟଙ୍କାର ୬% ଅବମୂଲ୍ୟାୟନ ହୋଇ ଏସିଆର ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରାମାନଙ୍କ ମଧ୍ୟରେ ଗଣାଯାଇଛି। ଏହାର ପ୍ରଧାନ କାରଣ ହେଲା ବିଦେଶୀ ନିବେଶକଙ୍କ ପୁଞ୍ଜି ପ୍ରତ୍ୟାହାର, ଆମଦାନୀ ରପ୍ତାନିଠାରୁ ବହୁ ଅଧିକ ହେବା ଏବଂ ଡଲାର ଚାହିଦା ଯୋଗାଣଠାରୁ ବୃଦ୍ଧି ପାଇବା।

ଘରୋଇ ଆର୍ଥିକ ଅବସ୍ଥା ଆହୁରି ଭୟଙ୍କର। ଭାରତୀୟ ପରିବାରମାନେ ଖର୍ଚ୍ଚ ଜାରି ରଖିବା ପାଇଁ ଋଣ ଉପରେ ନିର୍ଭର କରୁଛନ୍ତି, ଯାହା ପାରମ୍ପରିକ ସଞ୍ଚୟ ଅଭ୍ୟାସର ବିରୋଧୀ। ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁସାରେ, ୨୦୧୯ରୁ ୨୦୨୫ ମଧ୍ୟରେ ପାରିବାରିକ ଦେୟ ପ୍ରାୟ ୧୦୨% ବୃଦ୍ଧି ପାଇଥିବା ବେଳେ ସମ୍ପତ୍ତି କେବଳ ୪୮% ବୃଦ୍ଧି ପାଇଛି। ୨୦୨୩-୨୪ରେ ପାରିବାରିକ ଋଣ ଜିଡିପିର ପ୍ରାୟ ୪୧.୩%ରେ ପହଞ୍ଚିଛି, ଯାହା ହାରାହାରି ପାଞ୍ଚ ବର୍ଷୀୟ ୩୮.୩%ଠାରୁ ଅଧିକ। ତୁଳନା ସ୍ୱରୂପ, ୨୦୨୨-୨୩ ମସିହାରେ ପାରିବାରିକ ଋଣ ଜିଡିପିର ପ୍ରାୟ ୩୭.୯% ଥିଲା। ଏହା ସହ ପାରିବାରିକ ନିଟ୍ ଆର୍ଥିକ ସଞ୍ଚୟ ଭୟଙ୍କର ଭାବେ ହ୍ରାସ ପାଇଛି। ୨୦୨୦-୨୧ରେ ଏହା ଜିଡିପିର ୧୧.୫% ଥିଲାବେଳେ ୨୦୨୩-୨୪ରେ ପ୍ରାୟ ୫.୪%କୁ ହ୍ରାସ ପାଇଛି, ଯାହା ଚାରି ଦଶକରେ ପ୍ରାୟ ସବୁଠାରୁ କମ୍। ୨୦୧୩-୧୪ରେ ଆର୍ଥିକ ଦେୟ ଜିଡିପିର ୩.୨% ଥିଲାବେଳେ ୨୦୨୩-୨୪ରେ ଜିଡିପିର ୬.୪%କୁ ବୃଦ୍ଧି ପାଇଛି, ଯାହା ଗତ ୧୭ବର୍ଷରେ ସର୍ବନିମ୍ନ, ଅର୍ଥାତ ୨୦୦୭ର ବିଶ୍ୱ ଆର୍ଥିକ ସଙ୍କଟ ସମୟର ସ୍ତର ସହ ସମାନ। ମୋଟ ଆଭ୍ୟନ୍ତରୀଣ ସଞ୍ଚୟ, ଯାହା ୨୦୦୭-୦୮ରେ ୩୬.୭% ଥିଲା, ବର୍ତ୍ତମାନ ହାରାହାରି ୩୦% ରହିଛି, ଯାହା ଶୁଭ ସଂକେତ ନୁହେଁ । ଭାରତ ନିଜକୁ ଆଜି ମଧ୍ୟ ବିଶ୍ୱର ସବୁଠାରୁ ଦ୍ରୁତ ବୃଦ୍ଧିଶୀଳ ମୁଖ୍ୟ ଅର୍ଥ ବ୍ୟବସ୍ଥାଗୁଡ଼ିକ ମଧ୍ୟରୁ ଗୋଟିଏ ଭାବେ ପ୍ରଦର୍ଶନ କରୁଥିବା ସତ୍ତ୍ୱେ, ଏହି ବୃଦ୍ଧି ମାନବ କୁଶଳତାରେ ସମାନ ଉନ୍ନତି ଆଣିପାରିନି। ଲାଭର ଅଧିକାଂଶ ଉଚ୍ଚ-ଆୟ ଶ୍ରେଣୀରେ ସୀମିତ ରହିଛି, ଯାହା ଫଳରେ ଅସମାନତା ବଢୁଛି। ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ), ବିଶ୍ୱ କ୍ଷୁଧା ସୂଚକାଙ୍କ, ବିଶ୍ୱ ଖୁସି ସୂଚକାଙ୍କ ଆଦି ସୂଚକାଙ୍କରେ ଭାରତର ଦୟନୀୟ ସ୍ଥିତି ଚିନ୍ତାଜନକ ହୋଇଛି।

ମୋ:୯୪୩୭୨୦୮୭୬୨

# ଧୂଳିରେ ରୁନ୍ଧି ହେଉଛି ସହର



**ଇନ୍ଦୁ ଭୂଷଣ ଭୂୟାଁ**

ସହରୀ ସଭ୍ୟତାର ଅଭିବୃଦ୍ଧି ସହ ତାଳ ଦେଇ ବଢୁଛି ବାୟୁ ପ୍ରଦୂଷଣ। ବହୁ ସଂଖ୍ୟାରେ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ଏହାର ପ୍ରମୁଖ କାରଣ । ସହରର ବାୟୁରେ ବର୍ଦ୍ଧିତ ଧୂଳିକଣାର ପରିମାଣ ଜନଜୀବନକୁ କ୍ଷତି ପହଞ୍ଚାଉଛି। ଏହାର ପ୍ରଭାବରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହେଉଛି। ଏବେଠୁ ନିରାକରଣ ବ୍ୟବସ୍ଥା ଗ୍ରହଣ ନ କଲେ ଆଗାମୀ ଦିନରେ ଏସବୁର ମାତ୍ରା ଯେ ତୀବ୍ରରୂପ ଧାରଣ କରିବ ସେନେଇ ଆଶଙ୍କା ପ୍ରକାଶ ପାଇଲାଣି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କଟକ ସହରର ତିନି ସ୍ଥାନରେ ବାୟୁ ପ୍ରଦୂଷଣକୁ ମାପିବା ପାଇଁ ଯନ୍ତ୍ର ସ୍ଥାପନ କରାଯାଇଛି। ଏହାଦ୍ୱାରା ବାୟୁରେ ଥିବା ସଲ୍‌ଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ ଶ୍ୱାସକ୍ରିୟାରେ ନେଇ ହେଉଥିବା ୧୦ ମାଇକ୍ରୋନରୁ କମ୍ ଓ ୨.୫ ମାଇକ୍ରୋନ୍‌ରୁ କମ୍ ଆକାର ବିଶିଷ୍ଟ ଧୂଳିକଣାର ପରିମାଣକୁ ପରୀକ୍ଷା କରାଯାଉଛି।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସୁପାରିସ ଅନୁସାରେ ପ୍ରତି ଘନମିଟର ବାୟୁରେ ମାଇକ୍ରୋଗ୍ରାମ୍ ଏକକରେ ଦୈନିକ ହାରାହାରି ସଲ୍‌ଫର ଡାଇଅକ୍ସାଇଡର ମାତ୍ରା ୮୦, ନାଇଟ୍ରୋଜେନ ଡାଇଅକ୍ସାଇଡର ମାତ୍ରା ୧୦, ୧୦ ମାଇକ୍ରୋନରୁ କମ୍ ଆକାର ଧୂଳିକଣାର ମାତ୍ରା ୧୦୦ ଓ ୨.୫ ମାଇକ୍ରୋନରୁ କମ୍ ଆକାର ଧୂଳିକଣାର ମାତ୍ରା ୬୦ ରହିଲେ କ୍ଷତିକାରକ ନୁହେଁ। ମାତ୍ର ୨୦୨୪-୨୫ରେ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ପ୍ରସ୍ତୁତ ବାର୍ଷିକ ରିପୋର୍ଟ ଅନୁସାରେ ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରୋନ୍‌ରୁ କମ୍ ଆକାର ଧୂଳିକଣାର ହାରାହାରି ପରିମାଣ ବାଦାମବାଡ଼ିଠାରେ ୧୯୨, ସୂର୍ଯ୍ୟବିହାରଠାରେ ୧୬୧ ଓ ବାରବାଟୀ ଷ୍ଟାଡିୟମଠାରେ ୩୪୪ ରହିଥିଲା। କଟକରେ ଅନ୍ୟ ଉପାଦାନଗୁଡ଼ିକ ନିରାପଦ ପରିମାଣରେ ଥିବାବେଳେ ଧୂଳିକଣାର ହାରାହାରି ମାତ୍ରା ୨ଗୁଣରୁ ୩ଗୁଣ ବିପଦରେ ରହିଛି। ଭୁବନେଶ୍ୱର ସହରର ୫ଟି ସ୍ଥାନରେ ଲାଗିଥିବା ବାୟୁ ପ୍ରଦୂଷଣ ମାପ ଯନ୍ତ୍ରଗୁଡ଼ିକରୁ ମିଳିଥିବା ତଥ୍ୟରୁ ପ୍ରଦୂଷଣ ମାତ୍ରା କେତେକ ସ୍ଥାନରେ କଟକଠାରୁ କମ୍ ଥିବାବେଳେ କେତେକ ସ୍ଥାନରେ ଅଧିକ ଥିବା ଜଣାଯାଇଛି।

ପରିବେଶ ବିଜ୍ଞାନୀଙ୍କ କହିବା ଅନୁଯାୟୀ, ସହରରେ ବହୁସଂଖ୍ୟକ ଗାଡ଼ିରୁ ନିର୍ଗତ ଧୂଆଁ, ଓ ସେଗୁଡ଼ିକର ଚଳାଚଳ ଯୋଗୁ ହେଉଥିବା ଧୂଳି, ଖୋଲାଯାନରେ ମାଲ ପରିବହନ, ନିର୍ମାଣ ସାମଗ୍ରୀ ବିକ୍ଷିପ୍ତ ଭାବେ ପକାଇବା ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି। ଡ୍ରେନ୍‌ରୁ ବାହାର କରାଯାଉଥିବା ଆବର୍ଜନାଗୁଡ଼ିକ ଶୁଖାଇବା ପାଇଁ ଦୀର୍ଘଦିନ ଧରି ରାସ୍ତା ପାର୍ଶ୍ୱରେ ପକାଇ ରଖାଯାଉଥିବା କାରଣରୁ ଧୂଳିକଣା ବାୟୁରେ ମିଶୁଛି। ଏଭଳି ପରିସ୍ଥିତି ନଭେମ୍ବରରୁ ମେ' ଯାଏ ଅଧିକ ହୋଇଥାଏ। ଏସବୁ ପ୍ରତି ସମସ୍ତେ ସଚେତନ ହେଲେ ପ୍ରଦୂଷଣକୁ କେତେକାଂଶରେ



ରୋକାଯାଇପାରିବ। ଡାକ୍ତରମାନଙ୍କ କହିବା ଅନୁଯାୟୀ ବାୟୁ ମଣ୍ଡଳରେ ଧୂଳିକଣାର ପରିମାଣ ବୃଦ୍ଧି ଘଟିଲେ ମଣିଷ ଶ୍ୱାସକ୍ରିୟାରେ ସେଗୁଡ଼ିକୁ ଗ୍ରହଣ କରିବ। ଏହାଦ୍ୱାରା ମୁଣ୍ଡବିନ୍ଧା, ଟିବି, ଆଜମା ଆଦି ଶ୍ୱାସଜନିତ ରୋଗ ହେବା ସହ ଶିଡ଼ି ଚଢ଼ିବା ବେଳେ ଧଇଁସଇଁ ହେବା ଭଳି ଅନେକ ପ୍ରକାର ରୋଗରେ ସହରୀ ଲୋକ ପୀଡ଼ିତ ହେଉଛନ୍ତି।

ପ୍ରଦୂଷଣ ନିୟନ୍ତ୍ରଣ ବାହାନାରେ ସାଧାରଣ ଜନତାଙ୍କ ଉପରେ ବିଭିନ୍ନ ବାଟରେ ସରକାର ଜରିମାନା ଲଗାଉଥିବାବେଳେ ପ୍ରଶାସନକୃତ ପରିବେଶ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। ବାୟୁ ପ୍ରଦୂଷଣ ପାଇଁ ଯାନବାହନ ଉପରେ ପ୍ରଦୂଷଣ ପ୍ରମାଣପତ୍ର ଆଳରେ ଜରିମାନା ଲାଗୁହେଉଛି, କିନ୍ତୁ ରାସ୍ତାରେ କେଉଁଠି ବହଳ ବହଳ ଧୂଳି ତ କେଉଁଠି ଆବର୍ଜନା ଗଦା ଗଦା ହୋଇ ସ୍ଥାନୀୟ ପରିବେଶକୁ ବିଷାକ୍ତ କରିଦେଉଛି। ଏ ବାବଦ ଯେଉଁ କ୍ଷତି ହେଉଛି ଏଥିନିମିତ୍ତ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହିତ ଦୁର୍ଘଟଣାରେ ମଧ୍ୟ ଧନ ଜୀବନ ହାନି ଘଟୁଛି। ଏ କ୍ଷତିପୂରଣ ସରକାର ଭରଣା କରିବା କଥା। ଏହା ବେଶ୍ ଭଲ ଭାବେ ସମସ୍ତଙ୍କୁ ଜଣା ଯେ ହଜାର ବର୍ଷର କଟକ ସହରର ବାୟୁ ମଣ୍ଡଳର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଗତ କିଛିଦିନ ତଳେ କଟକ ସିଡିଏକୁ ଯାଇଥିବାବେଳେ କୁହୁଡ଼ିର ଆଚ୍ଛନ୍ନ ପରିବେଶ ଫର୍ଚ୍ଚା ହେଲାବେଳକୁ ଦିନ ୧୨ଟା ପରେ। ଇଆଡ଼େ ସହରର ବାୟୁମଣ୍ଡଳରେ ଧୂଳି, ବାଲି ଓ ସୂକ୍ଷ୍ମକଣିକାର ମାତ୍ରା ବଢ଼ି ଚାଲିଥିବାରୁ ବାୟୁର ଗୁଣାତ୍ମକମାନ ବିଗିଡ଼ିଛି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସହରର ବାୟୁମଣ୍ଡଳର ଏକ୍ୟୁଆଇ ୧୮୦ରୁ ଆରମ୍ଭ କରି ୩୦୦ ପର୍ଯ୍ୟନ୍ତ ରହୁଛି, ଯାହାକି ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଘାତକ। କଟକ ସହରର ବାୟୁ ପ୍ରଦୂଷଣର କାରଣ ମୁଖ୍ୟତଃ ପ୍ରଶାସନକୃତ କହିଲେ ଅତ୍ୟୁକ୍ତି ହେବନାହିଁ। ଯାନବାହନଜନିତ ପ୍ରଦୂଷଣ ତ ହେଉଛି ତା' ସହିତ ସବୁଜ ବଳୟ ହ୍ରାସ ପାଉଛି। ବିଭିନ୍ନ ଘର ନିର୍ମାଣ ଓ ଘର ଭଙ୍ଗାର ଆବର୍ଜନା ଖୋଲାମେଲାରେ ରହୁଥିବାରୁ ବିଷାକ୍ତ ବାଷ୍ପ ନିର୍ଗତ ହେଉଛି। ଏସବୁ ବାୟୁ ମଣ୍ଡଳରେ ସୂକ୍ଷ୍ମକଣିକା, ଯାହାକୁ ନାନୋ ପାର୍ଟିକିଲ୍ ବା ଅଲଟ୍ରା ଫାଇନ ପାର୍ଟିକିଲ୍ ବୃଦ୍ଧିରେ ସହାୟକ ହୋଇ ପ୍ରାଣିଜଗତ ପ୍ରତି ବିପଦ ସୃଷ୍ଟି କରୁଛି। କଟକ ସହରରେ ଏବେ ବି ବାଲି, ମାଟି, କଠିନ ଆବର୍ଜନା ଖୋଲାରେ ପରିବହନ ହେଉଛି। ବିନା ପରିଶୋଧନରେ ତରଳ ଆବର୍ଜନା ଜଳାଶୟକୁ ଛଡ଼ା ଯାଉଛି। ଏ କ୍ଷେତ୍ରରେ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି ଘରର ଆବର୍ଜନା ଅଳିଆ ଗାଡ଼ିକୁ ନିଶ୍ଚିତ ଭାବରେ ଦେବା, ନିଜ ପରିବେଶ ଓ ଘରର ଚତୁଃପାର୍ଶ୍ୱକୁ ସଫାସୁତରା ରଖିବା, ଖୋଲା ପାଣିର ଅପଚୟ କରିବା ନାହିଁ । ପରିବେଶ ପାଇଁ ପ୍ରଶାସନ ମଧ୍ୟ ଠିକ୍ ଢଙ୍ଗରେ କାର୍ଯ୍ୟ କରିବା ସହିତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ଏନ୍‌ଜିଓ ତଥା ଅନୁଷ୍ଠାନମାନଙ୍କୁ ନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବା ମଧ୍ୟ ଜରୁରୀ।

ପୁରୁଣା ସୋନାରି, ଜାମସେଦପୁର
ମୋ: ୭୪୮୮୯୯୮୫୩୨

## ଏଇ ଭାରତରେ

ଦେଶର ଗ୍ରାମାଞ୍ଚଳରେ ଜଳ ସଙ୍କଟ ଦୂର କରିବା ପାଇଁ ସବୁ ଗାଁକୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯାଇଥିଲେ ମଧ୍ୟ ତାହା ଏବେ ସୁଦ୍ଧା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ପ୍ରଚାର ଯେଭଳି କରାଗଲା ସେହି ଅନୁଯାୟୀ ଫଳ ମିଳିଲା ନାହିଁ। ଏବେ ମଧ୍ୟ ଦେଶର ବହୁ ଗ୍ରାମ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଏହି କ୍ରମରେ ସରକାରଙ୍କ ବିଫଳତାକୁ ଦୂରକରିବା ପାଇଁ ପାନୀୟ ଜଳ ଯୋଗାଇ ଦେବା ସକାଶେ କେତୋଟି ବେସରକାରୀ ସଂସ୍ଥା ଉଦ୍ୟମ କରୁଛନ୍ତି। ସେମାନଙ୍କ ମଧ୍ୟରେ କୋଲକାତାର ମେଘଦୂତ ଫାଉଣ୍ଡେଶନର ପଦକ୍ଷେପ ଅନ୍ୟତମ, ଯାହା ଜୟଦୀପ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି। ଏହି ଫାଉଣ୍ଡେଶନ ପକ୍ଷରୁ ପଶ୍ଚିମବଙ୍ଗ ବୀରଭୂମ ଜିଲ୍ଲା ରାସପୁର ଗାଁରେ ଏକ ୱାଟର ଫିଲ୍‌ଟ୍ରେଶନ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ କମ୍ୟୁନିଟି ଟ୍ୟାପ୍ ମାଧ୍ୟମରେ ଲୋକଙ୍କୁ ପାଣି ଯୋଗାଇ ଦିଆଯାଉଛି। ଏହି ଗାଁରେ ୧୦୦ ପରିବାରରେ ରହୁଛନ୍ତି ୩୦୦୦ରୁ ଊର୍ଦ୍ଧ୍ୱ ଲୋକ । ଗାଁରେ ୱାଟର ଫିଲ୍‌ଟ୍ରେଶନ ପ୍ଲାଣ୍ଟ ନିର୍ମାଣ ହେବା ପୂର୍ବରୁ ମହିଳାମାନେ ଗାଁଠାରୁ ଦୂରରେ ଥିବା ଟ୍ୟୁବ୍‌ୱେଲରୁ ଆର୍ସେନିକ ଏବଂ ଅନ୍ୟ ସବୁ ପ୍ରଦୂଷିତ କଣିକା ଥିବା ପାଣି ଆଣି ପିଉଥିଲେ ଏବଂ ଅନେକ ସମୟରେ ରୋଗରେ ପୀଡ଼ିତ ହେଉଥିଲେ। ଏବେ ଗ୍ରାମବାସୀ ଦିନକୁ ଦୁଇଥର ୱାଟର ଫିଲ୍‌ଟ୍ରେଶନ ପ୍ଲାଣ୍ଟରୁ ପିଇବା ପାଣି ନେଉଛନ୍ତି। ଏଭଳି ପଦକ୍ଷେପ ଦେଶର ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂରକରିବା ସକାଶେ ଏକ ନୂଆ ରାସ୍ତା ଦେଖାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୩୧ ଜାନୁଆରୀ ୧୯୭୭**

- ରାଜ୍ୟରେ ଜନତା ଦଳ ପକ୍ଷରୁ 'ଯୁବ ଜନତା' ନାମରେ ଏକ ଯୁବ ସଙ୍ଗଠନ ଗଠନ କରାଯାଇଛି।
- ଇଜିପ୍ଟରେ ଦରଦାମ ବୃଦ୍ଧିକୁ କେନ୍ଦ୍ର କରି ତୁମୁଳ ଦଙ୍ଗାଗୋଳ ଘଟି ୭୮ ଜଣଙ୍କ ମୃତ୍ୟୁ।
- ଚୀନ ଓ ପାକିସ୍ତାନ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଫୁଡ୍ ବ୍ଲଗ୍ ଉପରେ ନିୟନ୍ତ୍ରଣ ନାହିଁ

ମହାଶୟ,

କଟକ, ଭୁବନେଶ୍ୱର ଭଳି ସହରରେ ଖାଦ୍ୟକୁ ନେଇ ଭିଡିଓ ପ୍ରସ୍ତୁତ କରୁଥିବା କ୍ରିଏଟରଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଟୁଇନସିଟିରେ ପ୍ରାୟ ଶହେରୁ ଅଧିକ ଫୁଡ ବ୍ଲଗର ଏବେ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ହୋଟେଲ, ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି ଷ୍ଟ୍ରିଟ ଫୁଡ୍ ଯାଏ ସବୁଠି ପହଞ୍ଚି ଏମାନେ ଭିଡିଓ କରିଥାନ୍ତି। ଏହାର ଏକ ସକାରାତ୍ମକ ଦିଗ ରହିଛି। ଏମାନଙ୍କ ସୂଚନା ଆଧାରରେ ସାଧାରଣ ଲୋକେ କୌଣସି ନିର୍ଦ୍ଦିଷ୍ଟ ହୋଟେଲ, ରେଷ୍ଟୁରାଣ୍ଟ ବା ଷ୍ଟ୍ରିଟ ଫୁଡ ଷ୍ଟଲ ଉପରେ ବିସ୍ତୃତ ସୂଚନା ପାଇପାରୁଛନ୍ତି। ମୂଲ୍ୟ କେତେ, ଟେଷ୍ଟ କେମିତି, କେତେ ଭେରାଇଟି ଉପଲବ୍ଧ ସହ ବିଭିନ୍ନ ସୂଚନା ଲୋକେ ମୋବାଇଲ ମାଧ୍ୟମରେ ପାଇପାରିଥାନ୍ତି। କଣ୍ଟେଣ୍ଟ କ୍ରିଏଟରମାନେ ଖାଦ୍ୟପେୟ ପ୍ରସ୍ତୁତ କରୁଥିବା ବ୍ୟବସାୟୀଙ୍କ ଲାଗି ପ୍ରଚାର ପ୍ରସାର ଭିଡିଓ କରୁଛନ୍ତି। କିନ୍ତୁ ବ୍ୟବସାୟୀମାନେ କେତେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ସେ ଦିଗରେ ପ୍ରାୟ କାହାର ନିଘା ରହୁନାହିଁ। ତେବେ ଯେଉଁ ଭିଡିଓ ପ୍ରସ୍ତୁତ କରୁଛନ୍ତି ଭିଡିଓରେ ଅନେକ କଣ୍ଟେଣ୍ଟ କ୍ରିଏଟର ଏହା ବିଜ୍ଞାପନ ପ୍ରଚାରଧର୍ମୀ ବା ପ୍ରାୟୋଜିତ ଭିଡିଓ ବୋଲି ଉଲ୍ଲେଖ କରୁନାହାନ୍ତି। ଫଳରେ ଲୋକେ ଏହାକୁ ଦେଖି ପ୍ରଭାବିତ ହେବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ଖାଉଛନ୍ତି କି ନାହିଁ ତାହା ଜାଣୁ ନାହାନ୍ତି। ବ୍ଲଗରମାନେ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ପୂର୍ବରୁ ରିଏଲିଟି ଚେକ କରନ୍ତୁ। ବ୍ୟବସାୟ କେତେ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ଦେଖି ଭିଡିଓ କରନ୍ତୁ।

-ଶ୍ୟାମସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ

### ଚିରନ୍ତନୀ

ଚମକି ମରମତଳେ
ଚାହେଁ ମୁଁ ନିରେଖି
ଜୀର୍ଣ୍ଣ ବିକଳ ପ୍ରାଣେ
ଛୁଇଁଗଲା ସେ କି ?
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ବିଶ୍ୱପ୍ରସିଦ୍ଧ ମାଘମେଳା

### ସନ୍ଧ୍ୟା ୫ଟାରେ ଜଳିବ ଖାଡ଼ଦୀପ

ଢେଙ୍କାନାଳ,୩୦।୧(ରତନ ନାୟାର)

ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପୀଠ ଢେଙ୍କାନାଳ ଜିଲାର ଯୋରନ୍ଦାଠାରେ ପ୍ରସିଦ୍ଧ ମାଘମେଳା ଶନିବାରଠାରୁ ଆରମ୍ଭ ହେଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ସନ୍ଧ୍ୟା ୫ଟାରେ ଖାଡ଼ଦୀପ ପ୍ରଜ୍ୱଳିତ ହେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ନେପାଳ, ଗୁଜରାଟ, ଆସାମ, ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରୁ ମହିମା ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଚଳିତବର୍ଷ ମାଘମେଳା ୧୫୩ ବର୍ଷରେ ପହଞ୍ଚିଛି। ସେହିପରି ମହିମା ସ୍ୱାମୀଙ୍କ ଆବିର୍ଭାବର ୨୦୦ ବର୍ଷ ପୂର୍ତ୍ତି ହୋଇଥିବା ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ କହିଛନ୍ତି। ପ୍ରସିଦ୍ଧ ମାଘମେଳା ଅବସରରେ ମହିମା ପୀଠରେ ଗାଦି ମନ୍ଦିର, ବତି ମନ୍ଦିର, ଧୁନୀ ମନ୍ଦିର ଓ ଶୂନ୍ୟ ମନ୍ଦିର ଆଦିରେ ଖାଡ଼ଦୀପ ପ୍ରଜ୍ୱଳିତ ହେବ। ସମଗ୍ର ବିଶ୍ୱ ଓ ଜୀବଜଗତର ମଙ୍ଗଳ କାମନା ପାଇଁ ମହିମା ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁମାନେ ଘୃତାହୁତି କରିବେ। ଚଳିତବର୍ଷ ମେଳା ଅବସରରେ ୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋରନ୍ଦା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିବେ ବୋଲି ଜଣାପଡିଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର ଯୋରନ୍ଦାରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି।


ମହିମାପୀଠ ଯୋରନ୍ଦା

# ସବୁ ଧାନ କିଣାଯିବ: ଯୋଗାଣ ମନ୍ତ୍ରୀ

ଭଦ୍ରକ,୩୦।୧(ସନାତନ ରାଉତ)

ସମସ୍ତ ଚାଷୀଙ୍କ ଧାନ କିଣାଯିବ। କୌଣସି ଗୋଟିଏ ବି ଟୋକନ ଲାପ୍ସ ହେବ ନାହିଁ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଏହା କହିବା ସହ ଧାନକିଣା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଚଳିତବର୍ଷ ଧାନକିଣାରେ ସାମାନ୍ୟ ବିଳମ୍ବ ହୋଇଛି। ଭଦ୍ରକ ଜିଲାରେ ଧାନ ଉତ୍ପାଦନ ଅଧିକ ରହିଥିବା ବେଳେ ମିଲ୍ କମ୍ ରହିଛି। ବାହାର ଜିଲାର ମିଲରଙ୍କୁ ଧାନକିଣାରେ ନିୟୋଜିତ କରାଯାଇଛି। ସେମାନେ ନିଜ ଜିଲାରେ ଧାନ କିଣି ସାରିବା ପରେ ଭଦ୍ରକରୁ ଧାନ କିଣିବେ। ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଧାନ ବିକ୍ରି ଟଙ୍କା ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ଫଳାଫଳ ପ୍ରକାଶ ଉପରେ ହାଇକୋର୍ଟଙ୍କ ରହିତାଦେଶ

### କଣ୍ଡରେଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଆଠଗଡ଼,୩୦।୧(ସତ୍ୟପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ବ୍ଲକ କଣ୍ଡରେଇ ପଞ୍ଚାୟତ ସରପଞ୍ଚ ଜ୍ଞାନରଞ୍ଜନ ଦାଶଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ମାତ୍ର ଏହାର ଫଳାଫଳ ପ୍ରକାଶ ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରହିତାଦେଶ ଜାରି କରିଛନ୍ତି। ଆବେଦନକାରୀ ସରପଞ୍ଚ ଦାଶଙ୍କ ପିଟିଶନକୁ ଗ୍ରହଣକରି ବିଚାରପତି ଭି. ନରସିଂହ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଅଦାଲତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ଯେ, ପ୍ରଶାସନ ପକ୍ଷରୁ ଡକାଯାଇଥିବା ସ୍ୱତନ୍ତ୍ର ବୈଠକରେ ଏ ସମ୍ପର୍କରେ ଆଲୋଚନା କରିପାରିବେ, ଭୋଟ କରାଇପାରିବେ, ମାତ୍ର ଅଦାଲତର ପୁନଃ ନିର୍ଦ୍ଦେଶ ପର୍ଯ୍ୟନ୍ତ ଫଳାଫଳ ଘୋଷଣା କରିପାରିବ ନାହିଁ। ଶୁକ୍ରବାର ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ନୋଟିସ ଅନୁଯାୟୀ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ରହି କଣ୍ଡରେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଅଧିବେଶନ ପରିଚାଳନା କରିଥିଲେ। ମାତ୍ର ସେଠାରେ ଉପସ୍ଥିତ ସରପଞ୍ଚ ଓ ତାଙ୍କ ସମର୍ଥକମାନେ କେତେକ ଆବଶ୍ୟକ କାଗଜାତ ପାଇଁ ଲିଖିତ ଭାବେ ଦରଖାସ୍ତ କରିଥିଲେ। କିନ୍ତୁ ତହସିଲଦାର ତାହା ଦେବା ପାଇଁ ଅନିଚ୍ଛା ପ୍ରକାଶ କରିବାରୁ ସରପଞ୍ଚ ଓ ତାଙ୍କ ସମର୍ଥକ ୱାର୍ଡମେମ୍ବରମାନେ ଅଧିବେଶନକୁ ବର୍ଜନ କରିଥିଲେ।

# ଅଭୟାରଣ୍ୟ ପାଦଦେଶରୁ ୩ ଶିକାରୀ ଗିରଫ

### ଧରାପଡ଼ିଲେ ବଜ୍ରକାପ୍ତା ବେପାରୀ

ନୀଳଗିରି, ୩୦।୧
(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି କୁଲଡିହା ଅଭୟାରଣ୍ୟ ପାଦଦେଶ ଅଞ୍ଚଳରୁ ୨ ଜଣ ବଜ୍ରକାପ୍ତା କାତି ବେପାରୀଙ୍କୁ ଗତ ୨୨ ତାରିଖରେ ଗୋହିରା ଛକ ନିକଟରେ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ଆଉ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମାତ୍ର ୪ଟି କାତି ସହିତ ୩ଟି ଛୁରୀ ସହ ମୋବାଇଲ ଜବତ କରାଯାଇଥିବା କୁଲଡିହା ରେଞ୍ଜର ସୁବ୍ରତ ବେହେରାଙ୍କ ସୂଚନା ଦେଇଛନ୍ତି। ଏନେଇ କୁଲଡିହା ବନବିଭାଗ ପକ୍ଷରୁ ମାମଲା(ନଂ. ୧୭କେ ୨୦୨୫/୨୬) ରୁଜୁ କରାଯାଇଛି।



ଗିରଫ ଶିକାରୀ ଓ ଜବତ ସାମଗ୍ରୀ।

# ଉଷା ପାଢ଼ୀଙ୍କ ସମେତ ୪ ଅଧିକାରୀଙ୍କ ନିଃସର୍ତ୍ତ କ୍ଷମାପ୍ରାର୍ଥନା

### ହାଇକୋର୍ଟରେ ଅଦାଲତ ଅବମାନନା ମାମଲା

କଟକ,୩୦।୧(କାର୍ତ୍ତିକ ସାହୁ)

ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ୪ଜଣ ଅଧିକାରୀଙ୍କ ବିରୋଧରେ ଆଗତ ଅଦାଲତ ଅବମାନନା ମାମଲାରେ ସଭିଏ ଶୁକ୍ରବାର ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଅନ୍ୟମାନେ ହେଲେ ଓଡ଼ିଶା ପୌର ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ, ଟାଉନ ପ୍ଲାନିଂ ସ୍ୱତନ୍ତ୍ର ସଚିବ ତଥା ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର, ଆଠଗଡ଼ ସ୍ୱତନ୍ତ୍ର ପ୍ଲାନିଂ କର୍ତ୍ତୃପକ୍ଷ ତଥା କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ। ଆବେଦନକାରିଣୀଙ୍କୁ ୨୦୧୪ ମସିହାରୁ ନୂତନ ବେତନ ହାରରେ ଦରମା ଦେବା ସହ ଚାକିରି ସମ୍ବନ୍ଧୀୟ ସମସ୍ତ ସୁବିଧା ପ୍ରଦାନ ପାଇଁ ଆଦେଶ ଜାରି କରାଯାଇଛି ବୋଲି ପ୍ରମୁଖ ଶାସନ ସଚିବ ପାଢ଼ୀ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଓ ବିଚାରପତି ଏମ. ଏସ. ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରି ଅଦାଲତ ଅବମାନନା ମାମଲାରୁ ସମସ୍ତଙ୍କୁ ମୁକ୍ତ କରିଛନ୍ତି।

ସୂଚନାନୁସାରେ, ପିଲୋନା ମହାନ୍ତି ନାମକ ମହିଳା ୧୯୯୩ ଏପ୍ରିଲ ୨ରେ ଡି.ଏଲ.ଆର୍ ଭାବେ ଆଠଗଡ଼ ସ୍ପେଶାଲ ପ୍ଲାନିଂ ଅଥରିଟି ଅଫିସରେ ଯୋଗଦେଇଥିଲେ। କେତେଜଣ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ସେମାନଙ୍କ ଏକ ତାଲିକା ଗୃହ ଓ ନଗର ଉନ୍ନୟନ ସଚିବଙ୍କ ନିକଟକୁ ପଠାଯାଇଥିଲା। ମାତ୍ର ଆବେଦନକାରିଣୀ ସେଥିରୁ ବାଦ୍ ପଡ଼ିଥିଲେ। ମାତ୍ର ଅନ୍ୟ ସମସ୍ତ କର୍ମଚାରୀଙ୍କୁ ନିୟମିତ କରାଯାଇଥିଲା। କାରଣ ସମ୍ପର୍କରେ ଅନୁଧ୍ୟାନ କରିବା ପରେ ଆବେଦନକାରିଣୀଙ୍କୁ ୧୯୯୩ ଜୁଲାଇ ୧୫ରୁ ୧୯୯୪ ଏପ୍ରିଲ ୨୯ ପର୍ଯ୍ୟନ୍ତ ଚାକିରିରୁ ଅନ୍ତର କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ତାଙ୍କୁ ପୁନଃନିଯୁକ୍ତି କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଆଦେଶ ଜାରି କରାଯାଇଥିଲା। ମାତ୍ର ଏହାକୁ ସରକାରଙ୍କ ପକ୍ଷରୁ ଖାରଜ କରିଦିଆଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ମାମଲା ଶୁଣାଣି କରି ଆବେଦନକାରିଣୀଙ୍କ ଲିଖିତ ଆବେଦନପତ୍ରର ବିଚାର ୩ ମାସ ମଧ୍ୟରେ କରିବାକୁ ଗୃହ ଓ ନଗର ଉନ୍ନୟନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସଚିବ ଆବେଦନକାରିଣୀଙ୍କ ଆବେଦନପତ୍ରକୁ ରଦ୍ଦ କରିଦେଇଥିଲେ। ଫଳରେ ଆବେଦନକାରିଣୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଜଣିକିଆ ପୀଠ ଆବେଦନର ଶୁଣାଣି କରି ଆବେଦନକାରିଣୀଙ୍କୁ ଏକ ମାସ ମଧ୍ୟରେ ନିୟମିତ କରି ଚାକିରି ସମ୍ବନ୍ଧୀୟ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କ ଆଦେଶକୁ ଚାଲେଞ୍ଜ କରି ଏକ ରିଟ୍ ଅପିଲ ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ହାଇକୋର୍ଟ ରିଟ୍ ଅପିଲକୁ ଖାରଜ କରି ୮ ସପ୍ତାହ ମଧ୍ୟରେ ପୂର୍ବରୁ ହାଇକୋର୍ଟଙ୍କ ଜଣିକିଆ ପୀଠ ଦେଇଥିବା ରାଏକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜ୍ୟ ସରକାର ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ ନ କରିବାରୁ ଆବେଦନକାରିଣୀ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ଶ୍ରମିକ ମୃତ୍ୟୁ ଘଟଣା: ସ୍ୱାମୀଙ୍କ ବିୟୋଗ ପରେ ସ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ଚୌଦ୍ୱାର,୩୦।୧(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବାଣୀପଦା ପଞ୍ଚାୟତ ଟାଙ୍ଗୁଡ଼ିଆ ଗ୍ରାମର ରାକେଶ ମୁଦୁଲି ନାମକ ଶ୍ରମିକଙ୍କ ଗତ ବୁଧବାର ସ୍ଥାନୀୟ ଇଞ୍ଚା କାରଖାନା ଭିତରେ ଉପର ଅଂଶରେ ୱେଲଡିଂ କାର୍ଯ୍ୟ କରୁଥିବାବେଳେ ହଠାତ୍ ତଳକୁ ଖସିପଡ଼ି ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସ୍ୱାମୀଙ୍କୁ ହରାଇ ରାକେଶଙ୍କ ସ୍ତ୍ରୀ ବନୀତା ପାଗଳପ୍ରାୟ ହୋଇଛନ୍ତି। ଗତ ୩ ଦିନ ହେଲା ବନୀତା ଖାଇବା ପିଇବା ଛାଡ଼ିଦେଇଥିବାବେଳେ ଶୁକ୍ରବାର ସକାଳେ ସେ ମାନସିକ ଭାରସାମ୍ୟ ହରାଇ ଘର ଭିତରେ ବେକରେ ଶାଢ଼ି ବାନ୍ଧି ପଙ୍ଖାରେ ଝୁଲି ପଡ଼ିଥିଲେ। ସେ ଘର କବାଟ ବନ୍ଦ କରିଦେଇଥିବାରୁ ପାଖ ଘରେ ପଢିବା କାରୁଥିବା ତାଙ୍କ ନଣନ୍ଦ ତୁରନ୍ତ ପରିବାର ଲୋକଙ୍କୁ ଡାକ ପକାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇଯିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଛି। ସୂଚନାଯୋଗ୍ୟ, ଗତ ୬ ମାସ ତଳେ ବିବାହ କରି ନୂଆ ଘରସଂସାର ଆରମ୍ଭ କରିଥିବା ବନୀତା ଏବେ ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିଛି। ସ୍ୱାମୀଙ୍କୁ ହରାଇ ଦୁଃଖ ସହି ନ ପାରିବା ଓ ଅସହାୟ ହୋଇଯିବା ଫଳରେ ସେ ଏଭଳି ପଦକ୍ଷେପ ନେଇଥିବା ଆଲୋଚନା ହେଉଛି।

# ବୋହୂଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ

ଆନନ୍ଦପୁର,୩୦।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ପଦ୍ମପୁର ଗ୍ରାମରେ ବୋହୂଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ ହୋଇଛି। ବୋହୂ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହୋଇ ଫେରିବା ପରେ ଏହି ଘଟଣା ସମ୍ପର୍କରେ କହିଛନ୍ତି। ଶାଶୁଘର ଲୋକେ ହତ୍ୟା ଉଦ୍ୟମ କରିଥିବା ନେଇ ମହିଳାଙ୍କ ବାପା ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଘଷିପୁରା ଥାନା ବେଲବାହାଳି ଗ୍ରାମର ଗୋଲାପମଞ୍ଜରୀ ସାହୁ ପଦ୍ମପୁର ଗ୍ରାମର ରାଜେଶ ସାହୁଙ୍କୁ ୭ ବର୍ଷ ପୂର୍ବେ ବିବାହ କରିଥିଲେ। ଗତ ଡିସେମ୍ବର ୨୫ରେ ଗୋଲାପଙ୍କୁ ଘର ଭିତରେ କବାଟ ଦେଇ ପୋଡ଼ି ମାରିବାକୁ ଶାଶୁ, ଶ୍ୱଶୁର ଓ ସ୍ୱାମୀ ଉଦ୍ୟମ କରିଥିଲେ। ଗୋଲାପଙ୍କ ଶରୀରର ଅନେକ ଅଂଶ ପୋଡ଼ିଯାଇଥିଲା।


# Classified Everyday

0674-2580101, 9692975378


REAL ESTATE

SALE

ପୁରୀ ଅଠରନଳା ଛକଠାରୁ ୧୦୦ମିଟର ମଧ୍ୟରେ ୫ଟି ସ୍ଥିତିବାନ ବାସଘରଯୋଗ୍ୟ ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 8917271741/ 6371040227 ଉକ୍ତ ପ୍ଲଟ୍‌କୁ ଲାଗି ୧୨ଟି ଆପାର୍ଟମେଣ୍ଟ ତିଆରି କରାଯାଇ ବିକ୍ରି ହେବ। Studio apartment approximate 380sqft- 14ଲକ୍ଷ, 1BHK approximate 550sqft. 19ଲକ୍ଷ। ଯୋଗାଯୋଗ- 9040622080. D-76954

Odisha's First Resort Property (GMA & PCP) @10,00,000. Contact- 9938517146. D-3247

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

2482Sqft. individual ଘରବାରି ପଟ୍ଟା yellowzone NH to 100mtr CV Raman College ଛକରେ ବିକ୍ରି ହେବ। 9776866520. D-3248

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା **Sum-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **SC general plot** କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **9658562429.** D-3194


CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

## AFFIDAVIT

I, Ritwik Nayak, S/o.- Lt Mr. Shubhendu Kumar Nayak & Lt Mrs. Prasannera Nayak, have changed my name from Ritwik Kashyap to Ritwik Nayak for all future purposes. D-3242

I, Hitherto known as Lukunath Khila, S/o. Rabi Khila, R/o. At- Lamataput, Deulapada, Koraput, Lamtaput, Odisha-764081 have changed my name and shall hereafter be known as Lokanath Khila for all future purposes. D-3243

By virtue of an affidavit sworn before the Notary Public, Sonepur, Dtd.- 21.01.26, I, Jyotirmayee Tripathy, D/o.- Dhirendra Tripathy, R/o. P.O.- Jaloe, P.S.- Birmaharajpur, Dist.- Subarnapur declare that I have changed my name and DOB from JYOTRIMAYEE TRIPATHI, DOB- 14.06.2001 to JYOTIRMAYEE TRIPATHY, DOB- 10.01.2001. Henceforth, I shall be known as JYOTIRMAYEE TRIPATHY, DOB- 10.01.2001 for all purposes.
JYOTIRMAYEE TRIPATHY D-3244

By virtue of an affidavit dtd. 01.08.2025 sworn before Executive Magistrate, Bhadrak, I, Mina Rani Laha, D/o- Laxmidhar Laha, Vill: Santhia, Nilakanthapur, P.S.- Purunabazar, P.O./ Dist.- Bhadrak, Odisha, PIN- 756101 declare that I have changed my name from Ayusha Laha to Mina Rani Laha. Henceforth, I shall be known as Mina Rani Laha for all future purposes. D-3251

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

Letter No.- 131, Date- 30.01.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪,
ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର ୧୦୯୨/୨୦୨୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଅମଳ କୁମାର ମିତ୍ର ..........ବାଦୀ

ବନାମ

ରମେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟମାନେ ........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ.- ୧. ରମେଶ ଚନ୍ଦ୍ର ମହାନ୍ତି, ପିତା- ସ୍ୱର୍ଗତ ଅଗାନି ମହାନ୍ତି, ୪. ଦୁଃଖିଶ୍ୟାମ ମହାନ୍ତି, ପିତା- ସ୍ୱର୍ଗତ ନେତ୍ରାନନ୍ଦ ମହାନ୍ତି, ୬. ପ୍ରଫୁଲ୍ଲ ମହାନ୍ତି, ପିତା- ସ୍ୱର୍ଗତ କାହ୍ନୁ ଚରଣ ମହାନ୍ତି, ୭. ରାମଚନ୍ଦ୍ର ମହାନ୍ତି, ପିତା- ସ୍ୱର୍ଗତ ନରହରି ମହାନ୍ତି, ୮. ଲକ୍ଷ୍ମଣ ମହାନ୍ତି, ପିତା- ସ୍ୱର୍ଗତ ସଦାଶିବ ମହାନ୍ତି, ୯. ଭ୍ରମରବର ମହାନ୍ତି, ୧୦. ପଦ୍ମ ଚରଣ ମହାନ୍ତି, ୧୧. ଅଗାଧୁ ମହାନ୍ତି, ୧୨. ରାଧାଶ୍ୟାମ ମହାନ୍ତି, ୧୩. କେଲୁଚରଣ ମହାନ୍ତି, ୧୪. ବଂଶୀଧର ମହାନ୍ତି, ପ୍ରତିବାଦୀ ନଂ ୯ ରୁ ୧୪ ଙ୍କ ପିତା- ସ୍ୱର୍ଗତ ହୃଷୀକେଶ ମହାନ୍ତି, ୧୫. ରତ୍ନାକର ମହାନ୍ତି, ପିତା- ନାରାୟଣ ମହାନ୍ତି, ୧୬. ପ୍ରତାପ ଚନ୍ଦ୍ର ମହାନ୍ତି, ପିତା- ଗୋଲେଖ ଚନ୍ଦ୍ର ମହାନ୍ତି, ୧୭. ବର୍ଣ୍ଣମାଳା ମହାନ୍ତି, ପିତା- ସ୍ୱର୍ଗତ ଉଗ୍ରସେନ ମହାନ୍ତି, ୧୮. ଝରଣାବାଳା ମହାନ୍ତି, ପିତା- ସ୍ୱର୍ଗତ ଉଗ୍ରସେନ ମହାନ୍ତି, ୨୧. ଧୀରୁପମା ମହାନ୍ତି, ପିତା- ସ୍ୱର୍ଗତ ଅଟଳ ବିହାରୀ ମହାନ୍ତି, ୨୨. ଉରପମା ମହାନ୍ତି, ପିତା- ସ୍ୱର୍ଗତ ଅଟଳ ବିହାରୀ ମହାନ୍ତି, ପ୍ରତିବାଦୀମାନଙ୍କ ଗ୍ରାମ- ଗୋଠପାଟଣା, ପୋଷ୍ଟ- ମାଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା,ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା. ୦୯।୦୩।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା - ଚନ୍ଦକା, ମୌଜା- ଗୋଠପାଟଣା ସାବକ: ଖାତା ନମ୍ବର- ୮୪, ପ୍ଲଟ୍ ନମ୍ବର- ୪୦୫, କିସମ- ପତିତ, ରକବା- ଏ୦.୧୧୯ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୨୯୩, ପ୍ଲଟ୍ ନମ୍ବର- ୧୮୯୭, କିସମ- ବାଗାୟତ- ୨, ରକବା- ଏ ୦.୧୨୧ ଡେସିମିଲ ରୁ ଏ ୦.୧୧୯ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧୀକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୨୪୯


## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବଂଶୀଧର ମିଶ୍ର
ଗୋପୀନାଥପୁର ଶାସନ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୨୪।୧୧।୧୯୩୯
ତିରୋଧାନ: ୨୦।୦୧।୨୦୨୬
ଆପଣଙ୍କ ଅମର ଆତ୍ମା ଶାନ୍ତି, ସଦ୍‌ଗତି ଲାଭ କରୁ, ଏହାହିଁ ପ୍ରଭୁ ଗୁରୁଦେବଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ-
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୨୫୦

# ଜୋକୋଭିଚ୍-ଅଲ୍‌କାରାଜ ଫାଇନାଲ

**ଅଷ୍ଟ୍ରେଲିଆନ ଓପନ ଟେନିସ**

**ମେଲବୋର୍ନ, ୩୦।୧ (ପି.ଟି.)**

ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲ ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଓ ବିଶ୍ୱର ନମ୍ବର ୱାନ ସ୍ପେନର କାର୍ଲୋସ ଅଲ୍‌କାରାଜଙ୍କ ମଧ୍ୟରେ ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଜୋକୋଭିଚ୍ ଗତଥରର ଚାମ୍ପିୟନ ଜାନିକ୍ ସିନରଙ୍କୁ ୩-୬, ୬-୩, ୪-୬, ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଜୋକୋଭିଚ୍ ଏଠାରେ ତାଙ୍କର ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତିବା ଲକ୍ଷ୍ୟରେ ଅଛନ୍ତି। ୨୨ବର୍ଷୀୟ ଅଲ୍‌କାରାଜ ପୂର୍ବରୁ ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ପ୍ରଥମ ସେମିଫାଇନାଲରେ ବିଶ୍ୱର ୩ ନମ୍ବର ତଥା ୨୦୨୫ ରନରଅପ୍ ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ୬-୪, ୭-୬ (୫), ୬-୭ (୩), ୬-୭ (୪), ୭-୫ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୀର୍ଘ ୫ଘଣ୍ଟା ୨୭ମିନିଟ ଧରି ଚାଲିଥିଲା। ୨୦୨୬ ଟୁର୍ନାମେଣ୍ଟରେ ସେଣ୍ଟର କୋର୍ଟରେ ଏହା ଥିଲା ପ୍ରଥମ ୫ ସେଟ୍ ବିଶିଷ୍ଟ ମ୍ୟାଚ। ଏଥିରେ ଦର୍ଶକଙ୍କ ମହଲରୁ ଅଲ୍‌କାରାଜଙ୍କୁ ସମର୍ଥନ ମିଳିଥିଲା। ସ୍ପାନିଶ ଖେଳାଳିଙ୍କୁ ଏହା ସହାୟକ ହୋଇଥିଲା। ଏହି ୨୨ବର୍ଷୀୟ ସର୍ବକନିଷ୍ଠ ଖେଳାଳି ଭାବେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିବା ଲକ୍ଷ୍ୟ ରଖିଛନ୍ତି।


ସେମିଫାଇନାଲ ଜିତିବାପରେ ଉଲ୍ଲସିତ କାର୍ଲୋସ ଅଲକାରାଜ।

## ଓଲିଭିଆ-ଜନ୍‌ଙ୍କୁ ମିକ୍ସଡ ଡବଲ୍ସ ଟାଇଟଲ

ଫ୍ରେଞ୍ଚ ଯୋଡ଼ି କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଓ ମାନୁଏଲ ଗୁଇନାର୍ଡଙ୍କୁ ୪-୬, ୬-୩, ୧୦-୮ ସେଟ୍‌ରେ ହରାଇ ଓଲିଭିଆ ଗାଡେକି ଓ ଜନ୍ ପିଅର୍ସ ଅଷ୍ଟ୍ରେଲିଆନ ଓପନ ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି। ୧୯୮୯ ପରେ ଏଠାରେ କ୍ରମାଗତ ଦୁଇଥର ମିକ୍ସଡ ଡବଲ୍ସ ଚାମ୍ପିୟନ ହେବାରେ ସେମାନେ ହେଉଛନ୍ତି ପ୍ରଥମ ଯୋଡ଼ି। ସୂଚନାଯୋଗ୍ୟ, ମ୍ଲାଡେନୋଭିଚ୍ ତାଙ୍କର ୪ର୍ଥ ଗ୍ରାଣ୍ଡସ୍ଲାମ ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଲକ୍ଷ୍ୟରେ ଥିଲେ। ସେ ନେଷ୍ଟରଙ୍କୁ ତାଙ୍କ ପାର୍ଟନର କରି ୨୦୧୩ରେ ୱିମ୍ବଲଡନ ଏବଂ ୨୦୧୪ରେ ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ୨୦୨୨ରେ ସେ ଇଭାନ ଡୋଗିଗ୍‌ଙ୍କୁ ସାଥୀ କରି ଅଷ୍ଟ୍ରେଲିଆନ ଓପନ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ। ଏହାଛଡ଼ା ସେ ୬ ମହିଳା ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି।


ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ନୋଭାକ୍ ଜୋକୋଭିଚ୍।

## ଏଲିମିନେଟରରେ ଗୁଜରାଟ ଜାଏଣ୍ଟ୍ସ

**ଭଦୋଦରା, ୩୦।୧ (ପି.ଟି.)**

ମୁମ୍ବାଇ ଇଣ୍ଡିଆନ୍ସକୁ ୧୧ ରନରେ ହରାଇ ଗୁଜରାଟ ଜାଏଣ୍ଟ୍ସ ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ର ଏଲିମିନେଟର ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅଧିନାୟିକା ଆସଲେ ଗାର୍ଡନର (୪୬) ଓ ଜର୍ଜିଆ ୱେରହାମ (୪୪)ଙ୍କ ଦୃଢ଼ ବ୍ୟାଟିଂ ଫଳରେ ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୧୬୭ ରନ କରିଥିଲା। ଜବାବରେ ଅଧିନାୟିକା ହରମନପ୍ରିତ କୌରଙ୍କ ସାହସିକ ୮୨* ରନ ସତ୍ତ୍ୱେ ମୁମ୍ବାଇ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୫୬ ରନରେ ସୀମିତ ରହିଯାଇଥିଲା। ଡବ୍ଲୁପିଏଲ୍‌ରେ ମୁମ୍ବାଇ ବିପକ୍ଷରେ କ୍ରମାଗତ ୮ ପରାଜୟ ପରେ ଏହାଥିଲା ଗୁଜରାଟର ପ୍ରଥମ ବିଜୟ। ମୁମ୍ବାଇ ଏବେ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ୟୁପି ୱାରିଅର୍ଜ ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବ। ଦିଲ୍ଲୀ ଜିତିଲେ ଏଲିମିନେଟର ଖେଳିବ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ଫାଇନାଲରେ ପ୍ରବେଶ କରି ସାରିଛି।

## ସାମସନ, ଅକ୍ଷରଙ୍କ ଉପରେ ନଜର

**ଭାରତ-ନ୍ୟୁଜିଲାଣ୍ଡ ୫ମ ଟି୨୦ ଆଜି**

**ଥିରୁଭାନନ୍ତପୁରମ୍, ୩୦।୧ (ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ସିରିଜର ୫ମ ତଥା ଅନ୍ତିମ ଟି୨୦ ମ୍ୟାଚ ଶନିବାର ଅନୁଷ୍ଠିତ ହେବ। ଟି୨୦ ବିଶ୍ୱକପ ପୂର୍ବରୁ ସିରିଜର ଅନ୍ତିମ ମ୍ୟାଚ ହୋଇଥିବାରୁ ଏହାର ଗୁରୁତ୍ୱ ବଢ଼ିଛି। ସଞ୍ଜୁ ସାମସନଙ୍କ ଫର୍ମ ଏବଂ ଅକ୍ଷର ପଟେଲଙ୍କ ଫିଟ୍‌ନେସ ଉପରେ ବିଶେଷ କରି ନଜର ରହିବ। ପ୍ରଥମ ୩ଟି ମ୍ୟାଚ ଜିତି ଭାରତ ସିରିଜ ଜିତିସାରିଥିବାରୁ ୪ର୍ଥ ମ୍ୟାଚରେ ପରୀକ୍ଷା ନିରୀକ୍ଷା କରି ୫ ଫ୍ରଣ୍ଟଲାଇନ୍ ବୋଲରଙ୍କୁ ନେଇ ଖେଳିଥିଲା। ଏହା ଯଦିଓ ଭଲ ଫଳ ଦେଇପାରି ନ ଥିଲା ତେବେ ଆଗାମୀ ମ୍ୟାଚରେ ମଧ୍ୟ ପରୀକ୍ଷା ଜାରି ରହିବା ସମ୍ଭାବନା ରହିଛି। ଗତ ୨ଟି ମ୍ୟାଚରେ ବିଶ୍ରାମ ନେଇଥିବା ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଆଗାମୀ ମ୍ୟାଚରେ ସୁଯୋଗ ମିଳିପାରେ। ବ୍ୟାଟିଂ ବିଭାଗରେ ବିଶେଷ ପରିବର୍ତ୍ତନ ହେବାର ନ ଥିଲେ ମଧ୍ୟ ସଞ୍ଜୁ ସାମସନଙ୍କ ଉପରେ ମ୍ୟାନେଜମେଣ୍ଟ ନଜର ରଖିବ। ତାଙ୍କ ବ୍ୟାଟିଂ ଟେକ୍ନିକରେ ତ୍ରୁଟି ଚିନ୍ତାର କାରଣ ପାଲଟିଛି। ଘରୋଇ ପରିବେଶରେ ଖେଳିବାକୁ ଯାଉଥିବାରୁ ଭରପୂର ଦର୍ଶକଙ୍କ ସମ୍ମୁଖରେ ସାମସନ ନିଜ ରିଦିମ ଫେରିପାଇବା ଆଶା କରାଯାଉଛି। ସାମସନଙ୍କ ପାଇଁ ଇଶାନ କିଶନ ବ୍ୟାକ୍‌ଅପ୍ ବିକଳ୍ପ ରହିଛନ୍ତି। ମାତ୍ର ଆହତ ସମସ୍ୟା ଯୋଗୁ ପୂର୍ବ ମ୍ୟାଚରେ ସେ ପଡ଼ିଆ ବାହାରେ ରହିଥିଲେ। ସେହିପରି ନାଗପୁରରେ ଅନୁଷ୍ଠିତ ପ୍ରଥମ ଟି୨୦ ପରଠାରୁ ଅକ୍ଷର ଆଉ ଖେଳି ନାହାନ୍ତି। ତେବେ ସେ ନେଟ୍ସରେ ବୋଲିଂ କରିଥିବାରୁ ଉପଲବ୍ଧ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଆଗାମୀ ଟି୨୦ ବିଶ୍ୱକପରେ ଭାରତ ଫେବୃଆରୀ ୭ରେ ଏହାର ପ୍ରଥମ ମ୍ୟାଚ ଖେଳିବ। ତେଣୁ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ମ୍ୟାଚକୁ ଜିତି ଆତ୍ମବିଶ୍ୱାସ ବଢ଼ାଇବାକୁ ଚାହିଁବ ନିଶ୍ଚିତ। ନ୍ୟୁଜିଲାଣ୍ଡ ମଧ୍ୟ ବିଜୟ ସହ ସିରିଜ ଫିନିଶ୍ କରିବାକୁ ଉଦ୍ୟମ କରିବ।

**ହକି ପ୍ରୋଲିଗ୍**

## ରାଉରକେଲା ଚରଣ ଲାଗି ଫ୍ରି ଟିକେଟ

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ପୁରୁଷ) ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଟିକେଟ ଫ୍ରି କରାଯିବ ବୋଲି ଶୁକ୍ରବାର ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ଦର୍ଶକମାନେ ଅନ୍‌ଲାଇନ୍‌ରେ ମାଗଣାରେ ଟିକେଟ ବୁକ୍ କରି ମ୍ୟାଚ୍ ଉପଭୋଗ କରିପାରିବେ। ଅନ୍‌ଲାଇନ୍‌ରେ ଟିକେଟ ୩୦ ତାରିଖରୁ ଉପଲବ୍ଧ ହେବ। ଭାରତ, ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ଦଳ ରାଉରକେଲା ଚରଣରେ ଭାଗନେବେ। ହକିପ୍ରେମୀମାନେ www.ticketgenie.in ମାଧ୍ୟମରେ ଭର୍ଚୁଆଲ ଟିକେଟ ବୁକ୍‌କରି ଷ୍ଟାଡିୟମରେ ଏଣ୍ଟ୍ରି କରିପାରିବେ। ବିଶ୍ୱର ବୃହତ୍ ହକି ଭେନ୍ୟୁଭାବେ ପରିଚିତ ହେଉଥିବା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ମ୍ୟାଚ ସମୟରେ ଦର୍ଶକରେ ଭରା ରହିବ ବୋଲି ଆଶା କରାଯାଉଛି। ‘‘ରାଉରକେଲା ସର୍ବଦା ହକିପ୍ରତି ଆବେଗ ଦେଖାଇ ଆସିଛି। ଯୁବ ଖେଳାଳିମାନେ ଏବଂ ସେମାନଙ୍କ ପରିବାରବର୍ଗ ଷ୍ଟାଡିୟମ ଆସି ଅନ୍ତର୍ଜାତୀୟ ସ୍ତରର ମୁକାବିଲା ଦେଖିବାର ସୁଯୋଗ ପାଆନ୍ତୁ’’ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।

## ଓଡ଼ିଶା ୨୮୨, ଝାଡ଼ଖଣ୍ଡ ୨୪୪/୬

**ରଣ୍‌ଜୀ ଟ୍ରଫି**

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

ଜାମସେଦପୁରର କିନାନ୍ ଷ୍ଟାଡିୟମରେ ଚାଲିଥିବା ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସରେ ୨୮୨ ରନକରି ଅଲ୍‌ଆଉଟ ହୋଇଛି। ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ହେବା ବେଳକୁ ଝାଡ଼ଖଣ୍ଡ ୬ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରିଛି। ୪ ଉଇକେଟ ଥାଇ ଝାଡ଼ଖଣ୍ଡ ଆଉ ୩୮ ରନ ପଛରେ ରହିଛି। ଓପନର ଶିଖର ମୋହନ ୮୦ ରନ କରିଥିବାବେଳେ ମିଡିଲ ଅର୍ଡରରେ କୁମାର କୁଶାଗ୍ର ୪୭ ଓ ଅଧିନାୟକ ବିରାଟ ସିଂ ୩୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ରବିନ ମିଞ୍ଜି ୩୭ ଓ ଆଦିତ୍ୟ ସିଂ ୬ ରନକରି ଅପରାଜିତ ରହିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ନିଜର ଡେବ୍ୟୁ ମ୍ୟାଚରେ ସୟଦ ତୁଫେଲ ଅହମଦ ୩ଟି, ରାଜେଶ ମହାନ୍ତି ୨ଟି ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ନେଇଥିଲେ।


ସୟଦ ତୁଫେଲ ଅହମଦ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୪୨/୬ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଆଉ ୪୦ ରନକରି ଅବଶିଷ୍ଟ ୪ଟି ଉଇକେଟ ହରାଇଥିଲା। ବିପ୍ଳବ ସାମନ୍ତରାୟ (୩୮) ପୂର୍ବଦିନର ସ୍କୋରରେ ଆଉଟ ହୋଇଯାଇଥିବା ବେଳେ ସାୱନ ପହାରିଆ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ରାଜେଶ ମହାନ୍ତି ୨୫ ରନର ଉପଯୋଗୀ ଯୋଗଦାନ ଦେଇଥିଲେ। ଝାଡ଼ଖଣ୍ଡ ପକ୍ଷରୁ ସୌରଭ ଶେଖର ଓ ଆଦିତ୍ୟ ସିଂ ୩ଟି ଲେଖାଏ ଏବଂ ସାହିଲ ରାଜ ଓ ଅନୁକୂଳ ରୟ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୨/ଅଲଆଉଟ (ସ୍ୱସ୍ତିକ ସାମଲ-୭୯, ଗୋବିନ୍ଦ ପୋଦ୍ଦାର-୬୪, ବିପ୍ଳବ ସାମନ୍ତରାୟ-୩୮, ସୌରଭ ଶେଖର-୩/୪୩, ଆଦିତ୍ୟ ସିଂ-୩/୩୫, ଅନୁକୂଳ ରୟ-୧/୭୯, ସାହିଲ ରାଜ-୨/୩୯)। ଝାଡ଼ଖଣ୍ଡ ପ୍ରଥମ ଇନିଂସ: ୨୪୪/୬ (ଶିଖର ମୋହନ-୮୦, କୁମାର କୁଶାଗ୍ର-୪୭, ରବିନ ମିଞ୍ଜି-୩୭*, ସୟଦ ତୁଫେଲ ଅହମଦ-୩/୭୩, ରାଜେଶ ମହାନ୍ତି-୨/୩୭, ଗୋବିନ୍ଦ ପୋଦ୍ଦାର-୧/୪୭)।

## ଶୃଙ୍ଖଳାଗତ କାରଣରୁ ବାଦ୍ ପଡ଼ିଛନ୍ତି ମନପ୍ରୀତ୍

**ନୂଆଦିଲ୍ଲୀ, ୩୦।୧ (ପି.ଟି.)**

ଆସନ୍ତା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଫେବୃଆରୀ ୧ରୁ ୭ ପର୍ଯ୍ୟନ୍ତ ଏକ ତାଲିମ ଶିବିରର ଆୟୋଜନ କରାଯାଇଛି। ଏଥିଲାଗି ଘୋଷଣା କରାଯାଇଥିବା ୩୩ ଜଣିଆ ଭାରତୀୟ ପୁରୁଷ ହକି ଦଳରୁ ଭେଟେରାନ ମିଡ୍ ଫିଲ୍ଡର ମନପ୍ରୀତ ସିଂଙ୍କ ସମେତ ଅନ୍ୟ ଦୁଇ ଦିଲପ୍ରୀତ ସିଂ ଓ ଗୋଲକିପର କ୍ରିଶନ ବାହାଦୁର ପାଠକ ବାଦ୍ ପଡ଼ିବା ଘଟଣା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା। ତାହାର ପ୍ରକୃତ କାରଣ ଏବେ ଜଣାପଡ଼ିଛି। ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ଟୁର୍ ବେଳେ ବିଶୃଙ୍ଖଳାଗତ ସମସ୍ୟା କାରଣରୁ ଏହି ଖେଳାଳିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଉଛି। ଭାରତ ଡିସେମ୍ବର ୨ରୁ ୧୬ ମଧ୍ୟରେ ଏକ ଟେଷ୍ଟ ସିରିଜ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା ଟୁର୍‌ରେ ଯାଇଥିଲା। ଦଳ ଦୁଇଟି ମ୍ୟାଚରେ ପରାଜିତ ହୋଇଥିବା ବେଳେ ଗୋଟିଏ ମ୍ୟାଚ ଡ୍ର’ ରଖିବାରେ ସମର୍ଥ ହୋଇଥିଲା। ଏହି ଟୁର୍ ବେଳେ ଦଳର ଜଣେ ଖେଳାଳି ଅନୁପସ୍ଥିତ ରହିଥିଲେ। ଏହାଦ୍ୱାରା ସେ ଶୃଙ୍ଖଳା ଭଙ୍ଗ କରିଥିଲେ। ପରେ ଜଣାପଡ଼ିଥିଲା ଯେ, ମନପ୍ରୀତ୍, ଦିଲପ୍ରୀତ୍ ଓ ପାଠକ ଏହି ଖେଳାଳି ଜଣଙ୍କୁ ଚୁଇଂଗମ୍ ସେବନ କରିବାକୁ ଦେଇଥିଲେ, ଯେଉଁଥିରେ କି ନିଷିଦ୍ଧ ଉପାଦାନର ମାତ୍ରା ରହିଥିଲା। ଖେଳାଳି ଜଣକ ଏହି ଚୁଇଂଗମ୍ ସେବନ କରିବା ପରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଖେଳାଳିଙ୍କର ରାତିସାରା ଯତ୍ନ ନିଆଯାଇଥିଲା। ଏହି କାରଣରୁ ସେ ପରଦିନ ସକାଳ ବୈଠକରେ ଯୋଗଦେଇ ପାରି ନ ଥିଲେ। ଖବର ଅନୁସାରେ ଚୁଇଂଗମ୍ ଦେଇଥିବା ଖେଳାଳିମାନେ ସେମାନଙ୍କ ଦୋଷ ସ୍ୱୀକାର କରିଥିଲେ। କିନ୍ତୁ ମ୍ୟାନେଜମେଣ୍ଟ ଘଟଣାକୁ ଗୁରୁତ୍ୱର ଭାବେ ନେଇଥିଲା।

## ପି.ଟି. ଉଷାଙ୍କ ସ୍ୱାମୀ ଶ୍ରୀନିବାସନଙ୍କ ପରଲୋକ

**କୋଝିକୋଡ୍, ୩୦।୧ (ପି.ଟି.)**

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ତଥା ରାଜ୍ୟ ସଭା ସଦସ୍ୟ ପି.ଟି. ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ଶୁକ୍ରବାର ପ୍ରତ୍ୟୁଷରେ ପରଲୋକ ଘଟିଛି। ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ସକାଳେ ତାଙ୍କ ବାସଭବନରେ ସେ ହଠାତ୍ ନିସ୍ତେଜ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକସନ୍ତପ୍ତ ଉଷାଙ୍କ ସହ କଥା ହୋଇଥିଲେ ଏବଂ ତାଙ୍କ ସ୍ୱାମୀଙ୍କ ବିୟୋଗରେ ଶୋକ ପ୍ରକାଶ କରିଥିଲେ। ଶ୍ରୀନିବାସନ କେନ୍ଦ୍ର ସରକାରଙ୍କ ଜଣେ ପୂର୍ବତନ କର୍ମଚାରୀ ଥିଲେ। ଉଜ୍ଜ୍ୱଳ କ୍ରୀଡ଼ା ଓ ରାଜନୈତିକ କ୍ୟାରିୟରରେ ସେ ଉଷାଙ୍କ ସହିତ ଥିଲେ।

# ଓଡ଼ିଶା ୩ ବର୍ଗରେ ଭାଗନେବ

**ଆଜିଠୁ କଳିଙ୍ଗରେ ଅସ୍ମିତା ରଗ୍‌ବୀ ଲିଗ୍**

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍‌ର ପ୍ରଥମ ସଂସ୍କରଣ ଶନିବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଫେବୃଆରୀ ୧ ପର୍ଯ୍ୟନ୍ତ ହେବାକୁଥିବା ଏହି ୨ ଦିନିଆ ପ୍ରତିଯୋଗିତାରେ ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳଗୁଡ଼ିକ ଅଂଶଗ୍ରହଣ କରିବେ। ଆୟୋଜକ ଓଡ଼ିଶା ଏହି ପ୍ରତିଯୋଗିତାର ସିନିୟର, ଜୁନିୟର ଓ ସବ୍‌ଜୁନିୟର ଆଦି ୩ଟି ବର୍ଗରେ ଅଂଶଗ୍ରହଣ କରିବ। ସିନିୟର ବର୍ଗରେ ଓଡ଼ିଶା ସମେତ ବିହାର, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ପଞ୍ଜାବ, ରାଜସ୍ଥାନ, କର୍ନାଟକ ଓ କେରଳ ଦଳ ଭାଗନେବ। ସେହିପରି ୧୮ ବର୍ଷରୁ କମ୍ ଜୁନିୟର ବାଳିକା ବିଭାଗରେ ଓଡ଼ିଶା, ବିହାର, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ, କେରଳ ଓ ରାଜସ୍ଥାନ ଏବଂ ୧୫ ବର୍ଷରୁ କମ୍ ସବ୍‌ଜୁନିୟର ବର୍ଗରେ ବିହାର, ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ, ଦାଦ୍ରା ନଗରହାଭେଳି ଆଣ୍ଡ ଡାମନ ଡିଉ, କର୍ନାଟକ, ପଶ୍ଚିମବଙ୍ଗ ଓ ଚଣ୍ଡିଗଡ଼ ଦଳ ଅଂଶଗ୍ରହଣ କରିବେ।

ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଅସ୍ମିତା ଅନ୍ତର୍ଗତ ଖେଲୋ ଇଣ୍ଡିଆ ଅଧୀନରେ ମହିଳାଙ୍କ ପାଇଁ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ। ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସହଯୋଗରେ ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ ଏହାକୁ ଆୟୋଜନ କରିବ। ରଗ୍‌ବୀ ଇଣ୍ଡିଆ ପକ୍ଷରୁ ପୂର୍ବରୁ ଆୟୋଜିତ ସିନିୟର, ଜୁନିୟର ଓ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରୁ ପ୍ରଦର୍ଶନ ଭିତ୍ତିରେ ଦଳଗୁଡ଼ିକ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତି ବର୍ଗରେ ୮ଟି ଲେଖାଏ ଦଳ ଅଂଶଗ୍ରହଣ କରିବେ। ମୋଟ ୨୪ଟି ଦଳର ୩୩୬ ଖେଳାଳି ଓ ଅଫିସିଆଲ ଏହି ଇଭେଣ୍ଟରେ ଭାଗନେବେ। ‘‘ଅସ୍ମିତା ଦେଶରେ ଅନ୍ୟତମ ପ୍ରଭାବୀ ମହିଳା କ୍ରୀଡ଼ା କାର୍ଯ୍ୟକ୍ରମରେ ପରିଣତ ହୋଇଛି। ସିଟି ଲିଗ୍‌ଠାରୁ ଆରମ୍ଭ କରି ଜୋନାଲ ଲିଗ୍ ପର୍ଯ୍ୟନ୍ତ ଆମେ ଏହି ଖେଳପ୍ରତି ପିଲାମାନଙ୍କ ଆଗ୍ରହ ଦେଖିବାକୁ ପାଇଛୁ। ପ୍ରତିଯୋଗିତା ଆୟୋଜନଲାଗି କଳିଙ୍ଗ ଷ୍ଟାଡିୟମରେ ଉଚ୍ଚମାନର ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ଆମେ ଓଡ଼ିଶା ସରକାଙ୍କ ନିକଟରେ କୃତଜ୍ଞ। ଏଠାରେ ଉଚ୍ଚମାନର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବା ନେଇ ଆଶା ରହିଛି’’ ବୋଲି ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ ସଭାପତି ରାହୁଲ ବୋଷ ପ୍ରକାଶ କରିଛନ୍ତି।



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଖେଳାଳିଙ୍କ ଅଭ୍ୟାସ।

## ରାଜ୍ୟ ମିନି ଗଲ୍ଫ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

**ଭୁବନେଶ୍ୱର, ୩୦।୧ (ତପନ ସ୍ୱାଇଁ)**

ଓଡ଼ିଶା ମିନି ଗଲ୍ଫ ଆସୋସିଏଶନ ଆନୁକୂଲ୍ୟରେ ୩ୟ ରାଜ୍ୟ ମିନି ଗଲ୍ଫ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ମିନି ଗଲ୍ଫ ଆସୋସିଏଶନ ଅଫ ଇଣ୍ଡିଆର ମହାସଚିବ ସୁରଜ ସିଂ ଯୋତିକର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ‘‘ଓଡ଼ିଶାରେ ଏହି ଖେଳର ପ୍ରସାର ଆଶାନୁରୂପ ହୋଇଛି। ଫଳରେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସମ୍ଭବ ହୋଇଛି’’ ବୋଲି ଏହି ଅବସରରେ ଯୋତିକର ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଗୌରୀ କଟେଜଠାରେ ଦୁଇଦିନ ଧରି ଏହି ପ୍ରତିଯୋଗିତା ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ଅନୁଷ୍ଠିତ ହେଉଛି। ଏଥିରେ ୧୨ ଜିଲାର ପାଖାପାଖି ୧୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଅବସରରେ ଓଡ଼ିଶା ମିନିଗଲ୍ଫ ଆସୋସିଏଶନ ସଭାପତି ସତ୍ୟବ୍ରତ ମୀନକେତନ, ସମ୍ପାଦକ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ମିନିଗଲ୍ଫ ଫେଡେରେଶନର ସ୍ଥପତି ସଞ୍ଜୟ ବଳରାମ ଥୋରାଟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଧରିତ୍ରୀ
DHARITRI

52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ଜାନୁଆରୀ ୩୧/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 31/2026 Page 16 ₹ 7.00

୫୨ଶ ଭାଗ ୬୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 68 ମୂଲ୍ୟ₹୭/-







# ୨୦ରେ ରାଜ୍ୟ ବଜେଟ

**ଭୁବନେଶ୍ୱର,୩୦।୧ (ସୁନିତ୍ ମିଶ୍ର)**

୧୭ତମ ବିଧାନସଭାର ବଜେଟ ଅଧିବେଶନ ଫେବୃଆରୀ ୧୭ ତାରିଖରୁ ଆରମ୍ଭ ହେବ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ୨୦ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରାଯିବ। ଫେବୃଆରୀ ୧୭ରୁ ଆରମ୍ଭ ହେବାକୁ ଥିବା ଏହି ଅଧିବେଶନ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୨ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଧିବେଶନରେ ମୋଟ୍ ୨୯ଟି କାର୍ଯ୍ୟ ଦିବସ ରହିଛି। ୧୭ରେ ଗୃହକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ସମ୍ବୋଧିତ କରିବେ। ଏହାପରେ ରାଜ୍ୟପାଳଙ୍କ ସମ୍ବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦ ତାରିଖରେ ଗୃହରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ୨୪ ତାରିଖ ପର୍ଯ୍ୟନ୍ତ ବଜେଟ ଉପରେ ଆଲୋଚନା ହେବ। ଫେବୃଆରୀ ୨୫ରୁ ମାର୍ଚ୍ଚ ୮ ତାରିଖ ଯାଏ ଗୃହରେ କୌଣସି କାର୍ଯ୍ୟ ଦିବସ ନ ଥିବାବେଳେ ବିଧାନସଭା ବନ୍ଦ ରହିବ।

ପୁନର୍ବାର ମାର୍ଚ୍ଚ ୯ରୁ ଗୃହ କାର୍ଯ୍ୟ ଆରମ୍ଭ ହେବ। ମାର୍ଚ୍ଚ ୩୧ରେ ଗୃହରେ ବଜେଟ ପାରିତ କରାଯିବ। ମୁଖ୍ୟତଃ ଭାଜପା ସରକାର ରାଜ୍ୟ ବଜେଟ ଆକାର କିପରି କରୁଛନ୍ତି ଏବଂ କେତେ ଟଙ୍କାର ବଜେଟ ଚଳିତ ଥର ଆସୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ☞ପୃଷ୍ଠା–୪

# ଗଞ୍ଜାମକୁ ୪୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଭେଟି



ଗୋପାଳପୁର ବେଳାଭୂମିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ସମୁଦ୍ର ଆଳତି କରୁଛନ୍ତି।

**ବ୍ରହ୍ମପୁର/ଗୋପାଳପୁର,୩୦।୧ (ସୁବାସ ଚନ୍ଦ୍ର ପାଢ଼ୀ/ନବୀନ ରାଜ ଆଚାରୀ)**

ଇତିହାସ, ପରମ୍ପରା, ସଂସ୍କୃତି ଓ ପ୍ରକୃତିର ଏକ ସୁନ୍ଦର ସମନ୍ୱୟ ହେଉଛି ଗୋପାଳପୁର ମହୋତ୍ସବ। ଏହା ମାଧ୍ୟମରେ ଆମେ ଓଡ଼ିଶାର ସ୍ୱତନ୍ତ୍ରତା, ଗଞ୍ଜାମର ଗରିମା ଓ ଆମ ସଂସ୍କୃତିର ଜୀବନ୍ତ ଐତିହ୍ୟକୁ ଉତ୍ସବରେ ପରିଣତ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଗୋପାଳପୁର ବେଳାଭୂମି ମହୋତ୍ସବର ଉଦ୍‌ଯାପନୀରେ ଯୋଗଦେଇ କହିଛନ୍ତି। ଏହି ଅବସରରେ ସେ ଗଞ୍ଜାମ ଜିଲା ପାଇଁ ୪୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେଥିମଧ୍ୟରେ ୫୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୧୫ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୪୪୨ କୋଟି ଟଙ୍କାରେ ହେବାକୁ ଥିବା ୬୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ୩୨ କୋଟି ଟଙ୍କା ବିନିଯୋଗରେ ଗୋପାଳପୁର ବେଳାଭୂମିର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ରହିଛି। ଏଥିସହିତ ଓଡ଼ିଶା ସାହିତ୍ୟ ଓ ସଂସ୍କୃତି ପ୍ରତି କବିସମ୍ରାଟଙ୍କ ବହୁମୂଲ୍ୟ ଅବଦାନ ପ୍ରତି

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଉପେନ୍ଦ୍ର ଭଞ୍ଜ ଚେୟାର ପୁନଃ ସ୍ଥାପନ ଘୋଷଣା

## କବି ସମ୍ରାଟଙ୍କ ଜୟନ୍ତୀକୁ ରାଜ୍ୟ ଉତ୍ସବ ଭାବେ ପାଳନ କରାଯିବ

ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ 'ଉପେନ୍ଦ୍ର ଭଞ୍ଜ ଚେୟାର'ର ପୁନଃସ୍ଥାପନ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀକୁ ଚଳିତବର୍ଷଠାରୁ ରାଜ୍ୟ ଉତ୍ସବ ଭାବେ ପାଳନ କରାଯିବା ପାଇଁ ଘୋଷଣା କରିଛନ୍ତି। ଆସନ୍ତା ମେ ୧୬ ତାରିଖରୁ ୭ ଦିନ ବ୍ୟାପୀ କବି ସମ୍ରାଟଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ମହୋତ୍ସବ କଳାକାର ଓ କାରିଗରମାନଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ମଞ୍ଚ ପ୍ରଦାନ କରିଆସିଛି। ଗଞ୍ଜାମବାସୀ ଜିଲାର ପ୍ରମୁଖ ବେଳାଭୂମିଗୁଡ଼ିକୁ ସଫେଇ କରି ରାଜ୍ୟକୁ ସ୍ୱଚ୍ଛ ବେଳାଭୂମି, ସୁନ୍ଦର ଓଡ଼ିଶା ବାର୍ତ୍ତା ପ୍ରଦାନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ୧୬,୫୫୪ କୋଟି ଟଙ୍କା ବିନିଯୋଗରେ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ଓ ଉନ୍ନତୀକରଣ କାର୍ଯ୍ୟ କରାଯିବ। ଏହାଦ୍ୱାରା ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ ଟନ ହେବ ଏବଂ ୫ ହଜାର ଯୁବତୀଯୁବକଙ୍କ ନିଯୁକ୍ତି ସୁନିଶ୍ଚିତ ହେବ। ଜିଲାର ବାହୁଦାଠାରେ ☞ପୃଷ୍ଠା–୪

# ସୁନା ୧୪ ହଜାର, ରୁପା ୨୦ ହଜାର ଖସିଲା

**ନୂଆଦିଲ୍ଲୀ,୩୦।୧ (ପି.ଟି.)**

କ୍ରମାଗତ ବଢ଼ି ଚାଲିଥିବା ସୁନା ଓ ରୁପା ଦରରେ ଶୁକ୍ରବାର ଉଲ୍ଲେଖନୀୟ ହ୍ରାସ ଘଟିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ଦର ୧୪ ହଜାର ଟଙ୍କା (୭.୬୫%) ହ୍ରାସ ପାଇ ୧ ଲକ୍ଷ ୬୯ ହଜାରରେ ପହଞ୍ଚିଛି। ସେହିପରି ରୁପା ଦରରେ ମଧ୍ୟ ବଡ ହ୍ରାସ ଘଟିଛି। ଏହି ଧାତୁର ମୂଲ୍ୟ ନୂଆଦିଲ୍ଲୀରେ କିଲୋଗ୍ରାମ ପିଛା ୨୦ ହଜାର ଟଙ୍କା (୫%)ହ୍ରାସ ପାଇ ୩ ଲକ୍ଷ ୮୪ ହଜାର ୫୦୦ରେ ପହଞ୍ଚିଛି। ଶେଷ ହସ୍ତଗତ ରିପୋର୍ଟ ଅନୁସାରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ର ତଥ୍ୟ ଦର୍ଶାଇଛି ଯେ, ଗୋଟିଏ ଦିନରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୧୨% ଅର୍ଥାତ ୨୦ ହଜାର ୩୨୩ ଟଙ୍କା ଏବଂ ରୁପା ୧ କିଲୋଗ୍ରାମ ପିଛା ୨୬.୫୩% ଅର୍ଥାତ ୧ ଲକ୍ଷ ୬ ହଜାର ୯୨ ଟଙ୍କା କମିଛି।

# ୧ଡଲାର= ୯୨.୦୨ ଟଙ୍କା

**ମୁମ୍ବାଇ,୩୦।୧ (ପି.ଟି.)**

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଶୁକ୍ରବାର ଇଣ୍ଟ୍ରାଡେ' କାରବାରରେ ରେକର୍ଡ ନିମ୍ନ ସ୍ତରରେ ପହଞ୍ଚିଥିଲା। ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୨.୦୨ରେ ପହଞ୍ଚି କାରବାର ଶେଷ ବେଳକୁ ୯୧.୯୩ରେ ସ୍ଥିର ରହିଥିଲା। ସୁଦୃଢ଼ ଆମେରିକୀୟ ମୁଦ୍ରା ଏବଂ ଭୂରାଜନୈତିକ ଅନିଶ୍ଚିତତାକୁ ନେଇ ଟଙ୍କା ମୂଲ୍ୟ ହ୍ରାସ ପାଉଥିବା କୁହାଯାଉଛି। ଘରୋଇ ଶେୟାର ବଜାରରେ ପ୍ରତିକୂଳ ଧାରା ନିବେଶକମାନଙ୍କ ମନୋଭାବକୁ ପ୍ରଭାବିତ କରୁଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି।

# କନ୍‌ଫିଡେଣ୍ଟ ଗ୍ରୁପ୍ ଅଧ୍ୟକ୍ଷ ସି.ଜେ. ରୟଙ୍କ ଆତ୍ମହତ୍ୟା

**ବେଙ୍ଗାଲୁରୁ,୩୦।୧**



ରିଅଲ ଇଷ୍ଟେଟ୍ ବ୍ୟବସାୟୀ ତଥା କନ୍‌ଫିଡେଣ୍ଟ ଗ୍ରୁପ୍ ଅଧ୍ୟକ୍ଷ ସି.ଜେ. ରୟ ଶୁକ୍ରବାର ବେଙ୍ଗାଲୁରୁସ୍ଥିତ କାର୍ଯ୍ୟାଳୟରେ ନିଜ ମୁଣ୍ଡକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ତାଙ୍କ କାର୍ଯ୍ୟାଳୟରେ ଆୟକର ଚଢ଼ାଉ ଚାଲିଥିଲାବେଳେ ଏଭଳି ଅଘଟଣ ଘଟିଛି। ରୟଙ୍କୁ ୫୭ ବର୍ଷ ହୋଇଥିଲା। ଗୁରୁବାର ସକାଳେ ଆୟକର ବିଭାଗ ରୟଙ୍କ ସହ ସମ୍ପୃକ୍ତ କମ୍ପାନୀଗୁଡ଼ିକ ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ରୟଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ଜଣାପଡ଼ିଥିଲା। ଶୁକ୍ରବାର ଅଶୋକ ନଗର ଥାନା ଅଞ୍ଚଳରେ କନ୍‌ଫିଡେଣ୍ଟ ଗ୍ରୁପ୍ ଅଧ୍ୟକ୍ଷ ନିଜକୁ ଗୁଳି କରିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ☞ପୃଷ୍ଠା–୪

# ବରିଷ୍ଠଙ୍କ ମତ ଅନୁଯାୟୀ ଜଗା ଦର୍ଶନ

**ଭୁବନେଶ୍ୱର, ୩୦।୧ (ସୁନିତ୍ ମିଶ୍ର/ସୌମ୍ୟରଞ୍ଜନ ରାଉତ)**

## ସରକାର ଆଣିବେ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ପୁରୀକୁ ଯେତିକି ବରିଷ୍ଠ ନାଗରିକ ଆସୁଥିଲେ ସେହି ସଂଖ୍ୟାରେ ହ୍ରାସ ଘଟିଥିବା ଲକ୍ଷ୍ୟ କରି ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଚିନ୍ତା କରିଛନ୍ତି। ରାଜ୍ୟ ସରକାର ଖୁବ୍‌ଶୀଘ୍ର ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା(ଏସ୍‌ଜେଡିଓ୍ୱାଇ)ର ଶୁଭାରମ୍ଭ କରିବେ। ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକ ଏବଂ ବିଧବା ମହିଳାଙ୍କୁ ସାମିଲ କରାଯିବ। ଯେଉଁ ବରିଷ୍ଠ ନାଗରିକ ଭତ୍ତା ଏବଂ ବିଧବା ଭତ୍ତା ପାଉଛନ୍ତି ସେମାନଙ୍କୁ ହିଁ ଏହି ଯୋଜନାରେ ସାମିଲ କରାଯିବ। ଏନେଇ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ସବୁ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି।

ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଗତ ଜାନୁଆରୀ ୨୭ରେ ଲେଖିଥିବା ତାଙ୍କ ଚିଠିରେ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଏହି ଯୋଜନାକୁ ସଫଳ କରାଇବା ଲାଗି ବ୍ୟକ୍ତିଗତ ଭାବେ ହସ୍ତକ୍ଷେପକରି ସବୁ ହିତାଧିକାରୀଙ୍କ ନିକଟରୁ ମତ ସଂଗ୍ରହ କର। ରାଜ୍ୟର ସବୁ ଜିଲାରୁ ଶ୍ରୀମନ୍ଦିର ଦର୍ଶନ ଲାଗି ଆସୁଥିବା ବରିଷ୍ଠ ନାଗରିକମାନଙ୍କ ସଂଖ୍ୟା କମିଯାଇଛି। ଜିଲା ଅଧିକାରୀମାନେ ଏହାକୁ ଗୁରୁତ୍ୱର ସହ ନିଅନ୍ତୁ। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଲାଗି ପର୍ଯ୍ୟଟନ ବିଭାଗ ପରିବର୍ତ୍ତିତ ଗାଇଡ୍‌ଲାଇନ ପ୍ରସ୍ତୁତ କରିଛି। ଯେଉଁ ବରିଷ୍ଠ ନାଗରିକମାନଙ୍କ ବୟସ ୬୦ରୁ ୭୫ ବର୍ଷ ମଧ୍ୟରେ ହୋଇଥିବେ ବା ବରିଷ୍ଠ ନାଗରିକ ଭତ୍ତା ପାଉଥିବେ ସେମାନଙ୍କୁ ଏଥିରେ ସାମିଲ କରନ୍ତୁ। ସେହିପରି ବିଧବା ଭତ୍ତା ପାଉଥିବା ସମସ୍ତେ ମଧ୍ୟ ଏହି ଯୋଜନାର ହିତାଧିକାରୀ ହେବେ। ତେଣୁ ଏହି ଯୋଜନାରେ ସାମିଲହେବା ଲାଗି ସମସ୍ତ ହିତାଧିକାରୀ ସେମାନଙ୍କ ମତାମତ ଦେବା ବାଧ୍ୟତାମୂଳକ କରାଯାଉ। ବିଭାଗ ପୂର୍ବରୁ ଜିଲା ସାମାଜିକ ସୁରକ୍ଷା ଅଫିସର(ଡିଏସ୍‌ଏସ୍‌ଓ)ମାନଙ୍କ ସହ ଗତ ୧୩ ତାରିଖରେ ଏନେଇ ଏକ ବୈଠକ କରି ଆଲୋଚନା କରିଥିଲା। ଗତ ୧୫ ତାରିଖରେ ଭତ୍ତା ପ୍ରଦାନ ସମୟରେ ହିତାଧିକାରୀମାନଙ୍କ ନିକଟରୁ ସେମାନଙ୍କ ମତାମତ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରାମପଞ୍ଚାୟତ ସ୍ତରରୁ ଏହି ମତାମତ ସଂଗ୍ରହ କରାଯିବ ବୋଲି କଥା ହୋଇଥିଲେ। ସେ ଆହୁରି କହିଛନ୍ତି, ଗତ ଜାନୁଆରୀ ୨୨ ରେ ଜିଲାଓ୍ୱାରି ଯେଉଁ ତଥ୍ୟ ସଂଗ୍ରହ ହୋଇଥିଲା ତାହା ଚିଠିରେ ଉଲ୍ଲେଖ ଅଛି। ତଥ୍ୟ ସଂଗ୍ରହରେ ଯେଉଁ ସମସ୍ୟା ରହିଛି ତାହା ମଧ୍ୟ ଦର୍ଶାଯାଇଛି। ଗୁରୁତ୍ୱକୁ ବିଚାର କରି ଜିଲାପାଳମାନେ ବ୍ୟକ୍ତିଗତ ଇଚ୍ଛାକୁ ବୃଦ୍ଧିକରି ଏହି ଯୋଜନାକୁ ପ୍ରାଧାନ୍ୟ ଦେଇ ଆଗକୁ ବଢ଼ାନ୍ତୁ। ରାଜ୍ୟ ସରକାର ଲକ୍ଷ୍ୟ ☞ପୃଷ୍ଠା–୪

# ଧାର ଟଙ୍କା ମାଗିବାରୁ ଗୁଳିମାଡ଼

## ଯୁବକଙ୍କ ଡାହାଣ ଆଖି ନଷ୍ଟ

**ଭୁବନ,୩୦।୧ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଥାନା ବାରୁଆ (ଖ) ଗ୍ରାମର ପଞ୍ଚାନନ ରାଉତ ଧାନ କିଣିବା ପାଇଁ ଦେଇଥିବା ଟଙ୍କା ମାଗିବାରୁ ଗୁରୁବାର ରାତିରେ ଗୁଳିମାଡ଼ର ଶିକାର ହୋଇଛନ୍ତି। ବାରୁଆଁ (ଖ) ପଞ୍ଚାୟତ କଅଁସର ଗୋଡ଼ାଟିଣ କଲୋନୀର ନାଣ୍ଟୁ ଦେହୁରୀ କିଛିଦିନ ତଳେ ବାରୁଆ ଗ୍ରାମର ପଞ୍ଚାନନଙ୍କଠାରୁ ୩ ହଜାର ଟଙ୍କା ଧାନ ବିକ୍ରୟ କରିବାକୁ କହି ଧାର ନେଇଥିଲେ। ବାରମ୍ବାର ନାଣ୍ଟୁଙ୍କୁ ଧାନ ମାଗୁଥିଲେ ମଧ୍ୟ ସେ ଦେଇ ନ ଥିଲେ। ଗୁରୁବାର ସନ୍ଧ୍ୟାରେ ପଞ୍ଚାନନ ଟଙ୍କା ମାଗିବା ପାଇଁ ଯାଇଥିବା ବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସେହି ସମୟରେ ନାଣ୍ଟୁ ଏକ ଦେଶୀ ବନ୍ଧୁକରେ ପଞ୍ଚାନନଙ୍କୁ ଗୁଳି କରିଥିଲେ। ଗୁଳିଟି ପଞ୍ଚାନନଙ୍କ ଡାହାଣ ଆଖି ☞ପୃଷ୍ଠା–୪


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ପୋଲିସକୁ ଟାଟୁ, ଚୁଟି-ନିଶ ରଙ୍ଗ ମନା

**ଭୁବନେଶ୍ୱର,୩୦।୧ (ତ୍ରିନାଥ ମହାନ୍ତି)**

## ବେଶଭୂଷାରେ ଶାଳୀନତା ନ ରହିଲେ ନିଲମ୍ବନ ନିର୍ଦ୍ଦେଶ

- ଜଗତ୍‌ସିଂହପୁର ଜିଲାର ରଙ୍ଗିଲା ଡିଏସ୍‌ପିଙ୍କୁ ଡିଆଇଜିଙ୍କ ତାଗିଦା
- ଜାରି ହେଲା ଗାଇଡ୍‌ଲାଇନ୍‌: ଏସ୍‌ପି, ଡିସିପିଙ୍କୁ ଡିଜିପିଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



ପୋଲିସ ବର୍ଦ୍ଦି ପିନ୍ଧୁଥିବା ଅଫିସର ଓ କର୍ମଚାରୀ ବେଶଭୂଷାରେ ଶାଳୀନତା ରଖିବାକୁ ପୋଲିସ ମାନୁଆଲରେ ନିୟମ ରହିଛି। ଏପରିକି ବର୍ଦ୍ଦି ପିନ୍ଧି ନ ଥିଲେ ବି ହେୟାର ଷ୍ଟାଇଲ୍, ବେଶଭୂଷା ଓ ଆଚାରବ୍ୟବହାରରୁ ଯେପରି ଜଣେ ପୋଲିସ ଅଫିସରଙ୍କୁ ଲୋକେ ସମ୍ମାନ ଦେବେ, ତାହା ଉପରେ ମଧ୍ୟ ଓଡ଼ିଶା ପୋଲିସ ଗୁରୁତ୍ୱ ଦେଉଛି। ହେଲେ ଏବେ ରାଜ୍ୟର ବିଭିନ୍ନ ପୋଲିସ ଜିଲାରେ କାମ କରୁଥିବା ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ଏହି ଗାଇଡ୍‌ଲାଇନ୍‌କୁ ପୁର୍ କରି ଦେଉଛନ୍ତି। କିଏ ହେୟାର ଷ୍ଟାଇଲ୍ ଓ ଚୁଟିର ରଙ୍ଗ ବଦଳାଇଲାଣି ତ ଆଉ କିଏ ନିଶକୁ ପୂରା ବୀରାପାନ୍ ଭଳି ରଖିଲେଣି। ସେମାନେ ନିଜକୁ ନିଜେ କୌଣସି ଫିଲ୍ମ ଷ୍ଟାର୍‌ଙ୍କଠାରୁ କମ୍ ଭାବୁନାହାନ୍ତି। ପୁଣି ପୁରୁଷ ଓ ମହିଳା ପୋଲିସ ବେକ ଓ ହାତରେ ଟାଟୁ କରି ଷ୍ଟାଇଲ୍ ମାରୁଛନ୍ତି, ଯାହା ଲୋକଙ୍କ ମନରେ ଖାକି ପ୍ରତି ଭିନ୍ନ ଭାବନା ଆସୁଛି। ନିକଟରେ ଜଗତ୍‌ସିଂହପୁର ପୋଲିସ ଜିଲାରେ ଏପରି ଏକ ରୋଚକ ଘଟଣା ଦେଖିବାକୁ ମିଳିଛି। ଜିଲାର ଜଣେ ଡିଏସ୍‌ପି ମୁଣ୍ଡବାଳରେ ନାଲିରଙ୍ଗ ମାରି ପୂରା ହେୟାର ଷ୍ଟାଇଲ୍‌କୁ ବଦଳାଇ ଦେଇଥିଲେ। ଏବେ ଏହା ତାଙ୍କ ପାଇଁ ମହଙ୍ଗା ପଡିଛି। କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଆପରାଧିକ କାର୍ଯ୍ୟର ସମୀକ୍ଷା ପାଇଁ ଜଗତ୍‌ସିଂପୁର ଜିଲାକୁ ଯାଇଥିଲେ। ଏହି ସମୟରେ ପୋଲିସ ବର୍ଦ୍ଦି ପିନ୍ଧି ରଙ୍ଗିଲା ହୋଇ ଷ୍ଟାଇଲ୍‌ରେ ଛିଡ଼ା ହୋଇଥିବା ଡିଏସ୍‌ପିଙ୍କୁ ଦେଖି ଡିଆଇଜି ତାଗିଦା କରିଥିଲେ। ପରେ ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ପୋଲିସ ବର୍ଦ୍ଦିରେ ଥାଇ ଡିଏସ୍‌ପିଙ୍କ ଏଭଳି ରଙ୍ଗିନ ହେୟାର ଷ୍ଟାଇଲ୍ ପୋଲିସ ମାନୁଆଲର ବିରୋଧୀ ବୋଲି ଦର୍ଶାଯାଇଛି। ଏହି ଘଟଣା ପରେ ଡିଜିପି ଅଫିସରୁ ମଧ୍ୟ ଏକ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ପୋଲିସ ବର୍ଦ୍ଦିରେ ଥାଇ ଶାଳୀନତା ରକ୍ଷା କରୁ ନ ଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶେଷକରି ବେଶଭୂଷା ଠିକ୍ ରଖିବାକୁ କୁହାଯାଇଛି। ଏଥିରେ ଯଦି କିଛି ଗଡ଼ବଡ଼ ଦେଖିବାକୁ ମିଳେ, ତୁରନ୍ତ ନିଲମ୍ବନ କରାଯିବାକୁ ଡିଜିପି ଅଫିସ ପକ୍ଷରୁ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପୂର୍ବରୁ କମିଶନରେଟ୍ ପୋଲିସରେ ଏକାଧିକ ଅଫିସର ଓ କର୍ମଚାରୀ ହାତ ଏବଂ ବେକରେ ଟାଟୁ କରୁଥିଲେ। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ଏକ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା, ଯେଉଁଥିରେ କୌଣସି ପୋଲିସ କର୍ମଚାରୀ ଟାଟୁ କରି କାର୍ଯ୍ୟ କରିବାକୁ ମନା କରାଯାଇଥିଲା। କିଛିଦିନ କୌଣସି ପୋଲିସ କର୍ମଚାରୀ ଟାଟୁ କଲେ ନାହିଁ। ଯେଉଁମାନେ କରିଥିଲେ ସେମାନେ ମଧ୍ୟ ଏହାକୁ ଲିଭାଇଲେ। କିନ୍ତୁ ଏହାକୁ କଡ଼ାକଡ଼ି ପାଳନ ☞ପୃଷ୍ଠା–୪

# କାମ କରୁ ନ ଥିବା ଅଧିକାରୀଙ୍କ ବିରୋଧରେ ହେବ ବିଭାଗୀୟ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୩୦।୧ (ବନ୍ଦନା ସେଠୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି, କାର୍ଯ୍ୟକାରିତା ସ୍ଥିତି ଏବଂ ଆର୍ଥିକ ପ୍ରଗତି ନେଇ ଶୁକ୍ରବାର ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି। କେତେକ କ୍ଷେତ୍ରରେ ଭିତ୍ତିଭୂମି ବିକାଶର ମନ୍ଥର ଗତି ଓ ବିଳମ୍ବ ନେଇ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ କାର୍ଯ୍ୟରେ ଅବହେଳା ନ କରିବାକୁ ଅଧିକାରୀମାନଙ୍କୁ ସତର୍କ କରାଇ ଦେବା ସହ କାର୍ଯ୍ୟ କରୁ ନ ଥିବା ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ସମସ୍ତ ପାରାମିଟରରେ ବାକି ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଦୃଶ୍ୟମାନ ପ୍ରଗତି ନିଶ୍ଚିତ କରିବାକୁ ମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।


ସମୀକ୍ଷା ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ବିଭାଗୀୟ ଅଧିକାରୀମାନେ।

ଖାରବେଳ ଭବନଠାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା', 'ସହରୀ ସମୃଦ୍ଧି ଯୋଜନା' ଏବଂ 'ଆହାର ଯୋଜନା' ଭଳି ପ୍ରମୁଖ ସହରୀ ବିକାଶ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ମନ୍ତ୍ରୀ ଏହି ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ ପ୍ରଭାବ ଏବଂ କାର୍ଯ୍ୟାନ୍ୱୟନର ଗତି ଅନୁଧ୍ୟାନ କରିଥିଲେ। ସହରାଞ୍ଚଳରେ ପରିମଳ ଓ ସ୍ୱଚ୍ଛତା, ପାର୍କ, ଖୋଲା ସ୍ଥାନ ଏବଂ ପ୍ରମୁଖ ସର୍ବସାଧାରଣ ସେବା କେନ୍ଦ୍ରଗୁଡ଼ିକର ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)ରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରାଯାଇଥିଲା। ସେବା ପ୍ରଦାନର ମାନ ବୃଦ୍ଧି କରିବା ଏବଂ ସମସ୍ତ ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ସମାନ ଭାବେ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକାରୀ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସୁଲଭ ମୂଲ୍ୟର ଗୃହ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ), ଭଡ଼ା ଘର

## ବିଭିନ୍ନ ଯୋଜନାର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

ପ୍ରକଳ୍ପ ଏବଂ ଟ୍ରାଞ୍ଜିଟ୍ ହାଉସ ଭଳି ପ୍ରମୁଖ ଗୃହ ନିର୍ମାଣ ପଦକ୍ଷେପ ସହିତ 'ଆଦର୍ଶ ଗୋଶାଳା' ପ୍ରକଳ୍ପର କାର୍ଯ୍ୟକାରିତା ଓ ସ୍ଥିତିର ଆକଳନ କରାଯାଇଥିଲା। ନୂତନ ଭାବେ ଗଠିତ ୨୮ଟି ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା। ଭିତ୍ତିଭୂମି ଅଭାବ, ପାଣ୍ଠିର ଆବଶ୍ୟକତା ଏବଂ ମୌଳିକ ସହରୀ ସେବା ପାଇଁ ସମୟସୀମା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ନିର୍ଦ୍ଦେଶକ ଶୁଭାନନ୍ଦ ମହାପାତ୍ର ପ୍ରମୁଖ ବରିଷ୍ଠ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ


କୋର୍ଟ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଓକିଲମାନେ ମାଲ୍ୟାର୍ପଣ କରୁଛନ୍ତି।

ଭୁବନେଶ୍ୱର,୩୦।୧ (ସୁଚିସ୍ମିତା ସାହୁ)

ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଶୁକ୍ରବାର ସକାଳେ କୋର୍ଟ ପରିସରରେ ମହାତ୍ମା ଗାନ୍ଧୀଙ୍କ ୭୮ତମ ତିରୋଧାନ ଦିବସ ପାଳନ କରାଯାଇଥିଲା। ପ୍ରଥମେ ସଂଘର ସମ୍ପାଦକ ସତ୍ୟରଞ୍ଜନ ସେନାପତି ଏବଂ ଓକିଲ ସଂଘ ଲାଇବ୍ରେରି ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣପୂର୍ବକ ସ୍ମୃତିଚାରଣ କରିଥିଲେ। ପରେ ସଂଘ ସଭାପତି ଅଶୋକ କୁମାର ପାତ୍ର, ଉପସଭାପତି କବିନ୍ଦ୍ର ବାରିକ, ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଦୀପ୍ତି ପ୍ରସାଦ ନନ୍ଦ, ସଭ୍ୟ ଅକ୍ଷୟ କୁମାର ଦାସ, ରମାକାନ୍ତ ରାଉତରାୟ, ଅଶୋକ କୁମାର ବଡ଼ପଣ୍ଡା, ପୂର୍ବତନ ସମ୍ପାଦକ ଅନିଲ କୁମାର ଶତପଥୀ, ଦୀପକ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାରେ ରହି ସମାଜର ନିଷ୍ପେଷିତ ତଥା ଅବହେଳିତ ଲୋକମାନଙ୍କୁ କିପରି ମାଗଣାରେ ନ୍ୟାୟ ସହାୟତା ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଅନୁଭବ, ଖଗେଶ୍ୱରଙ୍କ ବିରୋଧରେ ଚାଲିବ ଯୌତୁକ ନିର୍ଯାତନା ମାମଲା

## ଆବେଦନ ଖାରଜ କଲେ ହାଇକୋର୍ଟ



କଟକ,୩୦।୧ (କାର୍ତ୍ତିକ ସାହୁ)

ଓଲିଉଡ୍ ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସହଯୋଗୀ ଖଗେଶ୍ୱରଙ୍କ ବିରୋଧରେ ଯୌତୁକ ନିର୍ଯାତନା ମାମଲା ଚାଲିବ। ଅନୁଭବଙ୍କ ପୂର୍ବତନ ସ୍ତ୍ରୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଦ୍ୱାରା ରୁଜୁ ମାମଲାରେ ତଳ କୋର୍ଟର ଚାର୍ଜଫ୍ରେମ ବିରୋଧରେ ଅନୁଭବଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ତଳ କୋର୍ଟର ଚାର୍ଜଫ୍ରେମକୁ କାଏମ ରଖି ତାଙ୍କ ବିରୋଧରେ ଯୌତୁକ ନିର୍ଯାତନା ମାମଲା ଚଳାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ବର୍ଷା ପ୍ରିୟଦର୍ଶିନୀଙ୍କୁ ଅନୁଭବ ଯୌତୁକ ନିର୍ଯାତନା ଦେଉଥିବା ନେଇ ୨୦୨୪ ଜୁନ୍ ମାସରେ ପୁରୀଘାଟ ଥାନାରେ ମାମଲା ରୁଜୁ ହୋଇଥିଲା। ଏହା ପୂର୍ବରୁ ୨୦୨୪ ମେ' ୮ରେ ବର୍ଷାଙ୍କ ଅଭିଯୋଗକ୍ରମେ କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ଜେଏମ୍‌ଏଫ୍‌ସି ସ୍ୱତନ୍ତ୍ର କୋର୍ଟରେ ଅନୁଭବଙ୍କ ଡିସ୍‌ଚାର୍ଜ ପିଟିଶନ ଖାରଜ ହୋଇଯାଇଥିଲା। ଏନେଇ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ଜାମିନବିହୀନ ଗିରଫ ପରୱାନା ଉପରେ ହାଇକୋର୍ଟ ରୋକ ଲଗାଇଥିଲେ।

# ସଂସ୍କୃତି, ବିକାଶ ପରସ୍ପର ପରିପୂରକ: ରାଜ୍ୟପାଳ



ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ସହ ମନ୍ତ୍ରୀ, ଏମ୍‌ପି ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୩୦।୧ (ସୌମ୍ୟରଞ୍ଜନ ରାଉତ)

## ମୟୂରଭଞ୍ଜ ଉତ୍ସବ ଉଦ୍‌ଘାଟିତ

ସଂସ୍କୃତି ଓ ବିକାଶ ପରସ୍ପର ବିରୋଧୀ ନୁହନ୍ତି, ବରଂ ପରସ୍ପର ପରିପୂରକ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ମୟୂରଭଞ୍ଜ ସାଂସ୍କୃତିକ ସଂଘ ଆନୁକୂଲ୍ୟରେ ଶୁକ୍ରବାର ଉତ୍କଳ ମଣ୍ଡପଠାରେ ଆୟୋଜିତ ୩ଦିନିଆ ମୟୂରଭଞ୍ଜ ଉତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ମୟୂରଭଞ୍ଜ ଉତ୍ସବ ଭଳି ଉତ୍ସବ ଅତୀତ ଓ ଭବିଷ୍ୟତ ମଧ୍ୟରେ ଏକ ସୁଦୃଢ଼ ସେତୁ ଭାବରେ କାର୍ଯ୍ୟ କରିଥାଏ। ଏହା ସାଂସ୍କୃତିକ ମୂଳକୁ ଜୀବନ୍ତ ରଖିବା ସହିତ ସନ୍ତୁଳିତ ଓ ସମାବେଶୀ ବିକାଶକୁ ପ୍ରୋତ୍ସାହନ ଦେଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ମୟୂରଭଞ୍ଜର ଜୀବନ୍ତ ଆଦିବାସୀ ସଂସ୍କୃତି, ବିଶେଷକରି ସାନ୍ତାଳ ଓ ହୋ ସମ୍ପ୍ରଦାୟର ସଂସ୍କୃତି, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମୟୂରଭଞ୍ଜ ଛଉ ନୃତ୍ୟ, ସମୃଦ୍ଧ ହସ୍ତଶିଳ୍ପ, ଅନନ୍ୟ ଖାଦ୍ୟ ଏବଂ ବାରିପଦା ରଥଯାତ୍ରା ଭଳି ସମାବେଶୀ ପରମ୍ପରା ବିଷୟରେ ମଧ୍ୟ ରାଜ୍ୟପାଳ କହିଥିଲେ। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ ଯୋଗଦେଇଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିବାବେଳେ ମୟୂରଭଞ୍ଜ ସାଂସ୍କୃତିକ ସଂଘର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ୩ ଅଭିଯୁକ୍ତଙ୍କୁ ବାନ୍ଧିଲା କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ

ଭୁବନେଶ୍ୱର,୩୦।୧ (ତ୍ରିନାଥ ମହାନ୍ତି)

## ଅନ୍‌ଲାଇନ୍ ଟ୍ରେଡିଂ ନାଁରେ ୨କୋଟି ଠକେଇ

ଅନ୍‌ଲାଇନ୍ ଟ୍ରେଡିଂ ଆଳରେ ୨କୋଟି ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିକ୍ରମ କେଶରୀ ସାହୁ, ଦିନେଶ ମହାରଣା ଓ ସର୍ବନାମ ସାବତ। ଅନ୍‌ଲାଇନ୍ ଟ୍ରେଡିଂ ନାମରେ ଏମାନେ ଲୋକଙ୍କଠାରୁ ପ୍ରାୟ ୨କୋଟି ଟଙ୍କା ଠକେଇ କରିଥିବା ପ୍ରାରମ୍ଭିକ ଅଭିଯୋଗ ହୋଇଥିଲା।

ଇଓଡବ୍ଲ୍ୟୁର ସୂଚନା ମୁତାବକ, ୩ ଅଭିଯୁକ୍ତ ଏହି ଠକେଇ ମାଷ୍ଟର ମାଇଣ୍ଡ ଥିଲେ। ବିଟକ୍ସ ଏବଂ ଏହାର ସହଯୋଗୀ ସଂସ୍ଥା ଏଇଏକ୍ସଏନ୍ ଗ୍ଲୋବାଲ୍, କାର୍ କର୍ଣ୍ଣର ଭଳି ସଂସ୍ଥା ଅନ୍‌ଲାଇନରେ ନିବେଶ ଆଳରେ ଲୋକଙ୍କଠାରୁ ଟଙ୍କା ଅଦାୟ କରିଥିଲେ। ବିଟ୍ କଏନ୍ ଏବଂ ଅନ୍ୟ ସ୍ଥଳରେ ଟଙ୍କା ନିବେଶ କରି ଲୋକେ ଦୁଇଗୁଣା ଲାଭ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଲୋଭରେ ପଡି ଲୋକେ ଉକ୍ତ ସଂସ୍ଥାରେ କୋଟି କୋଟି ଟଙ୍କା ନିବେଶ କଲେ। ପ୍ରଥମେ ଭରସା ଜମାଇବାକୁ ଲୋକଙ୍କୁ ଦୁଇଗୁଣା ଟଙ୍କା ଫେରାଇଥିଲେ। ପ୍ରଥମେ କିଛି ଲୋକଙ୍କୁ ମୋହରା ବନାଇ ଅନ୍ୟମାନଙ୍କୁ ନିବେଶ ପାଇଁ ପ୍ରବର୍ତ୍ତାଇ ଥିଲେ। ହେଲେ ପରବର୍ତ୍ତୀ ସମୟରେ ଆଉ ଟଙ୍କା ଫେରାଇ ନ ଥିଲେ। ୨୦୨୩ ମସିହାରେ ଅଭିଯୁକ୍ତମାନେ କଟକ ଚାନ୍ଦିନଚୌକ ଅଞ୍ଚଳର ଶଶଧର ମିତ୍ରଙ୍କ ଟଙ୍କା ଫେରାଇ ନ ଥିଲେ। ଏହାପରେ ଶଶଧର ଓ ତାଙ୍କ ସହାଯୋଗୀମାନେ ୨ କୋଟିର ଠକେଇ ହୋଇଥିବା ନେଇ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା।



ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୭୮ ତମ ତିରୋଧାନ ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଦୂରଦର୍ଶନ କେନ୍ଦ୍ରଠାରେ ଅଧିକାରୀ ଓ କର୍ମଚାରୀମାନେ ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# ଟିଟିଲାଗଡ଼-ସମ୍ବଲପୁର ରେଳ ସେକ୍ସନ ନିରୀକ୍ଷଣ କଲେ ଫୁଙ୍କ୍‌ୱାଲ

ଭୁବନେଶ୍ୱର, ୩୦।୧ (ଅନୁରାଧା ମହାରଣା)- ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲ ଶୁକ୍ରବାର ଟିଟିଲାଗଡ଼-ସମ୍ବଲପୁର ରେଳ ସେକ୍ସନର ବିଭିନ୍ନ ବ୍ୟବସ୍ଥା ଓ କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। ଏହି ସମୟରେ ଫୁଙ୍କୱାଲ ଟିଟିଲାଗଡ଼, ବଡ଼ମାଲ, ବଲାଙ୍ଗୀର, ବରପାଲି, ହୀରାକୁଦ ଏବଂ ସମ୍ବଲପୁର ସମେତ ବିଭିନ୍ନ ଷ୍ଟେଶନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି ବିକାଶ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ନିରାପଦ ଏବଂ ସୁଗମ ଟ୍ରେନ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିବା ସହ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଫୁଙ୍କୱାଲ ସମୀକ୍ଷା କରିଥିଲେ। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଓ ଷ୍ଟେଶନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ। ବିଶେଷକରି ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଷ୍ଟେଶନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ। ସମ୍ବଲପୁର ରେଳ ମଣ୍ଡଳର ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧାରୀଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପ ସମୟସୀମା ଏବଂ ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମହାପ୍ରବନ୍ଧକ ଫୁଙ୍କୱାଲଙ୍କୁ ଅବଗତ କରାଇଥିଲେ।



# କଳାବୃତ୍ତି: ସମ୍ମାନିତ ହେଲେ ୧୨ ବ୍ୟକ୍ତିତ୍ୱ

ଭୁବନେଶ୍ୱର,୩୦।୧ (ସୌମ୍ୟରଞ୍ଜନ ରାଉତ)

ଗୋକୁଳ ଗୁରୁକୁଳ ଫାଉଣ୍ଡେଶନ ପକ୍ଷରୁ କଳା, ସଂସ୍କୃତି ଓ ଐତିହ୍ୟର ଉତ୍ସବ 'କଳାବୃତ୍ତି' ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବି ସ୍ୱର୍ଗତ ଶଙ୍କର୍ଷଣ ପରିଡାଙ୍କୁ ସମର୍ପିତ ସାହିତ୍ୟ ଉତ୍ସବରେ ଡ. ଶକୁନ୍ତଳା ବଳିଆରସିଂହ ଓ ପ୍ରଫେସର ପ୍ରଫୁଲ୍ଲ ମିଶ୍ର ଅତିଥି ଭାବେ ଯୋଗଦେଇ କବି ଅକ୍ଷୟ ବେହେରା ଓ ଯଶସ୍ୱୀ ପ୍ରାବନ୍ଧିକ ତଥା ସ୍ତମ୍ଭକାର ଡ. ଚନ୍ଦ୍ରଶେଖର ହୋତାଙ୍କୁ 'କଳାବୃତ୍ତି ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ଭାବନା ସୁପର-୩୦ ଓଡିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ଅତିଥି ଭାବେ ରାଜନେତା ଗୋଲକ ପ୍ରସାଦ ମହାପାତ୍ର, ଡ. ରବିନାରାୟଣ ସେନାପତି, ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ, ଓଡିଶୀ କଣ୍ଠଶିଳ୍ପୀ ଗୁରୁ ଡ. ସଙ୍ଗୀତା ଗୋସାଇଁ, ଓଡିଶୀ ନୃତ୍ୟ ଗୁରୁ ଡ. ମନୋରଞ୍ଜନ ପ୍ରଧାନ, ସଂସ୍କୃତି ଗବେଷକ ତଥା ସଙ୍ଗୀତଜ୍ଞ ଡ. କୀର୍ତ୍ତନ ନାରାୟଣ ପାଢ଼ୀ ଏବଂ ଖବରଦାତା ସମୀକ୍ଷା ପଟ୍ଟନାୟକଙ୍କୁ 'କଳାବୃତ୍ତି ସମ୍ମାନ'ରେ ସମ୍ମାନିତ କରିଥିଲେ। ସେହିପରି ମର୍ଦ୍ଦଳ ଗୁରୁ ରାମଚନ୍ଦ୍ର ବେହେରା, ଓଡିଶୀ ସଙ୍ଗୀତ ଗୁରୁ ସତ୍ୟବ୍ରତ କାଠ, ଓଡିଶୀ ନୃତ୍ୟ ଗୁରୁ ଅରୁପା ଗାୟତ୍ରୀ ପଣ୍ଡା, ଅଭିନେତା ପ୍ରଜ୍ଞାରଞ୍ଜନ ଖଟୁଆ, ଲାଇଟ୍ ଡିଜାଇନର ବିକାଶ କୁମାର ପ୍ରଧାନଙ୍କୁ 'କଳାବୃତ୍ତି ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ସାହିତ୍ୟ, ନୃତ୍ୟ ଓ ସଙ୍ଗୀତ ପରିବେଷଣ ଶୀତୁଆ ସନ୍ଧ୍ୟାରେ ଦର୍ଶକମାନଙ୍କୁ ବିମୋହିତ ହୋଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁପଦ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମକୁ ଅନନ୍ୟା ମିଶ୍ର ସଂଯୋଜନା କରିଥିଲେ। ଲଲାଟେନ୍ଦୁ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।


ଡ. ଚନ୍ଦ୍ରଶେଖର ହୋତାଙ୍କୁ 'କଳାବୃତ୍ତି ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଉଛି।

# ଲଟେରୀରେ ୧୬୭ ପରିବାରଙ୍କୁ ଗୃହ ବାଣ୍ଟିଲା ବିଏମ୍‌ସି

## ବସ୍ତିବାସିନ୍ଦାଙ୍କ ପାଇଁ ନିର୍ମାଣ ହେବ ୬ ମହଲା ବିଶିଷ୍ଟ ପକ୍କାଘର

## ଲାଗିବ ଲିଫ୍ଟ, ତିଆରି ହେବ ମାର୍କେଟ କମ୍ପ୍ଲେକ୍ସ

ଭୁବନେଶ୍ୱର, ୩୦।୧ (ବନ୍ଦନା ସେଠୀ)



ହିତାଧିକାରୀଙ୍କ ସହ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣାଙ୍କ ସହ ଅନ୍ୟମାନେ।

ବସ୍ତିବାସିନ୍ଦାଙ୍କୁ ମିଳିବ ପକ୍କା ଘର। ଏନେଇ ଶୁକ୍ରବାର ବିଏମ୍‌ସି ପକ୍ଷରୁ ୧୬୭ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଲଟେରୀ ମାଧ୍ୟମରେ ପକ୍କା ଘର ଆବଣ୍ଟନ କରାଯାଇଛି। ଚନ୍ଦ୍ରଶେଖରପୁର ବୁଦ୍ଧ ବିହାର ହାଉସିଂ ପ୍ରକଳ୍ପରେ ୧୦ରୁ ଅଧିକ ବସ୍ତିର ୧୬୭ଟି ପରିବାରକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଘର ଆବଣ୍ଟନ କରିଛନ୍ତି। ଆଗାମୀ ଦିନରେ ବସ୍ତିବାସିନ୍ଦାଙ୍କୁ ଦିଆଯିବାକୁ ଥିବା ଏହି ଘର ଆଧୁନିକ ହେବ। ୬ମହଲା ବିଶିଷ୍ଟ ଏହି ଆପାର୍ଟମେଣ୍ଟରେ ଲିଫ୍ଟ ଲଗାଯିବା ସହିତ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ ହେବ। ଏହି କମିଟି ସମ୍ପୃକ୍ତ ବ୍ଲକ୍ ବା ଆପାର୍ଟମେଣ୍ଟର ସମସ୍ତ ଦାୟିତ୍ୱ ବୁଝିବ। ବୁଦ୍ଧ ବିହାର ହାଉସିଂ କଲୋନୀ ଭିତରେ ରହୁଥିବା ଲୋକମାନଙ୍କର ଆର୍ଥିକ ଉନ୍ନତି ପାଇଁ ସେମାନଙ୍କୁ ମାର୍କେଟ କମ୍ପ୍ଲେକ୍ସ ଗୃହ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଡା. ମହାପାତ୍ର ସୂଚନା ଦେଇଛନ୍ତି। ବସ୍ତିରେ ରହୁଥିବା ମଧ୍ୟବିତ୍ତ ପରିବାର ପାଇଁ ସ୍ୱଳ୍ପ ମୂଲ୍ୟରେ ଗୃହ ଯୋଗାଇ ଦିଆଯିବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ଘରର ମାଲିକ ହେଉଛନ୍ତି ହିତାଧିକାରୀ। ସେହି ଘରର ଯତ୍ନ ନେବା ସହ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦାୟିତ୍ୱ ମଧ୍ୟ ହିତାଧିକାରୀମାନଙ୍କର। ଘରର ରକ୍ଷଣାବେକ୍ଷଣ ସହ ପରିବେଶର ସୁରକ୍ଷାକୁ ହିତାଧିକାରୀମାନେ ସୁନିଶ୍ଚିତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଘର ସ୍ଥାନାନ୍ତର ବେଳେ କିମ୍ବା ସେଠାରେ ପହଞ୍ଚିବା ପରେ କୌଣସି ହିତାଧିକାରୀ ଯେପରି ଅସୁବିଧାରେ ନ ପଡନ୍ତି ସେଥିପାଇଁ ବିଏମ୍‌ସି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପାନୀୟ ଜଳ, ବିଦ୍ୟୁତ୍ ଆଲୋକର ସୁବିଧା ରହିଛି। ଆଗାମୀ ଦିନରେ ମଧ୍ୟ ବିଏମ୍‌ସି ପକ୍ଷରୁ ଏହିପରି ସହାୟତା ଜାରି ରହିବ। ଗୃହ ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ସମସ୍ତ ହିତାଧିକାରୀଙ୍କ ଉପସ୍ଥିତିରେ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରାଯାଉଛି ବୋଲି ମେୟର କହିଥିଲେ। ଅପରପକ୍ଷେ ଯଦି କୌଣସି ହିତାଧିକାରୀ ଭୁଲବଶତଃ ଚଞ୍ଚକତା କରି କିମ୍ବା ମିଥ୍ୟା କାଗଜପତ୍ର ଦାଖଲ କରି ଘର ହାତେଇଥାନ୍ତି, ତେବେ ସେମାନଙ୍କୁ ଘରୁ ବାହାର କରିବା ସହ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ସେମାନଙ୍କ ନାମରେ ଏଫଆଇଆର କରାଯିବ ବୋଲି କମିଶନର ଚଞ୍ଚଳ ରାଣା କହିଛନ୍ତି। କାର୍ଯ୍ୟକ୍ରମରେ ସ୍ଲମ ସେଟଲମେଣ୍ଟ କମିଟିର ଅଧ୍ୟକ୍ଷା ମହାମାୟା ସ୍ୱାଇଁ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ସମ୍ପୃକ୍ତ ୱାର୍ଡର କର୍ପୋରେଟର, ବିଏମସି ଓ ବିଡିଏର ହିତାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜପଥ ନେଉଛି ମୁଣ୍ଡ, ମାସକରେ ଗଲାଣି ୧୦ ଜୀବନ

ଖୋର୍ଦ୍ଧା,୩୦।୧ (ପ୍ରଭାତ ପାଣିଗ୍ରାହୀ)

**ପ୍ରଚାରରେ ସୀମିତ ସଚେତନତା କାର୍ଯ୍ୟକ୍ରମ**

- ନାବାଳକ ଗାଡ଼ି ଚଲାଇଲେ କାର୍ଯ୍ୟାନୁଷ୍ଠାନ
- ବିନା ହେଲମେଟରେ ଘରୁ ବାହାରନ୍ତୁନି

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦୁର୍ଘଟଣା ନିୟନ୍ତ୍ରଣ ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ର ସରକାର ନୂତନ ମୋଟରଯାନ ସଂଶୋଧନ ଆଇନ-୨୦୧୯ କାର୍ଯ୍ୟକାରୀ କରିଛନ୍ତି। ଭୁବନେଶ୍ୱର-ଚେନ୍ନାଇ ୧୬ନମ୍ବର ଏବଂ ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ମରଣାଯନ୍ତା ପାଲଟିଛି। ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେପଟେ ଜୀବନ ଯାଉଛି। ତେବେ ଜିଲା ପ୍ରଶାସନ ଏବଂ ଆଞ୍ଚଳିକ ପରିବହନ ବିଭାଗ ସଚେତନତାରେ ସୀମିତ ରହିଛନ୍ତି। ଜାନୁଆରୀ ପହିଲାରୁ ଏକ ମାସ ବ୍ୟାପୀ ଜାତୀୟ ସଡ଼କ ସୁରକ୍ଷା ଦିବସ ପାଳନ ହେଉଛି। ଚଳିତ ବର୍ଷ ବାର୍ତ୍ତା ରହିଛି 'ସଡ଼କ ସୁରକ୍ଷା ଜୀବନ ରକ୍ଷା'। ତେବେ ଏଥିରେ କୌଣସି ପ୍ରଭାବ ପଡୁନାହିଁ। ବିଶେଷକରି ରାଜପଥରେ ଦୁର୍ଘଟଣା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ତମାଣ୍ଡୋ ଛକ ନିକଟରେ ପିଚୁ ବୋଝେଇ ଟ୍ୟାଙ୍କରକୁ ଏକ ଟ୍ରକ୍ ଧକ୍କା ଦେବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଗତ ୨୭ ତାରିଖ ରାତିରେ ୧୬ ନମ୍ବର ଜାତୀୟ ରାଜପଥରେ ଓଭରବ୍ରିଜରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛକୁ ଟ୍ରାଭେଲର ଧକ୍କାଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ଜଣ ଆହତ ହୋଇଥିଲେ। ସେହିପରି ଗଙ୍ଗପଡ଼ା ଛକରେ କଣ୍ଟେନରକୁ ଏକ ଥାର୍ ଧକ୍କା ଦେବାରୁ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ଗତ ୨୮ତାରିଖରେ ବୋଲଗଡ଼ ବ୍ଲକ ଛକ ନିକଟରେ ବୋଲେରୋ ଓଲଟି ପଡିବାରୁ ୩ଜଣ ଗୁରୁତର ଆହତ ହୋଇଥିଲେ। ଗତ ୯ତାରିଖରେ ଗଙ୍ଗପଡ଼ା ଛକରେ ସ୍କୁଟିରେ ଯାଉଥିବା ମା'ଝିଅ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ନାଭାଲ ଛକରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଦଧିମାଛଗାଡ଼ିଆରେ ଭୋରୁ ବାଇକ୍‌କୁ ଟ୍ରକ୍ ପଛପଟୁ ଧକ୍କାଦେଇ ମାଡିଯିବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ନିକଟରେ ଏକ ଟୁରିଷ୍ଟ ବସ୍ ସହ ହାଇୱା ଧକ୍କା ହେବାରୁ ୧୦ଜଣ ଆହତ ହୋଇଥିବା ବେଳେ ବସ୍ କ୍ଷତିଗ୍ରସ୍ତ ହୋଇଥିଲା। ବେଗୁନିଆରେ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବାଘମାରୀ ଥାନା ଅଞ୍ଚଳରେ ଏକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଚଳିତ ବର୍ଷ ଜାନୁଆରୀରେ ଦୁର୍ଘଟଣା ହାର ଉଦ୍‌ବେଗଜନକ ରହିଛି। ଏପର୍ଯ୍ୟନ୍ତ ବିଭିନ୍ନ ଥାନା ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଥିବା ବେଳେ ୧୦ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଜିଲା ପୋଲିସ ରିପୋର୍ଟ ଅନୁସାରେ ୨୦୨୫ରେ ୩୭୦ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୧୪୪ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୪ରେ ୩୫୦ ଦୁର୍ଘଟଣା ଘଟିଥିବା ବେଳେ ୧୫୨ଜଣଙ୍କ ଜୀବନ ଯାଇଛି। ୨୦୨୩ରେ ୩୭୧ ଦୁର୍ଘଟଣାରେ ୧୫୮ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୨ରେ ୨୬୪ ଦୁର୍ଘଟଣା ଘଟିଥିବା ବେଳେ ୧୩୬ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୧ରେ ୨୨୬ ଦୁର୍ଘଟଣାରେ ୧୦୬ଜଣଙ୍କ ମୃତ୍ୟୁ ଘଟିଛି। ସେହିଭଳି ୨୦୨୦ରେ ୨୧୬ ଦୁର୍ଘଟଣାରେ ୯୦ଜଣଙ୍କ ଜୀବନ ଯାଇଛି। ୨୦୧୯ରେ ୨୭୫ ଦୁର୍ଘଟଣାରେ ୧୬୨ଜଣଙ୍କ ମୃତ୍ୟୁ ଘଟିଛି।

**ଏମାନେ ଯାହା କୁହନ୍ତି...**

" ଆମେ ସଡ଼କ ଦୁର୍ଘଟଣା ରୋକିବା ଲାଗି ଅଧିକ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଭୁବନେଶ୍ୱର-ଚେନ୍ନାଇ ୧୬ ଏବଂ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ବହୁ ଦୁର୍ଘଟଣା ଘଟୁଛି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ସଡ଼କ ଦୁର୍ଘଟଣା ହାର ବଢ଼ିବାରେ ଲାଗିଛି। ଯାଞ୍ଚ କଡ଼ାକଡ଼ି କରାଯିବ। ବିନା ହେଲମେଟ୍‌ରେ ଧରାପଡିଲେ, ଜରିମାନା ଆଦାୟ ହେବା ସହ ଲାଇସେନ୍ସ ରଦ୍ଦ ଲାଗି ସୁପାରିଶ କରାଯିବ। ପରିବାର ଲୋକଙ୍କ ଗୁରୁ ଦାୟିତ୍ୱ ରହିଛି। ବିନା ହେଲେମେଟରେ ଘରୁ ବାହାରିଲେ, ତାଗିଦ୍ କରନ୍ତୁ।

**- ଅରବିନ୍ଦ ନାୟକ, ଏଆର୍‌ଟିଓ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ**

" ପୋଲିସ କିମ୍ବା ଜରିମାନା ଭୟରେ କାହାଠାରୁ ଆଣି ହେଲମେଟ ପରିଧାନ କରନ୍ତୁ ନାହିଁ। ନିଜସ୍ୱ ଖର୍ଚ୍ଚରେ ଆଇଏସ୍‌ଆଇ ମାର୍କା ଥିବା ହେଲେମେଟ ପରିଧାନ କରନ୍ତୁ। ଜୀବନ ବହୁ ମୂଲ୍ୟବାନ, ଏହାକୁ ଦୃଷ୍ଟିରେ ରଖି ହେଲେମେଟ ବ୍ୟବହାର କରନ୍ତୁ। କୌଣସି ସ୍ଥାନରେ ନାବାଳକ ବାଇକ୍ ଚଳାଉଥିବା ଧରାପଡ଼ିଲେ, କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜପଥରେ ଯାନବାହନ ଚେକିଂ କଡ଼ାକଡ଼ି କରାଯାଇଛି। ସଚେତନତା ଘରୁ ଆଗୁ ଆରମ୍ଭ ହେଉ। ରାଜପଥରେ ଦୁର୍ଘଟଣା ପ୍ରବଣ ଅଞ୍ଚଳକୁ ଚିହ୍ନଟ କରାଯାଇଛି। ଏହାକୁ ଆଗାମୀ ଦିନରେ ବ୍ଲାକ୍‌ସ୍ପଟ୍ ଘୋଷଣା କରାଯିବ।

**- ବିବେକାନନ୍ଦ ଶର୍ମା, ଏସ୍‌ପି**

# କୁଷ୍ଠ ନିବାରଣ ସଚେତନତା ପଦଯାତ୍ରା



କୁଷ୍ଠ ନିବାରଣ ସଚେତନତା ପଦଯାତ୍ରାରେ ସାମିଲ ହୋଇଥିବା ସ୍ୱାସ୍ଥ୍ୟକର୍ମୀ ଏବଂ ଅନ୍ୟମାନେ।

ଟାଙ୍ଗୀ,୩୦।୧ (ରଘୁନାଥ ସାହୁ)

କୁଷ୍ଠ ନିବାରଣ ଦିବସ ଅବସରରେ ଶୁକ୍ରବାର କୁହୁଡ଼ି ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ସଚେତନତା ପଦଯାତ୍ରା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଏମ୍ସ ଭୁବନେଶ୍ୱରର ଡାକ୍ତର ଆସ୍ଥା, ଜାତୀୟ କୁଷ୍ଠ ନିରାକରଣ ବ୍ଲକ ନୋଡାଲ ଅଫିସର ନିରଞ୍ଜନ ଦାଶ, ଜାତୀୟ କୁଷ୍ଠ ନିରାକରଣ ନୋଡାଲ ଅଫିସର କବିତା ସାହୁ, କୁହୁଡି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଟୁନି ମହାରଣାଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। କୁହୁଡି ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ସଚେତନତା ପଦଯାତ୍ରା ମାଧ୍ୟମରେ ଲୋକମାନଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିବା ଲକ୍ଷ୍ୟ ନେଇ କୁଷ୍ଠ ନିବାରଣ ପାଇଁ ସମୂହ ଶପଥ ପାଠ ହୋଇଥିଲା। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କୁଷ୍ଠରୋଗୀଙ୍କ ପ୍ରତି ଭେଦଭାବ ଅନ୍ତ ଓ ମର୍ଯ୍ୟାଦାର ସୁରକ୍ଷା ସମ୍ପର୍କରେ ଆଲୋଚନାଚକ୍ର ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ଏଏନ୍‌ଏମ୍, ସ୍ୱାସ୍ଥ୍ୟକର୍ମୀ, ଆଶା ସାଥୀମାନେ ଉପସ୍ଥିତଥିଲେ।

# 'ପଲ୍ଲୀରେ ପ୍ରଶାସନ'ରେ ଜନ୍ମଦିନ ପାଳିବା ଘଟଣାର ତଦନ୍ତ ହେବ

ଖୋର୍ଦ୍ଧା,୩୦।୧ (ପ୍ରଭାତ ପାଣିଗ୍ରାହୀ)

'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ ଭିତରେ କେକ୍ କାଟି ବୋଲଗଡ଼ ବିଡିଓଙ୍କ ଡ୍ରାଇଭର ଜନ୍ମଦିନ ପାଳନ କରିବା ଘଟଣାର ତଦନ୍ତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଜନ୍ମଦିନ କେକ କାଟି ଚର୍ଚ୍ଚାରେ ଥିବା ବିଡିଓ ସୁଧା ସୁମନ କୁଣ୍ଡୁ ଅଡୁଆରେ ପଡ଼ିଛନ୍ତି। ଏନେଇ ଯୁବ ଆଇନଜୀବୀ ତଥା ମାନବାଧିକାରକର୍ମୀ ଶ୍ରୀତମ କୁମାର ପ୍ରଧାନ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ସେକ୍ରେଟାରୀ ପତିତପାବନ ନାଥଶର୍ମା ଘଟଣାର ତୁରନ୍ତ ତଦନ୍ତ କରି ରିପୋର୍ଟ ପଠାଇବା ପାଇଁ ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବ ଏବଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# 'ନିଷ୍ଠା, ଅଧ୍ୟବସାୟ ବଳରେ ଲକ୍ଷ୍ୟପ୍ରାପ୍ତି ହୁଏ'

ବୋଲଗଡ଼,୩୦।୧ (ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଷ୍ଠା ଓ ଅଧ୍ୟବସାୟ ବଳରେ ଲକ୍ଷ୍ୟପ୍ରାପ୍ତ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଏସ୍‌ଏମ୍‌ସି ସଭାନେତ୍ରୀ ମିନାକ୍ଷୀ ସୁନ୍ଦରା, ସିଆର୍‌ସିସି ଚନ୍ଦ୍ର ଶେଖର ନାୟକ, ପଞ୍ଚଶଖା ଶିକ୍ଷା ସେତୁ ସଭାପତି ସମ୍ବିତ ରାଉତରାୟ, ଉପସଭାପତି ନିରଞ୍ଜନ ନାୟକ, ସାମାଜିକ କର୍ମୀ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଦିପ୍ତୀରଞ୍ଜନ ଦାଶ, ସୌଦାମିନୀ ପରିଡ଼ା, ଶ୍ରୋତାଲିନ ସାହୁ, ନମିତା ସାହୁ, ଅର୍ଚ୍ଚନା ଖଟୁଆ, ଅଂଶୁମାନ ଧଳ, ଶିବ ପ୍ରଧାନ, ଶିଶିର ରାଉତରାୟ, ସମ୍ବିତ କେଦାର କର, ଦୀପକ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ଧଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

# ଚିଲିକାରୁ ୨୦୦୦ ଏକର ଘେରି ଉଚ୍ଛେଦ



ବାଲୁଗାଁ,୩୦।୧ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ବାଲୁଗାଁ ନିକଟ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ବେଆଇନ ଭାବେ ଗଢ଼ିଉଠିଥିବା ୨୦୦୦ ଏକର ପରିବ୍ୟାପ୍ତ ଖନ୍ଦା ଜାଲ ଏବଂ ଘେରି ଉଚ୍ଛେଦ କରାଯାଇଛି। ବ୍ୟବହୃତ ୬ କୁଇଣ୍ଟାଲ ଜାଲ, ବାଉଁଶ ଆଦି ଜବତ ପରେ ସେଗୁଡ଼ିକୁ ପ୍ରଶାସନ ପକ୍ଷରୁ ପୋଡ଼ି ଦିଆଯାଇଛି। ପ୍ରକାଶ ଯେ, ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ବେଆଇନ ଘେରି ଯୋଗୁ ମତ୍ସ୍ୟଜୀବୀମାନେ ଚିଲିକା ମଧ୍ୟକୁ ଡଙ୍ଗା ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଦ୍ୱାରା ମାଛ ଧରିବାକୁ ଯାଇ ନ ପାରି ସେମାନଙ୍କ ଜୀବନ ଜୀବିକା କ୍ଷେତ୍ରରେ ଘୋର ପ୍ରଭାବ ପଡୁଛି। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଶୁକ୍ରବାରଠାରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼ାଇଙ୍କ ତତ୍ତ୍ୱାବଧାନରେ ଉପକୂଳବର୍ତ୍ତୀ ଗ୍ରାମ ଛେଡ଼ାପଦର, ଅଠରବାଟିଆ ଏବଂ ଗବପଦର ମୌଜା ଅଧୀନ ଚିଲିକାରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୩ଟି ଡଙ୍ଗାରେ ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଚିଲିକା ତହସିଲଦାରଙ୍କ ସମେତ ସିଡିଏ, ଜଙ୍ଗଲ ବିଭାଗ, ମତ୍ସ୍ୟ ବିଭାଗ, ସ୍ଥାନୀୟ ପୋଲିସ, ରାଜସ୍ୱ କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅଭିଯାନ ଆଗକୁ ଅନ୍ୟାନ୍ୟ ଅଞ୍ଚଳରେ ଜାରି ରହିବ ବୋଲି ତହସିଲଦାର ଘଡ଼େଇ କହିଛନ୍ତି।

# ବିଦ୍ୟାଳୟର ବାର୍ଷିକୋତ୍ସବ

ଜଟଣୀ,୩୦।୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ବଡ଼ତୋଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଉନ୍ନୟନ ଅଧିକାରୀ ବସନ୍ତ କୁମାର ହାତୀ, ବ୍ଲକ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ବିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା, ସିଆର୍‌ସିସି ଚିତ୍ତରଞ୍ଜନ ମହାପାତ୍ର, ଉଗ୍ରସେନ ସୁନ୍ଦରାୟ, ଜ୍ଞାନରଞ୍ଜନ ବଳିୟାରସିଂ, ଜବାହାରଲାଲ ସୁନ୍ଦରାୟ, ଧୋବଇ ମଙ୍ଗରାଜ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ବାଲ୍ୟ ବିବାହ ଏକ ଅଭିଶାପ' ସେଚେତନତା ଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା ବଳିୟାରସିଂ ଧନ୍ୟବାଦ ଦେଇଥିଲେ।

# ଜିଲା ପ୍ରଶାସନ ପକ୍ଷରୁ ଶହୀଦ ଦିବସ ପାଳିତ

ଖୋର୍ଦ୍ଧା,୩୦।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟର ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଥିଲେ ଯେ, ଶହୀଦମାନେ ହେଉଛନ୍ତି ଭାରତବର୍ଷର ଆଦର୍ଶ। ଭାରତମାତାର ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଭାରତ ପ୍ରତି ମହାତ୍ମା ଗାନ୍ଧୀଙ୍କ ଅବଦାନ ଅତୁଳନୀୟ। ଗାନ୍ଧୀଙ୍କ ତିରୋଧାନ ଦିବସକୁ ଶହୀଦ ଦିବସ ଭାବେ ସାରା ଦେଶରେ ପାଳନ କରାଯାଉଛି। ଖୋର୍ଦ୍ଧା ମାଟି ବୀରତ୍ୱର ମାଟି । ଏ ମାଟିର ବହୁ ସଂଗ୍ରାମୀ ପ୍ରାଣବଳି ଦେଇ ସ୍ୱାଧୀନତା ସଂଗ୍ରାମର ଇତିହାସ ରଚିଛନ୍ତି। ଶହୀଦମାନେ ସ୍ୱାଧୀନତା ସଂଗ୍ରାମର ଅମର ଗାଥା ବହନ କରୁଛନ୍ତି। ଏହି ଅବସରରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସଂଯୋଜନା କରିଥିଲେ। ଅନୁରୂପଭାବେ ଜିଲା ମୁଖ୍ୟ ପୋଲିସ କାର୍ଯ୍ୟାଳୟ, ଜିଲାପରିଷଦ କାର୍ଯ୍ୟାଳୟ, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ ଅଫିସ ସହ ଜିଲାର ସମସ୍ତ ଜିଲାସ୍ତରୀୟ କାର୍ଯ୍ୟାଳୟରେ ଶହୀଦ ଦିବସ ପାଳନ ସହ ନୀରବ ପ୍ରାର୍ଥନା କରାଯାଇଥିଲା।



ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ସହ ଅନ୍ୟମାନେ ନୀରବ ପ୍ରାର୍ଥନା କରୁଛନ୍ତି।

# ସୁନ୍ଦରପୁରରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ଟାଙ୍ଗୀ,୩୦।୧ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସୁନ୍ଦରପୁର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟ ସମବାୟ ସେଲ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଟାଙ୍ଗୀ ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସୁକାନ୍ତ ରାଉତ, ଟାଙ୍ଗୀ ବ୍ଲକ କୃଷି ଅଧିକାରୀ ସୌମେନ୍ଦ୍ର କୁମାର ବେହେରା, ସୁନ୍ଦରପୁର ସମବାୟ ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର କଳସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଟାଙ୍ଗୀ ବ୍ଲକରେ ଚାଷୀଙ୍କଠାରୁ ମୋଟ୍ ୨୦୦ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରିଛି କୃଷି ବିଭାଗ। ଏହା ସହ ମାଣ୍ଡିଆ କେଜି ପ୍ରତି ୪୮ଟଙ୍କା ୮୬ ପଇସାରେ ଚାଷୀଙ୍କ ଆଖି ସ୍କାନ କରାଯାଇ ଡିବିଟି ମାଧ୍ୟମରେ ଚାଷୀଙ୍କୁ ଦେୟ ପ୍ରଦାନ କରାଯିବ ବୋଲି ବ୍ଲକ କୃଷି ଅଧିକାରୀ ସୌମେନ୍ଦ୍ର ବେହେରା କହିଛନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଆଗକୁ ବହୁଳ ପରିମାଣରେ ମାଣ୍ଡିଆ ଚାଷ କରି ସରକାରୀ ସୁବିଧା ସୁଯୋଗ ନେବା ପାଇଁ ରାଜ୍ୟ ସମବାୟ ସେଲ ସଂଯୋଜକ ମଙ୍ଗରାଜ ଚାଷୀମାନଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟ ସମିତି ସମ୍ପାଦକ ବାଙ୍କନିଧି ପ୍ରଧାନ ସହଯୋଗ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।

# ପପୁଲାର କ୍ଲବ୍ ଢେଙ୍କାନାଳ ସେମିରେ

ନିରାକାରପୁର,୩୦।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

**ରାଜ୍ୟସ୍ତରୀୟ ମା' ଭୈରବୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ଖେଳପଡ଼ିଆରେ ମା' ଭୈରବୀ ଯୁବ ସଂସଦ ଆନୁକୂଲ୍ୟରେ ଚାଲିଥିବା ୪୩ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ପପୁଲାର କ୍ଲବ ଢେଙ୍କାନାଳ ଏବଂ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ଗଣ୍ଡରପୁର କଟକ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଟ୍ରାଇବେକରରେ ୧-୦ ଗୋଲରେ ପପୁଲାର କ୍ଲବ ଢେଙ୍କାନାଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସୁଜିତ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନରେ ଏମ୍.ଏସ୍ ବାଗ ଏବଂ ଆଲୋକ ଦେହୁରି ସହଯୋଗ କରିଥିଲେ। ସେହିପରି ହୃଦାନନ୍ଦ ମହତରାୟ, ପ୍ରମୋଦ କୁମାର ଦାସ, ଓମ୍ ପ୍ରକାଶ ମିଶ୍ର, ଭୀମସେନ ବିଶ୍ୱାଳ, ଗଙ୍ଗାଧର ପାଇକରାୟ, ଗଙ୍ଗାଧର ପଟ୍ଟନାୟକ, ପ୍ରମୋଦ କୁମାର ଦାସ ପ୍ରମୁଖ ନିଜ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ ଷଡଙ୍ଗୀ ପୌରାହିତ୍ୟ କରିଥିବା ବେଳେ ସାମାଜିକ କର୍ମୀ ଇଂ.ପ୍ରଭାତ ସ୍ୱାଇଁ, ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସନ୍ତୋଷ ଦଳେଇ, ସିପିଏମ୍ ନେତା ବିଧୁଭୂଷଣ ମହାରଣା, ଶିକ୍ଷାବିତ୍ କିଶୋର କୁମାର ଦାଶ, ଅରକ୍ଷିତ ଦଳେଇ, ଲକ୍ଷ୍ମଣ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ପପୁଲାର କ୍ଲବର ୨୫ନମ୍ବର ଜର୍ସି ବିପିନ କୁମାରଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କମଳ ଲୋଚନ ପ୍ରଧାନ ଏବଂ ପବିତ୍ର ମୋହନ ପାଇକରାୟ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ନୃସିଂହ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# 'ଗାନ୍ଧୀ ବିଚାରଧାରାର ଏବେ ବି ପ୍ରାସଙ୍ଗିକତା ରହିଛି'

ଜଟଣୀ,୩୦।୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ସାମାଜିକ ଅନୁଷ୍ଠାନ ବରିଷ୍ଠ ନାଗରିକ ସେବାସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅବନୀ ରାଉତରାଙ୍କ ନେତୃତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଅନୁଷ୍ଠାନର ବହୁ ସଦସ୍ୟଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରଥମେ ପୌରାଞ୍ଚଳ ଅନ୍ତର୍ଗତ ଗାନ୍ଧୀ ଉଦ୍ୟାନ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗାନ୍ଧିଜୀଙ୍କ ନୀତି ଆଦର୍ଶ ଏବଂ ଦେଶପ୍ରୀତିର ସ୍ମୃତିକୁ ମନେପକାଇ ବର୍ତ୍ତମାନ ସମୟରେ ସମସ୍ତେ ଗାନ୍ଧୀଙ୍କ ଭଳି ସେବା ମନବୃତି ରଖି କାର୍ଯ୍ୟକଲେ ସମାଜର ବହୁବିଧ ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା।



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିମାନେ।

**ବୋଲଗଡ଼, (ଦେବବ୍ରତ ହୋତା):** ବୋଲଗଡ଼ ଗାନ୍ଧୀ ମଣ୍ଡପଠାରେ ମହାତ୍ମା ଗାନ୍ଧୀଙ୍କ ୭୯ତମ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପୂଜ୍ୟପୂଜା ସଂସଦ ସଭାପତି ଗୋପୀନାଥ ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଐତିହାସିକ ରବୀନ୍ଦ୍ର ପରିଡା, ମୁଖ୍ୟ ବକ୍ତା ଶିକ୍ଷାବିତ୍ ହରିବନ୍ଧୁ ସାହୁ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ରଘୁନାଥ ଦଳବେହେରା, ରାଧେଶ୍ୟାମ ରାୟଗୁରୁ ମହାପାତ୍ର, କୈଳାସ ଚନ୍ଦ୍ର ତ୍ରିପାଠୀ, ଭକ୍ତବଲ୍ଲଭ ପଟ୍ଟନାୟକ, ଗୌରାଙ୍ଗ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଗାନ୍ଧୀ ସର୍କିଟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା। ୨୦୨୭ ଡିସେମ୍ବର ୯,୧୦ ଓ ୧୧ ତାରିଖରେ ଗାନ୍ଧୀ ଆଗମନର ୧୦୦ବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ଅବସରରେ ଏହାକୁ ଉଦ୍‌ଘାଟନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଗୌରାଙ୍ଗ ଚମ୍ପତି ଧନ୍ୟବାଦ ଅର୍ପଣ କରିଥିଲେ।

**ବେଗୁନିଆ, (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ ଶହୀଦ ଦିବସ ପାଳିତ ହୋଇଯାଇଛି। ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ତହସିଲ କାର୍ଯ୍ୟାଳୟରେ ଶହୀଦ ଦିବସ ପାଳନ ହୋଇଥିଲା। ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳଙ୍କ ସମେତ ବେଗୁନିଆ, ରାଉତପଡା, କୁରାଡ଼ିଲୋ ଏବଂ ବୋତଲମା ଆର୍‌ଆଇ ଏବଂ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଥମେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ବେଗୁନିଆ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଶହୀଦ ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଶହୀଦମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ପରେ ଅଧ୍ୟକ୍ଷା ଏବଂ ଅଧ୍ୟାପକମାନେ ବକ୍ତବ୍ୟ ରଖିଥିଲେ।

**ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ): ବଳଙ୍ଗା ଥାନା ପରିସରସ୍ଥିତ ତ୍ରିନାଥ ଦେବଙ୍କ ମନ୍ଦିରର ପ୍ରତିଷ୍ଠା ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା କର୍ତ୍ତା ଓ ତାଙ୍କ ସହଧର୍ମିଣୀ କର୍ତ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ଏବଂ ସାଥୀ ପୂଜକମାନେ ହୋମ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଭଜନ ସମାରୋହ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସସ୍ମିତା ବେହେରା, ଶୁଭଲକ୍ଷ୍ମୀ ପଟ୍ଟନାୟକ, ରତ୍ନାକର ବେହେରା, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧।୨୦୨୬

| | |
|---|---|
| ୧୦,୮୯,୪୮୧ ଟଙ୍କା | |
| ସୁନା | ୩୭.୧୦୦ ଗ୍ରାମ୍ |
| ରୁପା | ୩୩.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଜିଲାପାଳଙ୍କ ବାଲିପୁଟ ପାକ୍ସ ପରିଦର୍ଶନ

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁକ୍ରବାର ପୁରୀ ସଦର ବ୍ଲକର ବାଲିପୁଟ ପାକ୍ସ ପରିଦର୍ଶନ କରିଥିଲେ। ଧାନ ସଂଗ୍ରହର ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ପାକ୍ସ ସମ୍ପାଦକ ଓ ଅନ୍ୟ କର୍ମଚାରୀ ଏବଂ ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଧାନ ବିକ୍ରିର ସୁବିଧାଅସୁବିଧା ଓ ସମସ୍ୟା ସମ୍ପର୍କରେ ଚାଷୀଙ୍କୁ ପଚାରି ବୁଝିଥିଲେ। ପରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଚାଷୀଙ୍କର ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ନ ହେବ ଓ ସରକାରୀ ନିୟମ ଅନୁଯାୟୀ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଜିଲାପାଳଙ୍କ ସହ ବିଡିଓ ସମ୍ବିତ କୁମାର ଶତପଥୀ, ଯୋଗାଣ ନିରୀକ୍ଷକ ସୁବାସ ଚନ୍ଦ୍ର ବିଶ୍ୱାଳ, ଏରିଆ ଅଫିସର ପାର୍ଥ ସାରଥି ମଲ୍ଲିକ, ପାକ୍ସ ସମ୍ପାଦକ ସଚିକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରାଫିକ୍ ଜାମ୍ ନେଇ ସମସ୍ୟା ଭୋଗିଲେ ଲୋକେ

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ତାଳବଣିଆ ଓ ଷ୍ଟେଶନ ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନରେ ପ୍ରବଳ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା। ଫଳରେ ଜନସାଧାରଣ ଅନେକ ସମୟ ଧରି ଫସି ରହିଥିଲେ। ଏହାକୁ ନେଇ ଭଏସ୍ ଅଫ୍ କମନ୍ ମ୍ୟାନର ହେକ୍ଟର ମିଶ୍ର ଅସନ୍ତୋଷ ବ୍ୟକ୍ତକରିବା ସହ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି କରିଛନ୍ତି। ମିଶ୍ର କହିଛନ୍ତି, ପୁରୀ ଟ୍ରାଫିକ୍ ସମ୍ପୂର୍ଣ୍ଣ ଭାବରେ ଠପ୍ ହୋଇଯାଇଛି। ଶୁକ୍ରବାର ୧ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଷ୍ଟେଶନ ଅଞ୍ଚଳ ଏବଂ ତାଳବଣିଆ ଏକ ଦୟନୀୟ ଅବସ୍ଥା ଦେଖିବାକୁ ମିଳିଥିଲା। ଟ୍ରାଫିକ୍ ଜାମ କାରଣରୁ ଘଣ୍ଟା ଘଣ୍ଟା ଧରି ଆମ୍ବୁଲାନ୍ସ, ସ୍କୁଲ ପିଲା, ଟ୍ରେନ୍ ଯାତ୍ରୀ ଏବଂ ଅଧିକାରୀ ଫସି ରହିଥିଲେ। ତାଳବଣିଆର ମଧୁର ଜଳପୂର୍ଣ୍ଣ ଉତ୍ସ ହୋଇଥିବାରୁ ସେଠାରେ ଧର୍ମସଭା ପାଇଁ ଅନୁମତି ନ ଦିଆଯିବା ଆବଶ୍ୟକ। ଏହା ଅବୈଧ ଅନୁମତି। ଅନୁମତି ପ୍ରଦାନ କରିବା ପ୍ରଶାସନିକ ତ୍ରୁଟି। ତେଣୁ ତୁରନ୍ତ ଓ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମିଶ୍ର ପ୍ରକାଶ କରିଛନ୍ତି।

# ରାସ୍ତାକୁ ମାଡ଼ି ପଡ଼ିରହିଛି ପୁରୁଣା ଗାଡ଼ି

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ପୁରୀ ସହରରେ ଟ୍ରାଫିକ୍ ବ୍ୟବସ୍ଥା ଓ ଲୋକଙ୍କ ଯାତାୟାତକୁ ସୁବିଧାଜନକ କରିବା ପାଇଁ ଟ୍ରାଫିକ୍ ଥାନା ପୁରୀ ଓ ସିଟି ଡିଏସ୍‌ପିଙ୍କ ମିଳିତ ପ୍ରୟାସରେ ଏକ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି। ପୁରୀ ଏକ ଧାର୍ମିକ ଓ ପର୍ଯ୍ୟଟନ ନଗରୀ ହୋଇଥିବାରୁ ପ୍ରତିଦିନ ବହୁସଂଖ୍ୟକ ଭକ୍ତ, ପର୍ଯ୍ୟଟକ ପୁରୀକୁ ଆସିଥାନ୍ତି। ତେବେ ସହରର ବିଭିନ୍ନ ସ୍ଥାନରେ ବିଶେଷକରି ଅଣଓସାରିଆ ବା ଛୋଟ ଗଳିଗୁଡ଼ିକରେ ପୁରୁଣା ୩ ଚକିଆ ଓ ୪ ଚକିଆ ଯାନବାହନ ଅଚଳ ଅବସ୍ଥାରେ ପଡ଼ିରହିଛି। ପରିତ୍ୟକ୍ତ ଯାନବାହନ ରାସ୍ତା ଅବରୋଧ ସୃଷ୍ଟିକରିବା ସହ ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ଜରୁରୀ ସେବାରେ ନିୟୋଜିତ ଗାଡ଼ି ଯାତାୟାତରେ ବାଧା ସୃଷ୍ଟି କରୁଛି। ଏହା ଟ୍ରାଫିକ୍ ଜାମ୍, ଦୁର୍ଘଟଣାର ସମ୍ଭାବନା ଓ ଲୋକଙ୍କ ପାଇଁ ଅସୁବିଧାର ପ୍ରମୁଖ କାରଣ ହୋଇପଡ଼ିଛି। ଏନେଇ



ପୁରୀ ପୋଲିସ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସହରର ପ୍ରାୟ ୧୬ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଚିହ୍ନଟ କରାଯାଇଛି, ଯେଉଁଠାରେ ଏମିତି ପୁରୁଣା ଓ ପରିତ୍ୟକ୍ତ ଯାନବାହନ ରାସ୍ତା ଉପରେ ବର୍ଷ ବର୍ଷ ଧରି ପଡ଼ିରହିଛି। ସେହି ସ୍ଥାନଗୁଡ଼ିକ ମଧ୍ୟରେ ବାନାମ୍ବର ଛକ ନିକଟରେ ଥିବା ଓଲା ଶୋ ରୁମ୍, ରିଲାନ୍ସ ଟ୍ରେଣ୍ଡସ୍ ସାମ୍ନା, ଭିଆଇପି ରୋଡ୍‌ରେ ଥିବା ରୁଟ୍ ଡେଣ୍ଟାଲ କ୍ଲିନିକ ଆଖପାଖ, କାଠି ଜଙ୍କସନ, ଡାଲେମା ହୋଟେଲ ଆଖପାଖ, କଲେରା ହସ୍ପିଟାଲ ଆଖପାଖ, ଓମେନ୍ସ କଲେଜ ନିକଟବର୍ତ୍ତୀ ଅଞ୍ଚଳ

### ମାଲିକଙ୍କୁ ପୋଲିସ ପକ୍ଷରୁ ନୋଟିସ୍

ସହ ଅନ୍ୟାନ୍ୟ ଗଳି ଓ ସଡ଼କ ଅନ୍ତର୍ଭୁକ୍ତ। ଏହି ସମସ୍ତ ସ୍ଥାନରେ ରାସ୍ତା ଉପରେ ଅବରୋଧ ସୃଷ୍ଟିକରି ଯାନବାହନ ରଖିଥିବା ମାଲିକଙ୍କୁ ପୋଲିସ ପକ୍ଷରୁ ନୋଟିସ ଜାରି କରାଯାଇଛି। ନୋଟିସ ମାଧ୍ୟମରେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତାଙ୍କର ଯାନବାହନ ସ୍ୱଇଚ୍ଛାରେ ସ୍ଥାନାନ୍ତର କରିବାକୁ ଅନୁରୋଧ କରାଯାଇଛି।

ପୋଲିସ ସ୍ପଷ୍ଟ କରିଛି, ଯଦି ନୋଟିସ ପାଇବା ପରେ ମଧ୍ୟ ଯାନବାହନ ମାଲିକମାନେ ତାଙ୍କର ଗାଡ଼ି ହଟାଇବେ ନାହିଁ, ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚଳନା କରିବା ଏହାର ମୁଖ୍ୟ ଲକ୍ଷ୍ୟ। ରାସ୍ତା ଉପରେ ପରିତ୍ୟକ୍ତ ଯାନବାହନ ରହିଲେ ସେଗୁଡ଼ିକ ଅପରାଧୀଙ୍କ ଲୁଚିବା ସ୍ଥାନ ହୋଇପାରେ, ରାତିରେ ଦୁର୍ଘଟଣା ବୃଦ୍ଧି କରେ। ଏହାସହ ଅଗ୍ନିକାଣ୍ଡ ଘଟିଲେ ଅଗ୍ନିଶମ ବାହିନୀ ପହଞ୍ଚିବାରେ ମଧ୍ୟ ବିଳମ୍ବ ହେବା ସମ୍ଭାବନା ରହିଛି। ସେମାନେ ସ୍ୱଇଚ୍ଛାରେ ଆଗକୁ ଆସି ତାଙ୍କର ପୁରୁଣା ଓ ଅଚଳ ଯାନବାହନକୁ ସାର୍ବଜନୀନ ସଡ଼କ ଓ ଗଳିରୁ ହଟାଇ ସହଯୋଗ କରନ୍ତୁ। ଲୋକଙ୍କ ସୁବିଧା ଓ ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଥିବାରୁ ସମସ୍ତଙ୍କ ସହଯୋଗ ଅତ୍ୟାବଶ୍ୟକ। ସହରବାସୀଙ୍କୁ ଅନୁରୋଧ, ଯଦି କୌଣସି ସ୍ଥାନରେ ଦୀର୍ଘଦିନ ଧରି ପଡ଼ିରହିଥିବା ଏବଂ ରାସ୍ତା ଅବରୋଧ କରୁଥିବା ଯାନବାହନ ଦେଖିଲେ ସ୍ଥାନୀୟ ଥାନାକୁ ଜଣାଇବେ। ୧୧୨ କିମ୍ବା ଟ୍ରାଫିକ୍ ଥାନା ନଂ. ୯୪୩୮୯୧୬୩୮୮ରେ ସାଧାରଣ ଲୋକଙ୍କ ସହଯୋଗ ଓ ସଚେତନତା ଦ୍ୱାରା ପୁରୀ ସହରକୁ ଏକ ସୁଚାରୁରୂପେ ନିରାପଦ ଓ ଯାତାୟାତ ସୁବିଧାପୂର୍ଣ୍ଣ ସହରରେ ପରିଣତ କରାଯାଇପାରିବ ବୋଲି କହିଛନ୍ତି।

# ୧୯୬ ମଣ୍ଡିରେ ୧,୫୭,୨୬୭ କୁଇଣ୍ଟାଲ ଧାନ କ୍ରୟ



ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଧାନମଣ୍ଡି ବୁଲି ଦେଖୁଛନ୍ତି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ଜିଲାର ସମସ୍ତ ୧୧ଟି ବ୍ଲକ୍‌ରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଜିଲାପାଳ ଶୁକ୍ରବାର ବିଭିନ୍ନ ଧାନମଣ୍ଡି ପରିଦର୍ଶନ ସହ ଚାଷୀଙ୍କ ସହ ଆଲୋଚନାକରି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝୁଛନ୍ତି। ମଣ୍ଡିଗୁଡ଼ିକରେ ଯେପରି ଚାଷୀଙ୍କର କୌଣସି ଅସୁବିଧା ନ ହୁଏ ସେଥିପାଇଁ ଯତ୍ନବାନ୍ ହେବାକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଯୋଗାଣ ଅଧିକାରୀ, ସମବାୟ ସମିତିର କର୍ମକର୍ତ୍ତା ଓ ଆର୍‌ଏମ୍‌ସି ପକ୍ଷରୁ କୃଷକଙ୍କୁ ସମସ୍ତ ସହଯୋଗ ଯୋଗାଇଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର କୃଷକମାନେ ଧାନ ବିକ୍ରିରେ

### ଚାଷୀଙ୍କ ଖାତାକୁ ଗଲାଣି ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲାପାଳ ପରିଡ଼ା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ୫୯,୯୯୮ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଯାଞ୍ଚ ପରେ ୫୯,୧୯୭ ଜଣ ଧାନ ବିକ୍ରି ପାଇଁ ଯୋଗ୍ୟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୨୭,୫୦୭ ଟୋକନ ପ୍ରଦାନ କରାଯାଇଛି। ୧୨,୦୪,୦୦୦ କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ଚଳିତ ମାସ ୩୦ ତାରିଖ ସୁଦ୍ଧା ୪,୦୯୯ ଜଣ କୃଷକଙ୍କଠାରୁ ୧,୫୭,୨୬୭ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇ ୨୫,୫୦,୬୫,୯୬୩ ଟଙ୍କା ପ୍ରଦାନ କରାଯାଇଛି ବୋଲି ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସୂଚନା ଦେଇଛନ୍ତି।

# ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୫ତମ ଅଧିବେଶନ



ନୀଳାଚଳ ସାରସ୍ୱତ ସଂଘର ପ୍ରାଦେଶିକ ଭକ୍ତ ସମ୍ମିଳନୀ ସ୍ଥଳକୁ ଶ୍ରୀନିଗମାନନ୍ଦଙ୍କ ରଥକୁ ଅନୁଗାମୀମାନେ ଶୋଭାଯାତ୍ରାରେ ଟାଣି ନେଉଛନ୍ତି ।

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୫ତମ ଅଧିବେଶନ, ପଦ୍ମାରାଗ ଜୟନ୍ତୀର ଶୁକ୍ରବାର ଦିନ ଅଧିବାସ ପୂଜା ଅନୁଷ୍ଠିତ ହୋଇଯାଇଛି। ଭକ୍ତ ମଣ୍ଡଳୀ ଠାକୁର ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ସୋଲାଖିଆ ବରଗଛ ନିକଟ ସ୍ମୃତି ମନ୍ଦିରରୁ ତାଳବଣିଆ ସମ୍ମିଳନୀ ମଣ୍ଡପକୁ ଶୋଭାଯାତ୍ରାରେ ନିଆଯାଇଛି। ଶୋଭାଯାତ୍ରା ପଟୁଆରରେ ସାହିଯାତ, ଘୋଡ଼ା ନାଚ, ବାଘ ନାଚ ସହ ଦେଶବିଦେଶରୁ ଆସିଥିବା ଶତାଧିକ ଭକ୍ତ ଏଥିରେ ସାମିଲ ହୋଇଥିଲେ। ପଥପ୍ରାନ୍ତ ଅଭ୍ୟର୍ଥନା ଗ୍ରହଣ କରି ଶ୍ରୀଶ୍ରୀ ଠାକୁର ଶୋଭାଯାତ୍ରାରେ ସମ୍ମିଳନୀ କ୍ଷେତ୍ର ତାଳବଣିଆଠାରେ ପହଞ୍ଚିଥିଲେ। ଅଧିବାସ ସଭା ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଭକ୍ତ ଆସି ଯୋଗଦାନ କରିଛନ୍ତି। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ତାଳବଣିଆସ୍ଥିତ ପାର୍କି ସ୍ଥଳଠାରେ ଉତ୍ସବ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ୧୦ରୁ ୧୫ ହଜାର ଲୋକ ଯୋଗଦାନ କରିବାର ସମ୍ଭାବନା ରହିଛି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତି ବିଶେଷ, ସନ୍ଥ, ଗୁରୁ ଆଦି ଯୋଗଦେବା ସହ ଗଜପତି ମହାରାଜା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ମିଳୁନି ଝୋଟ ବସ୍ତା: ଚିନ୍ତାରେ ଚାଷୀ

ଡେଲାଙ୍ଗ,୩୦।୧(ରଶ୍ମୀରଞ୍ଜନ ପ୍ରଧାନ)

ଧାନମଣ୍ଡିରେ ଧାନ ପହଞ୍ଚାଇବା ପାଇଁ ଚଳିତ ବର୍ଷ ଝୋଟ ଅଖା ବ୍ୟବହାର ଲାଗି ବାଧ୍ୟତାମୂଳକ କରାଯାଇଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ବଜାରରେ ଝୋଟବସ୍ତା ମିଳୁ ନ ଥିବାରୁ ଅନ୍ନଦାତାମାନେ ପୁରୁଣା ଚିରା ଫଟା ଝୋଟବସ୍ତା ସଂଗ୍ରହ କରି ଧାନ ଆଣୁଥିବାରୁ ପରିବହନ ଓ ଉଠାପକା ସମୟରେ ଧାନ ତଳେ ପଡ଼ି ନଷ୍ଟ ହେଉଛି ଏବଂ ଚାଷୀକୁଳ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ସମସ୍ୟାର ପ୍ରତିକାର ପାଇଁ ଚଳିତବର୍ଷ ପଲି ବା ପ୍ଲାଷ୍ଟିକ ସୁତାବସ୍ତାରେ ଧାନ କ୍ରୟ କରିବାକୁ ଅନ୍ନଦାତାମାନେ ସରକାରଙ୍କୁ ନିବେଦନ କରିଛନ୍ତି।

### ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବିଡିଓଙ୍କ ନିର୍ଦ୍ଦେଶ

କଣାସ, ୩୦।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଗ୍ରାମାଞ୍ଚଳ ଉନ୍ନୟନ ପାଇଁ ଅର୍ଥରାଶି ବ୍ୟୟ ବରାଦ କରିଥିବାବେଳେ ଚଳିତ ଆର୍ଥିକ ବର୍ଷ ପୂର୍ବରୁ ତାହା କିପରି ସୁବିନିଯୋଗ ହେବ ସେ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରୟାସ ଚାଲିଛି। ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ କାର୍ଯ୍ୟ ତ୍ୱରାନିତ ପାଇଁ ଗୁରୁବାର ସିରେଇ ପଞ୍ଚାୟତର ଏକରୁଖା, କାଦୁଆ ପଞ୍ଚାୟତର କଉଡ଼ିଖଣି, ସାହସପୁର, ଗୋପୀନାଥପୁର ପଞ୍ଚାୟତର ଗୋପୀନାଥପୁର, କଳାପଦର, ପାଇକମରା, ଆଳିବାଡ ପଞ୍ଚାୟତର ବ୍ରହ୍ମପଡା ଗ୍ରାମ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ତଦାରଖ କରିଥିଲେ। କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସାରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଶାଶ୍ୱତ ସେନାପତି, ସହକାରୀ ଯନ୍ତ୍ରୀ ଜଗନ୍ନାଥ ରାଉତ, ସହକାରୀ ଯନ୍ତ୍ରୀ ଗୋପୀନାଥ ପଲାଇ ଓ କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବୃଦ୍ଧଙ୍କୁ ହୋପ୍ ଇଜ୍ ଲାଇଫ୍ ବୃଦ୍ଧାଶ୍ରମରେ ଥଇଥାନ

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଉଦ୍ୟମରେ ଖୋର୍ଦ୍ଧା ଜିଲାର ନରହରି ସାହିର ବୃଦ୍ଧ ଧନୀ ବେହେରା (୭୮)ଙ୍କୁ ହୋପ୍ ଇଜ୍ ଲାଇଫ୍ ବୃଦ୍ଧାଶ୍ରମରେ ଥଇଥାନ କରାଯାଇଛି। ବେହେରା ନିଜ ପୁଅଠାରୁ ନିର୍ଯାତିତ ହୋଇ ଘର ଛାଡ଼ି ୭/୮ ଦିନ ହେବ ଷ୍ଟେଶନରେ ରହୁଥିଲେ। ଶୁକ୍ରବାର ବୃଦ୍ଧ ଜଣଙ୍କ ଟାଉନ୍ ଥାନକୁ ଆସିଥିଲେ। ଟାଉନ୍ ଥାନାରେ କାର୍ଯ୍ୟରତ ଥିବା ଜିଲା ଆଇନ ସେବା ପ୍ରାଧିକରଣ ସ୍ୱେଚ୍ଛାସେବୀ ଗୁରୁପ୍ରସାଦ ଦାସ ବୃଦ୍ଧ ଜଣଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ତାଙ୍କ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ନେଇଥିଲେ। ବୃଦ୍ଧ ଜଣଙ୍କ ଥଇଥାନ ପାଇଁ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ସ୍ୱେଚ୍ଛାସେବୀ ଜଣଙ୍କ ପୁରୀ ବଡ଼ଦାଣ୍ଡ ଟାଉନ୍ ଥାନା ନିକଟସ୍ଥ ନୀଳାଦ୍ରି ଭକ୍ତନିବାସ ପ୍ରାଙ୍ଗଣରେ ଥିବା ଆଇନ ସହାୟତା ଏବଂ ମଧ୍ୟସ୍ଥତା ପ୍ରଚାର କେନ୍ଦ୍ରରେ କାର୍ଯ୍ୟରତ ଥିବା ପୂର୍ଣ୍ଣଚନ୍ଦ୍ର ଚଇନିଙ୍କୁ ଜଣାଇବା ପରେ ଥାନା ଭରପ୍ରାପ୍ତ ଅଧିକାରୀଙ୍କ ସହାୟତାରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀଙ୍କ ବିହିତ ପଦକ୍ଷେପରେ ବୃଦ୍ଧ ଧନୀ ବେହେରାଙ୍କୁ ହୋପ୍ ଇଜ ଲାଇଫ୍ ବୃଦ୍ଧାଶ୍ରମରେ ଥଇଥାନ କରାଯାଇଛି।

# ଶହୀଦ ଦିବସରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ବିଚାରଧାରା ଚିର ଅମର। ୧୯୪୮ ମସିହା ଜାନୁଆରୀ ୩୦ରେ ଜାତିର ଜନକଙ୍କ ମହାପ୍ରୟାଣ ଘଟିଥିଲା। ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ର ସମଗ୍ର ବିଶ୍ୱକୁ ଆନ୍ଦୋଳିତ କରିଛି। ତାଙ୍କର ତ୍ୟାଗ, ସମୟାନୁବର୍ତ୍ତିତା ଓ ସତ୍ୟ ପ୍ରତି ନିଷ୍ଠା ସମସ୍ତଙ୍କୁ ସବୁଦିନ ପାଇଁ ଅନୁପ୍ରାଣିତ କରିଚାଲିଥିବ ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ପ୍ରତିବର୍ଷ ଜାନୁଆରୀ ୩୦ ତାରିଖ ମହାତ୍ମା ଗାନ୍ଧୀ ମହାପ୍ରୟାଣ ଦିବସକୁ ଶହୀଦ ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୀରବତା ଅବଲମ୍ବନ କରାଯାଇ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୧୧ଟାରୁ ୧୧ଟା ୦୨ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀ ନୀରବ ପ୍ରାର୍ଥନା କରି ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଆଦ୍ୟାଶା ରଥ, ବିବେକାନନ୍ଦ ସାହୁ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ଜିଲାପାଳ ପଞ୍ଚାନନ ପରିଜା, ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲାର ବିଭିନ୍ନ ବିଭାଗର କାର୍ଯ୍ୟାଳୟଗୁଡ଼ିକରେ ଏହି ନୀରବତା ଅବଲମ୍ବନ ପୂର୍ବକ ଶହୀଦ ଦିବସ ପାଳନ କରାଯାଇଥିଲା।

# ଆଜିଠୁ ନିଖିଳ ଉତ୍କଳ ଖଡୁରା ସମାଜର ୨ୟ ବାର୍ଷିକ ମହୋତ୍ସବ

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ନିଖିଳ ଉତ୍କଳ ଖଡୁରା ସମାଜର ଦ୍ୱିତୀୟ ବାର୍ଷିକ ମହୋତ୍ସବ ଶନିବାର ଓ ରବିବାର ପୁରୀ ବଡ଼ଦାଣ୍ଡସ୍ଥ ବଗଲା ଭିଆଇପି ସୁଟ୍‌ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଶୁକ୍ରବାର ଚକ୍ରତୀର୍ଥ ରୋଡ୍ ସ୍ଥିତ ଏକ ହୋଟଲ ପରିସରରେ ନିଖିଳ ଉତ୍କଳ ଖଡୁରା ସମାଜ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗିରୀଶ ନାୟକ କହିଛନ୍ତି, ଖଡୁରା ସମାଜର ଦ୍ୱିତୀୟ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୩୫୦୦ରୁ ଊର୍ଦ୍ଧ୍ୱ ଖଡୁରା ବିଭିନ୍ନ ପ୍ରାନ୍ତରୁ ଆସି ଯୋଗଦାନ କରିବେ। ଏଥିସହ ଛତିଶଗଡ଼ ଓ ଝାଡ଼ଖଣ୍ଡରୁ ଖଡୁରା ସଦସ୍ୟମାନେ ଯୋଗଦେବେ। ମହୋତ୍ସବକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ମହୋତ୍ସବର ୨ୟ ପର୍ଯ୍ୟାୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦାନ କରିବେ। ରବିବାର ସମାଜ ଦ୍ୱାରା ଏକ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହେବ, ଯାହା ଗୁଣ୍ଡିଚାମନ୍ଦିର ନିକଟରୁ ଆରମ୍ଭ ହୋଇ ବଗଲା ଭିଆଇପି ସୁଟ୍ ନିକଟରେ ଶେଷ ହେବ। ଅଧିବେଶନରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଓ ବିଧାୟିକା ଉପାସନା ମହାପାତ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେବେ। ଦିବଂଗତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯିବ। ଖଡୁରା ଜାତିର କଳା, କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ୯୦% ନମ୍ବର ରଖିଥିବା ପ୍ରତିଭାମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକ୍ଷେତ୍ର ଖଡୁରା ସମାଜର ସଭାପତି ସୁରେଶ ନାୟକ ଏବଂ ସମ୍ପାଦକ ଯୋଗେନ୍ଦ୍ର ନାୟକ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତିଙ୍କ ସୁରକ୍ଷାରେ ୨୫ ପ୍ଲାଟୁନ୍ ଫୋର୍ସ

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୨ରୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ପୁରୀ ଆସି ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତପାଇଁ ଶ୍ରୀମନ୍ଦିର ପ୍ରଶାସନ ଠାରୁ ଆରମ୍ଭକରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଟ୍ରାଫିକ୍ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ବ୍ୟାରିକେଡ୍ ବ୍ୟବସ୍ଥା, ତାଳବଣିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ, ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀଙ୍କ ରହଣି ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ରାସ୍ତା ମରାମତି, ପାନୀୟ ଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ଟେଲିଫୋନ ଯୋଗାଯୋଗ ବ୍ୟବସ୍ଥା, ଶୌଚାଳୟ ଓ ପରିମଳ ବ୍ୟବସ୍ଥା, ଶ୍ୱେତଗଙ୍ଗାରେ ପିଣ୍ଡଦାନ ବ୍ୟବସ୍ଥା, ଅଗ୍ନି ନିର୍ବାପନ ବ୍ୟବସ୍ଥା, ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ଉପରେ ଗୁରୁତ୍ୱର ସହ କାର୍ଯ୍ୟ କରାଯାଉଛି।

ଶ୍ୱେତଗଙ୍ଗା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କରାଯାଉଛି। ପୁଷ୍କରିଣୀ ଚାରିପାଖରେ ଥିବା କାନ୍ଥକୁ ଧଳାରଙ୍ଗ କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ଶ୍ୱେତଗଙ୍ଗା ପୁଷ୍କରିଣୀ ଚାରିପାଖରେ ଥିବା ଆବାସିକ ଗୃହ ଓ ଲଜ୍‌ଗୁଡ଼ିକରେ ଯାତ୍ରୀ ନ ରଖିବାକୁ ପୋଲିସ ପକ୍ଷରୁ ବାସିନ୍ଦାଙ୍କୁ କୁହାଯାଇଛି। ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଇ ବିଭିନ୍ନ ପଦକ୍ଷେପ ନେଇ ସୂଚନା ଦିଆଯାଇଛି। ସମସ୍ତ ବିଭାଗ ନିଜ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠାର ସହ ସମ୍ପନ୍ନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ନିୟମାବଳୀ ଅନୁସାରେ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ରାଷ୍ଟ୍ରପତିଙ୍କ ଶ୍ୱେତଗଙ୍ଗା ପୁଷ୍କରିଣୀ ଯିବା କାର୍ଯ୍ୟକ୍ରମ ଥିବାରୁ ଚାରିପାଖରେ ଥିବା ସବୁ ବେଆଇନ ଲଜ୍, ହୋମ୍ ଷ୍ଟେକୁ ଚିହ୍ନଟ କରାଯାଉଛି। ଅଜଣା ଲୋକଙ୍କୁ ଲଜ୍‌ରେ ରଖିବା ପାଇଁ ବାରଣ କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷାରେ ୨୫ ପ୍ଲାଟୁନ୍ ଫୋର୍ସ ରହିବେ। ୬ ଜଣ କମାଣ୍ଡାଣ୍ଟ ଅଫିସରଙ୍କ ସମେତ ଅନ୍ୟାନ୍ୟ ର୍‍ୟାଙ୍କର ଅଫିସର ମୁତୟନ ରହିବେ ବୋଲି ଏସ୍‌ପି ସିଂ ସୂଚନା ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଆଉ ଅଳ୍ପଦିନ ଥିବାରୁ ବଡ଼ଦାଣ୍ଡରେ ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ହେଲିପ୍ୟାଡ୍ କାର୍ଯ୍ୟ ଜୋର୍‌ସୋରରେ ଜାରି ରହିଛି।

### ଡକାୟତି ଉଦ୍ୟମ ପଣ୍ଡ, ୨ ଗିରଫ

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ଡକାୟତି ଯୋଜନା କରୁଥିବା ଅଭିଯୋଗରେ ଟାଉନ୍ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମଙ୍ଗଳାଘାଟ ତୋଟାସାହିର ସବ୍ୟସାଚୀ ପ୍ରଧାନ, ହରଚଣ୍ଡୀ ନଗର ଧୋବାସାହିର କାର୍ତ୍ତିକ ରାଉତ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ଲୁହା କଟୁରି, ମୋବାଇଲ, ବିୟର ବୋତଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏନେଇ ପୋଲିସ କେସ୍ ନଂ. ୬୩/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ଜଗନ୍ନାଥବଲ୍ଲଭଙ୍କ ଏକ ଅନ୍ଧାର ସ୍ଥାନରେ ଅସାମାଜିକ ବ୍ୟକ୍ତି ଏକତ୍ରିତ ହୋଇ ଜେବିପିସି ପାର୍କିଂକୁ ଆସୁଥିବା ଗାଡ଼ିରୁ ଡକାୟତି ପାଇଁ ମାରଣାସ୍ତ୍ର ଧରି ଯୋଜନା କରୁଛନ୍ତି। ବିଶ୍ୱସ୍ତସୂତ୍ରରୁ ସୂଚନାପାଇ ଟାଉନ୍ ଥାନା ପୋଲିସ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ସେମାନଙ୍କ ନିକଟରୁ ପୋଲିସ ମାରଣାସ୍ତ୍ର ଜବତ କରାଯାଇ ଥାନାକୁ ଆଣିବା ସହ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ମଧ୍ୟ ଅନେକ ମାମଲା ରହିଛି।

# ମତଦାତା ସପ୍ତାହରେ ପଦଯାତ୍ରା, ଶପଥପାଠ

ପୁରୀ,୩୦।୧(ଅଜିତ୍ କୁମାର ମହାନ୍ତି)

ଜାତୀୟ ମତଦାତା ସପ୍ତାହ ୨୦୨୬ ଉପଲକ୍ଷେ ସାମାଜିକ ଅନୁଷ୍ଠାନ ସମ୍ପର୍କ ତରଫରୁ ମାଇଁ ଯୁବା ଭାରତ, ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତ ସରକାର, ରାଷ୍ଟ୍ରସେବା ଟ୍ରଷ୍ଟ ସହଯୋଗରେ ବାଲିଗୁଆଳିସ୍ଥିତ ପ୍ରିୟଙ୍କାଦେବୀ ସ୍କୁଲ୍ ଅଫ୍ ନର୍ସିଂ ପରିସରରେ ଏକ ଜାତୀୟ ମତଦାତା ସପ୍ତାହ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା ନୂତନ ଓ ପ୍ରଥମଥର ମତଦାନ କରିବାକୁ ଯାଉଥିବା ଯୁବ ମତଦାତାଙ୍କୁ ମତଦାନର ଗୁରୁତ୍ୱ, ଭୋଟର ନାମଲେଖା ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ଏବଂ ନୀତିସଙ୍ଗତ ଭୋଟଦାନ ବିଷୟରେ ସଚେତନ କରାଇବା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା ମାଧ୍ୟମରେ ଯୁବପିଢ଼ିଙ୍କୁ ଲୋକତାନ୍ତ୍ରିକ ମୂଲ୍ୟବୋଧ, ଦାୟିତ୍ୱଶୀଳ ନାଗରିକତା ଏବଂ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାଗୀଦାର ହେବାର ସନ୍ଦେଶ ଦିଆଯାଇଥିଲା।




ସମ୍ପର୍କ ଅନୁଷ୍ଠାନ ଏବଂ ବାଲିଗୁଆଳିସ୍ଥିତ ପ୍ରିୟଙ୍କା ନର୍ସିଂ କଲେଜ ପକ୍ଷରୁ ମତଦାନ ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଉଛି ।

ପଦଯାତ୍ରା ପୂର୍ବରୁ ସମସ୍ତ ଅଂଶଗ୍ରହଣକାରୀ ନୀତିସଙ୍ଗତ ଓ ସଚେତନ ଭୋଟଦାନ ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଛନ୍ତି, ସଚେତନ ଓ ଦାୟିତ୍ୱଶୀଳ ମତଦାନ ଦ୍ୱାରା ଲୋକତନ୍ତ୍ର ସୁଦୃଢ଼ ହୁଏ ଓ ଦେଶ ଦୃଢ଼ ଭିତ୍ତି ଉପରେ ଅଗ୍ରସର ହୁଏ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କହିଛନ୍ତି, ଯୁବବର୍ଗଙ୍କୁ ଆରମ୍ଭରୁ ନାଗରିକ ଦାୟିତ୍ୱ ବିଷୟରେ ସଚେତନ କରାଗଲେ ଭବିଷ୍ୟତରେ ଏକ ସୁଦୃଢ଼ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ପଦ୍ମନାଭ ପଣ୍ଡା, ପ୍ରିୟଙ୍କାଦେବୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ଡ. ବାବୁଲା ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଜିଲା ଯୁବ ଅଧିକାରୀ ସୁଶୀଲ, ମାଇଁ ଭାରତର ଜିଲା କୋଷାଧ୍ୟକ୍ଷ ଅଶୋକ ବେହେରା, ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦା, ରାଷ୍ଟ୍ରସେବା ଟ୍ରଷ୍ଟର ଅଧ୍ୟକ୍ଷା ରଞ୍ଜିତା ପାଢ଼ୀ ପ୍ରମୁଖ ଯୋଗଦାନ କରି ନିଜ ନିଜର ମତ ପ୍ରଦାନ କରିଥିଲେ। ଶେଷରେ ସ୍କୁଲର ଅଧ୍ୟକ୍ଷା ପାର୍ବତୀ ପରିଡ଼ା ଧନ୍ୟବାଦ ଦେଇଥିଲେ। ସଭା ପରେ ମତଦାତା ସପ୍ତାହ ଅବସରରେ ନୂଆ ମହିଳା ମତଦାତାଙ୍କୁ ନେଇ 'ପିଙ୍କ୍ ରାଲି' ଆୟୋଜନ କରାଯାଇ ମହିଳା ସଶକ୍ତୀକରଣ ଓ ସଚେତନ ମତଦାନର ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ସଚେତନ, ସକ୍ରିୟ ଓ ଦାୟିତ୍ୱଶୀଳ ମତଦାତା ଭାବେ ଗଢ଼ିତୋଳିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସାଧାରଣରେ ମତପ୍ରକାଶ ପାଇଥିଲା। ଶୁଭ ପ୍ରସାଦ ଶର୍ମା, ବିଶ୍ୱଜିତ ମିଶ୍ର, ରଞ୍ଜନ ପାଢ଼ୀ, ରାକେଶ ବାରିକ, ରୋଜାଲିନ ମିଶ୍ର, ଅଶ୍ରୁଜିତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଅଦ୍ୱୈତ ଦାସ ବାବାଜୀଙ୍କ ସ୍ମରଣୋତ୍ସବ**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ଦରଘାପାଟଣାସ୍ଥିତ ଗୋପାଳଜୀଉଙ୍କ ଆଶ୍ରମ ତଥା ବାୟା ବାବାମଠ ପରିସରରେ ଶ୍ରୀଶ୍ରୀ ଗୁରୁଦେବ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଚରଣାଶ୍ରିତ ବୈଷ୍ଣବ ଶ୍ରୀଶ୍ରୀ ଅଦ୍ୱୈତ ଦାସ ବାବାଜୀଙ୍କ ଏକାଦଶ ବାର୍ଷିକ ସ୍ମରଣୋତ୍ସବ ଆରମ୍ଭ ହୋଇଛି। ଶ୍ରୀକଳ୍ପତରୁ ସଚ୍ଚିଦାନନ୍ଦ ଟ୍ରଷ୍ଟ ଇଷ୍ଟେଟ୍ ଏବଂ ଶ୍ରୀକଳ୍ପତରୁ ସେବାସଂଘ ସୋସାଇଟି ପକ୍ଷରୁ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହା ଫେବୃଆରୀ ୩ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ୩ ତାରିଖ ପ୍ରାତଃ ସମୟରେ ଶ୍ରୀନଗର କୀର୍ତ୍ତନ କରାଯିବ। ଏହାପରେ ୧୦୮ କୁମ୍ଭ ଜଳରେ ମହାରାଜ ଶ୍ରୀଶ୍ରୀ ଅଦ୍ୱୈତ ଦାସ ବାବାଜୀଙ୍କ ଭବ୍ୟ ଅଭିଷେକ ଅନୁଷ୍ଠିତ ହେବ। ଶେଷରେ ୬୪ ମହନ୍ତ ଭାଗ ଆରାଧନା, ସାଧୁ ବୈଷ୍ଣବ ସେବା ପରେ କାର୍ଯ୍ୟକ୍ରମ ସମାପନ ହେବ।



## ସଂକ୍ଷେପରେ

### ଜିଲା ବିଜେଡି ପକ୍ଷରୁ ଶହୀଦ ଦିବସ ପାଳିତ

କଟକ,୩୦।୧(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ଜିଲା ବିଜେଡି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥି ତଥା ଶହୀଦ ଦିବସ ଅବସରରେ ସ୍ମୃତି ସଭା ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କର୍ମୀମାନେ ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂ ଅଧ୍ୟକ୍ଷତା କରି ଆଜିର ଯୁବ ପିଢ଼ି ଗାନ୍ଧୀଙ୍କ ଆଦର୍ଶକୁ ଜୀବନରେ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଉକ୍ତ ସଭାରେ ବରିଷ୍ଠ ନେତା ମଧୁସୂଦନ ସାହୁ, ଡ. ରଞ୍ଜନ ବିଶ୍ୱାଳ, ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂ, ଆର୍ତ୍ତରଞ୍ଜନ ବିଶ୍ୱାଳ, ଇଂ. ସୁବ୍ରତ ଘଡେଇ, ତାପସ ମହାନ୍ତି, ସୟଦ ଏକରାମ ହୁସେନ, ଅନିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସୁବନ୍ଧନ ଶଙ୍କରପୁର ଗ୍ରାମର ନୂତନ ଅଧିକାରୀ

କଟକ,୩୦।୧(ଶିକ୍ଷା ପ୍ରିୟଦର୍ଶିନୀ)

ଶଙ୍କରପୁର ଗ୍ରାମର ନୂତନ ଅଧିକାରୀ ସୁବନ୍ଧନ ବାରିକ୍ ହୋଇଛନ୍ତି। ଗ୍ରାମରେ ହୋଇଥିବା ମତଦାନ ପ୍ରକ୍ରିୟାରେ ସୁବନ୍ଧନ ବିଜୟୀ ହେବା ପରେ ତାଙ୍କୁ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ଗ୍ରାମର ପୂର୍ବତନ ଅଧିକାରୀ ସ୍ୱର୍ଗତ ସୁରେଶଚନ୍ଦ୍ର ବାରିକଙ୍କ ପୁଅ ଓ ପୂର୍ବତନ ଅଧିକାରୀ ସ୍ୱର୍ଗତ ଭଜନୀ ବାରିକ୍ଙ୍କ ନାତି ହେଉଛନ୍ତି ସୁବନ୍ଧନ। ଗତବର୍ଷ ଜୁନ୍‌ରେ ଅଧିକାରୀ ସୁରେଶ ଚନ୍ଦ୍ର ବାରିକ୍ଙ୍କ ଦେହାନ୍ତ ପରେ ପଦଟି ଖାଲି ରହିଥିଲା। ମତଦାନ ପ୍ରକ୍ରିୟା ପରିଚାଳନା ବେଳେ ମହନ୍ତ ଅଭିମନ୍ୟୁ ଖୁଣ୍ଟିଆ, ରଞ୍ଜିତ ରାଉତ, ମୁରବି କୃଷ୍ଣଚନ୍ଦ୍ର ପରିଡ଼ା, ବାବୁଲି ସ୍ୱାଇଁ, ରମାନାଥ ସ୍ୱାଇଁ, କ୍ଷୀରୋଦ କୁମାର ପାତ୍ର, ପ୍ରହଲ୍ଲାଦ ଚନ୍ଦ୍ର ବାରିକ୍, ଦେବେନ୍ଦ୍ର ବେହେରା, ଶଙ୍କରପୁର-ବାଦାମବାଡ଼ି ପୂଜା କମିଟି ଆୟୋଜକ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୧୯୭୬ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ମଙ୍ଗୁଳି-ଜଗତପୁର,୩୦।୧(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ କୁମାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୬ ବ୍ୟାଚର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଢିଅସାହି ନିକଟସ୍ଥ ମହାନଦୀ ପଠାରେ ଅନୁଷ୍ଠିତ ହୋଇଯାଇଛି। ରତ୍ନାକର ବିଚିତ୍ରାନନ୍ଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଇଂ. ରମେଶ ଚନ୍ଦ୍ର କରଣ, ପର୍ଶୁରାମ ନାୟକ, ଶିକ୍ଷୟିତ୍ରୀ କନକଲତା ରାଉତ ପ୍ରମୁଖ ଯୋଗଦେଇଥିଲେ। ଦିବଂଗତ ଶିକ୍ଷକ ଓ ସହକର୍ମୀଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ୨ଟି ଚାରା ରୋପଣ ପାଇଁ ଅନୁରୋଧ କରିଥିଲେ। ଏଥିରେ ନିରଞ୍ଜନ ମଙ୍ଗୁଆଲ, ସୁଲୋଚନା ସାମଲ, ନାଟ୍ୟକାର ହେମନ୍ତ ମହାନ୍ତି, ଚନ୍ଦ୍ରମଣି ରାଉତ ପ୍ରମୁଖ ସହଯୋଗ କରିଥିଲେ। ଯଦୁମଣି ପାଠାଗାରର ସମ୍ପାଦକ ଜୟଦେବ ଖିଲାର ଧନ୍ୟବାଦ ଦେଇଥିଲେ।

# ଉନ୍ନୟନ ପ୍ରକଳ୍ପକୁ ନେଇ ପ୍ରବଳ ହଇଚଗୋଳ

କଟକ,୩୦।୧(କାର୍ତ୍ତିକ ସାହୁ)



ସିଏମ୍‌ସି କାଉନସିଲ ବୈଠକରେ ମେୟର ସୁବାସ ଚନ୍ଦ୍ର ସିଂ ଓ କର୍ପୋରେଟରଙ୍କ ମଧ୍ୟରେ ଯୁକ୍ତିତର୍କ।

**ଅଧାରୁ ବନ୍ଦ ସିଏମ୍‌ସି କାଉନ୍‌ସିଲ ବୈଠକ**

- ମେୟର, କମିଶନର ଉଠି ପଳାଇଲେ
- ୨ ମାସ ତଳେ ମଧ ବୈଠକ ଅଧାରୁ ବନ୍ଦ ହୋଇଥିଲା

ମୁଖ୍ୟମନ୍ତ୍ରୀ ସହରୀକରଣ ଯୋଜନାକୁ ତ୍ୱରାନ୍ୱିତ କରିବା, ୨୦୨୬-୨୭ ବର୍ଷ ଆର୍ଥିକ ବଜେଟ ପ୍ରସ୍ତୁତି, ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ସହ ମେୟରଙ୍କ ଅନୁମତି କ୍ରମେ ବିଭିନ୍ନ ବିଧେୟକ ପାରିତ କରିବା କାର୍ଯ୍ୟକ୍ରମ ଥିବା ବେଳେ ବନ୍ଦ ହୋଇଗଲା ସିଏମ୍‌ସି କାଉନ୍‌ସିଲ ବୈଠକ। କଟକ ମହାନଗର ନିଗମ (ସିଏମ୍‌ସି) ସଦସ୍ୟମାନଙ୍କ ପ୍ରବଳ ହଇଚଗୋଳ ଯୋଗୁ ମାତ୍ର ଏକ ଘଣ୍ଟା ବୈଠକ ଚାଲିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। କେତେଜଣ କର୍ପୋରେଟର ମେୟରଙ୍କ ପ୍ରତି ଅସନ୍ତୋଷ ବ୍ୟକ୍ତ ପ୍ରଦର୍ଶନ କରିଥିଲେ। ବୈଠକରେ ମେୟର ସୁବାସ ଚନ୍ଦ୍ର ସିଂ, କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ ଓ ବରିଷ୍ଠ ଅଧିକାରୀମାନେ ଅସୁରକ୍ଷିତ ମନେ କରି ବୈଠକ ଅଧାରୁ ଉଠି ପଳାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨ ମାସ ତଳେ ହୋଇଥିବା କାଉନ୍‌ସିଲ ବୈଠକରେ ମଧ୍ୟ କାଚ ସାମଗ୍ରୀ ଭଙ୍ଗାରୁଜା କରାଯିବାରୁ ବୈଠକ ଅଧାରୁ ବନ୍ଦ କରାଯାଇଥିଲା।

ବିଜୁଭବନସ୍ଥିତ ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷରେ ମେୟର ସିଂଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ସିଏମ୍‌ସି କାଉନ୍‌ସିଲ ବୈଠକ ବନ୍ଦ କରାଯିବା ପୂର୍ବରୁ କେତେକ ପ୍ରସ୍ତାବ ପାରିତ ହୋଇଛି। ମୁଖ୍ୟମନ୍ତ୍ରୀ ସହରୀକରଣ ଯୋଜନାର ପ୍ରାରମ୍ଭିକ ପର୍ଯ୍ୟାୟରେ କଟକ ସହରର ବିକାଶ ନିମନ୍ତେ ୬୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ କୋଟି ଏବଂ ତୃତୀୟ ପର୍ଯ୍ୟାୟରେ ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବା ନିମନ୍ତେ ଯୋଜନା ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସମସ୍ତ ୱାର୍ଡରେ ୬୬ କୋଟି ଟଙ୍କାରେ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଚୂଡ଼ାନ୍ତ ହୋଇଥିଲା। ଡିସେମ୍ବରରୁ ଯୋଜନା ହୋଇଥିବା ବେଳେ ମାର୍ଚ୍ଚ ସୁଦ୍ଧା ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରି ଏନ୍‌ଓସି ପ୍ରଦାନ ଲାଗି ଧାର୍ଯ୍ୟ କରାଯାଇଥିଲା। ମାର୍ଚ୍ଚ ପରେ ଆଉ ୨୫୦ କୋଟିର କାର୍ଯ୍ୟକୁ ମଞ୍ଜୁରୀ ମିଳିବାର ଲକ୍ଷ୍ୟ ରଖାଯାଇଥିଲା। ହେଲେ ଜାନୁଆରୀ ଶେଷ ହେବାକୁ ବସିଥିବା ବେଳେ ଏଯାଏ କୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଫଳରେ ମାର୍ଚ୍ଚ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ କାର୍ଯ୍ୟ ସରିବା ନେଇ ସନ୍ଦେହ ଦେଖାଦେଇଛି। ଏହି ଯୋଜନାର ରୂପରେଖକୁ ନେଇ ବହୁ କର୍ପୋରେଟର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ପୁଣି କର୍ପୋରେଟରମାନେ ଦେଇଥିବା କିଛି ପ୍ରକଳ୍ପ ବାତିଲ ହୋଇଯିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ସହରୀକରଣ ଯୋଜନାରେ କଟକ ସହରରେ ୮୬୪ଟି ପ୍ରକଳ୍ପ ଲାଗି ଆବେଦନ ହୋଇଛି। ତନ୍ମଧ୍ୟରୁ ୩୧୮ ପ୍ରକଳ୍ପର ଟେଣ୍ଡର ହୋଇଥିବା ବେଳେ ମାତ୍ର ୧୮ଟି ପ୍ରକଳ୍ପକୁ କାର୍ଯ୍ୟାଦେଶ ମିଳିଥିବା ସିଟି ଇଞ୍ଜିନିୟର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ସମନ୍ୱୟ ଅଭାବରୁ କ୍ଲିୟରାନ୍ସ ମିଳିପାରୁ ନ ଥିବା କେତେକ କର୍ପୋରେଟର ଅଭିଯୋଗ ଉଠାଇଛନ୍ତି। ଏଣିକି ବେଆଇନ ପାର୍କିଂ କଲେ ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ଗାଡ଼ି ଉଠାଇ ନେବ। ବାଇକ୍‌ରୁ ୫୦୦, କାରରୁ ୧୦୦୦ ଓ ଭାରିଯାନରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବାକୁ ସ୍ଥିର ହୋଇଛି। ଏଥିଲାଗି ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍‌ରେ ୧୨ ଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବା ନେଇ ବୈଠକରେ ସ୍ଥିର ହୋଇଛି।

# 'ପ୍ରଗତିବାଦୀ ଚେତନାର ପ୍ରଭାବଶାଳୀ କବି ରଘୁନାଥ'

କଟକ,୩୦।୧(କାର୍ତ୍ତିକ ସାହୁ)

ପ୍ରଗତିବାଦୀ ଚେତନାର ଜଣେ ପ୍ରଭାବଶାଳୀ କବି ହେଉଛନ୍ତି ରଘୁନାଥ ଦାସ (ଜଟାୟୁ)। ଜନଚେତନା ଜାଗ୍ରତ କରିବା ସହିତ ଏକ ସୁନ୍ଦର ଓ ସମୃଦ୍ଧ ସମାଜ ଗଢ଼ି ତୋଳିବା ଦିଗରେ ତାଙ୍କ ରଚନାବଳୀ ବେଶ୍ ଖୋରାକ ଯୋଗାଏ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ପ୍ରଗତିବାଦୀ କବି ରଘୁନାଥ ଦାସ (ଜଟାୟୁ)ଙ୍କ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଓ ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ର ଜଟାୟୁଙ୍କ ଜୀବନୀ ଓ ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରସନ୍ନ କୁମାର ପଣ୍ଡା, ପ୍ରଗତି ବାରିକ ଓ ଲୋଚନ ସାଇନାଥ ସାହୁଙ୍କୁ ଏବଂ ବିଦ୍ୟାଳୟ ସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସାଇଲକ୍ଷ୍ମୀ ଦୋରା, ଦିବ୍ୟରଞ୍ଜନ ସାହୁ ଓ ସଞ୍ଜୀବ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଦିତ୍ୟ ପ୍ରତାପ ଧଳ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ସଙ୍ଗଠନ ସମ୍ପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟା ଡ. ବୈଜୟନ୍ତୀମାଳା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଜଟାୟୁଙ୍କ ଜାମାତା ଡ. ଅଜୟ କୁମାର ପଟ୍ଟନାୟକ ଓ କନ୍ୟା ଡ. ମମତା ଦାସ ଉପସ୍ଥିତ ଥିଲେ।



ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ସ୍ମୃତିସନ୍ଧ୍ୟାରେ ଉପସ୍ଥିତ ଅତିଥି।

# ଫେବୃଆରୀ ୫ରୁ ବାରବାଟୀ ଶିଶିର ମେଳା




ଖବରଦାତା ସମ୍ମିଳନୀରେ ବାରବାଟୀ ଶିଶିର ମେଳା ସମ୍ପର୍କରେ ସୂଚନା ଦିଆଯାଉଛି।

କଟକ,୩୦।୧(ଶିକ୍ଷା ପ୍ରିୟଦର୍ଶିନୀ)

- ଯୋଗଦେବେ ୨୨ ରାଜ୍ୟର କାରିଗର, ବ୍ୟବସାୟୀ
- ରହିବ ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ୍ ସମେତ ଫୁଡ୍ କୋର୍ଟ

ଫେବୃଆରୀ ୫ରୁ ଆରମ୍ଭ ହେବ ବାରବାଟୀ ଶିଶିର ମେଳା। ଏହା ବାଲିଯାତ୍ରା ଉପର ପଡ଼ିଆରେ ୧୫ ତାରିଖ ଯାଏ ଚାଲିବ। ଏହି ମେଳା ଚଳିତବର୍ଷ ଚତୁର୍ଥ ବର୍ଷରେ ପଦାର୍ପଣ କରିବ। ମେଳାରେ ଚଳିତଥର ଉତ୍କଳିକା ପକ୍ଷରୁ ଗାନ୍ଧୀ ଶିଳ୍ପ ବଜାର ଆୟୋଜନ କରାଯିବ। ଏଥିରେ ଦେଶର ବିଭିନ୍ନ ଭାଗରୁ କଳାକାରମାନେ ଯୋଗଦେବେ। ଏହାସହ ପ୍ରାୟ ୨୨ଟି ରାଜ୍ୟରୁ କାରିଗର ଓ ବ୍ୟବସାୟୀ ଅଂଶଗ୍ରହଣ କରିବ। ଏହାସହ ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ ଖୋଲାଯିବ ବୋଲି ଶୁକ୍ରବାର ୱାଇଏମ୍‌ସିଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଶିଶିର ମେଳାରେ ଅଟୋମୋବାଇଲ ନିମନ୍ତେ ସ୍ୱତନ୍ତ୍ର ବିଭାଗ ରହିବ। ମେଳା ବୁଲିବାକୁ ଆସୁଥିବା ଜନସାଧାରଣ ନିଜ ପସନ୍ଦର ଦୁଇଚକିଆ, ଚାରିଚକିଆ ଗାଡ଼ି ଏଠାରେ ବୁକ୍ କରି ଆକର୍ଷଣୀୟ ଅଫରର ସୁଯୋଗ ପାଇପାରିବେ। ସେହିପରି ଭାରତ ମସଲା ଶିଶିର ମେଳାର ମୁଖ୍ୟ ପ୍ରାୟୋଜକ ଭାବେ ଅଂଶଗ୍ରହଣ କରିବ ଏବଂ ମେଳାରେ ଭାରତ ମସଲା ଷ୍ଟଲରେ ଆକର୍ଷଣୀୟ ଅଫର୍ ମଧ୍ୟ ରହିବ। ଏହାସହ ଶିଶିର ମେଳାରେ ସ୍ୱତନ୍ତ୍ର ଭାବେ ଫୁଡ୍ କୋର୍ଟର ବ୍ୟବସ୍ଥା ରହିଥିବାବେଳେ ଏହି ଷ୍ଟଲ ମଧ୍ୟରେ ଇଣ୍ଡିଆନ୍, ଚାଇନିଜ୍, ଥାଇ, କଣ୍ଟିନେଣ୍ଟାଲ, ଫାଷ୍ଟଫୁଡ ଆଦି ଖାଦ୍ୟ ରହିବ। ସେହିପରି ପିଲାଙ୍କ ମନୋରଞ୍ଜନ ନିମନ୍ତେ ଦୋଳି, ଜମ୍ପିଂ, ମିକି ମାଉସ ଓ ମହିଳାଙ୍କ ପାଇଁ ମୀନାବଜାରର ବ୍ୟବସ୍ଥା କରାଯାଇଛି। ମେଳାରେ ସମସ୍ତ ଘରକରଣା ସାମଗ୍ରୀଠାରୁ ସୋଫାସେଟ୍, ହୋମ ଫର୍ନିସିଂ, ପୁରୁଷ ଓ ମହିଳାଙ୍କ ପୋଷାକ, ଜୋତା ଚପଲ ଆଦିର ସ୍ୱତନ୍ତ୍ର ଷ୍ଟଲ୍ ସ୍ଥାନ ପାଇବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ମେଳା ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ନିମନ୍ତେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ଚଳିତଥର କଲେଜ ପିଲାଙ୍କୁ ଏହି ପ୍ରତିଯୋଗିତାରେ ଭାଗନେବାକୁ ସୁଯୋଗ ଦିଆଯିବ। ଏହି ପ୍ରତିଯୋଗିତା ଫେବୃଆରୀ ୮, ୧୨ ଓ ୧୩ ତାରିଖରେ କରାଯିବ। ସେହିପରି ଚଳିତଥର ଏହି ମେଳାରେ ମୁଖ୍ୟ ଆକର୍ଷଣ ପାଲଟିବ ଜଳପରୀ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ନୀହାର ପଟ୍ଟନାୟକ, ତ୍ରିଲୋଚନ ମହାନ୍ତି, ଶର୍ମିଷ୍ଠାରାଣୀ ନନ୍ଦ, ପ୍ରଶାନ୍ତ କୁମାର ଦାସ, ନିରଞ୍ଜନ ସିଂ, ଶରତ ନାୟକ, ଭାରତ ମସଲାର ଜେନେରାଲ ମ୍ୟାନେଜର ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଗାନ୍ଧୀଙ୍କ ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହୁଅନ୍ତୁ

କଟକ,୩୦।୧(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା କଟକ ଜିଲା କଂଗ୍ରେସର ପୂର୍ବତନ ବରିଷ୍ଠ ଉପସଭାପତି ଶିଶିର ରଥଙ୍କ ନେତୃତ୍ୱରେ କର୍ମୀମାନେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଗାନ୍ଧୀ ଆମକୁ ଅହିଂସା, ଅସହଯୋଗ ଓ ସତ୍ୟାଗ୍ରହ ପରି ତିନୋଟି ଅମୋଘ ଅସ୍ତ୍ର ଦେଇ ଯାଇଛନ୍ତି। ତେଣୁ ଆଜିର ଯୁବ ସମାଜ ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ, ଜାତି ପାଇଁ କାମ କରିବାକୁ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ସଦର କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, କଟକ ନଗର (ଜିଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟନାରାୟଣ ତ୍ରିପାଠୀ, ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟ, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ସଦର ବ୍ଲକ୍ କାର୍ଯ୍ୟକାରୀ ସଭାପତି ସିତାକାନ୍ତ ପଣ୍ଡା, ଜିଲା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଘରୋଇ ବିଦ୍ୟାଳୟ ପାଇଁ ନୂଆ ନିର୍ଦ୍ଦେଶନାମା

କଟକ ସଦର,୩୦।୧(ସୁଶାନ୍ତ କୁମାର ଜେନା)

ପୂର୍ବରୁ ଘରୋଇ ବିଦ୍ୟାଳୟ ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଖର୍ଚ୍ଚ ଉପରେ କଟକଣା ରହିଥିଲା। ସରକାର ବଦଳିବା ପରେ ରାଜ୍ୟ ଯୋଜନା ଓ ଅଭିବୃଦ୍ଧି ବିଭାଗ ପକ୍ଷରୁ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ ବିଦ୍ୟାମନ୍ଦିର ଭଳି ଅନ୍ୟ ଘରୋଇ ବିଦ୍ୟାଳୟକୁ ସ୍ଥାନୀୟ ବିଧାୟକମାନେ ସେମାନଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଅର୍ଥ ମଞ୍ଜୁର ପାଇଁ ଜିଲାପାଳଙ୍କୁ ସୁପାରିସ କରିବେ। ଏଥିରେ ସମ୍ପୃକ୍ତ ବିଦ୍ୟାଳୟର କାଗଜପତ୍ର ଯାଞ୍ଚ ସହିତ ନିର୍ମାଣ କ୍ଷେତ୍ରରେ ଏକ ଚୁକ୍ତିନାମା ବିଡିଓ-ବିଦ୍ୟାଳୟ ପରିଚାଳନା କମିଟି ମଧ୍ୟରେ ସ୍ୱାକ୍ଷର ହୋଇ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟରେ ପଞ୍ଜୀକୃତ ହେବା ଦରକାର। ଯେପରି ଭବିଷ୍ୟତରେ ଏହି ନିର୍ମାଣ କ୍ଷେତ୍ରରେ ସରକାରଙ୍କ ବିନାଅନୁମତିରେ ଅନ୍ୟ କାର୍ଯ୍ୟରେ ଏହାକୁ ବ୍ୟବହାର କରାଯାଇ ପାରିବ ନାହିଁ। ଏହି ନୂଆ ନିର୍ଦ୍ଦେଶନାମା ସମସ୍ତ ବିଡିଓମାନଙ୍କୁ ଜଣାଇ ଦିଆଯାଉଛି ବୋଲି କଟକ ଜିଲା ଯୋଜନା ଓ ଅଭିବୃଦ୍ଧି ବିଭାଗ ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ସୂଚନା ଦେଇଛନ୍ତି।

# ବାଦାମବାଡ଼ି ସମ୍ବାଦପତ୍ର ବିକ୍ରେତା ସଂଘର ପରିଭ୍ରମଣ



କଟକ,୩୦।୧(କାର୍ତ୍ତିକ ସାହୁ)

ବାଦାମବାଡ଼ି ସମ୍ବାଦପତ୍ର ବିକ୍ରେତା ସଂଘର ଏକ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ସେମାନଙ୍କ ପରିବାରବର୍ଗ ସହ ସାମିଲ ହୋଇଥିଲେ। ସେମାନେ ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ମନ୍ଦିର, କଳାହାଣ୍ଡି ରାଜପ୍ରାସାଦ, ଫୁଲଝରୀ ଜଳପ୍ରପାତ, ସାଇମନ୍ଦିର, ଭାଗୀରଥି ପାର୍କ ବୁଲିବା ପରେ ଦାରିଙ୍ଗିବାଡ଼ି ଭ୍ରମଣରେ ଯାଇଥିଲେ। ସେଠାରେ କଫି ବଗିଚା, ସାଇନ୍ସ ଫରେଷ୍ଟ ଓ ପାର୍କ ଭ୍ରମଣ କରି କଟକ ଫେରିଆସିଥିଲେ। ମୁଖ୍ୟ ସହଯୋଗିତାରେ କାଜଲ ସାହୁ, ଶିବ ମୁର୍ମୁ, ଗଣେଶ, ବିଜୟ ବେହେରା, ରଙ୍ଗାଧର ନାଥ, ଦୟାନିଧି ନାଥ, ଗଗନ ପରିଡ଼ା, ସନାତନ ବାରିକ, ସୁରେନ୍ଦ୍ର ଜେନା, ବ୍ରହ୍ମାନନ୍ଦ ପରିଡ଼ା ପ୍ରମୁଖ ନେତୃତ୍ୱ ନେଇଥିଲେ।

# କ୍ୟାଡେଟଙ୍କ ଦାୟିତ୍ୱବୋଧ, କର୍ତ୍ତବ୍ୟ ଉପରେ ଗୁରୁତ୍ୱ

ଚୌଦ୍ୱାର,୩୦।୧(ଆଶୁତୋଷ ଦାସ)

**ଜିଲାସ୍ତରୀୟ ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ପୋରି ଉଦ୍‌ଘାଟିତ**

ସ୍ଥାନୀୟ ପିଏମ୍‌ଶ୍ରୀ ଓଟିଏମ୍ ସରକାରୀ ହାଇସ୍କୁଲରେ କଟକ ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ କ୍ୟାମ୍ପୋରି ଗୁରୁବାରଠାରୁ ଆରମ୍ଭ ହୋଇଛି। ସ୍କାଉଟ୍ସ କମିଶନର ଅଶୋକ ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ଜାଭିୟର ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ପ୍ରଭୁ ଚରଣ ମହାନ୍ତି ଅତିଥି ଭାବେ ଯୋଗଦେଇ ସ୍କାଉଟ୍ସ ଓ ଗାଇଡ୍ସର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି ସାମାଜିକ କ୍ଷେତ୍ରରେ କ୍ୟାଡେଟମାନଙ୍କ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ କୁମାର ନାୟକ, ଡିଓସି ପ୍ରଦୀପ୍ତ କୁମାର ମହାନ୍ତି, ଡିଟିସି ସରୋଜିନୀ ସାହୁ, ଓଟିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଟାଙ୍ଗୀ-ଚୌଦ୍ୱାର ମଣ୍ଡଳ ଜିଲା ଶାରୀରିକ ଶିକ୍ଷାଧିକାରୀ ସୌଦାମିନୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଶୋକ କୁମାର ଧଳ ସ୍ୱାଗତ ଭାଷଣ ଓ ନିରୁପମା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ତ୍ରିଦିବସୀୟ କ୍ୟାମ୍ପୋରିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୮ଶହରୁ ଊର୍ଦ୍ଧ୍ୱ ସ୍କାଉଟ୍ସ, ଗାଇଡ୍ସ, ସ୍କାଉଟ୍ସ ମାଷ୍ଟର ଗାଇଡ୍ କ୍ୟାପ୍ଟେନ୍, ରୋଭର ଓ ରେଞ୍ଜର ଅଂଶଗ୍ରହଣ କରିଛନ୍ତି। କନ୍ହେଇପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳ ଓ ନିଗମାନନ୍ଦ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ କ୍ୟାମ୍ପ ପରିଚାଳନା କରିଥିଲେ।




ଜିଲାସ୍ତରୀୟ ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ପୋରି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# 'ଗାନ୍ଧିଜୀଙ୍କ ମାର୍ଗଦର୍ଶନରେ ଅନୁପ୍ରାଣିତ ହେବାକୁ ଆହ୍ୱାନ'

କଟକ/ଫୁଲନଖରା,୩୦।୧
(କାର୍ତ୍ତିକ ସାହୁ/ସତ୍ୟରଞ୍ଜନ ଦାସମହାପାତ୍ର)

**ଜିଲାସ୍ତରୀୟ ଶହୀଦ ଦିବସ**

- ଗାନ୍ଧୀ ସ୍ମୃତିପୀଠରେ ପଲ୍ଲିଶ୍ରୀ ମେଳା, ଫଟୋଚିତ୍ର ପ୍ରଦର୍ଶନୀ
- ସ୍ୱରାଜ ଆଶ୍ରମରେ ଉଦ୍‌ଘାଟିତ ହେଲା ଚରଖା କେନ୍ଦ୍ର

କଟକ ଜିଲାସ୍ତରୀୟ ଶହୀଦ ଦିବସ ଓ ଗାନ୍ଧୀ ସ୍ମୃତି ପଲ୍ଲିଶ୍ରୀ ମେଳା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଯୋଗଦେଇ ଜିଲାସ୍ତରୀୟ ଶହୀଦ ଦିବସ ଓ ଗାନ୍ଧୀ ସ୍ମୃତି ପଲ୍ଲିଶ୍ରୀ ମେଳାର ଉଦ୍‌ଘାଟନ କରିଥିଲେ। ଗାନ୍ଧିଜୀଙ୍କ ମାର୍ଗଦର୍ଶନରେ ଅନୁପ୍ରାଣିତ ହେବାକୁ ମନ୍ତ୍ରୀ ଖୁଣ୍ଟିଆ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଏମ୍‌ପି ଭର୍ତ୍ତୃହରି ମହତାବ ଗାନ୍ଧୀ ସ୍ମୃତିପୀଠର ମାହାତ୍ମ୍ୟ ବର୍ଣ୍ଣନା କରି ଗାନ୍ଧୀଙ୍କ ବାଣୀକୁ ନିଜ ଜୀବନର ଅଂଶ ଭାବେ ପରିଗଣିତ କରିବାକୁ କହିଥିଲେ। ସମ୍ମାନିତ ଅତିଥି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଜାତିର ପିତାଙ୍କ ସ୍ମୃତି ଚାରଣ କରି ସ୍ୱଦେଶୀ ଜିନିଷ ଆପଣେଇବାକୁ ଆହ୍ୱାନ ଦେଇଥିଲେ। ଜିଲା ପ୍ରଶାସନ ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଓରମାସର ଷ୍ଟଲ ସ୍ଥାନ ପାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଏହି ମେଳା ତିନିଦିନ ଧରି ଚାଲିବ। ଅନ୍ୟପକ୍ଷରେ କଟକସ୍ଥିତ ସ୍ୱରାଜ ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏମ୍‌ପି ମହତାବ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ସ୍ୱରାଜ ଆଶ୍ରମରେ ଗାନ୍ଧୀ ଅବସ୍ଥାନ କରିଥିବା ଗୃହ ମଧ୍ୟ ପରିଦର୍ଶନ କରିଥିଲେ। ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଗୀତା, କୋରାନ ଓ ବାଇବେଲ ପାଠ ପରେ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍ୱରାଜ ଆଶ୍ରମ ପରିସରରେ ଏକ ଚରଖା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି।

ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଗାନ୍ଧିଜୀଙ୍କ ଜୀବନୀ ଓ ଓଡ଼ିଶା ଆଗମନ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ଧରି ଏହି ଫଟୋଚିତ୍ର ପ୍ରଦର୍ଶନୀ ଜାରି ରହିବ। ଏହି ଫଟୋଚିତ୍ର ପ୍ରଦର୍ଶନୀରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଫଟୋଚିତ୍ର ସାମିଲ ରହିଛି। ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ସିଏମ୍‌ସି ୫୯ ନଂ. ୱାର୍ଡ କର୍ପୋରେଟର ମମତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କମଳଜିତ ଦାସ, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀଶଙ୍କର ଭୂୟାଁ, ଅତିରିକ୍ତ କମିଶନର, କଟକ ଏମ୍‌ପିଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ। ସକାଳେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା।



ଫଟୋଚିତ୍ର ପ୍ରଦର୍ଶନୀକୁ ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ଅନ୍ୟମାନେ ବୁଲି ଦେଖୁଛନ୍ତି।

# ଚିଙ୍ଗୁଡ଼ିଝରରେ ବାପପୁଅଙ୍କୁ ହାଣିଲେ

ଖୋର୍ଦ୍ଧା,୩୦।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଚିଙ୍ଗୁଡ଼ିଝର ଢାବା ନିକଟରେ ଶୁକ୍ରବାର ବାପପୁଅଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଛି। ସେମାନେ ହେଲେ ତରତୁଆ ଗ୍ରାମର ସାରଙ୍ଗଧର ବଡ଼ଜେନା ଓ ପୁଅ ସେତୁ ବଡ଼ଜେନା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଚିଙ୍ଗୁଡ଼ିଝର ଢାବା ନିକଟରେ ସାରଙ୍ଗଧରଙ୍କ ଇଲେକ୍ଟ୍ରି ମରାମତି ଦୋକାନ ରହିଛି। ସବୁଦିନ ପରି ବାପପୁଅ ଦୋକାନ ବନ୍ଦ କରି ଘରକୁ ଯିବାକୁ ବାହାରୁଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ବାଇକ୍‌ରେ ଆସି ଅତର୍କିତ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ପରିବାର ଲୋକେ ମେଡିକାଲରେ ଭର୍ତ୍ତି କରିଥିଲେ। ଉଭୟଙ୍କୁ ଗୁରୁତର ଆଘାତ ଲାଗିଛି। ପୋଲିସ ମେଡିକାଲରେ ପହଞ୍ଚି ବୟାନ ରେକର୍ଡ କରିଛି। ତେବେ ଆକ୍ରମଣର କାରଣ ଅସ୍ପଷ୍ଟ ରହିଛି। ଖବର ଲେଖା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ବିଶ୍ୱ ପ୍ରତିନିଧିଙ୍କୁ ଓଡ଼ିଶାର ପଟ୍ଟଚିତ୍ର ଉପହାର


ଅନ୍ତର୍ଜାତୀୟ ଗଣତନ୍ତ୍ର ସମ୍ମିଳନୀରେ ବିଭିନ୍ନ ଦେଶର ପ୍ରତିନିଧିଙ୍କୁ ପଟ୍ଟଚିତ୍ର ଉପହାର ପ୍ରଦାନ କରାଯାଉଛି।


ସମ୍ମିଳନୀର ସାଂସ୍କୃତିକ ପ୍ରଦର୍ଶନୀରେ ପ୍ରଦର୍ଶିତ ପଟ୍ଟଚିତ୍ର।

## ଅନ୍ତର୍ଜାତୀୟ ଗଣତନ୍ତ୍ର ସମ୍ମିଳନୀରେ ଭାରତୀୟ ସଂସ୍କୃତିର ପ୍ରତୀକ ସାଜିଲା ପଟ୍ଟଚିତ୍ର

ଭୁବନେଶ୍ୱର,୩୦।୧ (ସୌମ୍ୟରଞ୍ଜନ ରାଉତ)

ବିଶ୍ୱର ସର୍ବବୃହତ୍ 'ଭାରତ ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା' ସମ୍ମିଳନୀ (ଆଇଆଇସିଡିଇଏମ୍)ରେ ଓଡ଼ିଶାର କଳା ଓ ସଂସ୍କୃତିର ଜୟଯାତ୍ରା ଦେଖିବାକୁ ମିଳିଛି। ଭାରତ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଜାନୁଆରୀ ୨୧ରୁ ୨୩ ପର୍ଯ୍ୟନ୍ତ ଚାଲିଥିବା ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶାର ବିଶ୍ୱପ୍ରସିଦ୍ଧ 'ପଟ୍ଟଚିତ୍ର'କୁ ଏକ ସ୍ୱତନ୍ତ୍ର ସାଂସ୍କୃତିକ ଉପହାର ଭାବେ ପ୍ରଦର୍ଶିତ କରାଯାଇଥିଲା। ଏହି ସମ୍ମିଳନୀରେ ବିଶ୍ୱର ପ୍ରାୟ ୭୦ରୁ ଅଧିକ ଦେଶର ପ୍ରତିନିଧି ଦଳ ଯୋଗଦେଇଥିବାବେଳେ ଅନ୍ତର୍ଜାତୀୟ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ୪୦ରୁ ଅଧିକ ଦେଶର ମୁଖ୍ୟ ପ୍ରତିନିଧିମାନଙ୍କୁ ଭାରତର ସମୃଦ୍ଧ ଐତିହ୍ୟର ପ୍ରତୀକ ସ୍ୱରୂପ ଓଡ଼ିଶାର ପଟ୍ଟଚିତ୍ର ପ୍ରଦାନ କରାଯାଇଥିଲା। ଏହି କଳାକୃତିରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଦିବ୍ୟ 'ରାସଲୀଳା' ଓ ମହାପ୍ରଭୁ ଜଗନ୍ନାଥଙ୍କ ବିଭିନ୍ନ ବେଶ ଅତି ସୁନ୍ଦର ଭାବେ ଚିତ୍ରିତ ହୋଇଛି। ଦଶମ ଶତାବ୍ଦୀରୁ ଚାଲିଆସୁଥିବା ଏହି ପ୍ରାଚୀନ ସ୍କ୍ରୋଲ-ପେଣ୍ଟିଂ ପରମ୍ପରା ଆଜି ବି ଓଡ଼ିଶାରେ ଜୀବନ୍ତ ରହିଛି। ପ୍ରାକୃତିକ ରଙ୍ଗ ଓ କପଡ଼ା ବ୍ୟବହାର କରି ପ୍ରସ୍ତୁତ ଏହି କଳାକୃତି ବିଶ୍ୱ ପ୍ରତିନିଧିଙ୍କୁ ଅଭିଭୂତ କରିଥିବାବେଳେ ବର୍ତ୍ତମାନ ଏହା ଅନ୍ତର୍ଜାତୀୟସ୍ତରରେ ପ୍ରଶଂସା ସାଉଣ୍ଟିଛି। ଆଇଆଇସିଡିଇଏମ୍-୨୦୨୬ରେ ଏହାର ପ୍ରଦର୍ଶନ ଓଡ଼ିଶାର ସାଂସ୍କୃତିକ ଗୌରବକୁ ଆହୁରି ଦ୍ୱିଗୁଣିତ କରିଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ଓଡ଼ିଶାରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ୍, ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଡେପୁଟି ସିଇଓ ଅନାମିକା ସିଂ ଏବଂ ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ୨୦୨୫ ଡିସେମ୍ବରରେ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ପୁରୀ ଜିଲା ରଘୁରାଜପୁରର ଶିଳ୍ପୀମାନଙ୍କ ନିଖୁଣ କାରୁକାର୍ଯ୍ୟ ଦେଖି ଅଭିଭୂତ ହୋଇପଡ଼ିଥିଲେ। ଶ୍ରୀମନ୍ଦିର ଓ କୋଣାର୍କ ପରିଦର୍ଶନ ସାରି ଫେରିବା ବାଟରେ ସେ ରଘୁରାଜପୁର କାରିଗରମାନଙ୍କ ଅସାଧାରଣ ପ୍ରତିଭା ଦେଖି ଏହାକୁ ବିଶ୍ୱସ୍ତରୀୟ ସମ୍ମିଳନୀରେ ସ୍ଥାନ ଦେବାକୁ ନିଷ୍ପତ୍ତି ନେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମୈତ୍ରେୟୀ


@ ଡିକୁ ରଞ୍ଜନ


@ ହୃଷୀକେଶ


@ ଦିବ୍ୟଜ୍ୟୋତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୁରୁଙ୍କ ବାଣୀ ଜୀବନକୁ ସୁନ୍ଦର କରିଥାଏ: ଗଜପତି ମହାରାଜା


ଜେ.ଏନ୍ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ସାଧୁସନ୍ଥ।

## ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀ ଉଦ୍‌ଘାଟିତ

କଟକ,୩୦।୧ (କାର୍ତ୍ତିକ ସାହୁ)

ଗୁରୁବାଣୀରେ ବିଶ୍ୱାସ ରଖି ଆମ ମଧ୍ୟରେ ସଂକଳ୍ପ ସୃଷ୍ଟି ହୋଇ ଆତ୍ମୋପଲବ୍ଧି କରିପାରିବା। ଗୁରୁଙ୍କ ଦ୍ୱାରା ପ୍ରଦତ୍ତ ବାଣୀକୁ ଜୀବନରେ ପ୍ରତିଫଳିତ କରିପାରିଲେ ଆତ୍ମୋନ୍ନତି ହେବା ସହ ଜୀବନକୁ ସୁନ୍ଦର ଓ ସଫଳ କରିପାରିବା ବୋଲି ପୁରୀ ଗଜପତି ମହାରାଜା ଦିବ୍ୟ ସିଂହଦେବ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ୩୯ତମ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି।

ଅତିଥିଭାବେ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଯୋଗଦେଇ କହିଲେ, ବୁଦ୍ଧି ଏବଂ ଜ୍ଞାନ ଦ୍ୱାରା ମନୁଷ୍ୟ ଭଗବତ ପ୍ରାପ୍ତ ହୋଇପାରେ। ବୈରାଗ୍ୟ, ବିବେକାନୁମୋଦିତ କର୍ମ ଦ୍ୱାରା ଭଗବତ୍ କୃପା ଲାଭ ହୋଇଥାଏ। ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ, ମନୁଷ୍ୟ ନିକଟରେ ବୁଦ୍ଧି, ଜ୍ଞାନ, ବିଦ୍ୟା ରହିଛି। ମଣିଷର ପରିଚୟ ଦେହବିଶେଷ ନ ହୋଇ ଆତ୍ମନିରୀକ୍ଷଣ ହେବା ଉଚିତ୍। ଅନ୍ୟତମ ଅତିଥି ଅଖଣ୍ଡାନନ୍ଦ ସ୍ୱାମୀ କହିଲେ, ବେଦାନ୍ତ ଶିକ୍ଷାର ଆବଶ୍ୟକତା ପ୍ରତ୍ୟେକଙ୍କ ପାଇଁ ଆବଶ୍ୟକ। ଅତିଥି ଜ୍ଞାନାନନ୍ଦଜୀ ମହାରାଜ କହିଲେ, ଅନୁଭବର ଦ୍ୱାର ଗୁରୁ ହିଁ ଖୋଲିଥାନ୍ତି। ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ଦ୍ୱାରା ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱାମୀ ସଦାନନ୍ଦ ସରସ୍ୱତୀ ବେଦାନ୍ତ ଦ୍ୱାରା ଦର୍ଶାଇଥିବା ପ୍ରକରଣ ଗ୍ରନ୍ଥ ମାଧ୍ୟମରେ ଆତ୍ମସାକ୍ଷାତ କରାଯାଇପାରିବ ବୋଲି କହିଥିଲେ। ଏହି ଅବସରରେ ସେ ଅମୃତବାଣୀ ପୁସ୍ତକ ଉନ୍ମୋଚନ କରିଥିଲେ। ଦିବ୍ୟ ଜୀବନ ସଂଘ ଶାଖାର ସମ୍ପାଦକ ଦିଲୀପ କୁମାର ଓତା ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ଜଷ୍ଟିସ ବାସୁଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମ ସୂଚନା ଦେଇଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଡାକ୍ତର ଅନ୍ତର୍ଯ୍ୟାମୀ ସାହୁ ସନ୍ଥମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଡ. ଗୀତା ମହାନ୍ତି ବିବରଣୀ ଦେଇଥିଲେ। ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

# ସରକାରୀ ନିଯୁକ୍ତିରେ କମ୍ପ୍ୟୁଟର ଯୋଗ୍ୟତା ବାଧ୍ୟତାମୂଳକ

ଭୁବନେଶ୍ୱର,୩୦।୧ (ସୁଚିସ୍ମିତା ସାହୁ)

ରାଜ୍ୟରେ ସରକାରୀ, ଅର୍ଦ୍ଧସରକାରୀ ଓ ପିଏସ୍‌ୟୁ ନିଯୁକ୍ତିରେ କମ୍ପ୍ୟୁଟର ଯୋଗ୍ୟତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ନିଯୁକ୍ତି ପରୀକ୍ଷା ପାଇଁ ଆଶାୟୀମାନଙ୍କର କମ୍ପ୍ୟୁଟର ଯୋଗ୍ୟତା ରହିବା ଜରୁରୀ। ଏହି ନିୟମ କଡ଼ାକଡ଼ି ପାଳନ କରିବା ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ, ରେଭିନ୍ୟୁ ଡିଭିଜନାଲ କମିଶନର ଓ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୧ ଫେବୃଆରୀ ୮ରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁସାରେ, ଓଡ଼ିଶା ବିଜ୍ଞାନ କର୍ପୋରେଶନ ଲିମିଟେଡ୍ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ କମ୍ପ୍ୟୁଟର ପାଠ୍ୟକ୍ରମ (ଓଏସ୍-ସିଆଇଟି)କୁ ସରକାରୀ ନିଯୁକ୍ତି ପାଇଁ ମୌଳିକ କମ୍ପ୍ୟୁଟର ଦକ୍ଷତାର ଏକ ମାନ୍ୟତାପ୍ରାପ୍ତ ଓ ଭରସାଯୋଗ୍ୟ ପ୍ରମାଣ ଭାବେ ସ୍ୱୀକୃତି ଦିଆଯାଇଛି। ୟୁଜିସି କିମ୍ବା ଏଆଇସିଟିଇ ସ୍ୱୀକୃତ ସଂସ୍ଥାରୁ ପ୍ରଦତ୍ତ ପିଜିଡିସିଏ ଓ ଡିସିଏ ସାର୍ଟିଫିକେଟ ଏବଂ ଏନ୍‌ଆଇଇଏଲ୍‌ଆଇଟି 'ଓ' ଲେଭଲ କମ୍ପ୍ୟୁଟର ଯୋଗ୍ୟତା ଥିବା ଓଏସ୍-ସିଆଇଟି ପାଠ୍ୟକ୍ରମକୁ ସମତୁଲ୍ୟ ଯୋଗ୍ୟତା ଭାବେ ଗ୍ରହଣ କରାଯିବ। ବିଭାଗର ଏହି ସୂଚନା ଯୋଗୁ ସରକାରୀ ଆଶାୟୀଙ୍କ ଦ୍ୱନ୍ଦ୍ୱ ଦୂର ହେବ ଏବଂ ରାଜ୍ୟସ୍ତରୀୟ କମ୍ପ୍ୟୁଟର ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିଥିବା ପ୍ରାର୍ଥୀମାନେ ନିଯୁକ୍ତି ପ୍ରକ୍ରିୟାରେ ସମାନ ସୁଯୋଗ ପାଇପାରିବେ ବୋଲି ସୂଚନା ଦିଆଯାଇଛି।

# ତତଲା ପେଯ ପଡ଼ି ଶିଶୁ ଗୁରୁତର

ବାଲିପାଟଣା,୩୦।୧ (ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅନ୍ତର୍ଗତ ଆଇତଳଙ୍ଗ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ତତଲା ପେଯ ଢାଳି ହୋଇଯିବାରୁ ମଣ୍ଟୁ ଭୋଇଙ୍କ ୫ବର୍ଷର ଶିଶୁପୁତ୍ର ଗୁରୁତର ହୋଇଛନ୍ତି। ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଶିଶୁପୁତ୍ର ଜଣକ ସକାଳେ ଘର ଭିତରେ ଖେଳୁଥିଲେ। ଏହି ସମୟରେ ତାଙ୍କ ମା' ପେଜ ବାହାରେ ଢାଳିବାକୁ ନେଉଥିଲେ। ହଠାତ୍ ସେ ଦୌଡ଼ି ଆସି ପେଯ କଡ଼େଇରେ ମାଡ଼ ହୋଇ ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କ ମା'ହାତରୁ କଡେଇ ଖସି ପଡ଼ିବା ସହ ତତଲା ପେଜ ତାଙ୍କ ଉପରେ ଢାଳି ହୋଇଯାଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ବେଆଇନ କାଜୁ ଗୋଦାମରେ ଚଢ଼ାଉ

କୋଣାର୍କ, ୩୦।୧ (ଜ୍ୟୋତିରାଜ ମହାନ୍ତି)

■ ଖୋଲା କାଜୁ ଓ ନକୁଳ ଦାନା ଜବତ, ଥାନାରେ ୩ ଅଟକ

■ ନିମ୍ନମାନର କାଜୁ, ନକୁଳଦାନା ବିକ୍ରି କରି ପର୍ଯ୍ୟଟକଙ୍କୁ ଠକୁଥିଲେ

ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କୁ ନକୁଳଦାନା ଓ ରାମଦାନା ମିଶ୍ରିତ କାଜୁ ପ୍ୟାକେଟ ଚଢ଼ାଦରରେ ବିକି ଶୋଷଣ ଓ ଠକେଇ କରିବା ଘଟଣାରେ ଶୁକ୍ରବାର ପୋଲିସ ପକ୍ଷରୁ ବେଆଇନ କାଜୁ ଗୋଦାମରେ ଚଢାଉ କରାଯାଇଛି। ଏକ ଦୋକାନରୁ ଚଢାଉ ସମୟରେ ଖୋଲା କାଜୁ, ରାମଦାନା ଓ ନକୁଳ ଦାନା ଜବତ କରାଯିବା ସହ ୩ ବ୍ୟବସାୟୀଙ୍କୁ ଥାନାକୁ ଆଣି ଅଟକ ରଖାଯାଇ ପଚରାଉଚରା କରାଯାଉଛି।

ସୂଚନା ଅନୁଯାୟୀ, କୋଣାର୍କରେ ଅସାଧୁ କାଜୁବ୍ୟବସାୟୀମାନେ ପୋକରା, ରାମଦାନା ଓ ନକୁଳଦାନା ମିଶ୍ରିତ କାଜୁ ପ୍ୟାକେଟ କରି ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କୁ ଠକିବା ସହ ଆର୍ଥିକ ଶୋଷଣ କରିଆସୁଥିଲେ। ଏହି ଘଟଣା ନେଇ କୋଣାର୍କ ପୋଲିସ ଓ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା। ଏ ନେଇ ସମ୍ପ୍ରତି ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶୁକ୍ରବାର ପୁରୀ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ୍ ବେଆଇନ କାଜୁ ପ୍ରସ୍ତୁତ ହେଉଥିବା ଓ ଖୋଲାକାଜୁ ଗଚ୍ଛିତ ଥିବା ଏକ ଗୋଦାମରେ ଚଢାଉ କରିଥିଲା। ସେଠାରୁ ନିମ୍ନମାନର ଖୋଲାକାଜୁ, ରାମଦାନା, ନକୁଳ ଦାନା ସମେତ ଓଜନ ମେସିନ ଜବତ କରି ଏକ ଗାଡ଼ି ଯୋଗେ କୋଣାର୍କ ଥାନାକୁ ନେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ନିମାପଡ଼ା ଏସ୍‌ଡିପିଓ କୋଣାର୍କ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। କୋଣାର୍କରେ ନିମ୍ନମାନର କାଜୁ ପ୍ରସ୍ତୁତ କରୁଥିବା ଅନେକ ଗୁପ୍ତ ଗୋଦାମ ରହିଛି ବୋଲି ସାଧାରଣରେ ଶୁଣିବାକୁ ମିଳୁଛି।


କାଜୁ ଗୋଦାମରେ ପୋଲିସ ଓ ଖାଦ୍ୟ ସୁରକ୍ଷା ଅଧିକାରୀ ଚଢ଼ାଉ କରୁଛନ୍ତି।

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସମ୍ମିଳନୀ

## ରାମଚନ୍ଦ୍ର ଖୁଣ୍ଟିଆ ପୁଣି ରାଜ୍ୟ ସଭାପତି ନିର୍ବାଚିତ

ଭୁବନେଶ୍ୱର,୩୦।୧ (ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କାର୍ଯ୍ୟାଳୟଠାରେ ତ୍ରିବାର୍ଷିକ ରାଜ୍ୟ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜାତୀୟ ସଭାପତି ଜି. ସଞ୍ଜିବା ରେଡ୍ଡୀ, ଆଇଏଲ୍‌ଓ ସଦସ୍ୟ ସତ୍ୟଜିତ୍ ରେଡ୍ଡୀ, ଅଖିଳ ଭାରତ କଂଗ୍ରେସ କମିଟିର ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ଶେଷରେ ଆଇଏନ୍‌ଟିୟୁସି ସମ୍ବିଧାନ ଅନୁଯାୟୀ ନିର୍ବାଚନ କରାଯାଇଥିଲା। ଏଥିରେ ରାଜ୍ୟର ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଅନୁବନ୍ଧିତ ସଂଗଠନଗୁଡ଼ିକର ୫୦୦ରୁ ଅଧିକ ପ୍ରତିନିଧି ସାମିଲ ହୋଇ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ବରିଷ୍ଠ ନେତୃତ୍ୱ ଉପରେ ଦୃଢ଼ ଆସ୍ଥା ପ୍ରକଟ କରି ତାଙ୍କୁ ୧୨ଥର ଲାଗି ରାଜ୍ୟ ଶାଖା ସଭାପତି ଭାବେ ନିର୍ବାଚିତ କରିଥିଲେ।

# ରାତି ୧୦ଟାରେ ମହାଦୀପ ଦର୍ଶନ

## ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ନୀତି ନିର୍ଘଣ୍ଟ

ପୁରୁଣା ଭୁବନେଶ୍ୱର,୩୦।୧ (ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ଫେବୃଆରୀ ୧୫ରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା। ଏନେଇ ଶୁକ୍ରବାର ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ସମସ୍ତ ନିଯୋଗ ପ୍ରମୁଖ ସେବାୟତ ଉପସ୍ଥିତ ଥିଲେ। ବୈଠକରେ ସେବାୟତଙ୍କ ମତାମତକୁ ନେଇ ଜାଗର ଦିନର ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଥିଲା। ତଦନୁଯାୟୀ ରାତି ୧୦ଟାରେ ମନ୍ଦିର ଚୁଡ଼ାକୁ ମହାଦୀପ ଉଠିବା ନେଇ ସ୍ଥିର ହୋଇଛି। ତେବେ ମହାଦୀପ ଉଠିବା ପରେ ମନ୍ଦିର ପ୍ରଶାସନର ସମନ୍ୱୟ ଅଭାବରୁ କେତଜେଣ ପାଳିଆ ସେବାୟତ ଏବଂ ଅନ୍ୟ କର୍ମଚାରୀମାନେ ପଳାଇ ଯାଉଛନ୍ତି। ଫଳରେ ମହାଦୀପ ଉଠିବା ପରବର୍ତ୍ତୀ ନୀତିକାନ୍ତିରେ ବିଶୃଙ୍ଖଳା ଦେଖାଦେଉଛି। ଚଳିତ ବର୍ଷ ଏଥିରେ ସୁଧାର ଆଣିବାକୁ ନିଯୋଗ ପକ୍ଷରୁ ଦାବି କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କାର୍ଯ୍ୟନିର୍ବହୀ ଅଧିକାରୀ ହେମନ୍ତ ଭାରିମଲ୍ଲଙ୍କ ସମେତ ଅନ୍ୟ ମନ୍ଦିର କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ ମହାସୁଆର, ବ୍ରାହ୍ମଣ ନିଯୋଗର ବିରଞ୍ଚି ନାରାୟଣ ପତି, ରାଜେନ୍ଦ୍ର ସମର୍ଥା, ଅଞ୍ଚଳ ବଟୁ ପ୍ରମୁଖ ଉପସ୍ଥିତ ଥିଲେ।



| ନୀତି | ନିର୍ଦ୍ଧାରିତ ସମୟ |
|---|---|
| ମଙ୍ଗଳ ଆଳତି ଓ ଅବକାଶ | ପ୍ରାତଃ ୩ଟାରୁ ୩ଟା ୩୦ |
| ସାହାଣମେଳା ଦର୍ଶନ | ଭୋର ୩ଟା ୩୦ରୁ ପୂର୍ବାହ୍ନ ୧୧ଟା |
| ରୋଷ ହୋମ | ସକାଳ ୬ଟା ୩୦ |
| ଛାମୁ ପରିଷ୍କାର | ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା |
| ମହାସ୍ନାନ ଓ ବେଶ | ମଧ୍ୟାହ୍ନ ୧୨ଟାରୁ |
| ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଶ୍ରୀଜୀଉଙ୍କ ଓ ଠାକୁରାଣୀ ବଲ୍ଲଭ ଓ ଶ୍ରୀଜୀଉଙ୍କ ସକାଳ ଧୂପ | ଅପରାହ୍ନ ୧୨ଟା ୪୫ରୁ ୨ଟା ୩୦ |
| ଶ୍ରୀଭୁବନେଶରୀଙ୍କ ସକାଳ ଧୂପ | ଅପରାହ୍ନ ୨ଟା ୩୦ରୁ ୨ଟା ୪୫ |
| ଭୋଗ ମଣ୍ଡପ | ଅପରାହ୍ନ ୨ଟା ୪୫ରୁ ୩ଟା ୪୫ |
| ସାହାଣମେଳା ଦର୍ଶନ | ଅପରାହ୍ନ ୩ଟା ୪୫ରୁ ୪ଟା ୪୫ |
| ଛାମୁ ପରିଷ୍କାର | ଅପରାହ୍ନ ୪ଟା ୪୫ରୁ ୫ଟା ୧୫ |
| ଶ୍ରୀଜୀଉଙ୍କ ବେଶ | ଅପରାହ୍ନ ୫ଟା ୧୫ରୁ ୫ଟା ୪୫ |
| ବୀର କିଶୋର ବଲ୍ଲଭ, ଦ୍ୱିପ୍ରହର ଧୂପ ଓ ଭୁବନେଶ୍ୱରୀଙ୍କ ଦିପ୍ରହର ଧୂପ | ଅପରାହ୍ନ ୫ଟା ୪୫ରୁ ସନ୍ଧ୍ୟା ୭ଟା |
| ଶ୍ରୀଜୀଉଙ୍କ ପହୁଡ | ସନ୍ଧ୍ୟା ୭ଟାରୁ ୭ଟା୧୦ |
| ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତି ଓ ଟେରାଫିଟା | ସନ୍ଧ୍ୟା ୭ଟା ୧୦ରୁ ୭ଟା ୩୦ |
| ଶ୍ରୀଜୀଉଙ୍କ ମାଜଣା ଓ ବେଶ | ସନ୍ଧ୍ୟା ୭ଟା ୩୦ରୁ ରାତି ୮ଟା ୧୦ |
| ଶ୍ରୀଜୀଉଙ୍କ ଯାତ୍ରା ପୂଜା ଓ ବେଢ଼ା | ରାତି ୮ଟା ୧୦ରୁ ୮ଟା ୫୫ |
| ଶ୍ରୀଜୀଉଙ୍କ ସନ୍ଧ୍ୟାଧୂପ ଓ ତୀର୍ଥ ଜଳ ଆନୟନ | ରାତି ୮ଟା ୫୫ରୁ ୧୦ଟା |
| ମହାଦୀପ ଦର୍ଶନ | ରାତି ୧୦ଟା |
| ସାହାଣମେଳା ଦର୍ଶନ | ରାତି ୧୦ଟାରୁ ୧୧ଟା |
| ଭୁବନେଶ୍ୱରୀଙ୍କ ସନ୍ଧ୍ୟାଧୂପ ଓ ପୂଜା, ଶ୍ରୀଜୀଉଙ୍କ ଛାମୁ ପରିଷ୍କାର | ରାତି ୧୧ଟାରୁ ୧୧ଟା ୩୦ |
| ଚାରିପ୍ରହର ପୂଜା | ରାତି ୧୧ଟା ୩୦ରୁ ୩ଟା୩୦ |
| ହରିହର ଭେଟ | ଭୋର ୩ଟା ୩୦ରୁ ୪ଟା ୩୦ |
| ବଡ଼ସିଂହାର ଓ ପହୁଡ଼ | ଭୋର ୪ଟା ୩୦ରୁ ୫ଟା ୧୫ |

# ବିକ୍ରି ହୋଇପାରିବ ତମାଖୁବିହୀନ ଗୁଟ୍‌ଖା

ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)

ରାଜ୍ୟରେ କିଛିଦିନ ହେଲା ଦୋକାନୀମାନେ ପ୍ରାୟତଃ ପାନମସଲା (ଗୁଟ୍‌ଖା) ବିକିବା ବନ୍ଦ କରିଦେଇଛନ୍ତି। ତଥାପି ଯେଉଁଠି ଏହା ବିକ୍ରି ହେଉଛି, ତାହା ଲୁଚାଛପାରେ ଏବଂ ଅତି ସତର୍କତା ସହ। ଯଦି ସିଧାସଳଖ ଯାଇ କୌଣସି ଗ୍ରାହକ ପାନମସଲା ବା ଗୁଟ୍‌ଖା ମାଗୁଛନ୍ତି, ତାହା ନାହିଁ ବୋଲି ସିଧାସିଧା ଦୋକାନୀ ମନାକରୁଥିଲେ। ତେବେ ଲୁଚାଛପାରେ ମିଳୁଥିବା ଏହି ସାମଗ୍ରୀର ମୂଲ୍ୟ ପୂର୍ବ ତୁଳନାରେ ପ୍ରାୟ ୨ଗୁଣ। ସରକାର ପାନମସଲା ବିକ୍ରି ଉପରେ ଚଢ଼ାଉକରି କଟକଣା ଲଗାଇଥିଲେ। ହେଲେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଅଶ୍ୱଥୀ ଏସ୍ ଅର୍ଥ ବିଭାଗର ସିଟି ଆଣ୍ଡ ଜିଏସ୍‌ଟି କମିଶନରଙ୍କୁ ଏ ବାବଦରେ ଚିଠି ଲେଖି ଜଣାଇଛନ୍ତି ଯେ, ଯେଉଁ ପାନମସଲାରେ ତମାଖୁ ବା ନିକୋଟିନ୍ ରହୁନାହିଁ, ସେଗୁଡ଼ିକ ଉପରେ କୌଣସି ପ୍ରତିବନ୍ଧକ ନାହିଁ। ସେଗୁଡିକ ବିକ୍ରି କରାଯାଇପାରିବ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ତମାଖୁଯୁକ୍ତ ଗୁଟ୍‌ଖା ଖାଇବା ଦ୍ୱାରା ମୁଖ କର୍କଟ ରୋଗୀଙ୍କ ସଂଖ୍ୟା ବହୁ ପରିମାଣର ବୃଦ୍ଧି ପାଉଛି। ତେଣୁ ଏହାକୁ ବନ୍ଦ କରିବାର ଆବଶ୍ୟକତା ରହିଛି। ସ୍କୁଲ, କଲେଜ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିଧି ଭିତରେ ଗୁଟ୍‌ଖା ବିକ୍ରି ଉପରେ କଟକଣା ରହିଛି। ତେଣୁ ପୋଲିସ, ଜିଲା ପ୍ରଶାସନ ଏବଂ ଅନ୍ୟମାନେ ମିଳିତ ଭାବେ ଏହାକୁ ରୋକିବାକୁ ଚେଷ୍ଟା କରୁଛନ୍ତି। ଯୁବପିଢ଼ିଙ୍କ ଭିତରେ ସଚେତନତା ସୃଷ୍ଟିକରି ସେମାନଙ୍କୁ ଏହି ଅଭ୍ୟାସରୁ ଦୂରେଇ ରଖିବାକୁ ଚେଷ୍ଟା କରାଯାଉଛି। ଯେଉଁ ନୋଟିଫିକେଶନ ହୋଇଛି, ସେଥିରେ ଉଲ୍ଲେଖ ରହିଛି ତୁମାଖୁ ବା ନିକୋଟିନ୍‌ଯୁକ୍ତ ଗୁଟ୍‌ଖା ବନ୍ଦ କରାଯିବ। ଯେଉଁ ପାନମସଲା ବା ଗୁଟ୍‌ଖା ତମାଖୁ କିମ୍ବା ନିକୋଟିନ୍‌ଯୁକ୍ତ ନୁହେଁ, ସେଗୁଡ଼ିକ ବିକ୍ରି କରିହେବ।

# ବଢ଼ୁଛି କଳା କଲରାପତରିଆ ବାଘ ବଂଶ

## ଟ୍ରାପ୍ କ୍ୟାମେରାରେ ୬ରୁ ୭ ବାଘ ବିଚରଣ ଚିତ୍ର

ନୟାଗଡ଼,୩୦।୧(ଲୋକନାଥ ମିଶ୍ର)



ରାଜ୍ୟରେ ବାଘ ଗଣନା ଚାଲିଥିବାବେଳେ କଳା କଲରାପତରିଆ ବାଘ ବଂଶ ନୟାଗଡ଼ ଜିଲାରେ ବଢ଼ିଥିବା ଜଣାପଡିଛି। ଏହାର ଫଟୋ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ବ୍ୟବହୃତ ଟ୍ରାପ୍ କ୍ୟାମେରାରେ କଏଦ ହୋଇଛି। ଏହି ବିରଳ ବାଘର ବଂଶ ନୟାଗଡ଼ ଜଙ୍ଗଲରେ ୬ରୁ ୭ଟି ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ବାଘ ବଂଶ ଗଣିଆ ଓ ଦଶପଲ୍ଲା ଜଙ୍ଗଲିଆ ଅଞ୍ଚଳରେ ବଢୁଥିବା ଜଣାପଡିଛି। ୨୦୧୫ ଓ ୨୦୨୧ରେ ବନ ବିଭାଗର ଟ୍ରାପ୍ କ୍ୟାମେରାରେ ଦଶପଲ୍ଲାର ବାଣୀଗୋଛା (ପଶ୍ଚିମ) ବନାଞ୍ଚଳରେ ପ୍ରଥମେ କଳାବାଘ ନଜରକୁ ଆସିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି କଳା ବାଘ ଦେଖାଦେଇଥିଲା। ତତ୍କାଳୀନ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କଳାବାଘ ନେଇ ଟୁଇଟ୍ କରିବା ପରେ ୨୦୨୩ ରେ କଳାବାଘ ପୁଣି ଚର୍ଚ୍ଚାକୁ ଆସିଥିଲା। କଳାବାଘଟି ଗଣିଆ ବ୍ଲକ୍‌ର ଛାମୁଣ୍ଡିଆ ଜଙ୍ଗଲିଆ ଅଞ୍ଚଳରେ ଚଳପ୍ରଚଳ କରୁଥିବା ବନ ବିଭାଗର ଟ୍ରାପ୍ କ୍ୟାମେରାରେ କଏଦ୍ ହୋଇଥିଲା। ସେତେବେଳେ ବନାଞ୍ଚଳ କର୍ତ୍ତୃପକ୍ଷ କଳା ଚିତାବାଘ ବୋଲି କହିଥିଲେ; ଯାହାକି ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ କଳାରଙ୍ଗର କଲରାପତରିଆ ବାଘ ବୋଲି କୁହାଯାଇଥିଲା। ଅନ୍ୟପକ୍ଷେ ୨୦୨୫ରେ କଲରାପତରିଆ ବାଘ ତା'ର ଛୁଆକୁ ନେଇ ବୁଲୁଥିବା ଫଟୋ ବି ଟ୍ରାପ୍ କ୍ୟାମରେ ଦେଖିବାକୁ ମିଳିଥିଲା।

ପ୍ରକାଶ ଥାଉକି ୨୦୧୭-୧୮ ବାଘ ଗଣନା ଅନୁସାରେ ନୟାଗଡ଼ରେ ୧୭ଟି କଲରାପତରିଆ ବାଘ ଥିଲେ ବୋଲି ଜଣାପଡିଥିଲା। ପ୍ରତି ୪ ବର୍ଷରେ ଥରେ ବାଘ ଗଣନା ହେଉଥିବାବେଳେ ୨୦୨୧-୨୨ରେ ବାଘ ଗଣନା ହୋଇଥିଲା। ଅନ୍ୟପକ୍ଷେ ପ୍ରତିବର୍ଷ ଜୁନ୍ ପୂର୍ବରୁ ଓ ଡିସେମ୍ବର ମାସରେ ବାଘ ଗଣନା ମଧ୍ୟ ଅନୁରୂପ ଭାବେ ହୋଇଥାଏ। ବାଘ, ବିରଳ କଳା ବାଘ, ହାତୀ ଭଳି ବନ୍ୟପ୍ରାଣୀ ଉପରେ ଟ୍ରାପ କ୍ୟାମେରା ଲଗାଇ ଗଣନା କରାଯାଉଛି। ଏ ନେଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ଦେବାର୍ଚ୍ଚନ ବେହେରାଙ୍କୁ ପଚାରିବାରେ କଳା କଲରାପତରିଆ ବାଘ ନୟାଗଡ଼ ଜଙ୍ଗଲରେ ରହିଥିବା କଥାକୁ ସ୍ୱୀକାର କରିଛନ୍ତି। ବାଘ ଗଣନା ଫଳାଫଳ ଆସି ନାହିଁ। ଏହା ଆସିଲେ ଜଣାପଡିବ। ଆମେ ଭିଡିଓ ରେକର୍ଡରେ ଦେଖିଛୁ ୬ରୁ ୭ଟି କଳାବାଘ ଅଛନ୍ତି। ବାଘର ସୁରକ୍ଷା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

# ସରକାର କିଛି ଲୁଚାଇବାକୁ ଚାହୁଁଛନ୍ତି: ସଞ୍ଜୟ

## ମନ୍ତ୍ରୀଙ୍କ ଘରେ ସହାୟକଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର, ୩୦।୧ (ସୁନିତ୍ ମିଶ୍ର)

ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସରକାରୀ ବାସଭବନରେ ତାଙ୍କର ଜଣେ ସହଯୋଗୀଙ୍କ ଅପମୃତ୍ୟୁ ଓ ତରବରିଆ ଭାବେ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବାକୁ ନେଇ ସରକାରଙ୍କୁ ଟାର୍ଗେଟ କରିଛି ବିଜେଡି। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି, ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ତାଙ୍କର ଜଣେ ସହଯୋଗୀଙ୍କ ଆକସ୍ମାତ ମୃତ୍ୟୁ ଘଟିଲା। ସରକାର କେବଳ ଏକ ୟୁଡି କେସ୍ ରୁଜୁକରି ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଗଲା। ସରକାରଙ୍କ ଏହି ତରବରିଆ ଉଦ୍ୟମ ଅନେକ ସନ୍ଦେହ ସୃଷ୍ଟି କରୁଛି।

# ବିଶ୍ୱବ୍ୟାଙ୍କ ଟିମ୍ ଆଗରେ ଗୋଲାପୀ ଚିତ୍ର ରଖିଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)

ରାଜ୍ୟ ସରକାର ବିଶ୍ୱବ୍ୟାଙ୍କ ଟିମ୍ ଆଗରେ ଭୁଲ୍ ତଥ୍ୟ ଉପସ୍ଥାପନାକରି ଏକ ଗୋଲାପୀ ଚିତ୍ର ପ୍ରଦର୍ଶନ କରିଛନ୍ତି। ଗତ ୧୮ ମାସରେ ଅଧିକାଂଶ କ୍ଷେତ୍ରରେ ରାଜ୍ୟ ବହୁ ପଛକୁ ଯାଇଛି ବୋଲି ବିଜେଡି ଅଭିଯୋଗ କରିବା ସହ କିଛି ତଥ୍ୟ ରଖିଛି। ଶଙ୍ଖ ଭବନ ଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦିଆଯାଇଥିବା ପ୍ରେସ୍ ବାର୍ତ୍ତା ଅନୁଯାୟୀ ପୂର୍ବ ବିଜେଡି ସରକାର ସମୟରେ ନୀତି ଆୟୋଗଙ୍କ ଆର୍ଥିକ ପରିଚାଳନା ସୂଚକାଙ୍କରେ ଓଡ଼ିଶା ୧ ନମ୍ବର ଥିଲା। ଦେଶରେ ଓଡ଼ିଶାର ଋଣ ଭାର ସର୍ବନିମ୍ନ ଥିଲା। ବିଜେଡିର ୨୪ ବର୍ଷର ସରକାରରେ ମୋଟ୍ ଋଣ ୭୮ ହଜାର କୋଟି ଟଙ୍କା ଥିଲା। ବିଶ୍ୱବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଆଇଏମ୍ଏଫ୍ ବିଜେଡି ସରକାରଙ୍କ ଆର୍ଥିକ ପରିଚାଳନା ମଡେଲକୁ ପ୍ରଶଂସା କରିଥିଲେ। ଭାଜପା କ୍ଷମତାକୁ ଆସିବା ପରଠାରୁ ଆର୍ଥିକ ପରିଚାଳନା ବିପରୀତ ଦିଗରେ ଗତି କରିଛି। ଓଡ଼ିଶାର ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏହା ଆହୁରି ଖରାପ ହେଉଛି ଯାହା ୯୦ ଦଶକ ସମୟକୁ ମନେପକାଉଛି। ଭାଜପା ସରକାର ମାତ୍ର ୧୮ ମାସରେ ୯୧ ହଜାର କୋଟି ଟଙ୍କା ଋଣ ନେଇଛନ୍ତି। ୩୧% ଋଣ ଖୋଲା ବଜାରରୁ ନିଆଯାଇଛି, ଯାହା ବିଶ୍ୱବ୍ୟାଙ୍କ ନିୟମକୁ ଖୋଲା ଉଲ୍ଲଂଘନ କରୁଛି ବୋଲି ସେ କହିଛନ୍ତି।

# ବିଧାୟକଙ୍କ ଦରମା ବୃଦ୍ଧିର ପୁନର୍ବିଚାର ହୋଇପାରେ

ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)

ବିଧାନସଭାର ଗତ ଅଧିବେଶନ ସମୟରେ ସର୍ବସମ୍ମତିକ୍ରମେ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ନେଇ ବିଲ୍ ଗୃହରେ ପାରିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ଆଡୁ ଏହି ବିଲ୍‌କୁ ତୀବ୍ର ବିରୋଧ କରାଯାଇଥିଲା। ଫଳରେ ଭାଜପାର ମନ୍ତ୍ରୀ ଏବଂ ବିଧାୟକମାନେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବା ସହ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ। ଆସନ୍ତା ବଜେଟ ଅଧିବେଶନ ସମୟରେ ରାଜ୍ୟ ସରକାର ବିଧାୟକମାନଙ୍କ ଦରମା ଓ ଭତ୍ତା ସାଢ଼େ ୩ ଗୁଣା ବୃଦ୍ଧି ନେଇ ଆଣିଥିବା ବିଲ୍ ଉପରେ ପୁନର୍ବିଚାର କରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏନେଇ ଭାଜପା ବିଧାୟକ ତଥା ଏ ସମ୍ପର୍କିତ କମିଟି ଅଧ୍ୟକ୍ଷ ଭାସ୍କର ମଢ଼େଇ କହିଛନ୍ତି, ବିଧାୟକମାନେ ପୁନର୍ବିଚାର ଲାଗି ଲିଖିତ ପ୍ରସ୍ତାବ ଦେଇଥିଲେ। ବିଭିନ୍ନ ସାମାଜିକ ସଙ୍ଗଠନ, ସାଧାରଣ ଲୋକ ସମାଲୋଚନା କଲେ। ଆସନ୍ତା ବଜେଟ ଅଧିବେଶନରେ ପୁନର୍ବିଚାର ହୋଇ ବିଲ୍ ପାରିତ ହୋଇପାରେ। ବିଧାୟକଙ୍କ ଦରମା କିଛି କମ୍ ହୋଇପାରେ। ଆପାତତଃ ସୁହାଇବା ଭଳି ସର୍ବନିମ୍ନ ଆବଶ୍ୟକ ମୁତାବକ ଦରମା କରାଯାଉ। ସରକାର ଏନେଇ ବିଚାର କରୁଛନ୍ତି, ଅନୁଧ୍ୟାନକରି ପଦକ୍ଷେପ ନେବେ ବୋଲି ମଢ଼େଇ କହିଛନ୍ତି।

# ନଳକୂପ ଖୋଳିବା ଗାଡ଼ି ଧକ୍କାରେ ୨ ଯୁବକ ମୃତ

ରାଇଘର, ୩୦।୧ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ମୁଣ୍ଡିବେଡ଼ା ପଞ୍ଚାୟତ ସାଲେଭଟା ନିକଟରେ ନଳକୂପ ଖୋଳିବା ଗାଡ଼ି ଧକ୍କାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ସାଲେଭଟା ନୂଆପରା ଗ୍ରାମର ଲମ୍ବୁ ଗଣ୍ଡ, ଶରତ ହରିଜନ। ପୋଲିସ ସୂଚନାନୁଯାୟୀ, ନଳକୂପ ଗାଡ଼ି (କେଏ-୦୧ଲବି-୯୦୫୦) ଖୋଡ଼ିପାଣି ଗ୍ରାମରୁ ସାଲେଭଟାକୁ ଆସୁଥିଲା। ରାତି ପ୍ରାୟ ୯ଟାରେ ଲମ୍ବୁ ଓ ଶରତ ବାଇକ୍ (ସିଜି-୨୩ଏମ୍-୯୭୬୩)ରେ ଯାଉଥିବା ବେଳେ ନଳକୂପ ଗାଡ଼ି ସେମାନଙ୍କୁ ପଛପଟୁ ଧକ୍କାଦେଇଥିଲା।

# ଭାଜପାରେ ମିଶିଲେ ଅବିନାଶ ଗମାଙ୍ଗ

ଭୁବନେଶ୍ୱର,୩୦।୧ (ସୁନିତ୍ ମିଶ୍ର)

କୋରାପୁଟ ଲୋକ ସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅବିନାଶ ଗମାଙ୍ଗ ତାଙ୍କ ସମର୍ଥକମାନଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ଏହି ଅବସରରେ ରାୟଗଡ଼ା ଗୁଣପୁର ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ନେତ୍ରୀ ରୁନା ବାଉରୀ, କରୁଣାକର ଶବର, ସଞ୍ଜୀବ କୁମାର ଶବର ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଦଳର ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ବିଧିବଦ୍ଧ ଭାବେ ସେମାନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ମିଶ୍ରଣ ଦ୍ୱାରା ରାୟଗଡ଼ା ଜିଲାରେ ଦଳୀୟ ସଙ୍ଗଠନ ବୃଦ୍ଧି ପାଉଛି। ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇନେବାକୁ ସମସ୍ତେ ସଂକଳ୍ପ ନେବା ବୋଲି ମନମୋହନ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଗଞ୍ଜାମକୁ ୪୯୨...

୨୧, ୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ୍ ବନ୍ଦର ସ୍ଥାପନ କରିବା ପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ବନ୍ଦରଭିତ୍ତିକ ଅର୍ଥନୀତି ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଅପରାହ୍ନରେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୋକୁଳାନନ୍ଦ ମଲ୍ଲିକ ଏବଂ ବିଧାୟକମାନେ ସ୍ୱାଗତ ଜଣାଇଥିଲେ। ସେଠାରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସର୍କିଟ ହାଉସ ଯାଇଥିଲେ। ସନ୍ଧ୍ୟା ୭ଟାରେ ବେଳାଭୂମିରେ ପହଞ୍ଚି ସମୁଦ୍ର ଆଳତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା।

### ପୋଲିସକୁ ଟାଟୁ...

କରା ନ ଯିବାରୁ ଏବେ ପୁଣି ଦେହସାରା ପୋଲିସ କର୍ମଚାରୀ ଟାଟୁ କଲେଣି। ଏପରିକି ମହିଳା ପୋଲିସମାନେ ହାତ ଓ ବେକରେ ଟାଟୁ କରୁଥିବା ଦେଖିବାକୁ ମିଳିଛି। ଟାଟୁ ଏବଂ ହେୟାର ଷ୍ଟାଇଲ୍ କରି ଇନ୍‌ଷ୍ଟା ରିଲ୍ସ କରୁଛନ୍ତି। ଏପରିକି ଡ୍ୟୁଟି ସ୍ଥଳରେ ବି ମିଳିମିଶି ରିଲ୍ସ କରୁଛନ୍ତି। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବେଶଭୂଷାରେ ଏଭଳି ଶାଳୀନତା ରହୁ ନ ଥିବା ଅଭିଯୋଗ ହେଉଛି। ଏନେଇ ଆଇନଜୀବୀ ଅବିନାଶ ଗୁରୁ କହିଛନ୍ତି, ପୋଲିସ ବର୍ଦ୍ଦିରେ ଶାଳୀନତା ରହିବା ନିହାତି ଦରକାର। ନ ହେଲେ ଲୋକଙ୍କର ପୋଲିସ ଉପରୁ ଭରସା ତୁଟିଯିବ। ଲୋକେ ଥାନାକୁ ଗଲେ ଏଭଳି ରଙ୍ଗିଲା ପୋଲିସ ଅଫିସରଙ୍କୁ ଦେଖିଲେ ସେମାନଙ୍କ ପ୍ରତି ଭିନ୍ନ ଚିନ୍ତାଧାରା ଆସିବ। ତେଣୁ ଡିଜିପି ସବୁ ପୋଲିସ ଜିଲାକୁ କଡ଼ା ନିର୍ଦ୍ଦେଶ ଦେବା ଆବଶ୍ୟକ। ବେଶଭୂଷାରେ କିଛି ତ୍ରୁଟି ଦେଖାଗଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

### ବରିଷ୍ଠଙ୍କ ମତ...

ରଖିଛନ୍ତି ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦୦୦ ହିତାଧିକାରୀଙ୍କୁ ପୁରୀ ଆଣି ଏହି ଯୋଜନାରେ ବୁଲାଇବେ। ସେହିପରି ୨୦୨୬-୨୭ ଆର୍ଥିକ ବର୍ଷରେ ୩୦ ହଜାର ହିତାଧିକାରୀ ଉକ୍ତ ଯୋଜନାରେ ଆସି ପୁରୀ ବୁଲିବେ। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଲକ୍ଷ୍ୟ ହେଉଛି ତୀର୍ଥଯାତ୍ରୀଙ୍କୁ ସବୁ ସୁବିଧା ପ୍ରଦାନ କରିବା। ସେମାନଙ୍କୁ ଦର୍ଶନ ସମୟରେ ସ୍ୱତନ୍ତ୍ର ସୁବିଧା ମିଳିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

### କନ୍‌ଫିଡେଣ୍ଟ ଗ୍ରୁପ୍...

ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ବେଙ୍ଗାଲୁରୁ ପୋଲିସ କମିଶନର ସୀମନ୍ତ କୁମାର ସିଂ କହିଛନ୍ତି। ଆୟକର ବିଭାଗ ୩ ଦିନ ହେଲା ସିଂଙ୍କ କମ୍ପାନୀଗୁଡ଼ିକରେ ଚଢ଼ାଉ ଚଳାଇଥିଲା। ସିଂଙ୍କ ପରିବାର ସଦସ୍ୟ ଭାରତରେ ନ ଥିବାରୁ ପୋଲିସ ସେମାନଙ୍କ ସହ ଯୋଗାଯୋଗ କରିଛି। କେରଳ, କର୍ଣ୍ଣାଟକ ସମେତ ଅଧିକାଂଶ ଦକ୍ଷିଣ ଭାରତୀୟ ରାଜ୍ୟରେ ରିଅଲ ଇଷ୍ଟେଟ୍ ଡେଭେଲପର କନ୍‌ଫିଡେଣ୍ଟ ଗ୍ରୁପର ଉପସ୍ଥିତି ରହିଛି। ଏଥିସହିତ ରୟ କେତେକ ମାଲୟାଲମ୍ ଚଳଚ୍ଚିତ୍ରର ପ୍ରଯୋଜକ। ତେବେ ବାରମ୍ବାର ଆୟକର ଚଢ଼ାଉକୁ ନେଇ ରୟ ବିବ୍ରତ ଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଅତ୍ୟଧିକ ଋଣ କାରଣରୁ ଭାରତର ସର୍ବବୃହତ୍ କଫି ଚେନ୍ କାଫେ କଫି ଡେ' (ସିସିଡି)ର ପ୍ରତିଷ୍ଠାତା ଭି.ଜି. ସିଦ୍ଧାର୍ଥ ୨୦୧୯ ଜୁଲାଇରେ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତ୍ୟୁ କମ୍ପାନୀ ପାଇଁ ବଡ଼ ସଙ୍କଟ ସୃଷ୍ଟି କରିଥିଲା। ସେହିପରି ଦିଲ୍ଲୀର ଉଡ୍‌ବକ୍ସ କାଫେର ମାଲିକ କୁମିତ୍ କୁରାନା ବ୍ୟକ୍ତିଗତ ଏବଂ ଆଇନଗତ ବିବାଦ କାରଣରୁ ୨୦୨୪ ନୂଆବର୍ଷର ପୂର୍ବ ସନ୍ଧ୍ୟାରେ ଆତ୍ମହତ୍ୟା କରିଥିଲେ।

### ୨୦ରେ ରାଜ୍ୟ...

୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଆଣିଥିଲେ। ତେଣୁ ଏଥର ସରକାର ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଅଧିକ ଟଙ୍କାର ବଜେଟ ଆଣିପାରନ୍ତି ବୋଲି ସରକାରୀ ସୂତ୍ରରୁ ଜାଣିବାକୁ ମିଳିଛି। ବଜେଟ ଅଧିବେଶନ ଭିତରେ ମୋଟ୍ ୨୨ଟି ଛୁଟିଦିନ ରହୁଛି। ତେବେ ଏପ୍ରିଲରେ ରାଜ୍ୟର ୪ ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ଏଥର ବଜେଟ ଅଧିବେଶନ ସମୟରେ ବଡ଼ ଧରଣର ରାଜନୀତି ଦେଖିବାକୁ ମିଳିପାରେ। ଉଭୟ ବିରୋଧୀ ଏବଂ ଶାସକ ଦଳ ମଧ୍ୟରେ ଅନେକ ପ୍ରସଙ୍ଗକୁ ନେଇ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇପାରେ। ଗତଥର ତୁଳନାରେ ବିରୋଧୀ ଦଳର ସଦସ୍ୟମାନେ ନିଜର ବିରୋଧର ଧାରା ସାମାନ୍ୟ ବୃଦ୍ଧି କରିପାରନ୍ତି ବୋଲି ବଜେଟ ଅଧିବେଶନ ସମ୍ପର୍କିତ ଘୋଷଣା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

### ଧାର ଟଙ୍କା...


ପଞ୍ଚାନନ ରାଉତ

ପାର୍ଶ୍ୱରେ ବାଜିଥିଲା। ସଙ୍ଗେସଙ୍ଗେ ପଞ୍ଚାନନଙ୍କୁ ପରିବାର ଲୋକେ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଶୁକ୍ରବାର ପଞ୍ଚାନନଙ୍କ ଭାଉଜ କବିତା ରାଉତ ଭୁବନ ଥାନାରେ ଅଭିଯୋଗ କରିଥିଲେ। ଭୁବନ ପୋଲିସ ମାମଲା ନଂ. ୭୦/୨୬ ରୁଜୁକରି ଅଭିଯୁକ୍ତ ନାଣ୍ଟୁ ଦେହୁରୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।


**GOVERNMENT OF ODISHA** No.4001/1/2526
**OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, JEYPORE & NABARANGPUR**
AT-PLOT NO-127, OLD LIC OFFICE BUILDING, PUJARIPUT, KORAPUT
No.165, Dated 28.01.2026
**Corrigendum-2 of Quotation Call Notice No.01/2025-26**

In continuation to this office Quotation Call Notice No-01/2025-26 dated 18.11.2025, it is hereby notified the amendments for the information to all concerned that the last date for submission of sealed quotation/ tender documents for hiring of private building for accommodation of office of the SE-cum-DEI, Jeypore & Nabarangpur, and AEE-Cum-AEI, JED & NED, Jeypore has been extended upto 26.02.2026 at 03.00 PM and shall be opened on the same day at 04.00 PM in presence of the bidders or their authorized representatives.

All other terms and conditions of the original quotation call notice no.01/2025-26 dated 18.11.2025 shall remain unchanged.

Sd./- Superintending Engineer-Cum-DEI, Jeypore & Nabarangpur
OIPR-4001/4080/1/25-26/0001



**STATE POLLUTION CONTROL BOARD, ODISHA**
(DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar- 751012
Tel: 2562368/2653810, E-mail: paribesh1@ospcboard.org, Website: https://ospcboard.odisha.gov.in
No.1283/ I-ESTT (A)- 17/2025 Date:30.01.2026

**ADDENDUM**

**No.8001/7/2526:**With reference to the Advertisement No.859, 863, 857 and 835 dt.20.01.2026, regarding recruitment of Junior Accountant (Group-C) Level-04, Junior Assistant (Group-C) Level-04 and Assistant Section Officer (Group-B) Level-09 in SPC Board, Odisha, the followings essential qualification with addition to the above advertisement for information of the interested eligible candidates shall be as under:

| Sl. No. | Name of the Post | Essential qualification as per advertisement | Addition to the essential qualification |
|---|---|---|---|
| 1 | Junior Accountant (Group-C) Level-04 | B.Com pass from a recognized university/ institution with PGDCA on computer applications and proficiency in Tally software. | B.Com pass from a recognized university/ Institution with PGDCA from any recognized Institution/AICTE recognized Institutions/NIELIT 'O' Level / Odisha State Certificate in information Technology (OS-CIT) course of Odisha Knowledge Corporation Limited (OKCL) or any other Computer Course from any recognized Board/ Council/ University/ Institution on computer applications and proficiency in Tally software. |
| 2 | Junior Assistant (Group-C) Level-04 | Graduate in any discipline from a recognized university/ Institute with PGDCA on computer applications | Graduate in any discipline from a recognized university/ Institute with PGDCA from any recognized Institution/AICTE recognized Institutions/ NIELIT 'O' level/ Odisha State Certificate in Information Technology (OS-CIT) course of Odisha Knowledge Corporation Limited (OKCL) or any other Computer Course from any recognized Board/ Council/ University/ Institution on computer applications. |
| 3 | Assistant Section Officer (Group-B) Level-09 | Graduate in any discipline from a recognized university/ Institution with PGDCA on computer applications and 5 years working experience in Govt. agency, PSU Statutory Board/ Corporation | Graduate in any discipline from a recognized university/ Institution with PGDCA from any recognized Institution/AICTE recognized Institutions/ NIELIT 'O' level/ Odisha State Certificate in Information Technology (OS-CIT) course of Odisha Knowledge Corporation Limited (OKCL) or any other Computer Course from any recognized Board/ Council/ University/ Institution on computer applications and 5 years working experiene in Govt. agency, PSU, Statutory Board/ Corporation. |

All other terms and conditions as per above advertisement will remain unaltered candidates are advised to check the SPC Board Odisha official website https://ospcboard.odisha.gov.in regularly for important instructions/ notification relating to the recruitment.

Sd./- MEMBER SECRETARY
OIPR-8001/8012/1/25-26/0007



ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ଭାରତ ସରକାରଙ୍କ ଏକ ଉଦ୍ୟମ A Government of India Undertaking
କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**, ପୂବାଶାସନ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସର୍ତ୍ତଗୁଡ଼ିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ** । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସର୍ତ୍ତଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସର୍ତ୍ତଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୂବାଶାସନ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ପୂବାଶାସନ ଶାଖା /** ୧(କ) ଋଣଗ୍ରହୀତା: ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ, ମାଲିକ: ଆଶିଷ କୁମାର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ । ୧(ଖ) ଋଣଗ୍ରହୀତା: ଆଶିଷ କୁମାର ସାହୁ, ପିତା: ଯୋଗେନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ । ୨- ଗ୍ୟାରେଣ୍ଟିଦାତା/ବନ୍ଧକଦାତା : ଶ୍ରୀ ଯୋଗେନ୍ଦ୍ର ସାହୁ, ପିତା: ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ଗ୍ରା: ଉତ୍ତରା, ଡେଲଟା କଲୋନୀ, କୌଶଲ୍ୟାଗଙ୍ଗ, ପୂବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨। | ଟ. 25,25,611.09 (ପଚିଶ ଲକ୍ଷ ପଚିଶ ହଜାର ଛଅ ଶହ ଏଗାର ନଅ ପଇସା ମାତ୍ର) + ସେବାବଦ ସୁଧ | ୧୦.୦୯.୨୦୨୫ / ୨୮.୦୧.୨୦୨୬ | ପ୍ଲଟ ନମ୍ବର ୩୪/୨୧୮୯, ଖାତା ନଂ. ୭୬୭/୪୦୫, କ୍ଷେତ୍ର ଆକାର ୦.୦୪୦ ଡିସିମିଲ, ମୌଜା ପୂବାଶାସନ, କିସମ-ଘରବାରୀ, ସଦ୍-ସ୍ଥିତିବାନ ସହିତ ସମ୍ବନ୍ଧିତ ହାଲ ଖାତା ନଂ. ୭୬୭/୧୬୨, ପ୍ଲଟ ନଂ. ୩୪, ପୋଷ୍ଟ-ପିପିଲି, ପୋଲିସ୍ ଷ୍ଟେସନ-ପିପିଲି, ଜିଲ୍ଲା-ପୁରୀ, ଓଡ଼ିଶା, ଚୌହଦି: ଉତ୍ତର-ରୋଡ, ଦକ୍ଷିଣ- ଭାଗବତ ବାସୁଦେବ, ପୂର୍ବ-ବସନ୍ତ ସ୍ୱାଇଁ, ପଶ୍ଚିମ- ପ୍ଲଟର ଅଂଶ ନମ୍ବର-୨୨ ଦ୍ୱାରା ପରିବେଷ୍ଟିତ ଶ୍ରୀ ଯୋଗେନ୍ଦ୍ର ସାହୁଙ୍କ ପିତା ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଅବସ୍ଥିତ। |

ସ୍ଥାନ: ଭୁବନେଶ୍ୱର
ତାରିଖ: ୩୦.୦୧.୨୦୨୬
ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



No.12001/5/2526

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.643/PSC, Dt.30.01.26**
**(1R-02-24/25) (DR-V)**
**Assistant Professor (Stage-I) in Chemistry**
**(Advertisement No.27 of 2023-24)**

It is for information of all concerned that, Document Verification of 164 (One hundred sixty four) candidates having PPSAN mentioned below for the post of Assistant Professor (Stage-I) in "Chemistry", pursuant to Advertisement No.27 of 2023-24 shall be held from 05.02.2026 to 11.02.2026 (except Govt. holiday) as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| DATE | Time of Verification | PPSAN |
|---|---|---|
| 05.02.2026 | 10.30 A.M. | P230174744, P230185001, P230185541, P240298920, P230180588, P240258725, P240289854, P240295664, P240303500, P240304988, P240305046, P240307819, P240308202, P240311169, P240312475 **= 15 Candidates** |
| | 2.30 P.M. | P220045048, P230165329, P230185742, P230186066, P230186067, P230187746, P240306483, P220051442, P230176238, P240304339, P240308073, P230168337 **= 12 Candidates** |
| 06.02.2026 | 10.30 AM | P230178363, P230179172, P230180638, P240283404, P240306829, P240306914, P240296034, P220005588, P220043613, P230140169, P230174139, P230176630, P230177054, P230183803, P230185352 **= 15 Candidates** |
| | 2.30 PM | P230186678, P230192259, P240286450, P240301864, P240302330, P240302849, P240305027, P240305698, P240305902, P240306760, P240306823, P240309614 **= 12 Candidates** |
| 07.02.2026 | 10.30 AM | P220002138, P230172453, P230182271, P230183995, P240295004, P240298793, P240304712, P230178180, P230179217, P230189489, P240277266, P240294066, P240304817, P240310962, P220057954 **= 15 Candidates** |
| | 2.30 PM | P230178216, P230178366, P230179600, P230180542, P230183321, P240306264, P230177221, P240297365, P240306988, P230173577, P230175859, P230176444 **= 12 Candidates** |
| 09.02.2026 | 10.30 AM | P230176930, P230181610, P230185045, P240295333, P240303061, P240303225, P240308436, P240309258, P240311863, P240311999, P220025167, P220044805, P220056513, P230175542, P230181557 **= 15 Candidates** |
| | 2.30 PM | P230187306, P230207132, P240299682, P240304473, P240308311, P240309854, P220034300, P220072856, P230179472, P230179571, P230184973, P230186202 **= 12 Candidates** |
| 10.02.2026 | 10.30 AM | P230188138, P240268095, P240270538, P240274547, P240285326, P240286623, P240296596, P240302276, P240303296, P240308728, P240311723, P230174404, P230179814, P230180706, P230186201 **= 15 Candidates** |
| | 2.30 PM | P230186225, P240282022, P240285345, P240294572, P240304559, P240309177, P240309549, P230158650, P230177988, P230111030, P230185289, P230186091 **= 12 Candidates** |
| 11.02.2026 | 10.30 AM | P240297188, P240301538, P240306775, P240303530, P220038693, P220076388, P230174833, P230175179, P230176485, P230183219, P230186497,P230187777, P240305256, P240306209, P240307640, P240308421, P240309287 **= 17 Candidates** |
| | 2.30 PM | P240291935, P240308371, P220004131, P230124289, P240309060, P240257057, P240308481, P230128055, P230179196, P230182087, P240303421, P240307987 **= 12 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in.**

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

Note: - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12001/12002/1/25-26/0005 **Sd./-Secretary**



ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଶୁକ୍ରବାର ବିଧାନସଭା ପରିସର ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ।

# କୋଟିଆକୁ କେହି ଅଲଗା କରିପାରିବେନି: ମନ୍ତ୍ରୀ

**ଭୁବନେଶ୍ୱର,୩୦।୧(ସୁନିତ୍ ମିଶ୍ର)**

କୋଟିଆରେ ଆନ୍ଧ୍ର ଅଫିସରମାନେ ପଶିବା ପରେ ଏବେ ସେହି ଘଟଣାକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟର ୨ ଜଣ ବରିଷ୍ଠ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରୁ କେହି କୋଟିଆକୁ ଅଲଗା କରିପାରିବେ ନାହିଁ। ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କୋଟିଆରେ ବେଆଇନ ଅନୁପ୍ରବେଶକଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୀମା ଅତିକ୍ରମକରି କୋଟିଆ ଲୋକଙ୍କୁ ଆନ୍ଧ୍ର ପ୍ରଭାବିତ କରୁଛି। ଆନ୍ଧ୍ର ମାଉସୀ ହୋଇ ସାହାଯ୍ୟ କରୁଛି , ଓଡ଼ିଶା ମା' ଭଳି ଦାୟିତ୍ୱ ତୁଲାଉଛି। କୋଟିଆର ବିକାଶ ପାଇଁ ପୂର୍ଣ୍ଣକାଳୀନ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। କୋଟିଆ ଲାଗି ରୋଡ୍ ମ୍ୟାପ୍ ପ୍ରସ୍ତୁତ ହେଉଛି। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, ତାକୁ ଏଠାରୁ କେହି ଅଲଗା କରିପାରିବେ ନାହିଁ ବୋଲି ସେ କହିଛନ୍ତି।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କୋଟିଆ ଓଡ଼ିଶାର ଥିଲା ଏବଂ ଆଗକୁ ମଧ୍ୟ ରହିବ। କୋଟିଆରେ ଆନ୍ଧ୍ର ଅଧିକାରୀଙ୍କ ସହ ଗଣ୍ଡଗୋଳ ପାଇଁ ସେମାନେ ଦାୟୀ। ଅଧିକାର ନ ଥାଇ ଆନ୍ଧ୍ର ଦ୍ୱନ୍ଦ୍ୱ ସୃଷ୍ଟିକରିଛି, କିନ୍ତୁ ଆମେ ଛାଡ଼ିବୁ ନାହିଁ। ରାଜନୈତିକ କାରଣରୁ କୋଟିଆକୁ ଖରାପ ନଜରରେ ଦେଖିଲେ ଛଡ଼ାଯିବ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି।




# ବିଧାନସଭା ପରିସରରେ ରାଜ୍ୟସ୍ତରୀୟ ଶହୀଦ ଦିବସ

## ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କଲେ ରାଜ୍ୟପାଳ, ବାଚସ୍ପତି, ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୧(ସୁଚିସ୍ମିତା ସାହୁ)**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ଶହୀଦ ଦିବସ ଶୁକ୍ରବାର ବିଧାନସଭା ପରିସରରେ ପାଳିତ ହୋଇଯାଇଛି। ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ଭାସ୍କର ଚନ୍ଦ୍ର ମଡ଼େଇଙ୍କ ସମେତ ପୂର୍ବତନ ମନ୍ତ୍ରୀ, ବିଧାୟକ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଓଡ଼ିଶା ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ କରାଯାଇଥିଲା। ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀମାନେ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ' ପରିବେଷଣ କରିଥିଲେ। ପୋଲିସବାହିନୀ ଦ୍ୱାରା ବୀର ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ତୋପଧ୍ୱନି, ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ପରେ ଦ୍ୱିତୀୟବାର ତୋପଧ୍ୱନି କରାଯାଇଥିଲା। ଓଡ଼ିଶା ପୋଲିସ ବ୍ୟାଣ୍ଡ୍ ଦ୍ୱାରା ରାମଧୂନ ପରିବେଷଣ ଓ ଜାତୀୟ ସଙ୍ଗୀତ ବାଦନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବାବେଳେ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁର୍ବୀର ସିଂହ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୧୫ ଜିଲାରେ ଖୁବ୍ କମ୍ କୁଷ୍ଠ ରୋଗୀ ଅଛନ୍ତି: ସ୍ୱାସ୍ଥ୍ୟ ସଚିବ

## ସମ୍ବର୍ଦ୍ଧିତ ହେଲେ ୩ ଡାକ୍ତର, ୫ ଆଶାକର୍ମୀ

**ଭୁବନେଶ୍ୱର,୩୦।୧(ବନ୍ଦନା ସେଠୀ)**



ସମ୍ବର୍ଦ୍ଧିତ ଡାକ୍ତର ଓ ଆଶାକର୍ମୀଙ୍କ ସହ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍. ଓ ଅନ୍ୟ ଅଧିକାରୀମାନେ।

କୁଷ୍ଠ ରୋଗକୁ ଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସା କରାଗଲେ ରୋଗ ସମ୍ପୂର୍ଣ୍ଣ ଭଲ ହୋଇପାରିବ। ସାମାଜିକ ସହଯୋଗ ଓ ସଚେତନତା ମାଧ୍ୟମରେ ଏହାକୁ ହରା ଯାଇପାରିବ। ଏବେ ରାଜ୍ୟରେ ଶୀଘ୍ର କୁଷ୍ଠରୋଗ ଚିହ୍ନଟ ହେବା ସହିତ ସହଜରେ ଚିକିତ୍ସା ହୋଇପାରୁଛି। ଫଳରେ ୧୫ ଜିଲାରେ ଖୁବ୍ କମ୍ ସଂଖ୍ୟକ କୁଷ୍ଠ ରୋଗୀ ଅଛନ୍ତି। ଡାକ୍ତର ଏବଂ ଆଶାକର୍ମୀଙ୍କ କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଆଗାମୀ ଦିନରେ ଏହି ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସମସ୍ତଙ୍କୁ ଅଧିକ କାମ କରିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ତଥା କମିଶନର ଅଶ୍ୱଥି ଏସ୍. କହିଛନ୍ତି। ଶୁକ୍ରବାର ବିଭାଗ ପକ୍ଷରୁ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ କୁଷ୍ଠ ନିବାରଣ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚିବ ଏହା କହିବା ସହ ରାଜ୍ୟର କୁଷ୍ଠ ରୋଗର ସ୍ଥିତି ନେଇ ତଥ୍ୟ ରଖିଥିଲେ। ବିଭାଗର ତଥ୍ୟ ଅନୁଯାୟୀ, ୨୦୨୪-୨୫ ବର୍ଷରେ ରାଜ୍ୟରେ ମୋଟ୍ ୭୩୪୯ କୁଷ୍ଠରୋଗ କେସ୍ ଚିହ୍ନଟ ହୋଇଛି। ସେହିପରି କୁଷ୍ଠ ରୋଗୀ ସଂଖ୍ୟାରେ ୯୨ପ୍ରତିଶତ ହ୍ରାସ ଘଟିଥିବାବେଳେ ଏବେ ୧୦୬ଟି ଗ୍ରେଡ୍-୨ କେସ୍ ରହିଛି। ସେହିପରି ୩୯୫ଜଣ କୁଷ୍ଠ ଆକ୍ରାନ୍ତ ଶିଶୁ ରୋଗୀ ଅଛନ୍ତି। ଏଯାବତ୍ ଅସ୍ତ୍ରୋପଚାର ମାଧ୍ୟମରେ ୬୯୮ କେସ୍‌ରେ କୁଷ୍ଠ ବିକଳାଙ୍ଗ ରୋଗୀଙ୍କୁ ପୁନଃକ୍ଷମ କରାଯାଇଛି ବୋଲି ସୂଚନା ଦିଆଯାଇଛି।

ଏହି ଅବସରରେ କୁଷ୍ଠ ରୋଗୀଙ୍କୁ ଭଲ କରିଥିବା ଆୟୁଷ ମେଡିକାଲ ଅଫିସର ଡା. ଦିବ୍ୟେନ୍ଦୁ କୁମାର ସାହୁ, ମେଡିକାଲ ଅଫିସର ଡା. ମନୀଷ କୁମାର ସାହୁ ଓ ଆୟୁଷ ମେଡିକାଲ ଅଫିସର ଡା. ତପସ୍ୱିନୀ ମିଶ୍ରଙ୍କୁ ପ୍ରଶଂସାପତ୍ର ସହ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଶାକର୍ମୀ ପ୍ରତିମା ମଲ୍ଲିକ, ରଜନୀ ଭୋଇ, ମଞ୍ଜୁଲତା ଲେଙ୍କା, ୱାଇ. ମଞ୍ଜୁ, ମନୋରମା ମଲ୍ଲିକଙ୍କୁ ଭଲ ପ୍ରଦର୍ଶନ ନିମନ୍ତେ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶଲ୍ୟ ବିଶେଷଜ୍ଞ ତଥା ଅତିରିକ୍ତ ନିର୍ଦ୍ଦେଶକ (କୁଷ୍ଠ) ଡା. ଲକ୍ଷ୍ମଣ କୁମାର କର୍ମୀ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ସଚିବ ଡା. ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ପ୍ରଦୀପ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ବାଂଲାଦେଶୀଙ୍କୁ ଦେଶାନ୍ତର କଲା ଜିଲା ପ୍ରଶାସନ





**କେନ୍ଦ୍ରାପଡ଼ା,୩୦।୧(ଜଗନ୍ନାଥ ଧଳ)**

ଦୀର୍ଘ ୨୧ ବର୍ଷ ପରେ କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୩ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଜିଲା ପ୍ରଶାସନ ଶୁକ୍ରବାର ଦେଶାନ୍ତର କରିଥିବା ସୂଚନା ମିଳିଛି। ସେମାନେ ହେଲେ ଅମିନା ବିବି, ଇନସାନ ଖାନ ଓ ମୁନତାଜ ଖାନ। ୨୦୨୫ ନଭେମ୍ବର ୨୭ରେ ଜିଲାର ବିଭିନ୍ନ ସ୍ଥାନରେ ରହି ଆସୁଥିବା ୧୨ ଜଣିଆ ପରିବାର ସଦସ୍ୟଙ୍କୁ ଅନୁପ୍ରବେଶକାରୀ ସନ୍ଦେହରେ ଜିଲା ପୋଲିସ ଅଟକ ରଖିଥିଲା। ୭ ଦିନ ମଧ୍ୟରେ ଅଟକଙ୍କ ମଧ୍ୟରୁ ପରିଚୟ ପତ୍ର ସଂଗ୍ରହ କରି ୯ ଜଣଙ୍କୁ ଛାଡି ଦେଇଥିଲା। ତେବେ ଏହି ୩ ଜଣ ପରିଚୟ ପତ୍ର ଦେଇ ନ ପାରିବାରୁ ସେମାନଙ୍କୁ ଅଟକ ରଖାଯାଇଥିଲା। ଏହି ପରିବାର ୧୯୮୭ ମସିହାରେ ବାଂଲାଦେଶରୁ ଆସିଥିବା ସୂଚନା ମିଳିଛି। ଅପରପକ୍ଷରେ ୨୦୦୪ ମସିହାରେ କେନ୍ଦ୍ରାପଡ଼ା ଜିଲାରେ ଜିଲା ପ୍ରଶାସନ ପକ୍ଷରୁ ମୋଟ ୧୬୪୯ ଜଣ ଅନୁପ୍ରବେଶକାରୀ ଭାବେ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ରହୁଥିବା ଚିହ୍ନଟ ୧୫୫୧ ଜଣ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଦିଆଯାଇଥିଲା। କୋର୍ଟରେ ମାମଲା କରିବା ପରେ ସେମାନେ ଦେଶାନ୍ତର ହୋଇ ନ ଥିଲେ। ସୂଚନାଯୋଗ୍ୟ ବଙ୍ଗ ଭଙ୍ଗ ସମୟରେ ମୋଟ ୧୨୩୭ ବାଂଲାଦେଶୀଙ୍କୁ କେନ୍ଦ୍ରାପଡ଼ା ଜିଲାରେ ଥଇଥାନ କରାଯାଇଥିଲା। ୨୦୧୧ ଜନଗଣନାରେ ବଙ୍ଗଭାଷୀଙ୍କ ସଂଖ୍ୟା ୭୬ ହଜାରରୁ ଅଧିକ ହୋଇଥିବା ବେଳେ ବର୍ତ୍ତମାନ ସେମାନଙ୍କ ସଂଖ୍ୟା ଲକ୍ଷାଧିକ ଅଛି।

# ସିରିଜ୍ ଦୁର୍ଘଟଣା, ୨୦ ଯବାନ ଆହତ




ଦୁର୍ଘଟଣାଗ୍ରସ୍ତ ଯବାନ ଗାଡ଼ିକୁ କ୍ରେନ୍ ଯୋଗେ ଉଠାଯାଉଛି।

**ଚମ୍ପୁଆ,୩୦।୧(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ରିମୁଳି-ରାଜାମୁଣ୍ଡା ୫୨୦ ନମ୍ବର ଜାତୀୟ ରାଜପଥର ନାରଦପୁରଠାରେ ସିରିଜ୍ ଦୁର୍ଘଟଣା ଘଟିଛି। ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍ଏଫ୍) ଯବାନଙ୍କୁ ନେଇ ଯାଉଥିବା ଏକ ବସ୍‌କୁ ପଛରୁ ଟ୍ରକ୍ ଧକ୍କାଦେଇଥିଲା। ବସ୍ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରକ୍ ପଛରେ ପିଟିହୋଇଥିଲା। ଫଳରେ ବସ୍‌ର ଆଗ ଓ ପଛ କାଚ ଭାଙ୍ଗିଯାଇଥିବା ବେଳେ ପ୍ରାୟ ୨୦ ଯବାନ ଆହତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଓଆଇଏସ୍ଏଫ୍ ଯବାନ ବସ୍ (ଓଡି ୧୩ ଏନ୍ ୦୦୫୪) ଯୋଗେ ଗୁଆଲିରୁ ଘଟଗାଁସ୍ଥିତ ଆନୁଆଲ କୋର୍ସ ଫାୟାରିଂ ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ। ନାରଦପୁର ନିକଟରେ ଏକ ଟ୍ରକ୍ ବସ୍ ପଛକୁ ଧକ୍କାଦେଇଥିଲା। ଫଳରେ ଉକ୍ତ ଯବାନ ଥିବା ଗାଡ଼ିଟି ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରକ୍ (ଜେଏଚ୍ ୧୦ ସିପି ୨୭୩୦) ସହ ଧକ୍କା ହୋଇଥିଲା। ଗାଡ଼ି ଭିତରେ ଥିବା ୨୫ ଯବାନଙ୍କ ମଧ୍ୟରୁ ୨୦ ଜଣ ଆହତ ହୋଇଥିଲେ। ଖବର ପାଇ ଚମ୍ପୁଆ ଥାନା ଅଧିକାରୀ ସ୍ୱରୂପରଞ୍ଜନ ନାଏକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଯବାନଙ୍କୁ ଉଦ୍ଧାରକରିବା ସହ ବାସୁଦେବପୁର ଓ ଚମ୍ପୁଆ ଚିକିତ୍ସାଳୟକୁ ପଠାଇଥିଲେ। ଏଥିସହ କ୍ରେନ୍ ଯୋଗେ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ପରେ ସେଠାରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ବୁଝାଶୁଝା କରି ପରିସ୍ଥିତି ଶାନ୍ତ ଅବସ୍ଥାକୁ ଆଣିଥିଲା। ଚମ୍ପୁଆ ପୋଲିସ ଏନେଇ ଏକ ମାମଲା(ନଂ. ୩୫/୨୬)ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱରର ଏକ ସ୍ନାକ୍ସ ବିତରକ ପାଇଁ ଯୁବ Sales & Marketing କର୍ମଚାରୀ ଆବଶ୍ୟକ।
ଦରମା ଟ.12,000+ ଇନସେଣ୍ଟିଭ୍।
ନିଜସ୍ୱ ବାଇକ୍ ଆବଶ୍ୟକ।
ଫୋନ୍: 9886365677

**WANTED**
A reputed office requires
Junior Accountant, Personal Assistant, Experience Driver
Qualification: Preferable for Company Secretary, B.Tech, Diploma, C.A Course (Degree & Non Degree) for its Bhubaneswar Office.
8117889084, 9178181581

**URBAN YATRA - TOUR COMPANY**
BHUBANESWAR, ODISHA
URGENT HIRING - IMMEDIATE JOINING
Positions Open:
• SUPERVISOR
• COOK
• WAITRESS
Experience required: 2 years & above
9938012124 | 9439534567
www.urbanyatra.com

MagnetConnects
**JOB VACANCY**
Contact: +91 97008 02000/ +91 73770 61767
Address: Pramila Tower, Sishu Vihar, Patia, Behind Pantaloons, BBSR
• PROJECT MANAGER/ CO-ORDINATOR (Experience: 2 - 6 years)
• IT - LARAVEL DEVELOPER (Experience: 2 - 6 years)
• DATA ENTRY/ EXCEL (Basic Computer. Experience: 1 - 2 years)
• OFFICE BOY (Experience: 0 - 2 years)

**ଆବଶ୍ୟକ**
ମଙ୍ଗଲୁରୁ (କର୍ଣ୍ଣାଟକ)ରେ ଅବସ୍ଥିତ ଏକ କମ୍ପାନୀ ପାଇଁ ହେଲ୍ପରମାନଙ୍କର ଆବଶ୍ୟକତା ଅଛି। ଖାଦ୍ୟ ଏବଂ ରହିବା ସୁବିଧା ଦିଆଯିବ।
ବେତନ: Rs.12,000/-.
ଯୋଗାଯୋଗ କରନ୍ତୁ: 8951619411

**APPOINTMENT**
CCIE SCHOOL
Behind RTO-1 Office, Bhubaneswar-22
Required : TGT (All Subjects) & P.E.T
Qualification : Graduate with B.Ed
Interested candidates may send their C.V. to: ccieprincipal@gmail.com or submit application form in school office within 15 days.
CONTACT: 9861463006, 0674-2541372

**କେନ୍ଦ୍ରୀୟ ରେଶମ ବୋର୍ଡ**
(ବୟନ ମନ୍ତ୍ରଣାଳୟ, ଭାରତ ସରକାର)
ବିଟିଏମ୍ ଲେ'ଆଉଟ, ମାଦିୱାଲା, ବେଙ୍ଗାଲୁରୁ - ୫୬୦୦୬୮, କର୍ଣ୍ଣାଟକ
ଫୋନ୍: +୯୧ ୮୦ ୨୬୨୮୨୬୯୯ ଫାକ୍ସ: +୯୧ ୮୦ ୨୬୬୮୧୫୧୧ ଇ-ମେଲ୍: estab.csb@nic.in
ବିଜ୍ଞାପନ ସଂ. ସିଏସ୍‌ବି/୦୨/୨୦୨୫ **ନିଯୁକ୍ତି ବିଜ୍ଞପ୍ତି** ତାରିଖ: ୩୧।୦୧।୨୦୨୬
କେନ୍ଦ୍ରୀୟ ରେଶମ ବୋର୍ଡ ଡେପୁଟେଶନ ଭିତ୍ତିରେ ବିଭିନ୍ନ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଅଧିସୂଚନା ସଂ. ସିଏସ୍‌ବି/୦୨/୨୦୨୫, ତାରିଖ: **୨୨।୧୧।୨୦୨୫** ଜାରି କରିଅଛି, ଯାହା ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ର **୨୨-୨୮ ନଭେମ୍ବର, ୨୦୨୫ ସଂସ୍କରଣରେ** ପ୍ରକାଶିତ ହୋଇଥିଲା। ଏତଦ୍ୱାରା ସୂଚିତ କରିଦିଆଯାଉଛି ଯେ ବିଭିନ୍ନ ପଦବୀ ଲାଗି ଆବେଦନ ପ୍ରାପ୍ତ କରାଯିବାର ଶେଷ ତାରିଖକୁ ଆଉ ୩୦ ଦିନ ବୃଦ୍ଧି କରାଯାଇଛି, ଅର୍ଥାତ୍ **ତା୨୦।୦୨।୨୦୨୬ରିଖ** ପର୍ଯ୍ୟନ୍ତ।
ବିବରଣୀ ପାଇଁ, ସିଏସ୍‌ବି ୱେବ୍‌ସାଇଟ୍: www.csb.gov.in ଦେଖନ୍ତୁ।
CBC: 41109/12/0018/2526
କେନ୍ଦ୍ରୀୟ ରେଶମ ବୋର୍ଡ

**ପୂର୍ବ ତଟ ରେଳପଥ**
ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଅଧିସୂଚନା
ସଂ.: SDCM/KUR/STBA/Notification/NSG-6/2026/Phase-9 ତାରିଖ : 16.01.2026
ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ 07 (ସାତ) ଗୋଟି 'NSG-6' ବର୍ଗର ଷ୍ଟେସନଗୁଡ଼ିକ ଠାରେ 03 (ତିନି) ବର୍ଷ ନିମନ୍ତେ କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟିଙ୍ଗ୍ ସିଷ୍ଟମ୍ (UTS) ମାଧ୍ୟମରେ କମିଶନ ଭିତ୍ତିରେ ଅସଂରକ୍ଷିତ ଟିକଟ ଜାରି ନିମନ୍ତେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟଙ୍କ (STBAs) ମନୋନୟନ ଏବଂ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରୁଥିବା ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଧାରିତ ଫର୍ମାଟରେ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍ ନିକଟକୁ** ଆବେଦନ କରିପାରିବେ।
ଆବଶ୍ୟକ STBAଙ୍କ ସଂଖ୍ୟା : ପ୍ରତ୍ୟେକ ଷ୍ଟେସନରେ ଦିନରାତି କାର୍ଯ୍ୟ କରିବା ନିମନ୍ତେ କେବଳ ଏକ (01) STBA.
ଷ୍ଟେସନଗୁଡ଼ିକର ନାମ
1. ସଦାଶିବପୁର (SSPR), 2. ମୋଟରି (MWQ), 3. ଚାରବାଟିଆ (CBT), 4. ବୁଢ଼ାପଙ୍କ (BDPK), 5. ବାଘୁଆପାଳ (BGPL), 6. ହରିଦାସପୁର (HDS) ଏବଂ 7. ହିନ୍ଦୋଳ ରୋଡ୍ (HND)।
ଉପରୋକ୍ତ ଷ୍ଟେସନଗୁଡ଼ିକ ନିମନ୍ତେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.23.02.2026 ରିଖ 1100 ଘଣ୍ଟିକା ମଧ୍ୟରେ କିମ୍ବା ଏହା ପୂର୍ବରୁ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍‌ଙ୍କ** କାର୍ଯ୍ୟାଳୟରେ ପକାଯିବା ଦରକାର। ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.23.02.2026ରିଖ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ଏହାର ପରବର୍ତ୍ତୀ କାର୍ଯ୍ୟଦିବସରେ ସେହି ସମାନ ସମୟ ମଧ୍ୟରେ ଗ୍ରହଣ କରାଯିବ।
ଦରଖାସ୍ତ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.23.02.2026 ରିଖ 1100 ଘଣ୍ଟିକା
ଦରଖାସ୍ତ ବାକ୍ସ ଖୋଲାଯିବା ତାରିଖ ଓ ସମୟ : ତା.23.02.2026 ରିଖ 1130 ଘଣ୍ଟିକା।
ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ ସମ୍ପର୍କିତ ସବିଶେଷ ବିବରଣୀ ନିମନ୍ତେ ଦୟାକରି ଆମ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଏବଂ http://tenders.gov.in ଅବଲୋକନ କରନ୍ତୁ କିମ୍ବା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ : ଜଟଣୀ, ଖୋର୍ଦ୍ଧା, ପିନ୍ : 752050 ଙ୍କ ସହିତ ଯୋଗାଯୋଗ କରନ୍ତୁ।
PR-1064/Q/25-26
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

**IISER BERHAMPUR**
भारतीय विज्ञान शिक्षा एवं अनुसंधान संस्थान बरहमपुर
INDIAN INSTITUTE OF SCIENCE EDUCATION AND RESEARCH BERHAMPUR
Established by the Ministry of Education, Govt. of India
Advt. No. NT- 01/2025
**Recruitment Notice for Non-Teaching Position**
Dated :31.12.2025
Opening date for submission of online application: **0900 hrs**. of **January 31, 2026**
Closing date of submission of online application: **1730 hrs**. of **March 02, 2026**
Crucial date for calculation of age/qualification/experience: **March 02, 2026**
The Indian Institute of Science Education and Research Berhampur, an Institute of National Importance, established by the Ministry of Education, Government of India, in order to promote higher scientific learning and research as well as scientific exploration at the undergraduate and postgraduate levels of education and to create scientists and academicians of the highest quality invites **ONLINE Applications** from eligible Indian nationals to fill-up the following sanctioned regular post as per the reservation and mode of recruitment mentioned against each: -

| S. No. | Name of the post | Group | Pay Level (as per 7th CPC) | Mode of recruitment | Vertical Reservation | | | | | Horizontal Reservation | Total No. of posts |
|---|---|---|---|---|---|---|---|---|---|---|---|
| | | | | | UR | SC | ST | OBC | EWS | PWD | |
| **A. Registry and Ministerial Cadre** | | | | | | | | | | | |
| 1 | Deputy Registrar | A | 12 | Direct Recruitment | 01 | 00 | 00 | 00 | 00 | 00 | 01 |
| 2 | Private Secretary | B | 7 | | 01 | 00 | 00 | 00 | 00 | 00 | 01 |
| 3 | Junior Assistant (MS) | C | 3 | | 01 | 00 | 00 | 00 | 00 | 00 | 01 |
| **B. Ministerial Cadre** | | | | | | | | | | | |
| 4 | Senior Superintendent | B | 7 | Deputation | 01 | 00 | 00 | 00 | 00 | 00 | 01 |
| **C. Technical (Laboratory) Cadre** | | | | | | | | | | | |
| 5 | Technical Officer (Lab) | A | 10 | Direct Recruitment | 01 | 00 | 00 | 00 | 00 | 00 | 01 |
| 6 | Junior Technical Assistant (Lab) | C | 5 | | 01 | 00 | 00 | 00 | 00 | 00 | 01 |
| **D. Technical (IT) Cadre** | | | | | | | | | | | |
| 7 | Senior Technical Officer (IT) | A | 11 | Direct Recruitment | 01 | 00 | 00 | 00 | 00 | 00 | 01 |
| **E. Engineering Cadre** | | | | | | | | | | | |
| 8 | Assistant Engineer (Civil) | B | 7 | Direct Recruitment | 01 | 00 | 00 | 00 | 00 | 00 | 01 |
| 9 | Junior Engineer (Electrical) | B | 6 | | 01 | 00 | 00 | 00 | 00 | 00 | 01 |
| **F. Medical Cadre** | | | | | | | | | | | |
| 10 | Medical Officer | A | 10 | Direct Recruitment | 01 | 00 | 00 | 00 | 00 | 00 | 01 |
| 11 | Nurse | B | 7 | | 01 | 00 | 00 | 00 | 00 | 00 | 01 |
| **G. Library Cadre** | | | | | | | | | | | |
| 12 | Junior Library Superintendent* | B | 6 | Direct Recruitment | 00 | 00 | 00 | 00 | 00 | 01* | 01 |
| **H. Sports and Physical Education Cadre** | | | | | | | | | | | |
| 13 | Physical Education Instructor | B | 7 | Direct Recruitment | 01 | 00 | 00 | 00 | 00 | 00 | 01 |
| **I. Official Language Cadre** | | | | | | | | | | | |
| 14 | Junior Translator (Rajbhasha) | B | 6 | Direct Recruitment | 01 | 00 | 00 | 00 | 00 | 00 | 01 |
| | | | | Total | 13 | 00 | 00 | 00 | 00 | 01 | 14 |

* The vacancy is reserved for applicants belonging to category of Persons with Benchmark Disability (PwBD) viz. One Arm (OA), One Leg (OL) and Hard of Hearing (HH).
**Note:** The candidates are required to apply through **ONLINE** process only. Please visit Institute website **https://www.iiserbpr.ac.in/** for submission of online application and full text of the advertisement for all other details regarding age relaxation, probation, recruitment rules etc.
Sd/-
कुलसचिव/Registrar

# ରାଜନେତା ବିଶ୍ୱଜିତ, ସଚିନଙ୍କୁ ମାରାଥନ ଜେରା

## ଗଞ୍ଜାମ ବାଲି, ମଦ ମାଫିଆଙ୍କୁ ଇଡି ଛାଟ

ଭୁବନେଶ୍ୱର,୩୦।୧(ତ୍ରିନାଥ ମହାନ୍ତି)






ଇଡି ଅଫିସ୍‌ରେ ହାଜର ହେଉଛନ୍ତି କଂଗ୍ରେସ ନେତା ବିଶ୍ୱଜିତ ପାତ୍ର।

ଆପରାଧିକ ଉପାୟରେ ବହୁ କୋଟିର ସାମ୍ରାଜ୍ୟ ଠିଆ କରିଥିବା ଗଞ୍ଜାମ ବାଲି ଓ ମଦ ମାଫିଆଙ୍କୁ ସାବାଡ୍ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ବେଆଇନ ବାଲିଘାଟ ଓ ମଦ ଭାଟିରୁ ଆଦାୟ କଳାଧନର ହିସାବ ମାଗୁଛନ୍ତି ଇଡି ଅଧିକାରୀ। ସମନ ପାଇବା ପରେ ଶୁକ୍ରବାର ସକାଳ ପ୍ରାୟ ୧୦ଟା ୧୫ରେ ନୟାପଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ ଗଞ୍ଜାମର କଂଗ୍ରେସ ନେତା ବିଶ୍ୱଜିତ ପାତ୍ର ଏବଂ ବିଜେଡି ନେତା ହୃଷୀକେଶ ପାଢ଼ୀଙ୍କ ପୁଅ ସଚିନ ପାଢ଼ୀ। ଇଡିର ସୂଚନାନୁସାରେ, କେତେକ ଦସ୍ତାବିଜ୍ ସହ ସେମାନେ ହାଜର ପରେ ଅଧିକାରୀମାନେ ରାତି ୯ଟା ୩୦ ପର୍ଯ୍ୟନ୍ତ ପଚରାଉଚରା ସହ କଳାଧନର ହିସାବ ମାଗିଥିଲେ। ଆହୁରି ମଧ୍ୟ ବାଲିଘାଟ ଓ ମଦ ଭାଟିର କାଗଜପତ୍ର ମାଗିଥିଲେ। ଏଥିସହ ଇଡି ଜବତ କରିଥିବା ୨.୬୩ କୋଟି ଟଙ୍କାର ହିସାବ ମାଗିଥିଲେ ମଧ୍ୟ ସେମାନେ ତାହା ଦେଇପାରି ନ ଥିଲେ। ଅନ୍ୟ ଏକ ତାରିଖରେ ହାଜର ହୋଇ ଆବଶ୍ୟକ କାଗଜପତ୍ର ଦାଖଲ ଲାଗି ଇଡି ପକ୍ଷରୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଚୋରା ବାଲି ଚାଲାଣ ଓ ବେଆଇନ ମଦ ଭାଟି ଲିଙ୍କ୍‌ରେ ଆଉ ୧୬ଜଣଙ୍କୁ ଇଡି ସମନ କରିଛି।

ଗତ ୧୬ ତାରିଖରେ ଗଞ୍ଜାମର ୬ ବାଲି ଓ ମଦ ବ୍ୟବସାୟୀଙ୍କ ଘରେ ଇଡି ଚଢ଼ାଉ କରି ୨ କୋଟି ୬୩ ଲକ୍ଷ ନଗଦ ଟଙ୍କା, ୧୦ ଦାମୀ ଗାଡି ଓ କିଛି କାଗଜପତ୍ର ଜବତ କରିଥିଲା। ଏଥିସହ ସାରା ରାଜ୍ୟରେ ବାଲି ଓ ମଦ ମାଫିଆଙ୍କ ସହ ଗ୍ୟାଙ୍ଗଷ୍ଟରଙ୍କ ଘର ସମେତ ଏକକାଳୀନ ୨୫ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଗଞ୍ଜାମର ବିଜେଡି ନେତା ହୃଷୀକେଶ ପାଢୀଙ୍କ ଘରେ ରେଡ୍ ହୋଇଥିଲା। ପରେ ହୃଷୀକେଶଙ୍କ ସମେତ ଗଞ୍ଜାମ ଜିଲାର ୮ରୁ ୧୦ ବାହୁବଳୀ ବାଲି ଓ ମଦ ମାଫିଆଙ୍କ ଠିକଣାରେ ଇଡି ଚଢ଼ାଉ କରିଥିଲା। ଯାଞ୍ଚରେ ମିଳିଥିବା ଆଲମୀରା ଭର୍ତ୍ତି ଟଙ୍କା ସହ ଖୋଲିଥିଲା ବାଲି ଓ ମଦ ମାଫିଆଙ୍କ କଳା ସାମ୍ରାଜ୍ୟ। ସେମାନେ ଋଷିକୁଲ୍ୟା, ବାହୁଦା, ବଡ଼ ନଦୀରୁ ବେଆଇନ ଭାବେ ବାଲି ଉଠାଇ ଜାଲ୍ ୱାଇ ଫର୍ମ ଜରିଆରେ କୋଟି କୋଟି ଟଙ୍କା ରାଜସ୍ୱ ଫାଙ୍କୁଥିଲେ। ଏହି ବାଲିକୁ ଉଚ୍ଚ ଦରରେ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଥିଲେ। ଏନେଇ ସିଏଜି ରିପୋର୍ଟ ପରେ ଚଢ଼ାଉ କରିଥିଲା ଇଡି। ରେଡ୍ ବେଳେ ବାଲି ମାଫିଆଙ୍କ ଚୋରା ମଦ କାରବାର ସମ୍ପର୍କରେ ମଧ୍ୟ ସୁରାକ ମିଳିଥିଲା।

# ଶୌଚାଳୟରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ଭାଇ

ଧାମନଗର,୩୦।୧(ସନ୍ତୋଷ କୁମାର ମହାପାତ୍ର)



ରଞ୍ଜିତା ଖଟୁଆ

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଗୁହାଳିଆ ଗ୍ରାମର ରଞ୍ଜିତା ଖଟୁଆ ନାମ୍ନୀ ମହିଳାଙ୍କର ଗୁରୁବାର ବିଳମ୍ବିତ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ଶୌଚାଳୟରୁ ତାଙ୍କ ମୃତଦେହ ମିଳିଛି। ଶାଶୁଘର ଲୋକେ ତାଙ୍କ ଭଉଣୀଙ୍କୁ ହତ୍ୟା କରିଥିବା ମୃତ ରଞ୍ଜିତାଙ୍କ ଭାଇ ଲମ୍ବୋଦର ଖଟୁଆ(୩୧) ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ହତ୍ୟା ମାମଲା (ନଂ.୪୩/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ରଞ୍ଜିତାଙ୍କ ସ୍ୱାମୀ ଅକ୍ଷୟ ରାଉତ(୨୮), ଶାଶୁ କାଞ୍ଚନ ରାଉତ(୪୯) ଓ ଶ୍ୱଶୁର ଶ୍ରୀଧର ରାଉତ(୫୫)ଙ୍କ ନାମରେ ମାମଲା ରୁଜୁ ହୋଇଛି। ଘଟଣା ଘଟିବାର କିଛି ସମୟ ପରେ ଶାଶୁଘର ଲୋକ ଫେରାର ହୋଇଯାଇଥିବା ରଞ୍ଜିତାଙ୍କ ବାପଘର ଲୋକେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଧାମନଗର ଥାନା ଅଧୀନ ଚନ୍ଦେଶ୍ୱର ଗ୍ରାମର ସ୍ୱର୍ଗତ ଅନନ୍ତ ଖଟୁଆଙ୍କ ଝିଅ ରଞ୍ଜିତାଙ୍କର ୪ବର୍ଷ ତଳେ ଗୁହାଳିଆ ଗ୍ରାମର ଅକ୍ଷୟଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ଯୌତୁକ ବାବଦକୁ ନଗଦ ୫୦ ହଜାର ଟଙ୍କା ଏବଂ ସୁନା ରୁପା ସହ ବିଭିନ୍ନ ଆସବାବପତ୍ର ଦେଇଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକ ଯୌତୁକକୁ ନେଇ ରଞ୍ଜିତାଙ୍କୁ ନିର୍ଯାତନା ଦେଉଥିଲେ। ଏନେଇ ଉଭୟ ପରିବାର ପକ୍ଷରୁ ଅନେକଥର ଆପୋସ ବୁଝାମଣା ହୋଇଥିଲା। ଏପରିକି ୪ମାସ ପୂର୍ବରୁ ନିର୍ଯାତନା ଅସହ୍ୟ ହେବାରୁ ରଞ୍ଜିତା ବାପଘରେ କିଛିଦିନ ରହିଥିଲେ। ପରେ ସ୍ୱାମୀ, ଶ୍ୱଶୁର ଓ ପରିବାର ଲୋକେ ଆସି ବୁଝାମଣା କରି ତାଙ୍କୁ ଘରକୁ ନେଇଯାଇଥିଲେ। ହେଲେ ଗୁରୁବାର ବିଳମ୍ବିତ ରାତିରେ ଶାଶୁଘର ଲୋକ ରଞ୍ଜିତାଙ୍କ ତଣ୍ଟିକୁ ଶାବଳରେ ଚାପି ମାରିଦେବା ସହ ଘର ପାଖ ଶୌଚାଳୟରେ ପକାଇ ଦେଇଥିବା ଲମ୍ବୋଦର ଅଭିଯୋଗରେ ଦର୍ଶାଇଛନ୍ତି। ବାପଘର ଲୋକଙ୍କ ବିରୋଧ ସତ୍ତ୍ୱେ ଶାଶୁଘର ଲୋକ ମୃତ ରଞ୍ଜିତାଙ୍କୁ ଜୋରଜବରଦସ୍ତ ଆମ୍ବୁଲାନ୍ସ ଯୋଗେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଲମ୍ବୋଦର କହିଛନ୍ତି। ମୃତ ରଞ୍ଜିତାଙ୍କ ସ୍ୱାମୀ ଭୁବନେଶ୍ୱରରେ ଏକ ମେଡିସିନ ଦୋକାନରେ କାମ କରନ୍ତି। ଘଟଣାର ଦୁଇଦିନ ପୂର୍ବରୁ ୧ ବର୍ଷ ଝିଅର ଜନ୍ମଦିନ ଥିବାରୁ ସେ ଘରକୁ ଆସିଥିଲେ। ଏନେଇ ଥାନାଧିକାରୀ ରଞ୍ଜନ ସେଠୀ କହିଛନ୍ତି, ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଫେରାର ନିର୍ଦ୍ଦେଶକ ତନ୍ମୟଙ୍କୁ ପଶ୍ଚିମବଙ୍ଗରୁ ଗିରଫ କଲା ସିବିଆଇ

## ୨ କୋଟିର ଏକ୍ସପ୍ରେସ୍ କଲ୍‌ଟିଭେଶନ ଚିଟ୍‌ଫଣ୍ଡ୍ ଠକେଇ ମାମଲା

ଭୁବନେଶ୍ୱର,୩୦।୧(ତ୍ରିନାଥ ମହାନ୍ତି)

୨ କୋଟି ଟଙ୍କା ଚିଟ୍‌ଫଣ୍ଡ ଠକେଇ ମାମଲାରେ ଫେରାର ଥିବା ଏକ୍ସପ୍ରେସ୍ କଲ୍‌ଟିଭେଶନ ଲିମିଟେଡ୍‌ର ଅନ୍ୟତମ ନିର୍ଦ୍ଦେଶକଙ୍କୁ ପଶ୍ଚିମବଙ୍ଗ ନଦିଆରୁ ଗିରଫ କରିଛି ସିବିଆଇ। ଗିରଫ ଅଭିଯୁକ୍ତ ଜଣକ ହେଲେ ତନ୍ମୟ ମିର୍ଦ୍ଧା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ୨୦୨୨ରେ କମ୍ପାନୀ ବିରୋଧରେ ଚାର୍ଜଶିଟ ଦାଖଲ ହୋଇଥିଲା। ହେଲେ ତଦନ୍ତରେ ସହଯୋଗ ନ କରି ଫେରାର ହୋଇଯାଇଥିଲେ ଅଭିଯୁକ୍ତ ତନ୍ମୟ। ଫଳରେ ସିବିଆଇ ତାଙ୍କ ନାମରେ ୱାରେଣ୍ଟ ଜାରି କରିଥିଲା। ହେଲେ ତନ୍ମୟ ସିବିଆଇ ଅଧିକାରୀଙ୍କୁ ଚକ୍‌ମା ଦେଇ ସ୍ଥାନ ବଦଳାଇ ଲୁଚି ବୁଲୁଥିଲେ। ତେବେ ସେ ପଶ୍ଚିମବଙ୍ଗ ନଦିଆରେ ଥିବା ନେଇ ଗୋଇନ୍ଦା ସୂଚନା ପରେ ସିବିଆଇ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ତନ୍ମୟ ଏକ୍ସପ୍ରେକ୍ସ କଲ୍‌ଟିଭେଶନ ଲିମିଟେଡ୍ ନାମରେ ଏକ କମ୍ପାନୀ ଖୋଲି ନିଜେ ଏହାର ନିର୍ଦ୍ଦେଶକ ଥିଲେ। ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଏହାର ଅଫିସ ଥିଲା। ସେ ଲୋକଙ୍କୁ ଟଙ୍କା ଜମା କଲେ କମ୍ ଦିନରେ ଦୁଇଗୁଣା ଦେବାକୁ ଲୋଭ ଦେଖାଇ ୨ କୋଟିରୁ ଊର୍ଦ୍ଧ୍ୱ ସଂଗ୍ରହ କରିଥିଲେ।

# ଅନିଶାଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

## ନିର୍ବନ୍ଧ ପୂର୍ବରୁ ବାନ୍ଧବୀ ଅଳକାନନ୍ଦାଙ୍କୁ ହତ୍ୟା ମାମଲା

ଭୁବନେଶ୍ୱର,୩୦।୧(ତ୍ରିନାଥ ମହାନ୍ତି)

ବହୁଚର୍ଚ୍ଚିତ ଅଳକାନନ୍ଦା ଦାଶ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍‌ର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଏହି ମାମଲାର ଶୁଣାଣିକରି ଅଭିଯୁକ୍ତ ଅନିଶା ମିତ୍ରଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୨ ବର୍ଷ ସଜା ଭୋଗିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମୃତା ଅଳକାନନ୍ଦାଙ୍କ ଘର ବାଲେଶ୍ୱର ଜିଲା ବସ୍ତା ଥାନା ବାଉଁଶମୁଖା ଗାଁରେ। ସେ ଏଠାକୁ ଆସି ଏକ ଘରୋଇ ଅଫିସ୍‌ରେ କାମ କରିବା ସହ ଲିଙ୍ଗରାଜ ଥାନା ଗୌରୀନଗର ଲେନ୍-୫ରେ ଏକ ହଷ୍ଟେଲରେ ରହୁଥିଲେ। ନିଜ ବିବାହ ନିର୍ବନ୍ଧ ସ୍ଥିର ହୋଇଥିବାରୁ ଗତ ୨୦୧୯ ଜାନୁଆରୀ ୧୯ରେ ସେ ଗାଁକୁ ଯିବା ଲାଗି ବାହାରିଥିଲେ। ଏହା ଜାଣିବା ପରେ ତାଙ୍କ ବାନ୍ଧବୀ ଅନିଶା ତାଙ୍କୁ ଘରକୁ ଯିବା ଲାଗି ବାରଣ କରିଥିଲେ। ଆଉ ତାଙ୍କ କଥା ନ ମାନି ଘରକୁ ଗଲେ ଭୟଙ୍କର ପରିଣାମ ଭୋଗିବାର ଧମକ ମଧ୍ୟ ଦେଇଥିଲେ। ଅଳକାନନ୍ଦା ଭଉଣୀ ମଧୁଛନ୍ଦାଙ୍କୁ ଏନେଇ ଜଣାଇବାରୁ, ସେହିଦିନ ଗାଁକୁ ନ ବାହାରି ତା'ପରଦିନ ପ୍ରାତଃ ସମୟରେ ବାହାରିଯିବା ପାଇଁ ମଧୁଛନ୍ଦା ତାଙ୍କୁ ଉପାୟ ବତାଇଥିଲେ। କିନ୍ତୁ ତା'ପରଦିନ ଅର୍ଥାତ୍ ୨୦୧୯ ଜାନୁଆରୀ ୨୦ ସକାଳେ ଅଭିଯୋଗକାରିଣୀ ମଧୁଛନ୍ଦା ଭଉଣୀ ଅଳକାନନ୍ଦାଙ୍କ ମୃତ୍ୟୁ ଖବର ହଠାତ୍ ପୋଲିସ ନିକଟରୁ ଜାଣିବାକୁ ପାଇଥିଲେ। ସୂଚନା ପାଇବା କ୍ଷଣି ସେ ଭୁବନେଶ୍ୱରସ୍ଥିତ ଗୌରୀନଗରଠାରେ ଥିବା ଭଡ଼ାଘରେ ପହଞ୍ଚି ଅଳକାନନ୍ଦାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ଅଭିଯୁକ୍ତ ଅନିଶାଙ୍କ ବିରୋଧରେ ଲିଙ୍ଗରାଜ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଅଭିଯୋଗକାରିଣୀ ମଧୁଛନ୍ଦା ଦାଶଙ୍କ ଅଭିଯୋଗ ଆଧାରରେ ଲିଙ୍ଗରାଜ ଥାନା କେସ୍ ନଂ.୧୪/୨୦୧୯ରେ ହତ୍ୟାମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

## କ୍ଷୀର ବ୍ୟବସାୟୀ ହତ୍ୟା ମାମଲା

ବ୍ରହ୍ମପୁର,୩୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ହିଲପାଟଣାରେ କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନି ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍ -୩ ବିବସ୍ୱତ ଗୌତମ ଏହି ମାମଲାର ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ଗୋଷାଣି ନୂଆଗାଁ ଥାନା ଅଞ୍ଚଳର ରୂପେଶ ପାଢ଼ୀ(୩୦), ଶ୍ରୀନୁ ପାତ୍ର(୩୮), ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରି ବନ୍ଧସାହିର ରଞ୍ଜିତ କୁମାର ସାହୁ ଓରଫ ନାକା (୨୯), ଶିବ ମହାକୁଡ଼ (୨୯) ଓ ଅନ୍ୟ ଏକ ମାମଲାରେ ଗିରଫହୋଇ ଢେଙ୍କାନାଳ ଜେଲରେ ଥିବା ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ବେଡ଼ାବନ୍ଧ ସାହିର ଶଙ୍କର ସାହୁ(୩୧)। ଜେଲ ଭୋଗିବା ସହ ପ୍ରତ୍ୟେକ ଅଭିଯୁକ୍ତ ୧୩ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧୮ ମାସ ଲେଖାଏ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି।

୨୦୨୦ ଜୁନ୍ ୧୨ ରାତିରେ ହେରିଟେଜ କମ୍ପାନୀର କ୍ଷୀର ବ୍ୟବସାୟୀ ଲମ୍ବୋଦରଙ୍କୁ ହିଲପାଟଣାସ୍ଥିତ ତାଙ୍କ ଗୋଦାମରେ ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନେ ଲୁଟ୍ ଉଦ୍ଦେଶ୍ୟରେ ଆସିଥିଲେ। ଘରେ ଲୁଟେରାଙ୍କ ଶବ୍ଦ ଶୁଣି ଲମ୍ବୋଦର ନିଦରୁ ଉଠି ପଡିଥିବା ବେଳେ ସେମାନେ ଧରାପଡିଯିବା ଭୟରେ ତାଙ୍କୁ ହତ୍ୟାକରିଥିଲେ। ଗୋଦାମ ମ୍ୟାନେଜର ଭି. ବିନୟ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

## Business

# 'ଚେତକ ସି୨୫'ର ବଜାର ପ୍ରବେଶ

ଭୁବନେଶ୍ୱର, ୩୦।୧(ଅନୁରାଧା ମହାରଣା)




ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଚେତକ ଶୋ'ରୁମରେ ଶୁକ୍ରବାର ନୂଆ ଇଲେକ୍ଟ୍ରିକ୍ ସ୍କୁଟର ଚେତକ ସି୨୫ର ବଜାର ପ୍ରବେଶ କରାଯାଇଛି। ଷ୍ଟାଇଲିଶ, ସ୍ଲିକ ଓ ଯୁବମୁଖୀ ଡିଜାଇନ ସହିତ ଆସିଥିବା ଏହି ସ୍କୁଟର ଚେତକ ପୋର୍ଟଫୋଲିଓକୁ ଆଉ ଏକ ନୂଆ ଆକର୍ଷଣ ଯୋଗାଇଛି। ସହର ଭିତରେ ସହଜ ଯାତାୟାତକୁ ଲକ୍ଷ୍ୟକରି ଡିଜାଇନ ହୋଇଥିବା ସି୨୫ ହାଲୁକା ଓ ସୁବିଧାଜନକ ରାଇଡିଂ ଅନୁଭୂତି ପ୍ରଦାନ କରୁଛି। ନିଓ-କ୍ଲାସିକ ଡିଜାଇନରେ ତିଆରି ହୋଇଥିବା ପ୍ରିମିୟମ ମେଟାଲ ବଡି, ଉଚ୍ଚମାନର ପେଣ୍ଟ ଫିନିଶ, ସିଗ୍ନେଚର ଡିଆର୍‌ଏଲ୍ ହେଡ୍‌ଲ୍ୟାମ୍ପ, ଜଏଣ୍ଟ ବିହୀନ ମୋନୋ-ବଡି ଡିଜାଇନ ରହିଛି। ୨.୫ କିଲୋୱାଟର ବ୍ୟାଟେରି ସହ ଆସିଥିବା ଚେତକ ସି୨୫ ଥରେ ଚାର୍ଜ କଲେ ୧୧୩ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ। ଏହାର ସର୍ବାଧିକ ବେଗ ଘଣ୍ଟା ପ୍ରତି ୫୫ କି.ମି. ରହିଛି। ହିଲ୍ ହୋଲ୍ଡ ଆସିଷ୍ଟ, 'ଗାଇଡ ମି ହୋମ' ଲ୍ୟାମ୍ପ ଓ ଡିସ୍କ ବ୍ରେକ୍ ଭଳି ଆଧୁନିକ ସୁରକ୍ଷା ବ୍ୟବସ୍ଥା ଏହାକୁ ଆଉ ଅଧିକ ସୁବିଧାଜନକ କରିଛି। ଏହି ବଜାର ପ୍ରବେଶ ଅବସରରେ ଏମ୍‌ଏସ୍‌ବି ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ମନସୂର ବକ୍ସ ଓ ଡାଇରେକ୍ଟର ସାହିରା ବାନୁ ଉପସ୍ଥିତ ଥିଲେ। ଓଡ଼ିଶା ଏରିଆ ସେଲ୍ସ ମ୍ୟାନେଜର ରଶିତ ମାଲହୋତ୍ରା କହିଛନ୍ତି, ସହରୀ ଜୀବନଶୈଳୀରେ ଛୋଟ ଯାତ୍ରା ଓ ସ୍ୱାଧୀନ ଯାତାୟାତର ଆବଶ୍ୟକତା ବଢୁଛି। ଏହି ଆବଶ୍ୟକତାକୁ ଧ୍ୟାନରେ ରଖି ଏହି ସ୍କୁଟର ତିଆରି ହୋଇଛି । ଏହାର ବଜାର ମୂଲ୍ୟ ୯୧,୩୩୯ଟଙ୍କା(ଏକ୍ସ ଶୋ'ରୁମ୍ ମୂଲ୍ୟ) ରହିଥିବାବେଳେ ପ୍ୟାନ୍ ଇଣ୍ଡିଆ ସ୍ତରରେ ପ୍ରଥମ ୧୦ ହଜାର ଗ୍ରାହକ ଏହାକୁ ୭୪,୬୦୦ ଟଙ୍କାରେ କିଣିପାରିବେ।

## ଗ୍ରାହକଙ୍କୁ ଏୟାରଟେଲର ନିଃଶୁଳ୍କ ଆଡୋବି ଏକ୍ସପ୍ରେସ୍ ପ୍ରିମିୟମ ପ୍ରଦାନ

ଭୁବନେଶ୍ୱର, ୩୦।୧

ଭାରତର ପ୍ରମୁଖ ଟେଲିକମ ସେବା ପ୍ରଦାନକାରୀ ଭାରତୀ ଏୟାରଟେଲ ଦେଶର ୩୬୦ ମିଲିୟନ ଗ୍ରାହକଙ୍କୁ ବିନାମୂଲ୍ୟରେ ଆଡୋବି ଏକ୍ସପ୍ରେସ ପ୍ରିମିୟମ ପ୍ରଦାନ କରିଛି। ଏହା ବିଶ୍ୱରେ ପ୍ରଥମ। ଏୟାରଟେଲ ଗ୍ରାହକମାନେ ଏୟାରଟେଲ ଥାଙ୍କସ୍ ଆପରେ ଏହି ସେବା ଉପଭୋଗ କରିପାରିବେ, କ୍ରେଡିଟ କାର୍ଡ ଆବଶ୍ୟକ ନାହିଁ। ଏହି ଏଆଇ-ଆଧାରିତ ଟୁଲ ସୋସିଆଲ ପୋଷ୍ଟ, ମାର୍କେଟିଂ ମ୍ୟାଟେରିଆଲ, ଭିଡିଓ ଏଡିଟିଂ, ପୋଷ୍ଟର୍, ରେଜ୍ୟୁମେ ଆଦି ସହଜରେ ତିଆରି କରିହେବ। ହଜାର ହଜାର ଟେମ୍ପଲେଟ, ପ୍ରିମିୟମ ଫଣ୍ଟ, ୧୦୦ ଜିବି କ୍ଲାଉଡ ଷ୍ଟୋରେଜ, ବ୍ୟାକଗ୍ରାଉଣ୍ଡ ରିମୁଭାଲ ବୈଶିଷ୍ଟ୍ୟ ମିଳିବ। ଏୟାରଟେଲ ସିଇଓ ସିଦ୍ଧାର୍ଥ ଶର୍ମା କହିଛନ୍ତି, ଏହା ପ୍ରତ୍ୟେକ ଭାରତୀୟଙ୍କୁ ସୃଜନଶୀଳତାର ସୁଯୋଗ ଦେବ। ଆଡୋବିର ଡେଭିଡ ୱାଧୱାନି କହିଛନ୍ତି, ଏହା ଭାରତର କ୍ରିଏଟର୍ ଇକୋନୋମିକୁ ତ୍ୱରାନ୍ୱିତ କରିବ। ଏହି ସେବା ଇଂଲିଶ, ହିନ୍ଦୀ, ତାମିଲ ଓ ବଙ୍ଗଳାରେ ଉପଲବ୍ଧ।

# ଏ. ଅରବିନ୍ଦାକ୍ଷନ, ଯମୁନା ବୀଣୀଙ୍କୁ ତଥାଗତ ସାହିତ୍ୟ ସମ୍ମାନ




ଭୁବନେଶ୍ୱର, ୩୦।୧

ନୂଆଦିଲ୍ଲୀର ସାହିତ୍ୟ ଏକାଡେମୀ ସଭାଗୃହରେ ଅନୁଷ୍ଠିତ ଏକ ସମାରୋହରେ କେରଳର ବରିଷ୍ଠ ହିନ୍ଦୀ ସାହିତ୍ୟକାର ଏ. ଅରବିନ୍ଦାକ୍ଷନ ଏବଂ ଅରୁଣାଚଳ ପ୍ରଦେଶର ଯୁବ କବୟିତ୍ରୀ ଯମୁନା ବୀଣୀଙ୍କୁ 'ତଥାଗତ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ପ୍ରଖ୍ୟାତ ସାହିତ୍ୟକାର ରାମଦରଶ ମିଶ୍ରଙ୍କ ସ୍ମୃତିରେ ପ୍ରଦାନ କରାଯାଏ। ସମାରୋହର ଶୁଭାରମ୍ଭ ମହାକବି ନିରାଲାଙ୍କ ସରସ୍ୱତୀ ବନ୍ଦନା ଉପରେ ଆଧାରିତ କଥକ ନୃତ୍ୟ ପ୍ରସ୍ତୁତିରେ ହୋଇଥିଲା। ତଥାଗତ ଟ୍ରଷ୍ଟର ସଂରକ୍ଷକ ଡା. ଏନ୍‌ପି ସିଂହଙ୍କ ସହ ବରିଷ୍ଠ ସାହିତ୍ୟକାର ଅନାମିକା, ଓମ୍ ନିଶ୍ଚଳ, ଅଶୋକ ବାଜପେୟୀ, ଚନ୍ଦ୍ରକାନ୍ତା ପ୍ରମୁଖ ଯୋଗଦେଇଥିଲେ। ଏ. ଅରବିନ୍ଦାକ୍ଷନଙ୍କ କୃତି 'ଧଡକନୋଂ କେ ଭୀତର ଜାକର' ଏବଂ ଯମୁନା ବୀଣୀଙ୍କ ସଂଗ୍ରହ 'ଜବ ଆଦିବାସୀ ଗାତା ହୈ' ବେଶ୍ ପାଠକାଦୃତ ହୋଇଛି।

# ପ୍ୟାରିସ୍‌ରେ ପ୍ରଦର୍ଶିତ ହେଲା ଇନ୍ଦ୍ରିୟା ଜୁଏଲେରି



ଭୁବନେଶ୍ୱର, ୩୦।୧

ଆଦିତ୍ୟ ବିର୍ଲା ଜୁଏଲେରୀର ପ୍ରିମିୟମ ବ୍ରାଣ୍ଡ ଇନ୍ଦ୍ରିୟା ପ୍ରଥମ ଥର ପାଇଁ ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଫ୍ୟାଶନ ପ୍ଲାଟଫର୍ମ ପ୍ୟାରିସ କୋଟୁର ଉଇକରେ ଏହାର ସଂଗ୍ରହ ପ୍ରଦର୍ଶନ କରିଛି। ଏହି ସହଯୋଗରେ ପ୍ରସିଦ୍ଧ କୋଟୁରର୍ ଗୌରବ ଗୁପ୍ତା ଇନ୍ଦ୍ରିୟାଙ୍କୁ ଅଫିସିଆଲ ଜୁଏଲେରି ପାର୍ଟନର୍ ଭାବେ ବାଛିଛନ୍ତି। ଇନ୍ଦ୍ରିୟା ତା'ର ଉତ୍କୃଷ୍ଟ କାରିଗରି ଓ ଡିଜାଇନ ଶ୍ରେଷ୍ଠତା ପାଇଁ ପରିଚିତ। ଏହି ସହଯୋଗ ମାଧ୍ୟମରେ ଭାରତୀୟ ଜୁଏଲେରିର କଳାତ୍ମକତାକୁ ବିଶ୍ୱସ୍ତରୀୟ ଫ୍ୟାଶନ ମଞ୍ଚରେ ଉପସ୍ଥାପନ କରାଯାଇଛି। ଭାରତର ସମୃଦ୍ଧ ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ଐତିହ୍ୟ ଉପରେ ଆଧାରିତ ଇନ୍ଦ୍ରିୟାର ଡିଜାଇନ ଗୌରବ ଗୁପ୍ତାଙ୍କ ସ୍କଲ୍ପଚରାଲ କୋଟୁର୍ ଭାଷାକୁ ଆହୁରି ସମୃଦ୍ଧ କରିଛି। ଗୌରବ ଗୁପ୍ତା କହିଛନ୍ତି, ମୋ ପାଇଁ ଜୁଏଲେରି ଶରୀରର ଏକ ଆଭୂଷଣ ନୁହେଁ, ବରଂ ତା'ର ଆଭ୍ୟନ୍ତରୀଣ ପରିଭାଷା। ଇନ୍ଦ୍ରିୟାର ମାର୍କେଟିଂ ଓ ଭିଜୁଆଲ ମର୍ଚ୍ଚାଣ୍ଡାଇଜିଂ ହେଡ୍ ଶାନ୍ତିସ୍ୱରୂପ ପଣ୍ଡା କହିଛନ୍ତି, ଇନ୍ଦ୍ରିୟା ଭାରତୀୟ କଳା, କାରିଗରି, ସ୍ଥାପତ୍ୟ ଓ ସଂସ୍କୃତିର ସୂକ୍ଷ୍ମ ସୌନ୍ଦର୍ଯ୍ୟକୁ ତା'ର ଡିଜାଇନ ଭାଷାରେ ଆଣିବାରେ ଗର୍ବ ଅନୁଭବ କରେ। ଗୌରବ ଗୁପ୍ତାଙ୍କ ସହ ଏହି ସହଯୋଗ ଏକ ପ୍ରୟାସ, ଯାହା ପ୍ୟାରିସ କୋଟୁର୍ ଉଇକ ମାଧ୍ୟମରେ ବିଶ୍ୱକୁ ଭାରତୀୟ ଦ୍ୱନ୍ଦ୍ୱ ଧାରଣାକୁ ଏକ ଅନନ୍ୟ ରୂପରେ ଉପସ୍ଥାପନ କରିବ। ଇନ୍ଦ୍ରିୟାର ଡିଜାଇନ ହେଡ ଅଭିଷେକ ରସ୍ତୋଗୀ କହିଛନ୍ତି, ପ୍ରତ୍ୟେକ ପିସ କୋଟୁରକୁ ବୃଦ୍ଧି କରୁଛି।

# ସିଏମ୍‌ପିଡିଆଇର ୫ ଜଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୩୦।୧

ରାଞ୍ଚିର ସେଣ୍ଟ୍ରାଲ ମାଇନ ପ୍ଲାନିଂ ଆଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ ଲିମିଟେଡ୍ (ସିଏମ୍‌ପିଡିଆଇ) ପରିବାରର ୫ ଜଣ ସେବାନିବୃତ୍ତ କର୍ମଚାରୀଙ୍କୁ ଶୁକ୍ରବାର ବିଦାୟକାଳୀନ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ସେବାନିବୃତ୍ତ ହେଉଥିବା ସଦସ୍ୟମାନେ ହେଲେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଓମ୍ ପ୍ରକାଶ, ମମତା ଗୁପ୍ତା (ୟୁଡିସି), ୟୁଡିସି ଅମିତା ମେହେରା, କୋଲ ସାମ୍ପଲିଂ ଟେକ୍ନିସିଆନ ଦିନେଶ କୁଜୁର ଏବଂ ଭୋଲା ରାମ। ଏହି ଅବସରରେ ସିଏମ୍‌ପିଡିଆଇର ଅଧ୍ୟକ୍ଷ-ସହ-ପ୍ରବନ୍ଧ ନିର୍ଦ୍ଦେଶକ ଚୌଧୁରୀ ଶିବରାଜ ସିଂହ, ନିର୍ଦ୍ଦେଶକ (ଟେକ୍‌ନିକ/ସିଆରଡି) ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ତକ୍‌ନିକୀ/ଇଏସ୍) ରାଜୀବ କୁମାର ସିହ୍ନା, ନିର୍ଦ୍ଦେଶକ (ଟେକ୍‌ନିକ/ଆରଡି ଆଣ୍ଡ ଟି) ନୃପେନ୍ଦ୍ର ନାଥ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପଙ୍କଜ କୁମାର ଯୋଗଦେଇ ସେବାନିବୃତ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ୟୁନିୟନ ପ୍ରତିନିଧି ସତୀଶ କୁମାର ସିଂହ, ପ୍ରଳୟ ଭଟ୍ଟାଚାର୍ଯ୍ୟ, ସୌଭିକ ଭୂଷଣ ଦେବ ଏବ ଟୁକଲାଲ ତଥା ସିଏମ୍‌ଓଏଆଇ ପ୍ରତିନିଧି ରାମ ସ୍ୱରୂପ ଖିଲାରୀ ମତବ୍ୟକ୍ତ କରିଥିଲେ। ଉପ ପ୍ରବନ୍ଧକ (ରାଜଭାଷା) ଅଭୟ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଦେଇଥିଲେ।

# ପାୱାର ହସ୍ପିଟାଲ ପକ୍ଷରୁ କର୍କଟ ପରୀକ୍ଷଣ ଶିବିର

ଭୁବନେଶ୍ୱର, ୩୦।୧(ଅନୁରାଧା ମହାରଣା)



ଓପିଟିସିଏଲ୍ ଓ ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ମିଳିତ ସହଯୋଗରେ ଭୁବନେଶ୍ୱର ଭୋଇନଗରସ୍ଥିତ ପାୱାର ହସ୍ପିଟାଲରେ ଏକ ମାଗଣା କର୍କଟ ସଚେତନ ଓ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗର୍ଭାଶୟ କର୍କଟ, ମୁଖ ଗହ୍ୱର କର୍କଟ ଓ ସ୍ତନ କର୍କଟ ଉପରେ ସଚେତନତା ସହ ମାଗଣା ପରୀକ୍ଷଣ କରାଯାଇଥିଲା। କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସ୍ମିତି ଦାସ ଏହି ରୋଗର ପରାମର୍ଶ ଦେବା ସହ କର୍ମଚାରୀଙ୍କୁ ସଚେତନ କରାଇଥିଲେ। ଶିବିରରେ ଶତାଧିକ କର୍ମଚାରୀ ଓ ପରିବାର ସଦସ୍ୟ ଏବଂ ଆଞ୍ଚଳିକ ବାସିନ୍ଦା ଉପସ୍ଥିତ ହୋଇ ପରୀକ୍ଷଣ ଓ ଚିକିତ୍ସା ପରାମର୍ଶର ସୁବିଧା ନେଇଥିଲେ। ଓପିଟିସିଏଲ୍‌ର ମହାପ୍ରବନ୍ଧକ (ମାନବ ସମ୍ବଳ) ମଧୁମିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ଶିବିରଟି ହୋଇଥିଲା।

# ସ୍ପର୍ଶ

**ଗଳ୍ପ**

**ପ୍ରତାପ ବିଶ୍ୱାଳ**



॥ ଏକ ॥

ତପୁଭାଇ ହଠାତ୍ ତା' ହାତକୁ ଧରିପକାଇ କହିଲେ: ଗୋଟାଏ କଥା ପଚାରିବି କହିବୁ ମିତା ?

ତପୁଭାଇଙ୍କ ହାତକୁ ଛାଟିଦେଇ ସେ ଏକପ୍ରକାର ଦୌଡ଼ି ଦୌଡ଼ି ଘରକୁ ଆସୁ ଆସୁ ଦ୍ୱାରବନ୍ଧ ପାଖରେ ଛିଡ଼ାହୋଇ ପଛକୁ ଚାହିଁଲା। କୁମାରପୂର୍ଣ୍ଣିମାର ତୋଫା ଜହ୍ନରାତି। ଜୋଛନା ଜୁଆରରେ ଗାଁଦାଣ୍ଡ ଭାସୁଛି। ତପୁଭାଇ ମନଦୁଃଖରେ ସେଠିଛିଡ଼ା ହୋଇଛନ୍ତି ଏକା ଲୟରେ ତା' ଆଡ଼କୁ ଚାହିଁ।

ଘର ଭିତରକୁ ପଶିଆସି ଖଟ ଉପରେ ବସିଯାଇ ଭାବିଲା କ'ଣ କହିଥାନ୍ତେ ତାକୁ ତପୁଭାଇ! ଏଇ କିଛିଦିନ ହେଲା ତାଙ୍କ ଚାହାଣିଟା କାହିଁକି କେଜାଣି ଅଲଗା ଅଲଗା ଲାଗୁଛି ତାକୁ।

ଦାଣ୍ଡରେ ତା' ବୟସର ପିଲାମାନେ କିଏ ପୁଚି, କିଏ ଲୁଡୁ ଖେଳୁଛନ୍ତି। ଲତା ଭାଉଜ, ମିତା ନାନୀ ଆଦି ତାସ୍ ଖେଳରେ ବ୍ୟସ୍ତ ଥିଲେ। ବୟସ୍କା ଭୁଆସୁଣୀମାନେ କାନ୍ଧରେ ହାତ ରଖି କୁଆଁରପୂନେଇଁ ଗୀତ ଗାଇ ଆଗକୁ ପଛକୁ ହୋଇ ନାଚିବାରେ ବ୍ୟସ୍ତ।

ଛାତିଟା କାହିଁକି ଉଠ୍‌ପଡ଼ ହେଉଛି। ସେ ଖଟରୁ ଉଠିଯାଇ ଝରକା ଖୋଲିଦେଲା। ପୁଳାଏ ଥଣ୍ଡା ପବନ ସହ ଶେଫାଳି ଗଛରୁ ପଶିଆସିଲା ମହମହ ବାସ୍ନା। ଝର୍କା ବାଟ ଦେଇ ବାଡ଼ି ଆଡ଼କୁ ଚାହିଁଲା। ରୁପା ରଙ୍ଗର ଜୋଛନା ବିଛାଡ଼ି ହୋଇ ପଡ଼ିଛି ବାଡ଼ିଟାସାରା। କେମିତି ଗୋଟାଏ ଅସହଜ ଅସହଜ ଲାଗୁଛି। ଖଟ ପାଖକୁ ଆସି ଖଟ ଧାରରେ ବସିଯାଇ ସେ ତା' ବାଁ ହାତ ପାପୁଲିକୁ ଚାହିଁଲା। ଟିକିଏ ଲାଲ୍ ଦିଶିଲା ପରି ଲାଗିଲା ପାପୁଲିଟା। ଡାହାଣ ହାତ ପାପୁଲିରେ ବାମହାତ ପାପୁଲିକୁ ଧୀରେ ଧୀରେ ସାଉଁଳାଇ ଆଣିଲା। କେମିତି ଏକ ମିଠା ଅନୁଭବରେ ସେ ଶିହରିଉଠିଲା। ଭାବିଲା କ'ଣ ଆଉ ଅଧିକଟେ କହିଥାନ୍ତେ ତପୁଭାଇ ତାକୁ। ଯାହା କହିବା କଥା ତ ଆଖି ତାଙ୍କର ସବୁ କହିଦେଇଛି। ପୁଣି ଭାବିଲା ଯାଇ କହିବ କି ତପୁଭାଇକୁ କ'ଣ କହିବ କୁହ ?

ସେ ଦୌଡ଼ି ଆସିଲା ଘରୁ ପୁଣି ଦାଣ୍ଡକୁ। ଦାଣ୍ଡରେ ସେମିତି ଭରା ଜହ୍ନରାତି। ତପୁଭାଇକୁ ମନେମନେ ଖୋଜିହେଲା ତାସ୍ ଖେଳ, କଉଡ଼ି ଖେଳ, ପୁଚିଖେଳ ପାଖରେ। କେଉଁଠି ବି ପାଇଲାନାହିଁ। ଆକାଶର ଜହ୍ନକୁ ଚାହିଁଲା। ଜହ୍ନ ଭିତରେ ତପୁଭାଇଙ୍କ ମୁହଁଟା ଦିଶିଯାଉଥିଲା। ପୁଣି ଥରେ ଆଉଁଶି ଦେଲା ଡାହାଣ ହାତରେ ତପୁଭାଇ ଧରିଥିବା ତା' ବାମହାତର ପାପୁଲିକୁ। ଚାରିଆଡ଼କୁ ଚାହିଁଲା। କେହି ନାହାନ୍ତି ପାଖରେ। ଚୁମାଟିଏ ଦେଲା ତପୁଭାଇ ଧରିଥିବା ଜାଗାରେ। କେଜାଣି କାହିଁକି ଲୁହ ଦୁଇଟୋପା ଖସିପଡ଼ିଲା ତା' ହାତରେ।

॥ ଦୁଇ ॥

ତାଙ୍କ ବିବାହର ତିରିଶ ବର୍ଷ ପୂର୍ତ୍ତି ପାଇଁ ପୁଅ ଝିଅ ଦି'ଜଣ ଆଜି ବେଶ୍ ତତ୍ପର। ତାଙ୍କ ପାଇଁ ନୂଆ ପ୍ୟାଣ୍ଟ୍ ଶାର୍ଟ, ମା' ପାଇଁ ନୂଆ ଶାଢ଼ି, ତାଙ୍କ ପସନ୍ଦର ଖାଇବା ସବୁର ବନ୍ଦୋବସ୍ତ କରିଛନ୍ତି ସେମାନେ। ଏପରି କି ମା'କୁ ଆଜି ରୋଷେଇ କରିବାକୁ ମନାକରି ବାହାରୁ ରୋଷେଇଆ ଆଣିଛନ୍ତି। ସନ୍ଧ୍ୟାକୁ ତାଙ୍କ ପରି କେତେଜଣ ବୟସ୍କ, ବୟସ୍କାଙ୍କୁ ନିମନ୍ତ୍ରଣ କରିଛନ୍ତି। ଘରକୁ ସଜାଡ଼ିଛନ୍ତି ରଙ୍ଗ ବେରଙ୍ଗର ଫୁଲ ଓ ବେଲୁନ୍‌ରେ।

ଏ ସବୁ ଦେଖି ସ୍ତ୍ରୀଙ୍କୁ ସେ ପଚାରିଲେ: ଏସବୁ କ'ଣ ? ବିବାହ ଆସି ତିରିଶ ବର୍ଷ ହେଲାଣି ଏ ପର୍ଯ୍ୟନ୍ତ ବିବାହ ବାର୍ଷିକରେ ତ ମୁଁ ତୁମ ପାଇଁ ଛୋଟିଆ ଉପହାରଟିଏ ବି କେବେ ଆଣିନି। ଏପରି କି ଚାକିରି କରୁଥିବା ସମୟରେ ଘରକୁ ବି ଆସିପାରେନି। ଆଜି ଏ ବୁଢ଼ା ବୟସରେ ଏ କି ଫାର୍ସ?

ସ୍ତ୍ରୀ କହିଲେ: ପିଲାମାନେ କ'ଣ ଆଉ ଛୋଟ ଅଛନ୍ତି। ତାଙ୍କୁ କହିଲେ ସେ ଆମ କଥାକୁ ମାନିନେବେ। ଯାହା ତାଙ୍କ ମନକୁ ଆସୁଛି କରୁଛନ୍ତି। କରନ୍ତୁ। ନହେଲେ ତାଙ୍କ ମନ ଦୁଃଖ ହେବନି!

ଭୋଜିଭାତ, ଆନୁଷଙ୍ଗିକ କାମ ସରୁସରୁ ରାତି ଏଗାରଟା। ଶୋଇବା ଘରକୁ ଯାଇ ଦେଖନ୍ତି ତ ବିଛଣା ଚାଦର ବଦଳା ହୋଇ ନୂଆ ବିଛଣା ଚାଦରଟିଏ ପଡ଼ିଛି ଖଟ ଉପରେ। ତକିଆ ଖୋଳ ଦୁଇଟି ବି ମୁଣ୍ଡ ପାଖରେ ନୂଆ। ସେ ଆଶ୍ଚର୍ଯ୍ୟ ହେଲେ ଗୋଟିଏ ତକିଆ ପରିବର୍ତ୍ତେ ଦୁଇଟା ତକିଆକୁ ଦେଖି! କାରଣ ପ୍ରାୟ ତିନିବର୍ଷ ହେଲା ସ୍ତ୍ରୀ ଝିଅ ଅନ୍ୟ ଗୋଟେ କୋଠରିରେ ଶୁଅନ୍ତି। ତେଣୁ ଗୋଟିଏ ତକିଆ ତାଙ୍କ ମୁଣ୍ଡ ପାଖରେ ଥାଏ। ଖଟବାଡ଼ରେ ଟଙ୍ଗାହୋଇଛି ରଜନୀଗନ୍ଧାର ମାଳ। ସେ ମନେମନେ ଟିକିଏ ହସିଲେ ପିଲାମାନଙ୍କ ଏପରି କାମକୁ ଦେଖି।

ବିଛଣାକୁ ଯିବାକୁ ଘରର ଲାଇଟ ବନ୍ଦ କରି ଜିରୋ ପାୱାର ବଲ୍‌ବର ସୁଇଚ ଅନ୍ କରିଛନ୍ତି ତ ସ୍ତ୍ରୀ କ୍ଷୀର ଗ୍ଲାସ୍‌ଟାଏ ଧରି ଆସି କହିଲେ: ନିଅ। ସେ ସ୍ତ୍ରୀଙ୍କ ଆଡ଼କୁ ଚାହିଁଲେ। ତାଙ୍କ ପାକଳ ମୁହଁରେ ଓଠ ନ ଫିଟା ହସ ଦିଶୁଥିଲା ଏକ ଅନିର୍ବଚନୀୟ ସୁଷମାରେ ପୂର୍ଣ୍ଣ, ନାଁ ଜଣା ନଥିବା ଫୁଲଟିର ସୌନ୍ଦର୍ଯ୍ୟ ପରି। କହିଲେ: ଆଜି କ'ଣ ତୁମେ ! ଝିଅ ?

ସେମାନଙ୍କର ଆଦେଶ ହୋଇଛି ମୁଁ ଆଜି ଏଇଠି ଶୋଇବି।

କ୍ଷୀର ଗ୍ଲାସ୍‌ଟାକୁ ତରତର କରି ପିଇଦେଇ ଖଟ ଉପରକୁ ଭିଡ଼ି ଆଣିଲେ ସେ ସ୍ତ୍ରୀଙ୍କୁ। ସ୍ତ୍ରୀ କହିଲେ: ଏ କ'ଣ!

ଆଜକୁ ତିରିଶ ବର୍ଷ ତଳର ସେ ରାତି କଥା ତୁମର କ'ଣ ମନେପଡୁନି। ସ୍ତ୍ରୀ କିଛି ଉତ୍ତର ଦେଲେନାହିଁ। ସେ ସ୍ତ୍ରୀଙ୍କୁ ସ୍ପର୍ଶକଲାବେଳେ ତାଙ୍କୁ ଲାଗିଲା ତିରିଶ ବର୍ଷ ତଳର ସେ ଉତ୍‌ଫୁଲ୍ଲିତ ନଦୀ ଯେପରି ଆଜି ଶୁଖି ବାଲିସ୍ତୂପରେ ପରିଣତ ହୋଇଯାଇଛି। କୌଣସି ପ୍ରତିକ୍ରିୟା ନାହିଁ ତାଙ୍କ ସ୍ପର୍ଶର। ସ୍ତ୍ରୀ କହିଲେ: ତୁମେ ବି କ'ଣ ପିଲାଙ୍କ ପରି ହେଉଛ ! ବସନ୍ତ ହଜିଗଲାଣି ଅନେକ ଦିନରୁ। ମୁଁ ଏବେ ଶୁଖିଲା କାଠ ଗଣ୍ଡିଟାଏ ମାତ୍ର। ଦଲକାଏ ପବନ ତୁମେ। ତୁମ ସ୍ପର୍ଶ କ'ଣ ମୋ' ମନରେ କି ଦେହରେ ଆଉ ବସନ୍ତର ସେ ମାଦକତା ଭରିଦେଇ ପାରିବ ଭାବୁଛ ? ଦିନସାରା ଏପଟ ସେପଟ ହୋଇ ଥକି ଯାଇଥିବ, ଶୋଇପଡ଼।

ସ୍ତ୍ରୀଙ୍କ ଆଡ଼କୁ ପିଠିକରି କଡ଼ ଲେଉଟାଇ ସେ ଶୋଇବାକୁ ଚେଷ୍ଟା କରୁଥିଲେ।

– ରାହାଡିଙ୍ଗା, ଜଗତ୍‌ସିଂହପୁର

ମୋ: ୯୪୩୭୭୪୫୯୮୩

## ପୁସ୍ତକ ପରିଚୟ

### From Files to Butterflies




**ଲେଖକ:** ରାଜୁ ସାମଲ
**ପ୍ରକାଶକ:** ରତ୍ନଚିରା ପବ୍ଲିକେଶନ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୦୦/–

ଆଲୋଚ୍ୟ ପୁସ୍ତକ ଏକ ରହସ୍ୟମୟ କବିତାଗ୍ରନ୍ଥ (Mystical Musings)। ବହିରେ ରହିଛି ପାଞ୍ଚଟି ପରିଚ୍ଛେଦ। ପ୍ରଥମ ପରିଚ୍ଛେଦରେ ୨୭, ଦ୍ୱିତୀୟରେ ୨୧, ତୃତୀୟରେ ୧୬, ଚତୁର୍ଥରେ ୨୭ ଓ ପଞ୍ଚମରେ ୧୦ଟି କାବ୍ୟାତ୍ମକ କଥନିକା। ବହିରେ ଥିବା ଲେଖାଗୁଡ଼ିକର ଉଦ୍ଦେଶ୍ୟ ଏକ ଜାତିରହିତ ହିନ୍ଦୁବାଦର ପ୍ରସ୍ତାବନା, ଯାହାକୁ 'ଶ୍ରୀ–ହିନ୍ଦୁ' ଭାବେ ନାମିତ କରିଛନ୍ତି କବି। ଏହି 'ଶ୍ରୀ–ହିନ୍ଦୁ' ପରିକଳ୍ପନାଟି ତେବେ କ'ଣ ? 'ମୁଖବନ୍ଧ'ରେ କୁହାଯାଇଛି: "Sri-Hinduism is purified version of Hinduism because it is cast-free. It is ready to arrive at the doorstep of our life like a new dawn to flush out the illusion of caste that sorrounds us ominously and makes our existence miserable." 'ଶ୍ରୀ–ହିନ୍ଦୁବାଦ' ଏପରି ଏକ ଚିନ୍ତନ (Idea), ଯାହା ପାଇଁ ସମୟ ଏବେ ଅନୁକୂଳ। କବିଙ୍କ ମତରେ ଈଶ୍ୱରଙ୍କର ନିର୍ମାତା ମଣିଷ, ତେଣୁ ଜାତିପ୍ରଥା ପ୍ରଚଳନରେ ଥାଇ ହିନ୍ଦୁସମାଜରେ ଐକ୍ୟ ପ୍ରତିଷ୍ଠା ସମ୍ଭବ ନୁହେଁ। କର୍ଣ୍ଣ ଅପମାନିତ ହୁଅନ୍ତି ଶ୍ରୀକୃଷ୍ଣଙ୍କ ଉପସ୍ଥିତି ସତ୍ତ୍ୱେ। କବିଙ୍କର ଅବସୋସ ଯେ ପ୍ରକୃତି, ପଶୁପକ୍ଷୀ, ମେଘ, ସୂର୍ଯ୍ୟୋଦୟ ଆଦିରେ ପ୍ରାଣସତ୍ତାର ଯେଉଁ ସ୍ଫୁରଣ, ତାହା ମଣିଷଠାରେ ଦୁର୍ଲଭ। ସବୁ ସୁବିଧାର ଅଧିକାରୀ ହୋଇ ବି ମଣିଷ ଜାତି ପରସ୍ପରଠୁଁ କେତେ ଭିନ୍ନ ! ଜିନ୍ନା, ଶାରଦା ଦେବୀ, ବିବେକାନନ୍ଦ, ଗୁରୁନାନକ, ଜଗନ୍ନାଥ ପୁରୀ, ଚଣ୍ଡାଳ ଓ ଆଦି ଶଙ୍କରାଚାର୍ଯ୍ୟ, ଯୋଗେନ୍ଦ୍ରନାଥ ମଣ୍ଡଳ, ସାର୍ତ୍ରେ, ଆଇନଷ୍ଟାଇନ୍, ଟାଗୋର, ଆରାବଳୀ ପର୍ବତମାଳାର ଭିଲ, ରବିଦାସ, ଓସୋ, ସୁଇଡେନ୍‌ର ରାଜକୁମାରୀ ମୀରା, ଗାନ୍ଧିଜୀ, ମେଘନାଦ ଶାହା, ଚାର୍ଲସ୍ ଡାରୱିନ୍, ସତ୍ୟବତୀ ଓ ରାଣୀ ରାସମଣି ପ୍ରମୁଖଙ୍କ ଜୀବନ–ଦୃଷ୍ଟାନ୍ତ ଆଧାରରେ କବି ଶ୍ରୀ ସାମଲ ଜାତିବିହୀନ ହିନ୍ଦୁବାଦର ଯେଉଁ ନକ୍ସା ଆଙ୍କିଛନ୍ତି, ତା'ର କ୍ୱଚିତ୍ ବିକଳ୍ପ ଉପଲବ୍ଧ। ଦର୍ଶନ ଓ ବିରଳ କବିତ୍ୱର ମିଳନ–ବେଦୀ ହୋଇଉଠିଛି ଆଲୋଚ୍ୟ ଗ୍ରନ୍ଥ। ପାଠକ ଯିଏ ବି ହେଉ, ମନ ମାନୁ କି ନ ମାନୁ, ବହିଟି ତାଙ୍କୁ ପଢ଼ିବାକୁ ବାଧ୍ୟ କରିବ।

### ସାଂସ୍କୃତିକ ଦୃଷ୍ଟି ଓ ଦର୍ଶନ




**ଲେଖକ:** ଡ. ସୁରେନ୍ଦ୍ର କୁମାର ମହାରଣା
**ପ୍ରକାଶକ:** ଦିବ୍ୟଦୂତ ପ୍ରକାଶନୀ, ରାଜାବଗିଚା, କଟକ–୯
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୩୦/–

ଆଲୋଚ୍ୟ ପ୍ରବନ୍ଧଗ୍ରନ୍ଥରେ ସଂସ୍କୃତି ଓ ଧର୍ମ ସମ୍ପର୍କୀୟ ସାତଟି ପ୍ରବନ୍ଧ ସ୍ଥାନିତ। ସେଗୁଡ଼ିକ ହେଲା– ଓଡ଼ିଶାରେ ଜୈନଧର୍ମ ଓ ସଂସ୍କୃତି, ବୌଦ୍ଧ–ସଂସ୍କୃତିର ବିକାଶରେ ଓଡ଼ିଶାର ଭୂମିକା, ଓଡ଼ିଶାର ବୌଦ୍ଧକଳା ଓ ଭାସ୍କର୍ଯ୍ୟ, ଓଡ଼ିଶାର ତନ୍ତ୍ର–ସଂସ୍କୃତି, ଉତ୍କଳୀୟ ସଂସ୍କୃତିର ମୂକସାକ୍ଷୀ ଧଉଳି, ପୁରାଣ–ଇତିହାସର ମନ୍ମୟ ଆଲେଖ୍ୟ: ନାଭିକ୍ଷେତ୍ର ନାଭିଗୟା ଓ ଜଗତ୍‌ସିଂହପୁର ଜିଲ୍ଲାର ଜୈନ ଓ ବୌଦ୍ଧ ସଂସ୍କୃତି। 'ପ୍ରାରମ୍ଭିକା'ରେ ପ୍ରାବନ୍ଧିକ କହନ୍ତି: ''ବିଭିନ୍ନ ସମୟରେ ଲିଖିତ, ପ୍ରକାଶିତ ଓ ବିକ୍ଷିପ୍ତ ଉତ୍କଳୀୟ ସଂସ୍କୃତି ସମ୍ପର୍କିତ ପ୍ରବନ୍ଧଗୁଡ଼ିକ ମଧ୍ୟରୁ କେତେକ ଉପାଦେୟ ପ୍ରବନ୍ଧକୁ ଏହି ପୁସ୍ତକରେ ଏକତ୍ର କରାଯାଇଛି।'' ଗ୍ରନ୍ଥରେ ସ୍ଥାନିତ ପ୍ରବନ୍ଧଗୁଡ଼ିକ ତଥ୍ୟନିଷ୍ଠ ଓ ଭାରତୀୟ ଦର୍ଶନ ତଥା ସଂସ୍କୃତିର ବିବିଧ ପକ୍ଷକୁ ଆଲୋକିତ କରେ। ୧୯୫୧ ମାର୍ଚ୍ଚ ସଂଖ୍ୟା 'ନବଭାରତ' ଆଧାରରେ ପ୍ରାବନ୍ଧିକ କହିଛନ୍ତି: ''ଜୈନଧର୍ମର ଆଦିତୀର୍ଥଙ୍କର ଋଷଭନାଥ ହେଉଛନ୍ତି ଜଗନ୍ନାଥ''(ପୃ:୨୧)। ତାଙ୍କ ମତରେ ବୌଦ୍ଧଧର୍ମକୁ ବିଶ୍ୱଧର୍ମରେ ପରିଣତ କରିବାରେ ବିହାର ଅପେକ୍ଷା ଓଡ଼ିଶାର ଭୂମିକା ଅଧିକ(ପୃ:୫୬)। ବିଭିନ୍ନ ସ୍ଥାନର ବୌଦ୍ଧକଳା ଓ ଭାସ୍କର୍ଯ୍ୟର ଅବତାରଣା ଦିଗରେ ପ୍ରାବନ୍ଧିକଙ୍କ ଅନୁଧ୍ୟାନ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଜଗନ୍ନାଥଙ୍କୁ ତନ୍ତ୍ର–ଦେବତା ଭାବେ ଅଭିହିତ କରି ଡ. ମହାରଣା କହନ୍ତି: ''ଜଗନ୍ନାଥଙ୍କ ଦର୍ଶନ ମାତ୍ରେ ଭକ୍ତର ମନେହୁଏ ସତେ ଯେପରି ତାଙ୍କ ମୁଖମଣ୍ଡଳର ଚିତା ଓ ନୟନ–ଭଙ୍ଗିମାରେ ପୂରି ରହିଛି ସମ୍ମୋହନ, ସ୍ତମ୍ଭନ, ବଶୀକରଣ ଓ ଉଚ୍ଚାଟନ ଆଦି ତନ୍ତ୍ରୋକ୍ତ ଷଡ଼ାଭିଚାର ଲକ୍ଷଣ''(ପୃ:୯୮)। ଧଉଳି ଓ ଯାଜପୁରର ନାଭିଗୟା ସମ୍ପର୍କରେ ଲେଖକଙ୍କର ବିଶ୍ଳେଷଣ ଗବେଷକ ତଥା ସାଧାରଣ ପାଠକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା।

## କବିତା

### ଧାନତଳି

**ପୀତାମ୍ବର ତରାଇ**

ଉତ୍ତର ଦିଗରୁ ଉଡ଼ିଆସୁଥିବା ମେଘଖଣ୍ଡ
କୋଉଠି ବର୍ଷିବ ?
ବେଳ ଅବେଳରେ କହି ତ ଥାଉ ତ୍ରାହି ଅଚ୍ୟୁତ
କିଛି ଖବର ଅନ୍ତର ଅଛି କି ସନାତନ !

ବିଲ ଫାଟି ଦି'ଫାଳ,
ଯେମିତି ଫାଟିପଡ଼ିଛି ଭାଗ୍ୟର ଭୂଗୋଳ
ଗମ୍‌ଗମ୍ ଝାଳ, ଲୁହଲହୁ ଏକାକାର
ଉଡ଼ିଯାଉଥିବା ପକ୍ଷୀର ଛାଇ
ଭାସି ଆସୁଥିବା କେଉଁ ନିଷ୍କାମ
ବାଟୋଇର ବାଟଚଲା ଗୀତ
ଏତିକିରେ ରାଜି ନୁହେଁ ଧାନପିଣ୍ଡ
ମାଟି ଧରିବନି ଚେର, କହ–
କିଏ ଯୋଗାଇବ ସୁବର୍ଣ୍ଣ ସ୍ୱପ୍ନ
ବର୍ଷକ ଆହାର !

ଏ କି କଥା, କୋଉ ହାତର ନା ଆଦେଶର
ରେ ମେଘଖଣ୍ଡ ଦଣ୍ଡେ ଛିଡ଼ା ହ'
ନେ' ବିକଳ ବିଲର ନିଉନ ନିମନ୍ତ୍ରଣ
ହିଡ଼ ନୁହେଁ ତ ରଇତ ହାଡ଼ରେ ବ'
ଶୁଣୁ, ହତାଶର କାନ୍ଦବୋବାଳି।

ଆରେ ନାଇଁରେ ନାଇଁ, ଇଏ ଆମର ନୁହଁ
କାଳିଦାସଙ୍କ ଦୂରନ୍ତ ମେଘଦୂତ
ସୁଦୂର ନାୟିକାର ବୋହିଚାଲିଛି ପ୍ରେମପତ୍ର
ବେଳ କାହିଁ ! କ୍ଷଣିଏ ଅଟକିବ
ଗଜାମେଲି ଆଉଟୁପାଉଟୁ ଧାନ ବିହନର
ସେ କି ବର୍ଷା ଋତୁର ବର୍ଣ୍ଣନା ଶୁଣିବ !

ନାହିଁ ହୋ ସନାତନ, ଧାନ ଆଉ ମଣିଷର
ସମ୍ବନ୍ଧ ଭିତରେ କାହାର ଚାଲିଛି ଗୋଟେ
ଗୁପତ ନଟଖଟ
କେବେ ଜଳବିହୁନେ ତ କେବେ ବହୁଳେ
ସୃଷ୍ଟିନାଶ, ଆମେ କି ଜାଣୁ ଜଳ ପୁରାଣ
କିବା ଲୋକ, ଛାର ନର ଜନମ
ସାରୁପତ୍ରେ ବିନ୍ଦୁଏ ଜଳ–ଧାରଣ।

ଆସି ଶେଷ ହେଲାଣି ଆଷାଢ଼ ଶ୍ରାବଣ,
କ'ଣ କହୁଛି ଆଗତ ଅନାଗତର
ମାଳିକା ଭିଆଣ
ହିଡ଼ ମୁଣ୍ଡରେ ପଡ଼ିଛି ମଲା ତଳି ଗଣ୍ଡାକ
ଗଡୁଛି ବିଷ–ବିଷୟ, ପବନରେ ଉଡୁଛି
ଚିରାମିରା ଜୀବନର ଅଜପା ବୃତ୍ତାନ୍ତ
ଏଣେ ବଳେଇଗଲାଣି ମୂଳକୁ ସୁଧ
ହଁ ରେ ଭାଇ ଇଏ ଅଧା ମରଣ
'ଚାଷ ଅଛି ଯାହାର କି ଆନନ୍ଦ ତାହାର'
କିଏ ଲେଖିଲା ଏମନ୍ତ ରେ ସନାତନ !

– ଅଶ୍ରୁନୀଡ଼, ମଙ୍ଗରାଜପୁର
କୁଜଙ୍ଗ, ଜଗତ୍‌ସିଂହପୁର
ମୋ: ୯୪୩୭୧୬୩୪୨୧

### ସ୍ମୃତିର ଦହନ

**ଅନସୂୟା ପଣ୍ଡା**

ବ୍ୟସ୍ତତାରେ ହସିଦେଲେ
କିଛି ସ୍ମୃତିକୁ ପଖାଳି
ବେଢ଼ିଯାଆନ୍ତି ସମସ୍ତେ
ପଚାରନ୍ତି ମିଳିଛି କି
ଦୁର୍ଲଭ କିଛି !

ଜିଜ୍ଞାସାର ଧାଡ଼ି ଲମ୍ବିଥାଏ
ଅତି ନିବିଡ଼ତର ଆପଣାଠୁଁ ବଳି
ମୋହଗ୍ରସ୍ତ ସମ୍ବନ୍ଧମାନେ
ସୁଖ ଦୁଃଖର ପରମ ସାଥୀଗଣ
ଆହା ଆହା କହି ବେଢ଼ିଯାଆନ୍ତି
ପାରିଦେଇ ସ୍ମୃତିର ଗାଲିଚା।

ଆୟୁଷ ସଙ୍କୁଚିତ ହେବାକୁ ଆରମ୍ଭିଲାଣି
ସମୟ ଖର୍ଚ୍ଚ ହେଲାଣି
ଶୀତଳତା ସ୍ପର୍ଶ କଲାଣି
କହିପାରେନି କାହାକୁ ବୁଝେଇ
ଦୂର ଦିଗନ୍ତର ଜହ୍ନରେ
ଦେଖିଲି ଏବେ ଏବେ ମୋ' ଛବି।

ବ୍ୟକ୍ତ ଅସ୍ତିତ୍ୱ ପାଉଁଶ ମୁଠାକରେ ବିଲୀନ
ଜୁଇର ଦହନରେ ଦୈହିକ ସତ୍ତା
ମହାଶୂନ୍ୟରେ ପାଲଟିଛି ଅବ୍ୟକ୍ତ ଆତ୍ମା
ହେଲେ ସ୍ମୃତିସବୁ ଅପାସୋରା
କେବେ ହଜେନା କି ମନରୁ ଲିଭେନା।

– ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

**ଗୀତି–କବିତା**

### ପାଦ ଥାପିଥିଲି

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ପାଦ ଥାପିଥିଲି ସମୟ ଛାତିରେ
ପାଣି ପରି ଗଲା ବୋହି
ପାଇବାକୁ ଥିଲା ଯେତେ ପ୍ରତିଶ୍ରୁତି
ସବୁ ଗଲା ମିଛ ହୋଇ।

ବୁଲାଣି ବାଟରେ ଘଡ଼ିଏ ଅଟକି
ଜହ୍ନ ବି ପଚାରେ ମୋତେ
ବାକି ରହିଗଲା କେତେ ଯେ କାହାଣୀ
ପୂରଣ କି ହେବ ସତେ !

ସତର ପଥରେ ଶହେ ପଦାଘାତ
ମିଛକୁ ବାହାବା କହି
ସମୟ ଲେଖୁଛି କେତେ ଯେ କାହାଣୀ
ଜୀବନର ଦ୍ରୋହୀ ହୋଇ।

ରାଣ ଦେଇଥିଲା ଋତୁ କେବେ ଦିନେ
ସଜାଇବ ବୋଲି ରଙ୍ଗେ
ରାତି ପାହିଗଲା ସରିନି ସପନ
ଅବେଳେ ସପନ ଭାଙ୍ଗେ।

ପାଦ ଥାପିଥିଲି ସମୟ ଛାତିରେ
ପାଣି ପରି ଗଲା ବୋହି
ଅନିଶ୍ଚିତ ଏଠି ଯେତେ ସବୁ ସ୍ୱପ୍ନ
ନୀରବେ ଏକଥା କହି।

ମୋ: ୭୩୭୭୩୧୮୭୮୯

## କାଳକାଳକୁ



''ତମ ବାଟରେ ତମେ ଯଦି
ପୃଥିବୀକୁ ଉନ୍ନତ କରି ନ ପାରିଲ,
ତମ ପାଇଁ ସେ ପୃଥିବୀ ନିରର୍ଥକ।''
–ଟୋନି ମରିସନ୍

**ଟୋନି ମରିସନ୍‌ଙ୍କ** ଜନ୍ମ ୧୮ ଫେବୃଆରୀ ୧୯୩୧ରେ ଓ ପରଲୋକ ୫ ଅଗଷ୍ଟ ୨୦୧୯ରେ। ସେ ଔପନ୍ୟାସିକା ଓ ସମ୍ପାଦିକା– ଉଭୟ। କୃଷ୍ଣକାୟ ନାରୀଙ୍କ ଜୀବନଚିତ୍ର ତାଙ୍କ ଲେଖାରେ ରୂପ ପାଏ। ତାଙ୍କର ପ୍ରଖ୍ୟାତ ରଚନା ମଧ୍ୟରେ ଅନ୍ତର୍ଭୁକ୍ତ 'ଦି ବ୍ଲୁଏଷ୍ଟ ଆଏ' (୧୯୭୦), 'ସଙ୍ଗ୍ ଅଫ୍ ସୋଲୋମନ୍' (୧୯୭୭), 'ବିଲଭ୍‌ଡ' (୧୯୮୭), 'ଜାଜ୍' (୧୯୯୨) ଓ 'ପାରାଡାଇଜ୍' (୧୯୯୭)। ବିଶ୍ୱ ସାହିତ୍ୟକୁ ବିରଳ ଅବଦାନ ପାଇଁ ଆମେରିକୀୟ ଏଇ ଲେଖିକାଙ୍କୁ ୧୯୮୮ରେ ମିଳେ 'ପୁଲିଜର ପୁରସ୍କାର' ଓ ୧୯୯୩ରେ 'ନୋବେଲ ପୁରସ୍କାର'।

# ସରଳ ଜୀବନ

**ଅନୁବାଦ ଗଳ୍ପ**

ମୂଳଲେଖା : ଶ୍ରୀମତୀ ସୁଧାମୂର୍ତ୍ତିଜୀ
ଅନୁସୃଜନ: ସୁଜାତା ମହାନ୍ତି

**ଅଙ୍ଗେନିଭା କଥା**

ଦିନ ଥିଲା, କେତେ ସରଳ, ସୁନ୍ଦର, ସହଜ ଥିଲା ମଣିଷର ଜୀବନ–ଶୈଳୀ। ଉତ୍ତର କର୍ଣ୍ଣାଟକର ଗୋଟିଏ ଅଖ୍ୟାତ ପଲ୍ଲୀରେ ମୋର ଜନ୍ମ। ସେ ସମୟର ଲୋକମାନେ ନିଷ୍କପଟ, ସରଳ ଏବଂ ନିରୀହ ଥିଲେ।

କୌଣସି ବ୍ୟକ୍ତିର ଭୁଲ୍ ଦେଖିଲେ ପାଖରେ ଥିବା ବ୍ୟକ୍ତି ନିଃସଂକୋଚରେ ସେଇ ଭୁଲ୍‌ଟିକୁ ଦର୍ଶାଇ ପାରୁଥିଲେ, ଭୁଲ୍ କରିଥିବା ବ୍ୟକ୍ତି ଜଣକ ସେଥିପାଇଁ କ୍ଷମାପ୍ରାର୍ଥନା କରୁଥିଲେ। ଭବିଷ୍ୟତରେ ସେଇ ଭୁଲ୍‌ର ପୁନରାବୃତ୍ତି ନ କରିବା ପାଇଁ ସଜାଗ ହେଉଥିଲେ। ପରସ୍ପର ପ୍ରତି ବ୍ୟବହାରରେ ଛନ୍ଦ, କପଟ ନ ଥିଲା। ସାମାଜିକ ଜୀବନ ବେଶ୍ ନିରଳସ, ସହଜ ଏବଂ ସୁବିଧାଜନକ ଥିଲା। ଗୁରୁଜନମାନଙ୍କୁ ଉପଯୁକ୍ତ ସମ୍ମାନ ମିଳୁଥିଲା।

ସେ ସମୟର ପରିବେଶ ଭଲ ଥିଲା। ଆବଶ୍ୟକସ୍ଥଳେ ବ୍ୟକ୍ତି ସାହାଯ୍ୟ ଏବଂ ସହଯୋଗ କରୁଥିଲେ। ସାହାଯ୍ୟ ଗ୍ରହଣ କରିଥିବା ବ୍ୟକ୍ତି କୃତଜ୍ଞତା ଜ୍ଞାପନ କରୁଥିଲେ।

ମୋ' ପିଲାଦିନର କଥା। ଆମ ଗୃହପାଳିତ ପ୍ରାଣୀ ଗାଁର ଜଣେକ ଗୋପାଳର ବଗିଚାରେ ପଶି ସମସ୍ତ ପରିବା ଫସଲ ନଷ୍ଟ କରିଦେଲା। ଗୋପାଳ ଜଣକ କ୍ରୋଧରେ ଗାଈଟିକୁ ବାନ୍ଧି ରଖିଲା। ଖବର ପାଇ ଆମେ ପହଞ୍ଚିଲୁ। କଥାଟି ଗାଁ ମୁଖିଆଙ୍କ ଉପସ୍ଥିତିରେ ସମାଧାନ ହେଲା। ଗୋପାଳର ଫସଲ କ୍ଷତିର ମୂଲ୍ୟ ଭରଣା କରି ଆମେ ଗାଈଟିକୁ ମୁକୁଳାଇ ଆଣିଲୁ। ଉଭୟ ପକ୍ଷ ମୁଖିଆଙ୍କ କଥା ମାନିଲେ। କାହା ମନରେ ବିଦ୍ୱେଷ ଅବା ତିକ୍ତତାଭାବ ରହିଲା ନାହିଁ।

ଅନ୍ୟ ଏକ ଘଟଣା। ଆମ ଗାଁର ପଡ଼ୋଶୀଙ୍କର ଶାଶୁମା' ଏବଂ ଗୃହ ପ୍ରବେଶ କରିଥିବା ନବବଧୂ ମଧ୍ୟରେ ଛୋଟ ଛୋଟ କଥାରେ ଝଗଡ଼ା ଲାଗୁଥିଲା। ଶାଶୁ ଦୁଷ୍ଟ ପ୍ରକୃତିର ଥିଲେ। ସଦାସର୍ବଦା ନିରୀହ ଅଳ୍ପବୟସ୍କା ବୋହୂ ଉପରେ ଅତ୍ୟାଚାର କରୁଥିଲେ। ପ୍ରତି କଥାରେ ଗଞ୍ଜଣା ଦେଉଥିଲେ। ସେଇ ଘରେ ପାଦ ଥାପିବା ଦିନଠା'ରୁ ବୋହୂଟିର ଖରାପ ସମୟ ଆରମ୍ଭ ହୋଇଯାଇଥିଲା। କଥାରେ ଅଛି, 'ମୂଷିକ ଏବଂ ମାର୍ଜାର' ମଧ୍ୟରେ ବନ୍ଧୁତା ହୋଇପାରେନା। ଶାଶୁ ଏବଂ ବୋହୂଙ୍କର କଳି–ଝଗଡ଼ା ଏବେ ବି ଘର–ଘରର–କାହାଣୀ। ଗାଁର ଶେଷଭାଗରେ ଥିବା ପୋଖରୀର ପଥର ପାହାଚ ଉପରେ ବସି ବୋହୂଟି ଅନେକ ଥର ଧକେଇ ଧକେଇ କାନ୍ଦେ। ସେଇ ବୋହୂର ଦୁଃଖ–କାହାଣୀ ମୋ' ଜେଜେମା' ଜାଣିଲେ। କାଳବିଳମ୍ବ ନ କରି ତାଙ୍କ ଘରକୁ ଗଲେ। ଶାଶୁମା'ଙ୍କୁ ବୁଝାଇଲେ। ''ଅନ୍ୟ ଘରର ଝିଅଟି ତୁମ ଘରକୁ ବୋହୂ ହୋଇଆସିଛି। ତାକୁ କାହିଁକି ହଇରାଣ କରୁଛ ? ସେ ସବୁ ଉପରବାଲା ଦେଖୁଛନ୍ତି। ଦେଖିବ, ଦିନେ ନା ଦିନେ ସେ ତୁମର ଠିକ୍ ବିଚାର କରିବେ।''

ସେ ସମୟରେ ଗୁରୁଜନଙ୍କ ପରାମର୍ଶକୁ ଗୁରୁତ୍ୱ ଦିଆଯାଉଥିଲା। ମୋ' ଜେଜେମା' ସ୍ନେହୀ ମଣିଷ ଏବଂ ପଡ଼ୋଶୀପ୍ରେମୀ ଥିଲେ। ସେ କଦାପି ଭାବୁନଥିଲେ ସେ କାହିଁକି ଅନ୍ୟଘର ଶାଶୁ–ବୋହୂ କଳିରେ ମଧ୍ୟସ୍ଥତା କରିବେ। ସେ ଅନ୍ୟର ମଙ୍ଗଳ କାମନା କରୁଥିଲେ।

ସେ ଚାହୁଁଥିଲେ ପରିବାର ମଧ୍ୟରେ ପରସ୍ପର ସ୍ନେହ ଓ ସଦ୍ଭାବନା ବଜାୟ ରହୁ। ଯୁବତୀ ବୟସର ବୋହୂଟିକୁ ଉଚିତ୍ ନ୍ୟାୟ ମିଳୁ। ଏପରି ହେଲା, ସେହି ଦୁଷ୍ଟମତି ଶାଶୁ ଉପରେ ଜେଜେମା'ଙ୍କ କଥାର ଗଭୀର ପ୍ରଭାବ ପଡ଼ିଲା। ତାଙ୍କ ଆଚରଣରେ ପରିବର୍ତ୍ତନ ହେଲା। ବୋହୂର ଅବଶିଷ୍ଟ ଦିନ ଭଲରେ କଟିଲା। ଶାଶୁର ଆଚରଣରେ ମଧ୍ୟ ଅନେକ ସୁଧାର ଆସିଲା। ଜେଜେମା' ଏବଂ ପଡ଼ୋଶୀ ଶାଶୁଙ୍କ ସମ୍ପର୍କ ମଧ୍ୟ ଭଲ ରହିଲା। ଲୋକମାନେ ଭାବୁଥିଲେ ଜଣେ ବୟସ୍କ ବ୍ୟକ୍ତି ଆମର ମଙ୍ଗଳ ନିମନ୍ତେ ପରାମର୍ଶ ଦେଉଛନ୍ତି। ସେତେବେଳେ ସେମାନଙ୍କ କଥା ଗ୍ରହଣୀୟ ଥିଲା।

ସହଜ ଓ ସରଳ ଉପାୟରେ ଝଗଡ଼ାର ସମାଧାନ ହେଉଥିଲା। କେହି ଏଥିରେ ମାନସିକ ସ୍ତରରେ ଆଘାତପ୍ରାପ୍ତ ହେଉନଥିଲେ। ପୋଲିସ କିମ୍ବା କୋର୍ଟ କଚେରି ଯାଇ ଅଯଥା ବ୍ୟସ୍ତ ବିବ୍ରତ ଏବଂ ଖର୍ଚ୍ଚାନ୍ତ ହେବାକୁ ପଡୁନଥିଲା।

ଅନ୍ୟ ଏକ ଘଟଣା। ମୋ' ବାପାଙ୍କ ଦେହାନ୍ତ ପରେ ତାଙ୍କ ନାଁରେ ରନ୍ଧନଗ୍ୟାସ୍ ଆଣିବା ଆଇନ ଅନୁଯାୟୀ ଠିକ୍ ନୁହେଁ ମନେକରି ମୁଁ ଘରର ଅନ୍ୟ ଜଣେ ସଦସ୍ୟଙ୍କ ନାଁକୁ ଟ୍ରାନ୍ସଫର କରିବା ପାଇଁ ମନସ୍ଥକଲି। ସାଙ୍ଗରେ ବାପାଙ୍କ ଡେଥ୍ ସାର୍ଟିଫିକେଟ୍ ଏବଂ ରାଶନ୍‌କାର୍ଡ ନେଇ ଗ୍ୟାସ୍ ଏଜେନ୍ସିକୁ ଗଲୁ। ମ୍ୟାନେଜର କହିଲେ, ଆପଣଙ୍କ ନାଁକୁ ବଦଳ କରିବା ପାଇଁ ଅନ୍ୟ ଭାଇ ଓ ଭଉଣୀଙ୍କ ଲିଖିତ ସମ୍ମତି ଆବଶ୍ୟକ। ସେମାନେ ଲେଖିଦେବେ ଯେ ଭବିଷ୍ୟତରେ ଏ ରନ୍ଧନଗ୍ୟାସ୍ ପାଇଁ ସେମାନେ ଦାବିଦାର ହେବେ ନାହିଁ।

ସେତେବେଳେ ମୋ' ଭାଇ ଭଉଣୀ ଆମେରିକାରେ ଅବସ୍ଥାନ କରୁଥିଲେ। ସେମାନଙ୍କ ଦସ୍ତଖତ ଆଣିବା ସମୟସାପେକ୍ଷ ଏବଂ କଷ୍ଟକର ଥିଲା। କିନ୍ତୁ ଗ୍ୟାସ୍ ଏଜେନ୍ସି ମ୍ୟାନେଜର ତାଙ୍କ ଜିଦ୍‌ରେ ଅଟଳ ଥିଲେ। କାର୍ଯ୍ୟର ବିଫଳତା ନେଇ ମୁଁ ନିରାଶରେ ଫେରିଲି।

ଗ୍ୟାସ୍ ଶେଷ ହେବା ପରେ ଯେତେବେଳେ ଅନ୍ୟ ଏକ ଭରା ଗ୍ୟାସ୍ ସିଲିଣ୍ଡର ପାଇଁ ଗଲି, ମ୍ୟାନେଜର କହିଲେ ଆପଣଙ୍କ ବାପାଙ୍କ ନାଁରେ ଗ୍ୟାସ୍ ରହିଛି ଏବଂ ବାପାଙ୍କ ଦେହାନ୍ତ ହୋଇ ସାରିଛି। ମୃତବ୍ୟକ୍ତିଙ୍କ ନାମରେ ଗ୍ୟାସ୍ ଦେଇ ହେବ ନାହିଁ। ଆଇନର ଯୂପକାଠି ମଧ୍ୟରେ ଛନ୍ଦି ହୋଇ ମୁଁ ନିରୁପାୟ ହୋଇ ଫେରିଲି। ଭାବିଲି, ବାପାଙ୍କ ମୃତ୍ୟୁ ଖବର ଯଦି ନ ଜଣାଇଥା'ନ୍ତି, ବୋଧହୁଏ ନିୟମିତ ଗ୍ୟାସ୍ ଆଣି ପାରିଥାନ୍ତି।

ଆଇନର ସଂଶୋଧନ ଅଥବା ସରଳୀକରଣ ନ ହେବା ପର୍ଯ୍ୟନ୍ତ ଏପରି ଅସୁବିଧା ଲାଗି ରହିଥିବ।



ଅନ୍ୟ ଏକ ସମସ୍ୟା। ରାସ୍ତାରେ ଯିବା ସମୟରେ ଦେଖିଲି, ଜଣେ ମହିଳା ସଫେଇ କର୍ମଚାରୀ ଉଚ୍ଚସ୍ୱରରେ ଭୋ ଭୋ ହୋଇ କାନ୍ଦୁଛନ୍ତି ଏବଂ ଆଖିରୁ ଝରିପଡୁଥିବା ଲୁହ ନିଜ ପଣତକାନିରେ ପୋଛୁଛନ୍ତି। ନିକଟକୁ ଯାଇ ଜାଣିବାକୁ ପାଇଲି, ତାଙ୍କର ମଦ୍ୟପ ସ୍ୱାମୀ ଅଧିକାଂଶ ସମୟ ମଦନିଶାରେ ଚୂର୍ ହୋଇ ପତ୍ନୀଙ୍କୁ ମାରପିଟ କରନ୍ତି ଏବଂ ନିଷ୍ଠୁର ବ୍ୟବହାର କରନ୍ତି। ମଦ୍ୟପ ସ୍ୱାମୀକୁ ଭେଟି ଅନେକ ବୁଝାଇଲି। ସେ କ୍ରୋଧରେ କହିଲା, ''ମାଡାମ୍! ଆପଣ କାହିଁକି ଆମ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରୁଛନ୍ତି? ଯଦି ମୋ' ସ୍ତ୍ରୀ ଅସୁବିଧା ଭୋଗୁଛି ସେ ଓକିଲ ପରାମର୍ଶ କରୁ ଅଥବା ଥାନାକୁ ଯାଇ ମୋ' ବିରୁଦ୍ଧରେ କହୁ। ଆପଣଙ୍କୁ ଜଣାଇବାରେ ଲାଭ କ'ଣ ?''

ସମାଜରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଆଇନର ସୃଷ୍ଟି। ଯଦି ତାହା କାର୍ଯ୍ୟକାରୀ ନ ହେଲା, ତା'ହେଲେ ଏପରି ଆଇନ କ'ଣ ପାଇଁ? ମନୁଷ୍ୟ ତା'ର ଜୀବନକାଳ ମଧ୍ୟରେ ଅନେକ ଛୋଟବଡ଼ ସମସ୍ୟାର ସମ୍ମୁଖୀନ ହୁଏ। ଯଦି ସବୁଠି ଆଇନ ଉପରେ ନିର୍ଭର କରାଯାଏ, ତା'ହେଲେ ତୁରନ୍ତ ସମାଧାନ ଜଟିଳ ହେବ। ଆମ ସମାଜର ବୁଦ୍ଧିଜୀବୀମାନଙ୍କର ଏହାର ବିକଳ୍ପ ବ୍ୟବସ୍ଥା ସମ୍ବନ୍ଧରେ ଚିନ୍ତା କରିବାର ଆବଶ୍ୟକତା ରହିଛି।

ମୋ: ୬୩୭୦୯୧୦୧୪୧

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ